ବର୍ଷ-୪୯ : ସଂଖ୍ୟା-୮ ଅଗଷ୍ଟ, ୨୦୧୮ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅଗଷ୍ଟ, ୨୦୧୮


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ମାତୃବାଣୀ | ··· | ଶ୍ରୀମା | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୭ |
| ଈଶ୍ୱର-ପ୍ରେମ | ··· | ଶ୍ରୀମା | ··· | ୮ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ | | | | |
| (ପରିଚ୍ଛେଦ : ୬୮) | | | | |
| ଐତିହାସିକ ବିଚାର | ··· | ମନୋଜ ଦାସ | ··· | ୯ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| (ପ୍ରଥମ ଅଧ୍ୟାୟ) | | | | |
| ଗୀତାର ଉପଯୋଗିତା | ··· | ପୂର୍ଣ୍ଣଚନ୍ଦ୍ର ମହାପାତ୍ର | ··· | ୧୩ |
| ବୈଜ୍ଞାନିକଙ୍କ ଭେଳିକି | ··· | ନଳିନୀକାନ୍ତ ଗୁପ୍ତ | ··· | ୧୯ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୬୬) | ··· | ··· | ··· | ୨୨ |
| ମଉଳା ଫୁଲଗଛ | ··· | ··· | ··· | ୨୬ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୨୧) | ··· | ମହେନ୍ଦ୍ର ନାଥ ସ୍ୱାଇଁ | ··· | ୨୯ |
| ପୂର୍ଣ୍ଣ ଯୋଗେଶ୍ୱର (କବିତା) | ··· | ହୃଷିକେଶ ପଣ୍ଡା | ··· | ୩୧ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୫୦) | ··· | ସାହାନା ଦେବୀ | ··· | ୩୨ |
| ଗୋଲାପି ନଗରୀରେ ସୁନେଲି କୃତଜ୍ଞତା (୨) | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୩୩ |
| ମାର୍ଗଦର୍ଶକ | ··· | ରମାକାନ୍ତ ସାହୁ | ··· | ୩୬ |
| ଶ୍ରୀକୃଷ୍ଣ କାହାଣୀ (୧୧) | | | | |
| ନଖାଗ୍ରେ ପର୍ବତ | ··· | ମନୋଜ ଦାସ | ··· | ୪୦ |
| ହାରାଧନ (୫) | ··· | ··· | ··· | ୪୩ |
| ଆମ ଶରୀର (୮) | ··· | ଭୋଳେଶ୍ୱର ଭୂୟାଁ | ··· | ୪୫ |
| ତୋତ୍ତୋ-ଚାନ୍ (୨) | ··· | ତେତ୍ସୁକୋ କୁରୋୟାନାଗି | ··· | ୪୮ |
| ମୋ ପାପୁଲି (କବିତା) | ··· | ଝରଣା ଘୋଷାଲ | ··· | ୫୨ |
| ଆରତିଦି' – ଏକ ଶ୍ରଦ୍ଧାଞ୍ଜଳି | ··· | ସରୋଜିନୀ ପାଣିଗ୍ରାହୀ | ··· | ୫୩ |
| ଜିଜ୍ଞାସୁର ପୃଷ୍ଠା | ··· | ରାମକୃଷ୍ଣ ଦାସ | ··· | ୫୫ |
| ନିର୍ଭୟ ବିଶ୍ୱାସର ପ୍ରଜ୍ୱଳ ଦୃଷ୍ଟାନ୍ତ | ··· | ମନୋଜ ଦାସ | ··· | ୫୭ |


❖

# ପ୍ରାର୍ଥନା

ହେ ପ୍ରଭୁ, ପ୍ରଭୁ, ସମଗ୍ର ଧରିତ୍ରୀ ଏକ ଉଦ୍‌ବେଳ ଅବସ୍ଥାରେ; ସେ ଚାପା ଆର୍ତ୍ତନାଦ କରେ ଏବଂ ଭୋଗେ ଯନ୍ତ୍ରଣା – ସେ ବେଦନାଗ୍ରସ୍ତ... ତାହା ଉପରେ ଅବନମିତ ଏ ଯାବତୀୟ ଦୁଃଖକଷ୍ଟ କଦାଚ ବୃଥା ନଯାଉ; ଏହାହିଁ ମଞ୍ଜୁର କର, ଏ ସମସ୍ତ ରକ୍ତକ୍ଷୟ ଯେପରି ସମ୍ଭବ କରିବ ସୌନ୍ଦର୍ଯ୍ୟ, ଆଲୋକ ଏବଂ ପ୍ରେମର ବୀଜର ତ୍ୱରାନ୍ୱିତ ଅଙ୍କୁରଣ ଯାହାସବୁ ପ୍ରସ୍ଫୁଟିତ ହୋଇ ସେମାନଙ୍କ ସମୃଦ୍ଧ ସୁଫଳ ଯୋଗେ ଧରିତ୍ରୀକୁ କରିବେ ଆଚ୍ଛାଦିତ । ଅନ୍ଧକାରର ରସାତଳ ଗଭୀରରୁ ଧରିତ୍ରୀର ସମଗ୍ର ସତ୍ତାର ତୁମ ଉଦ୍ଦେଶ୍ୟରେ ଆକୁଳ ଡାକରା ହେଲା ତୁମେ ଯେମିତି ତାକୁ ପ୍ରଦାନ କରିବ ପବନ ଓ ଆଲୋକ; ସେ ରୁଦ୍ଧ ଶ୍ୱାସ, ତୁମେ କ'ଣ ତାକୁ ସହାୟତା ଦେବ ନାହିଁ ?

ହେ ପ୍ରଭୁ, ବିଜୟ ପାଇଁ ଆମକୁ କ'ଣ କରିବାକୁ ହେବ ?

ଶୁଣ ଆମକୁ, ଯେତେ ମୂଲ୍ୟ ଦେବାକୁ ପଡ଼ିଲେ ବି ଆମର ବିଜୟ ଚାହି । ସମସ୍ତ ପ୍ରତିରୋଧକୁ ବିଧ୍ୱସ୍ତ କର : ହୁଅ ଆବିର୍ଭୂତ !

ଅଗଷ୍ଟ ୨୧, ୧୯୧୪ — ଶ୍ରୀମା



Sri Aurobindo incarnated in a human body the supramental consciousness and has not only revealed to us the nature of the path to follow and the method of following it so as to arrive at the goal, but has also by his own personal realisation given us the example; he has provided us with the proof that the thing can be done and the time is now to do it.

(MCW, Vol. 13 p. 21) – The Mother

ଶ୍ରୀଅରବିନ୍ଦ ଅତିମାନସ ଚେତନାକୁ ଏକ ମାନବଶରୀରରେ ମୂର୍ତ୍ତ କରିଥିଲେ ଏବଂ ଏହି ଲକ୍ଷ୍ୟରେ ଉପନୀତ ହେବା ନିମିତ୍ତ ଯେଉଁ ପଥ ଅବଲମ୍ବନ କରିବାକୁ ହେବ ତାହାର ସ୍ୱରୂପ ଓ ପଦ୍ଧତିକୁ ଯେ କେବଳ ଆମ ସମ୍ମୁଖରେ ଉଦ୍‌ଘାଟିତ କରିଥିଲେ ତାହା ନୁହେଁ, ବରଂ ତାଙ୍କ ନିଜର ବ୍ୟକ୍ତିଗତ ସିଦ୍ଧିଲାଭ ଦ୍ୱାରା ଆମମାନଙ୍କ ସମ୍ମୁଖରେ ତାହାର ଦୃଷ୍ଟାନ୍ତ ରଖିଯାଇଛନ୍ତି; ସେ ଆମମାନଙ୍କୁ ଏହି ପ୍ରମାଣ ଦେଇଯାଇଛନ୍ତି ଯେ ଏହି ଲକ୍ଷ୍ୟ ସାଧିତ ହୋଇପାରିବ ଏବଂ ଏଥିପାଇଁ ବର୍ତ୍ତମାନହିଁ ପ୍ରକୃଷ୍ଟ ସମୟ ।

— ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଅଷ୍ଟମ ସର୍ଗ, ମିଥ୍ୟାର ଜଗତ୍, ଅମଙ୍ଗଳର ଜନନୀ ଓ ଅନ୍ଧକାରର ଅପତ୍ୟଗଣ

**(The World of Falsehood, the Mother of Evil and the Sons of Darkness)**

**(୭୫)**

## ଶ୍ରୀଅରବିନ୍ଦ

Then could he see the hidden heart of Night:
The labour of its stark unconsciousness
Revealed the endless terrible Inane.

ତା'ପରେ ସେ (ଅଶ୍ୱପତି) ମହାନିଶାର ସଂଗୁପ୍ତ ହୃଦୟକୁ ଦେଖିପାରିଲେ : ତା'ର ଉତ୍କଟ ଅଚେତନାର କ୍ଲେଶକର ପ୍ରୟାସ ଅନ୍ତହୀନ ଭୟାନକ ରିକ୍ତତାକୁ ପ୍ରକଟ କରି ଦେଉଥିଲା ।

A spiritless blank Infinity was there;
A Nature that denied the eternal Truth
In the vain braggart freedom of its thought
Hoped to abolish God and reign alone.

ସେଠି କେବଳ ଥିଲା ସଂବିତ୍‌ହରା ଶୂନ୍ୟଗର୍ଭ ନିଃସୀମତା; ଆପଣା ଚିନ୍ତାର ନିରର୍ଥକ ଆତ୍ମମ୍ଭରୀ ସ୍ୱାଧୀନତାରେ ଶାଶ୍ୱତ ସତ୍ୟକୁ ଅସ୍ୱୀକାର କରୁଥିବା ଏକ ପ୍ରକୃତି ଈଶ୍ୱରଙ୍କୁ ନିଶ୍ଚିହ୍ନ କରିଦେବାକୁ ତଥା ସ୍ୱୟଂ ଏକାକିନୀ ରାଜୁତି କରିବାକୁ ଆଶାୟୀ ହୋଇ ରହିଥିଲା ।

There was no sovereign Guest, no witness Light;
Unhelped it would create its own bleak world.

ସେଠାରେ ନଥିଲେ କେହି ସର୍ବାଧିପତି ପରମ ଅତିଥି, ନଥିଲା କୌଣସି ସାକ୍ଷୀରୂପା ପରାଜ୍ୟୋତିଃ; ବିନା ସହାୟତାରେ ଏହା (ଅର୍ଥାତ୍, ଏହି ପ୍ରକୃତି) ସୃଷ୍ଟି କରି ଦେଉଥିଲା ଆପଣାର ନୈରାଶ୍ୟଭରା ଭୁବନ ।

Its large blind eyes looked out on demon acts,
Its deaf ears heard the untruth its dumb lips spoke;
Its huge misguided fancy took vast shapes,
Its mindless sentience quivered
with fierce conceits;
Engendering a brute principle of life
Evil and pain begot a monstrous soul.

ତା'ର ବିଶାଳ ଅନ୍ଧନୟନ ଚାହିଁ ଦେଖୁଥିଲା ଅପଦେବତାର କ୍ରିୟାବଳୀକୁ, ତାହାର ମୂକ ଅଧର ଯୁଗଳ ଯେଉଁ ଅସତ୍ୟକୁ ଉଚ୍ଚାରଣ କରୁଥିଲା ତାକୁହିଁ ଶୁଣୁଥିଲା ତା'ର ବଧିର ବେନି ଶ୍ରବଣ; ଭ୍ରାନ୍ତ ପଥରେ ପରିଚାଳିତ ତାହାର ଅତିକାୟ ଖିଆଲ ସୁବିଶାଳ ରୂପମାନ ଧାରଣ କରୁଥିଲା, ମାନସବିହୀନ ତା'ର ଅନୁଭବ ଭୀଷଣ ଆତ୍ମାଭିମାନରେ କମ୍ପି ଉଠୁଥିଲା; ଜୀବନର ଏକ ପାଶବ ବିଧିକୁ ଜନ୍ମଦେଇ ପାପ ଓ ବେଦନା ଉପୁଜାଉଥିଲେ ଏକ ବିକଟ ଆତ୍ମା ।

The Anarchs of the formless depths arose,
Great Titan beings and demoniac powers,
World-egos racked with lust and thought and will,
Vast minds and lives without a spirit within:
Impatient architects of error's house,
Leaders of the cosmic ignorance and unrest
And sponsors of sorrow and mortality
Embodied the dark Ideas of the Abyss.

ଅରୂପ ଗହ୍ୱରମାନଙ୍କରୁ ଉତ୍‌ଥିତ ହୋଇ ଆସୁଥିଲେ ଅରାଜକ ଶକ୍ତିରାଜି, ବିପୁଳ ଆସୁରୀ ସତ୍ତାଗଣ ଓ ରାକ୍ଷସୀ ଶକ୍ତିସମୂହ, ଲାଳସା, ଭାବନା ଓ ସଂକଳ୍ପରେ ଯାତନାଜର୍ଜର ବିଶ୍ୱ-ଅହମିକାସକଳ, ଚୈତନ୍ୟହରା କେତେ କେତେ ମନ ଆଉ ଜୀବନଧାରା : ବିଭ୍ରାନ୍ତିର ଭବନରେ ଅଧୈର୍ଯ୍ୟ ସ୍ଥପତିଗଣ, ବିଶ୍ୱ-ଅଜ୍ଞାନ ଓ ଅଶାନ୍ତିର ନେତୃବୃନ୍ଦ ତଥା ଦୁଃଖ ଏବଂ ମୃତ୍ୟୁର ପୃଷ୍ଠପୋଷକମାନେ ରସାତଳର ତାମସ ବିଚାରସବୁକୁ ମୂର୍ତ୍ତ ରୂପ ପ୍ରଦାନ କରୁଥିଲେ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଈଶ୍ୱର-ପ୍ରେମ

## ଶ୍ରୀମା

### ଭଲ ପାଇବା କ'ଣ ?...

ଜଣେ ଯଦି ପ୍ରେମ କ'ଣ ବୁଝିବାକୁ ଚାହେଁ, ତେବେ ସେ **ଈଶ୍ୱରଙ୍କୁ**ହିଁ ଭଲପାଇବା ଉଚିତ । ତା'ହେଲେ ଯାଇ ସେ ପ୍ରେମ କ'ଣ, ତାହା ବୁଝିବାର ସୁଯୋଗ ପାଇବ । ମୁଁ ତୁମମାନଙ୍କୁ କହିଛି ଯେ, ଜଣେ ଯାହାକୁ ଭଲପାଏ, ତାହାରି ଭଳିଆ ହେବାକୁ ଭଲପାଏ । ତେଣୁ ଜଣେ ଯଦି ଈଶ୍ୱରଙ୍କୁ ଭଲପାଏ, ତା'ହେଲେ ସେ କ୍ରମଶଃ ଏହି ଭଲ ପାଇବାର ସାଧନା ଭିତରେ ଅଧିକରୁ ଅଧିକ ଭାବେ ଈଶ୍ୱରଙ୍କ ଭଳି ହୋଇ ହୋଇ ଚାଲେ ଏବଂ ସେତିକିବେଳେ ଜଣେ ଦିବ୍ୟପ୍ରେମ ସହ ଏକାତ୍ମ ହୋଇପାରିବ ଏବଂ ଦିବ୍ୟପ୍ରେମ କ'ଣ, ତାହା ବୁଝିପାରିବ । ତା' ନହେଲେ, ପ୍ରେମକୁ ବୁଝିବା ସହଜ ନୁହଁ ।

ଅବଶ୍ୟମ୍ଭାବୀ କଥା ହେଲା – ଦୁଇଜଣ ମଣିଷଙ୍କ ଭିତରେ ପ୍ରେମ, ସେ ପ୍ରେମ ଯାହା ହେଉ ନା କାହିଁକି, ଏହା ସର୍ବଦା ଅଜ୍ଞାନ-ପ୍ରସୂତ, ଏଥିରେ ଥାଏ ବୁଝାମଣାର ଅଭାବ, ଥାଏ ଦୁର୍ବଳତା, ଏବଂ ଥାଏ ବିଚ୍ଛେଦର ଭୟଙ୍କର ଆଶଙ୍କା । ଯେପରିକି ଜଣେ ଚାହିଁଲା ଯେ ସେ ଏକ ଅନନ୍ୟ ଐଶ୍ୱର୍ଯ୍ୟ ଭିତରକୁ, ଏକ ଉଜ୍ଜ୍ୱଳ ବୈଭବ ଭିତରକୁ ପ୍ରବେଶ କରିବ – କିନ୍ତୁ ସେ ପ୍ରଥମରୁ କ'ଣ କଲା ନା ସେହି ଐଶ୍ୱର୍ଯ୍ୟ ଓ ତା' ନିଜ ମଧ୍ୟରେ ଗୋଟିଏ ପରଦା ପକାଇ ଦେଲା, ତା'ପରେ ଦ୍ୱିତୀୟ ପରଦାଟି ପକାଇଦେଲା, ତା'ପରେ ତୃତୀୟ ପରଦାଟି ପକାଇ ଦେଲା, ଫଳରେ ପରଦାର ଅନ୍ତରାଳରେ ଥିବା ସେହି ପରମ ଐଶ୍ୱର୍ଯ୍ୟ ଓ ଉଜ୍ଜ୍ୱଳ ବୈଭବର ସ୍ୱରୂପକୁ ସେ ଆଉ ଦେଖି ନ ପାରି ଆଶ୍ଚର୍ଯ୍ୟ ହେଉଛି, ସେ ସଂପର୍କରେ ତା'ର ରହିଛି ଖାଲି ଏକ ଝାପ୍‌ସା, ଅସ୍ପଷ୍ଟ ଧାରଣା ମାତ୍ର । ତେଣୁ ପ୍ରଥମ କର୍ତ୍ତବ୍ୟ ହେଲା ସେହି ପରଦାଗୁଡ଼ିକୁ ଅପସାରଣ କରିଦେବା, ସେଗୁଡ଼ିକୁ ବାହାର କରି ଦୂରକୁ ଫିଙ୍ଗି ଦେବା, ତା'ପରେ ସେହି ବୈଭବ ଭିତରକୁ ପ୍ରବେଶ କରିବା ଓ ସେହି ଉଜ୍ଜ୍ୱଳ ବୈଭବ ପାଖରେ ଉପନୀତ ହେବା । ସେତେବେଳେ ଯାଇ ତୁମେ ଜାଣିବ ଯେ ସେହି ଉଜ୍ଜ୍ୱଳ ମହିମାନ୍ୱିତ **ବୈଭବଟି** କ'ଣ !

### ଈଶ୍ୱର-ପ୍ରେମ

*ପ୍ରଶ୍ନ : ମଧୁମୟି ମା ! ଶ୍ରୀଅରବିନ୍ଦ କହିଛନ୍ତି ଯେ ଜଣେ ମାନବୀୟ ପ୍ରେମ ଭିତରୁ ଈଶ୍ୱର-ପ୍ରେମ ଆଡ଼କୁ ଯାଇପାରିବ ।*

**ଶ୍ରୀମା** : ସେ ସେହି ମାନବୀୟ ପ୍ରେମ କଥା କହିଛନ୍ତି ଯାହା ଭକ୍ତିରୂପେ ଅଭିବ୍ୟକ୍ତ ହୋଇଥାଏ । ଏହା ହେଲା ଈଶ୍ୱରଙ୍କ ପ୍ରତି ମାନବୀୟ ପ୍ରେମର ଏକ ଶକ୍ତି । ସେ କହିଛନ୍ତି – ମୂଳରୁ ମନୁଷ୍ୟର ଈଶ୍ୱର-ପ୍ରେମ ତା'ର ପ୍ରକୃତିରେ ଖୁବ୍ ମାନବୀୟ ସ୍ତରରେ ଥାଏ । ସେଥିରେ ମାନବୀୟ-ପ୍ରୀତିର ସମସ୍ତ ଗୁଣାଗୁଣ ରହିଥାଏ । ସେ ଏହାର ବର୍ଣ୍ଣନା ଖୁବ୍ ସୁନ୍ଦର ଭାବେ କରିଛନ୍ତି । ତଥାପି, ତୁମେ ଯଦି ସାଧନାରେ ଲାଗି ରୁହ ଓ ଆବଶ୍ୟକ ପ୍ରଚେଷ୍ଟା କର, ତେବେ ତୁମର ଏହି ମାନବୀୟ ପ୍ରେମ ଭଗବତ୍ ପ୍ରେମରେ ରୂପାନ୍ତରିତ ହେବା ଅସମ୍ଭବ ନୁହେଁ । କିନ୍ତୁ ଏ କ୍ଷେତ୍ରରେ ତୁମକୁ ଈଶ୍ୱରଙ୍କ ସହିତ (ଯାହାଙ୍କୁ ତୁମେ ଭଲ ପାଅ) ଏକାତ୍ମ ହେବାକୁ ପଡ଼ିବ । ଶ୍ରୀଅରବିନ୍ଦ ଏକଥା କେବେ ବି କହି ନାହାନ୍ତି ଯେ ଦୁଇଟି ମଣିଷଙ୍କ ଭିତରେ ଥିବା ପ୍ରେମ ଦିବ୍ୟପ୍ରେମରେ ପରିଣତ ହୋଇ ଯାଇପାରିବ । ଏକଥା ଆଦୌ ସେପରି ନୁହେଁ ! ସେ ସବୁବେଳେ ତା'ର ବିପରୀତ କଥା କହିଛନ୍ତି । ଜଣେ ତାଙ୍କୁ ଭକ୍ତି ସମ୍ବନ୍ଧେ ପ୍ରଶ୍ନ କରିଥିଲେ । ସେ ତା'ର ଉତ୍ତରରେ ଏହି କଥା କହିଥିଲେ । ପ୍ରଶ୍ନଟି ଥିଲା ସାଧକର ଈଶ୍ୱର-ପ୍ରୀତି ସଂପର୍କରେ । ମୂଳରୁ ତୁମର ଈଶ୍ୱର-ପ୍ରୀତି ଥାଏ ସଂପୂର୍ଣ୍ଣ ମାନବୀୟ । ଏପରିକି ପ୍ରାଥମିକ ଅବସ୍ଥାରେ ଭକ୍ତ ଈଶ୍ୱରଙ୍କ ସହିତ କିଛି ବେପାରସୁଲଭ ନେଣଦେଣ ସଂପର୍କ ରଖିଥାଏ । ଯଦି ତୁମେ ଅଗ୍ରଗତି କର, ତେବେ ତୁମର ପ୍ରେମ ଦିବ୍ୟପ୍ରେମରେ ପରିଣତ ହୁଏ । ଏବଂ ସେତିକିବେଳେହିଁ ତାହା ଯଥାର୍ଥ ଭକ୍ତି ହୁଏ ।

(The Great Adventure *A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ
## (ପରିଚ୍ଛେଦ : ୬୮)
## ଐତିହାସିକ ବିଚାର
## ମନୋଜ ଦାସ

''ଆଲିପୁର ବୋମା ମାମଲା ଭାରତରେ ଅତୀବ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ରାଷ୍ଟ୍ରୀୟ ବିଚାର ।''

— ବିଜୟକୃଷ୍ଣ ବୋଷ

ଆସାମୀ ପକ୍ଷର ମୂଳରୁ ଶେଷ ପର୍ଯ୍ୟନ୍ତ ଅନ୍ୟତମ ଓକିଲ[୧]

''ଅରବିନ୍ଦ ଘୋଷ ଇଂଲଣ୍ଡରେ ଥିଲେ ଜଣେ ଧୀ-ପ୍ରଦୀପ୍ତ (brilliant) ବିଦ୍ୱାନ୍ । ସେ ସେଣ୍ଟ ପଲ୍‌ସ୍‌ରେ ଥିଲେ ଅଗ୍ରଣୀ ବିଦ୍ୟାର୍ଥୀ ଏବଂ ବୃତ୍ତି ହାସଲ କରି କ୍ୟାମ୍ବ୍ରିଜର କିଙ୍ଗସ୍ କଲେଜରେ ଅଧ୍ୟୟନ କରୁଥିଲେ । ସେଠାରେ ସେ ପରବର୍ତ୍ତୀ କାଳରେ ତାଙ୍କ ବିଚାରକ ମିଷ୍ଟର ବିଚ୍‌କ୍ରାଫ୍‌ଟଙ୍କର ସାମସମୟିକ ଥିଲେ । ବିଚକ୍ରାଫ୍‌ଟ ଥିଲେ ରୁଗ୍‌ବିର ଅଗ୍ରଣୀ ବିଦ୍ୟାର୍ଥୀ । ସେ ମଧ୍ୟ ବୃତ୍ତି ପାଇ କ୍ୟାମ୍ବ୍ରିଜ ଆସିଥିଲେ । ବିଶ୍ୱବିଦ୍ୟାଳୟରେ ଉଭୟେ ସମ୍ମାନଜନକ ସ୍ଥାନ ଅଧିକାର କରିଥିଲେ । ଚୂଡ଼ାନ୍ତ ଆଇ.ସି.ଏସ୍ ପରୀକ୍ଷାରେ ଗ୍ରୀକ୍ ସାହିତ୍ୟରେ ବିଚାରକ ବିଚ୍‌କ୍ରାଫ୍‌ଟଙ୍କୁ ଆସାମୀ ଅରବିନ୍ଦ ଟପି ଯାଇଥିଲେ ।''

— ୟାର୍ଡ୍‌ଲେ ନୋର୍ଟନ୍, (ସରକାର ତରଫର ଓକିଲ)[୨]

ଶ୍ରୀଅରବିନ୍ଦଙ୍କ ଜୀବନର ଏହି ପର୍ଯ୍ୟାୟ ଉପରେ ଦୃଷ୍ଟିପାତ କଲାବେଳେ ଆମ ଆଗରେ ଦୃଶ୍ୟମାନ ହୁଅନ୍ତି ତିନୋଟି ଧାରା : (କ) ଆସାମୀ ବିରୋଧରେ ସରକାରୀ ତତ୍ପରତା ଏବଂ ଜନସାଧାରଣରେ ତା'ର ପ୍ରତିକ୍ରିୟା, (ଖ) ଶ୍ରୀଅରବିନ୍ଦଙ୍କ ସହ-କାରାବାସୀ ବିପ୍ଳବୀମାନଙ୍କ ମତିଗତି ଏବଂ (ଗ) ସ୍ୱୟଂ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟକଳାପ ଏବଂ ଅଭିଜ୍ଞତା — ତାଙ୍କ ନିଜର ଏବଂ ଅନ୍ୟମାନଙ୍କ ସ୍ମୃତିରୁ ଯେତିକି ଆହରଣ କରାଯାଇପାରେ ।

ସମଗ୍ର ଶାସନ ବ୍ୟବସ୍ଥାର ତୁଙ୍ଗ ନାୟକମାନଙ୍କୁ ଜଣେ ମାତ୍ର ମଣିଷର ପ୍ରଭାବ କେଡ଼େ ଆତଙ୍କିତ କରିଥିଲା, ଆଜି ସେସବୁର ନଥିପତ୍ର ଅବିଶ୍ୱାସ୍ୟ ମନେ ହୁଏ ! ୧୯୦୮ ମସିହା ମେ ୧୮ ତାରିଖ ଦିନ ବିଚାର ଆରମ୍ଭ ହେଲା । ପରଦିନହିଁ ବଙ୍ଗଦେଶର ଭୀତତ୍ରସ୍ତ ଗଭର୍ଣ୍ଣର ସାର୍ ଆଣ୍ଡ୍ର୍ୟୁ ଫ୍ରେଜର୍ ଭାରତର ଗଭର୍ଣ୍ଣର-ଜେନେରାଲ ଲର୍ଡ୍ ମିଣ୍ଟୋଙ୍କ ପାଖକୁ ଲେଖିଲେ :

''ମହାମହିମ, ଆପଣଙ୍କ ଐକାନ୍ତିକ ଧ୍ୟାନକୁ ଗୋଟାଏ ବିଷୟ ଅତ୍ୟନ୍ତ ଜରୁରୀ ଭାବରେ ଆଣିବା ମୋର ଅଭିପ୍ରାୟ । ତାହା ହେଲା ଅରବିନ୍ଦ ଘୋଷଙ୍କୁ ଦ୍ୱୀପାନ୍ତର ଦଣ୍ଡ ପ୍ରଦାନର ଆବଶ୍ୟକତା । ସେ ସମର୍ଥ, ଚତୁର, ଉଗ୍ର : ... ସେହିଁ ନେତା... କିନ୍ତୁ ସେ ଆପଣାକୁ ଜଣେ ସତର୍କ ଓ ଗୁରୁତ୍ୱପୂର୍ଣ୍ଣ ସେନାପତି ଭଳି 'ଶତ୍ରୁ'ର ଅଗୋଚରରେ ରଖିଥା'ନ୍ତି । ତାଙ୍କ ବିରୋଧରେ ଆମେ ଏମିତି ପ୍ରମାଣ ସଂଗ୍ରହ କରିପାରିବା ନାହିଁ, ଯାହା ବଳରେ ସେ ବିଚାରାଳୟ ଦ୍ୱାରା ଦଣ୍ଡିତ ହେବେ । କିନ୍ତୁ ଆମେ ସୌଭାଗ୍ୟବଶତଃ ଏଭଳି କାଗଜପତ୍ର ପାଇଛୁଁ, ଯେଉଁଥିରୁ ତାଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଯଥେଷ୍ଟ ପ୍ରମାଣ ମିଳିବ ଏବଂ ଯେକୌଣସି ହେତୁବାଦୀ ଲୋକ ତାଙ୍କ ନିର୍ବାସନ ଯଥାର୍ଥ ବୋଲି ମନେ କରିବ ।

ମୁଁ ଆନ୍ତରିକ ଭାବେ ଆଶା କରେ, କୌଣସି ଭାବାବେଗ ଯେପରି ଏ ପ୍ରସ୍ତାବର ଅନ୍ତରାୟ ନହୁଏ ।''[୩]

ଚିଠିର ଦୀର୍ଘତର ଅଂଶରେ ଶ୍ରୀଅରବିନ୍ଦଙ୍କ ଅସାଧାରଣ ପ୍ରଭାବର ବର୍ଣ୍ଣନା ଦିଆଯାଇଛି ଏବଂ ସେ ମନକଲେ ଅଗଣନ ଲୋକଙ୍କୁ ବିଦ୍ରୋହୀ ବନାଇ ପାରିବେ ବୋଲି ଆଶଙ୍କା ପ୍ରକାଶ କରାଯାଇଛି ।

ଭୟ, କିଞ୍ଚିତ୍ ଅଭିମାନ ଓ ଆବେଗଭରା ଏ ଚିଠି ସହ ଶ୍ରୀଅରବିନ୍ଦଙ୍କ ସେଯାବତ୍ ଜୀବନର ବିବରଣୀ ସଂଯୁକ୍ତ କରି ସାର୍ ଆଣ୍ଡ୍ର୍ୟୁ ବ୍ରିଟିଶ କର୍ତ୍ତୃପକ୍ଷ ବିରୋଧରେ ଏହି ଟିପ୍ପଣୀ ଦେଇଛନ୍ତି ଯେ ଏଭଳି ଜଣେ ''ବୁଦ୍ଧିମାନ୍, ବିରଳ ମେଧାବୀ ଛାତ୍ର ଏବଂ ପରୀକ୍ଷାରେ ଅତୀବ ସଫଳ'' ତରୁଣଙ୍କୁ ଘୋଡ଼ା ଚଢ଼ାରେ ଅପାରଗତା ଭଳି ମାମୁଲି କାରଣରୁ ଆଇ.ସି.ଏସ୍‌ରେ ନ ନେବା ଦ୍ୱାରା ଏକ ବିଶେଷ ଅନ୍ୟାୟ କରାଯାଇଛି ।

ଅବଶେଷରେ ଗଭର୍ଣ୍ଣର ସାହେବ ଲେଖିଛନ୍ତି :

''(ବରୋଦାରୁ ଆସିବା ପରଠାରୁ) ସେ ବିପ୍ଳବୀ ଦଳର ମୁଖ୍ୟ ପରାମର୍ଶଦାତା ହୋଇଛନ୍ତି ଏବଂ ସେମାନଙ୍କର ସମସ୍ତ କାର୍ଯ୍ୟକଳାପ ସମ୍ପର୍କରେ ଅବହିତ ଅଛନ୍ତି । କିନ୍ତୁ ତାଙ୍କର ସେ ଭୂମିକାର ବିନ୍ଦୁ ବିସର୍ଗ ପ୍ରମାଣ ମଧ୍ୟ ଯେମିତି ମିଳିବ ନାହିଁ, ସେଥିପ୍ରତି ସଜାଗ ଅଛନ୍ତି । ତାଙ୍କର ସମସ୍ତ ସହଯୋଗୀ ତାଙ୍କ ଭୂମିକାକୁ ଗୋପନ ରଖିଛନ୍ତି । ଫଳରେ ତାଙ୍କ ବିରୋଧରେ ଆଇନସମ୍ମତ ପ୍ରମାଣ ଦୃଢ଼ ନୁହେଁ । କିନ୍ତୁ ତାଙ୍କ ଅନିଷ୍ଟକାରୀ ଶକ୍ତିକୁ ଜବଦ କରିବା ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା । ସେହିଁ ପ୍ରଧାନ ସଞ୍ଚାଳକ, ଅତି ସହଜରେ ତାଙ୍କୁ ଅନୁଗତ ମିଳି ଯାଆନ୍ତି ।''[୪]

ଶାସନକର୍ତ୍ତାମାନଙ୍କ ଉତ୍କଣ୍ଠା ବୁଝି ହୁଏ । ସେମାନେ ଶ୍ରୀଅରବିନ୍ଦଙ୍କ ଗୃହ ତନ୍ନ ତନ୍ନ ତଲାସ କରି ତାଙ୍କ 'ଅପରାଧ'ର ନିର୍ଭରଯୋଗ୍ୟ ପ୍ରମାଣ କିଛି ପାଇଲେ ନାହିଁ – ମୃଣାଳିନୀ ଦେବୀଙ୍କୁ କେହି ଦେଇଥିବା ଦକ୍ଷିଣେଶ୍ୱରରୁ ସଂଗୃହୀତ ଗଙ୍ଗାମାଟିକୁ ବୋମା ତିଆରି ମସଲା ଭାବି ଜବଦ କଲେ; – ସେତିକି ନୁହେଁ, ସେମାନେ ମାଣିକତଳା ଓ ଅନ୍ୟାନ୍ୟ ସ୍ଥାନରୁ ଗିରଫ କରିଥିବା ତରୁଣମାନଙ୍କ ଭିତରୁ ଜଣେ ମଧ୍ୟ ବିପୁଳ ପ୍ରଲୋଭନ, ଧମକଚମକ ଓ ଭୟ ପ୍ରଦର୍ଶନ ସତ୍ତ୍ୱେ ଥରେ ମଧ୍ୟ ଶ୍ରୀଅରବିନ୍ଦଙ୍କୁ ସେମାନଙ୍କ କାର୍ଯ୍ୟକଳାପ ସହ ଜଡ଼ିତ କଲେ ନାହିଁ ।

ଶାସନକର୍ତ୍ତାମାନଙ୍କ ହତାଶାର ଅନ୍ୟ କାରଣ ହେଲା, ସେମାନେ ଆଶା କରୁଥିଲେ ଯେ ଖୁଦିରାମ ଓ ପ୍ରଫୁଲ୍ଲ ଚାକି ବୋମା ଯୋଗେ ଦୁଇ ଜଣ ନିରୀହ ଇଂରେଜ ମହିଳାଙ୍କୁ ନିଧନ କରିଥିବା ଯୋଗୁଁ ଜନସାଧାରଣ ଓ ସମ୍ବାଦପତ୍ରମାନେ ସେ ଦୁହିଙ୍କୁ ଧିକ୍କାର ଦେବେ । କିନ୍ତୁ ବିପ୍ଳବୀମାନେ ଗିରଫ ହେବା ପରେ ସେମାନଙ୍କ ପ୍ରତି ସହାନୁଭୂତି ପ୍ରକଟ କରି ଯେଉଁସବୁ ସଭା ହେଲା ସେସବୁ ତଥା ଅଧିକାଂଶ ସମ୍ବାଦପତ୍ର ମହିଳା ଦୁହିଙ୍କ ନିଧନ ଯୋଗୁଁ ଅବଶ୍ୟ ଦୁଃଖପ୍ରକାଶ କଲେ, କିନ୍ତୁ ନିଜ ନିଜ ଜୀବନ ଦେବାକୁ ପ୍ରସ୍ତୁତ ଥାଇ ସେ ଦୁଇ ଯୁବକ ଯେଉଁ ଦୁଃସାହସିକ କାମ ହାତକୁ ନେଇଥିଲେ, ତାହା ମହତ୍ ଦେଶ ପ୍ରେମର ପ୍ରମାଣ ବୋଲି ମତ ପ୍ରକାଶ ପାଇଲା । ଖୁଦିରାମଙ୍କ ଫାଶୀ ହେବା ସଙ୍ଗେ ସଙ୍ଗେ ତାଙ୍କ ଉପରେ ଗୀତମାନ ଲେଖା ହେଲା ଏବଂ ବ୍ୟାପକ ଜନପ୍ରିୟତା ଲାଭ କଲା । ଜଣେ ନୈଷ୍ଠିକ ଐତିହାସିକଙ୍କ ପର୍ଯ୍ୟବେକ୍ଷଣର କିୟଦଂଶ :

''ଭାରତର ସମ୍ବାଦପତ୍ରମାନେ (ଖୁଦିରାମ ଓ ପ୍ରଫୁଲ୍ଲଙ୍କର) ସହିଂସ କାର୍ଯ୍ୟକୁ ସରକାରଙ୍କ ହିଂସ୍ର ନୀତିରହିଁ ପ୍ରତିକ୍ରିୟା ଭାବରେ ବିବୃତ କଲେ । ସରକାର ଆହୁରି ଅଧିକ ବିବ୍ରତ ହେଲେ କାରଣ ସାଧାରଣ ଲୋକେ ମଧ୍ୟ ସେ କାର୍ଯ୍ୟକୁ ନିନ୍ଦା କରିବାର ଦେଖା ଗଲା ନାହିଁ । ବଙ୍ଗଦେଶ ଓ ଯୁକ୍ତ ପ୍ରଦେଶ (United Province) ବ୍ୟାପୀ ସେ ଦୁଇ କର୍ମୀଙ୍କ ପ୍ରତି ସର୍ବତ୍ର ସହାନୁଭୂତି ଲକ୍ଷିତ ହେଲା ଏବଂ ବଙ୍ଗବାସୀମାନେ ସେମାନଙ୍କ ଦୁଃସାହିକତା ଯୋଗୁଁ ଗର୍ବ ଅନୁଭବ କରିବାର ଜଣାଗଲା ।... ଶିକ୍ଷିତ ସମାଜ ସେ ଦୁହିଙ୍କ ପନ୍ଥାକୁ ସମର୍ଥନ ନକଲେ ବି ସେମାନଙ୍କ ଉଗ୍ର ଆଚରଣ ସରକାରଙ୍କର ପ୍ରାପ୍ୟ ବୋଲି ମତ ଦେଉଥା'ନ୍ତି ।''[୫]

ଉପରୋକ୍ତ ଐତିହାସିକ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ ମଦନମୋହନ ମାଲବ୍ୟଙ୍କ ଭଳି ବିଶିଷ୍ଟ ମାନ୍ଦାପନ୍ଥୀ ନେତା ମଧ୍ୟ ତାଙ୍କ ଗୋଷ୍ଠୀ ସେ ଦୁଇ ବିପ୍ଳବୀଙ୍କ କାର୍ଯ୍ୟର ନିନ୍ଦା କରି ପ୍ରସ୍ତାବ ଗ୍ରହଣ କରିବାକୁ ଆଗଭର ହୁଅନ୍ତେ ସ୍ୱଷ୍ଟ କହିଦେଲେ ଯେ ପ୍ରଥମେ ସରକାର ତାଙ୍କ ନୀତି ବଦଳାଇବା ଆବଶ୍ୟକ ବୋଲି ପ୍ରସ୍ତାବ ଗୃହୀତ ହେବା ଆବଶ୍ୟକ ।

ଲଣ୍ଡନର 'ଟାଇମ୍ସ୍' ପତ୍ରିକା ଲେଖିଲା ଯେ ଅବଶ୍ୟ ଭାରତୀୟ ସମ୍ବାଦପତ୍ରମାନେ ଦୁଇ ନିହତ ଇଂରେଜ ନାରୀଙ୍କ ପରିବାର ପ୍ରତି ସହାନୁଭୂତି ଜଣାଇଛନ୍ତି, କିନ୍ତୁ ''ଅରବିନ୍ଦ ଘୋଷଙ୍କ ଗ୍ରେପ୍ତାର ଏବଂ ତାଙ୍କୁ ଜାମିନ ନମିଳିବା ବିରୋଧରେ କ୍ରୁଦ୍ଧ ପ୍ରତିବାଦ ଜଣାଇଛନ୍ତି । ଏଭଳି ହିଂସାଚାର ବିଦେଶୀ ପ୍ରଭାବ ଏବଂ ବ୍ରିଟିଶ କ୍ୟାବିନେଟ ଭାରତକୁ ସ୍ୱାୟତ୍ତ ଶାସନ ଅଧିକାର ନଦେବାର ତଥା ବଙ୍ଗ ଭଙ୍ଗ ରଦ୍ଦ ନକରିବାର ଫଳ ବୋଲି ସେମାନେ ଦର୍ଶାଇଛନ୍ତି ।''[୬]

ଶ୍ରୀଅରବିନ୍ଦଙ୍କର ମହାରାଷ୍ଟ୍ରବାସୀ ଅନୁରକ୍ତମାନେ ତାଙ୍କ ପକ୍ଷ ସମର୍ଥନ ସକାଶେ ପାଣ୍ଠି ଖୋଲିଲେ । ପରେ ପରେ ଶ୍ରୀଅରବିନ୍ଦଙ୍କର ସାନ ଭଉଣୀ ସରୋଜିନୀ ଦେବୀଙ୍କର ନିବେଦନ ବଙ୍ଗଦେଶର କେତେକ ସମ୍ବାଦପତ୍ରରେ ପ୍ରକାଶିତ ହେଲା :

''ମୋ ଭାଇ ଅରବିନ୍ଦ ଘୋଷ ଗୁରୁତର ଅପରାଧ କରିଥିବା ଅଭିଯୋଗରେ ଅଭିଯୁକ୍ତ ବୋଲି ଦେଶବାସୀମାନେ ଅବହିତ । କିନ୍ତୁ ମୋର ବିଶ୍ୱାସ ତଥା ମୋର ଧାରଣା ଏମିତି ଯୁକ୍ତି ଉପରେ ପ୍ରତିଷ୍ଠିତ ଯେ ମୋ ଦେଶର ବିପୁଳ ସଂଖ୍ୟକ ଲୋକଙ୍କ ବିଶ୍ୱାସ, ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ...ମୁଁ ଜାଣେ ଯେ ସଭିଏଁ ତାଙ୍କ ରାଜନୈତିକ ଆଦର୍ଶ ସହ ଏକମତ ନହୋଇ ପାରନ୍ତି । କିନ୍ତୁ ସମ୍ଭ୍ରମଭରେ ଏତିକି କହିବି ଯେ କ୍ୱଚିତ୍ କେହି

ଭାରତବାସୀ ତାଙ୍କ କୃତିତ୍ୱ, ଆତ୍ମତ୍ୟାଗ, ଏକାଗ୍ର ଦେଶ ଭକ୍ତି ତଥା ତାଙ୍କ ମହତ୍ ଆଧ୍ୟାତ୍ମିକ ଚରିତ୍ର ପ୍ରତି ଶ୍ରଦ୍ଧାଶୀଳ ନହେବେ । ତାହାହିଁ ଏ ନାରୀଜଣକୁ ସାହସ ଦେଉଛି ଭାରତମାତାଙ୍କର ପ୍ରତ୍ୟେକ ପୁତ୍ରକନ୍ୟାଙ୍କୁ ନିବେଦନ କରିବାକୁ – ମୋ ଭାଇ, ଯିଏକି ସେମାନଙ୍କର ମଧ୍ୟ ଭାଇ – ତାଙ୍କ ସୁରକ୍ଷା ଦିଗରେ ସହାୟତା କରିବା ନିମନ୍ତେ ।''(୭)

ବହୁ ପତ୍ରପତ୍ରିକାରେ ସରୋଜିନୀ ଦେବୀଙ୍କ ନିବେଦନ ଉପରେ ଶ୍ରଦ୍ଧାଶୀଳ ମନ୍ତବ୍ୟମାନ ପ୍ରକାଶ ପାଇଲା । ସେଯାଏଁ ଅନ୍ୟ କୌଣସି ନେତା ଦେଶର ''ଆଧ୍ୟାତ୍ମିକ ଗୁରୁ'' ଭାବରେ ଅଭିହିତ ହୋଇ ନଥିଲେ କିଂବା ସେଭଳି ସ୍ୱତଃସ୍ଫୂର୍ତ୍ତ ସମ୍ମାନ ଅର୍ଜନ କରି ପାରିଥିବାର ଦୃଷ୍ଟାନ୍ତ ନାହିଁ ।

ବଙ୍ଗଳାରେ ସେତେବେଳେ 'ବସୁମତି' ଥିଲା ସର୍ବାଧିକ ଜନପ୍ରିୟ ସମ୍ବାଦପତ୍ର । ତା'ର ଦୀର୍ଘ ସମ୍ପାଦକୀୟର କିୟଦଂଶ ଉପରେ ଦୃଷ୍ଟିପାତ କରାଯାଉ । (ମୂଳ ବଙ୍ଗଳା ସଂଖ୍ୟାସବୁ ବିଲୁପ୍ତ; ସି.ଆଇ.ଡି. ଦପ୍ତରରେ ଥିବା ଅପରିଣତ ଇଂରାଜୀ ଅନୁବାଦର ଏହା ଭାଷାନ୍ତର) :

''ଦେଶ ମାତୃକାଙ୍କର ଅତୀବ ପ୍ରିୟ ପୁତ୍ର, ମାତୃଶକ୍ତିର ଅବିଚଳ ଭକ୍ତ ଶ୍ରୀଯୁକ୍ତ ଅରବିନ୍ଦ ଘୋଷ ଆଜି ବିପଦର ସମ୍ମୁଖୀନ – ରାଜକୀୟ ବିଚାରାଳୟରେ ଗୁରୁତର ଅପରାଧରେ ଅଭିଯୁକ୍ତ । ହେ ଦେଶବାସିବୃନ୍ଦ ! ତୁମେମାନେ ନିସ୍ପୃହ ରହିବ କି ? ଅରବିନ୍ଦଙ୍କର ଏ ସଙ୍କଟ ବେଳେ ତୁମମାନଙ୍କର କୌଣସି କର୍ତ୍ତବ୍ୟ ନାହିଁ କି ?

''ଅରବିନ୍ଦଙ୍କର ଭଗିନୀ, କୁମାରୀ ସରୋଜିନୀ ଆଜି ଦେଶବାସୀଙ୍କ ଦ୍ୱାରଦେଶରେ ଭିକ୍ଷାପ୍ରାର୍ଥିନୀ । ତାଙ୍କ ନିଜ ପାଇଁ ନୁହେଁ, ସବୁ ବଙ୍ଗବାସୀ, ସବୁ ଭାରତୀୟଙ୍କ ଭ୍ରାତା, ମାତୃଭୂମିର ସନ୍ନ୍ୟାସୀ-ସେବକ ଅରବିନ୍ଦଙ୍କ ପାଇଁ ।...

''ଏକ ନୂତନ ଆଦର୍ଶର ବଜ୍ରଧ୍ୱନିରେ ଅରବିନ୍ଦ ଆମର ଏ ପବିତ୍ର ଦେଶକୁ ସ୍ପନ୍ଦିତ କରିଛନ୍ତି । ତୁମମାନଙ୍କ ମଙ୍ଗଳ ପାଇଁ ଅରବିନ୍ଦ ନିଜର ଯାବତୀୟ ପାର୍ଥିବ ବିଳାସ ଓ ସମୃଦ୍ଧି ବିସର୍ଜନ ଦେଇ ନିଷ୍କାମ ଧର୍ମରେ ପ୍ରବୃତ୍ତ; ସେ ମାତୃମନ୍ତ୍ରର ପୁରୋଧା । ସେ ଆଜି ବିପଦ୍‌ଗ୍ରସ୍ତ । ତୁମେମାନେ କ'ଣ ରହିବ ହୃଦୟହୀନ ? ପୃଥିବୀ ଜାଣିବ ଯେ ତୁମେମାନେ ପଶୁ ପ୍ରବୃତ୍ତିର ଊର୍ଦ୍ଧ୍ୱକୁ ଉଠି ନାହଁ ?...

''ନୂତନ ଆଦର୍ଶର ଉଦ୍‌ଗାତା ଅରବିନ୍ଦ ଏ ସମସ୍ୟାକ୍ଲିଷ୍ଟ ଆତ୍ମବିସ୍ମୃତ ଦେଶକୁ ମାତୃମନ୍ତ୍ରର ଉଦାତ୍ତ ଆହ୍ୱାନ ଦେଇଛନ୍ତି... ତାଙ୍କରି ଯାଦୁକରୀ ପ୍ରଭାବରେ ଏକଦା ଅଳସ ସ୍ୱପ୍ନଭଳି ରହିଥିବା ଦେଶାତ୍ମବୋଧ ରୂପାନ୍ତରିତ ହୋଇଛି ଏକ ନିରାଟ ବାସ୍ତବତାରେ ।... ପ୍ରତ୍ୟେକ ଭାରତୀୟ ହୃଦୟରେ ଅରବିନ୍ଦ ମାତୃମନ୍ତ୍ର ଖୋଦିତ କରିପାରିଛନ୍ତି । ସେହିଁ ମନ୍ତ୍ରଦାତା । ତୁମ ଆଧ୍ୟାତ୍ମିକ ଗୁରୁଙ୍କର ଏ ସଙ୍କଟ ବେଳେ ତୁମେ ନିଶ୍ଚେଷ୍ଟ ରହିବ କି – ହେ ମାତୃମନ୍ତ୍ରର ଉପାସକବର୍ଗ ?

''ଅରବିନ୍ଦ ଶିଖାଇଛନ୍ତି ଯେ ଇଚ୍ଛାଶକ୍ତି ଦ୍ୱାରା ବିଶ୍ୱବିଜୟ ସମ୍ଭବ । ଦେଶର ଓଜଃ ବିଲୀନ ହୋଇ ନାହିଁ । ଏହା ଥିଲା ସୁପ୍ତ; ବର୍ତ୍ତମାନ ଜାଗୃତି ପଥରେ ।... ଅରବିନ୍ଦ ଚେତାଇ ଦେଇଛନ୍ତି ଯେ ଆମେ ପଥଭ୍ରଷ୍ଟ ହୋଇଛୁଁ । ସ୍ୱଦେଶର ରତ୍ନରାଶି ବର୍ଜନ କରି ବିଦେଶୀ କାଚ ଖେଳନା ଆଦରି ନେଇଛୁଁ ।... ଶ୍ମଶାନ ପ୍ରାୟ ଅବସ୍ଥାକୁ ଅବନମିତ ଭାରତବର୍ଷରେ ଅରବିନ୍ଦ ଘୋଷଣା କଲେ ଯେ ଦେଶର ଆତ୍ମା ଚିରଜାଗ୍ରତ୍, ମୃତ୍ୟୁହୀନ ।... ଧର୍ମ, କର୍ମ ସବୁ ଉଜ୍ଜୀବିତ ହେବା ସମ୍ଭବ ।

''ମାତୃକୃପାରୁ ଅରବିନ୍ଦ ତାଙ୍କ ହୃଦୟଗହନରେ ଉପଲବ୍ଧି କଲେ ଯେ ମୁକ୍ତିର ମାର୍ଗ ଚିରକାଳ ଅବରୁଦ୍ଧ ରହି ପାରେନା । ଆଜିର ସଂକୀର୍ଣ୍ଣ ଓ କଣ୍ଟକିତ ପଥକୁ ଆଗାମୀ-କାଲି ପ୍ରଶସ୍ତ ଓ ପୂତ ମୁକ୍ତିପଥରେ ପରିଣତ କରାଯାଇପାରେ ।

''ଅରବିନ୍ଦ ଉପଲବ୍ଧି କଲେ ଯେ ପାଶ୍ଚାତ୍ୟ ରାଜନୀତି ଆଧ୍ୟାତ୍ମିକ ଭାରତବର୍ଷ ସକାଶେ ଅନୁକୂଳ ନୁହେଁ । ଧର୍ମ ଚ୍ୟୁତି ଯୋଗୁଁହିଁ ଭାରତୀୟମାନେ ବିନାଶଗାମୀ ।... ସେ ବୁଝାଇଛନ୍ତି, ଆତ୍ମାର ବନ୍ଧନମୁକ୍ତିହିଁ ଜୀବନ୍ମୁକ୍ତି । ଆତ୍ମାର ସ୍ୱାଧୀନତାହିଁ ସ୍ୱଦେହରେ ମାନବର ମୁକ୍ତି ପ୍ରାପ୍ତି । ଭାରତରେ ଧର୍ମ ଅବିନଶ୍ୱର । ସେ ଦେଲେ ଆହ୍ୱାନ : 'ଜାଗରିତ ହୁଅ ଭାରତବାସି, ଧର୍ମଯୁକ୍ତ ରୁହ । ହୃଦୟ-ସିଂହାସନରେ ଜନନୀଙ୍କୁ ଅଭିଷିକ୍ତ କର । ମୁକ୍ତିର ପରମମାର୍ଗରେ ଧାବମାନ ହୁଅ ।'

''ଅରବିନ୍ଦ କହିଛନ୍ତି, 'ତୁମ ଧର୍ମାନୁରକ୍ତି ରୂପକ ଗଙ୍ଗୋତ୍ରୀରୁ ବିଗଳିତ କରୁଣାରୂପକ ଗଙ୍ଗା ପ୍ରବାହିତ ହୋଇ ତେତ୍ରିଶ କୋଟି ନରନାରୀଙ୍କୁ ମୁକ୍ତି ପ୍ରଦାନ କରୁ ।'

''ଅରବିନ୍ଦ ଆମକୁ ଏହି ଶିକ୍ଷା ଦେଇଛନ୍ତି ଯେ ଆଳସ୍ୟ ପରେ କର୍ମତତ୍ପରତା, ନିଦ୍ରା ଉତ୍ତାରୁ ଜାଗରଣ, ପତନ ପରେ ଅଭ୍ୟୁତ୍ଥାନ ଗୋଟିଏ ଜାତିର ଜୀବନରେ ସ୍ୱାଭାବିକ । ଭକ୍ତ ଅରବିନ୍ଦଙ୍କର ଜାଗୃତିର ଶଙ୍ଖନାଦ ଯୋଗୁଁ ଦେଶରେ ସ୍ଫୁରିତ ହେଲା ନୂତନ ଆଶା ଏବଂ ତାହା ସୀମା ଅତିକ୍ରମ କରି ହେଲା ଊର୍ଦ୍ଧ୍ୱାୟିତ । ହିମାଳୟର ତୁଷାରଶୀର୍ଷଠୁଁ କନ୍ୟାକୁମାରୀ ଯାଏ

ସମଗ୍ର ଭାରତବର୍ଷ ହେଲା ଅଭିନବ ଅନୁଭୂତି ଏବଂ ବିପୁଳ ଜୀବନୀ ଶକ୍ତି-ସଞ୍ଚାଳିତ । ଏହି ଜାଗୃତିକୁ ଶାସକବର୍ଗ ଭ୍ରାନ୍ତିବଶତଃ ବିଦ୍ରୋହ ବୋଲି ମନେ କରୁଛନ୍ତି ଏବଂ ସେଥିପାଇଁ ଅରବିନ୍ଦ ଆଜି କାରାରୁଦ୍ଧ ! ହେ ଭାରତବାସି, ହେ ବଙ୍ଗବାସି, ଏହା କ'ଣ ତୁମର ସମସ୍ୟା ନୁହେଁ ? ଦେଶାତ୍ମବୋଧର ଉତ୍ସ ଯେଉଁ ଅରବିନ୍ଦଙ୍କ ହୃଦୟ, ତୁମେ ତାଙ୍କୁ ଶାସକର କ୍ରୋଧାଗ୍ନିରେ ବିସର୍ଜନ ଦେବ ? ତୁମ କପାଳର କଳଙ୍କରେଖାକୁ ଆହୁରି ପ୍ରଗାଢ଼ କରିବ ?

''ଯାହାଙ୍କ ଆହ୍ୱାନରେ ତୁମେମାନେ ଯୁଗ ଯୁଗ ପରେ ମାତୃମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିପାରିଛ, ସ୍ୱଦେଶୀ ଜାଣିଛ, ଦେଶପ୍ରେମ ଜାଣିଛ, ସ୍ୱଧର୍ମ ଜାଣିଛ, ସ୍ୱରାଜ ପାଇଁ ତୁମ ହୃଦୟରେ ଆତ୍ମହାର ଶିଖା ପ୍ରଜ୍ୱଳିତ ହୋଇଛି, ସେହି ଅରବିନ୍ଦ ଆଜି ତୁମରି ପାଇଁ ବିପନ୍ନ । ହେ ଭାରତବାସି, ହେ ବଙ୍ଗବାସି, ତୁମ କର୍ତ୍ତବ୍ୟ କ'ଣ ତୁମେ ପାଳନ କରିବ ନାହିଁ ?

''ଅରବିନ୍ଦଙ୍କ ପାଇଁ ଜନନୀ ଜନ୍ମଭୂମି ସ୍ୱର୍ଗାଦପି ଗରିୟସୀ । ବନ୍ଦେ ମାତରମ୍ ତାଙ୍କ ଜୀବନ-ସର୍ବସ୍ୱ, ଅମୃତସେତୁ, ମୁକ୍ତିମନ୍ତ୍ର । ଅନନ୍ୟ ଅରବିନ୍ଦଙ୍କର ସଂସ୍କୃତି । ଅତୁଳନୀୟ ତାଙ୍କ ତ୍ୟାଗ । ଭାରତରେ ତାଙ୍କ ତୁଲ୍ୟ ମାତୃଭକ୍ତ ସନ୍ତାନ, ତାଙ୍କ ଭଳି ନିରାସକ୍ତ କର୍ମଯୋଗୀ ଦ୍ୱିତୀୟ ନାହାନ୍ତି । ତୁମେ କ'ଣ ସେହି ଅରବିନ୍ଦଙ୍କୁ ଆଇନର କବ୍‌ଜାରୁ ମୁକ୍ତ କରିବ ନାହିଁ ? ଅରବିନ୍ଦ ଓ ତାଙ୍କ ସହ ସାରା ଦେଶର ଶ୍ରୀମୟତା ଆଇନ-ଚକ୍ର ତଳେ ଚୂର୍ଣ୍ଣୀଭୂତ ହେବାକୁ ଛାଡ଼ିଦେବ ?

''ଅରବିନ୍ଦ ନିର୍ଦୋଷ କି ନୁହେଁ ତାହା ନିର୍ଣ୍ଣୟ କରିବ ବ୍ରିଟିଶ ବିଚାରାଳୟ ! ଯଦି ଅର୍ଥାଭାବରୁ ଅରବିନ୍ଦ ଦଣ୍ଡିତ ହେବେ, ତେବେ ସାରା ଭାରତ ମହାସାଗର ମଧ୍ୟ ଦେଶର ସେ କଳଙ୍କକୁ ଧୋଇ ଦେଇପାରିବ ନାହିଁ ।

''ଯେଉଁଦିନ ପ୍ରଖ୍ୟାତ କବି ରବୀନ୍ଦ୍ରନାଥ କହିଲେ, 'ଅରବିନ୍ଦ, ରବୀନ୍ଦ୍ରର ନିଅ ନମସ୍କାର !' ସେଦିନ ସମଗ୍ର ବଙ୍ଗଭୂମି କହିଲା 'ଅରବିନ୍ଦ, ଏ ବଙ୍ଗଳାର ନିଅ ନମସ୍କାର !' ଭୟ କ'ଣ ସେ ଶ୍ରଦ୍ଧାର ପ୍ରବାହକୁ ଶୁଷ୍କ କରି ଦେଇପାରେ ?...''[୮]

(କ୍ରମଶଃ)

❑❑❑

---

## ତଥ୍ୟ ନିର୍ଦ୍ଦେଶିକା


୧. ବିଜୟ କୃଷ୍ଣ ଘୋଷ : The Alipore Bomb Trial; Butterworth & Co., Kolkata, London, Sydney, 1922.

୨. "Eardley Norton, Bar-at-law : ଉପରୋକ୍ତ ଗ୍ରନ୍ଥର ଭୂମିକା ।

୩. ଲେଖକଙ୍କ ଦ୍ୱାରା ସଂଗୃହୀତ Minto Papers; Old India Office Library, London.

୪. ତତ୍ରୈବ

୫. ଏମ. ଏନ୍. ଦାସ : India Under Morley and Minto; George Allen & Unwin, London, 1964. ଉକ୍ତ ଲେଖକ ମାଲବ୍ୟଙ୍କ ସଂକ୍ରାନ୍ତୀୟ ବିବରଣୀ Minto Papers ଅନ୍ତର୍ଭୁକ୍ତ 'From Hewett to Minto', 16 June 1908ରୁ ଗ୍ରହଣ କରିଛନ୍ତି ।

୬. The Times, London; 6 May 1908

୭. ମନୋଜ ଦାସ : Sri Aurobindo in the First Decade of the 20th Century; ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ।

୮. ବସୁମତି, କଲିକତା; ୨୯ ଜୁନ୍ ୧୯୦୮ C.I.D. Reports, Old India Office Library, London.

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ପ୍ରଥମ ଅଧ୍ୟାୟ)

## ଗୀତାର ଉପଯୋଗିତା

ପୂର୍ଣ୍ଣଚନ୍ଦ୍ର ମହାପାତ୍ର

ସର୍ବଶାସ୍ତ୍ରମୟୀ ଶ୍ରୀମଦ୍ ଭଗବଦ୍ ଗୀତା, ''ସ୍ୱୟଂ ପଦ୍ମନାଭସ୍ୟ ମୁଖପଦ୍ମାଦ୍ ବିନିସୃତା'' – ଈଶ୍ୱରଙ୍କ ଦିବ୍ୟବାଣୀ । ଏଣୁ ପ୍ରତ୍ୟେକଙ୍କୁ ଗୀତା ପାଠ କରିବାକୁ ଶାସ୍ତ୍ର ଉପଦେଶ ଦିଅନ୍ତି ''ଗୀତା ସୁଗୀତା କର୍ତ୍ତବ୍ୟା କିମନ୍ୟୈଃ ଶାସ୍ତ୍ରବିସ୍ତରୈଃ'' । ବହୁ ଶାସ୍ତ୍ର ପଢ଼ିବା ଅପେକ୍ଷା କେବଳ ଗୋଟିଏ ଗ୍ରନ୍ଥ ''ଗୀତା'' ପାଠ କଲେ ଯଥେଷ୍ଟ । ଏହା ଗଭୀର ଜ୍ଞାନଯୁକ୍ତ ଅଥଚ ଭାଷା ସରଳାତି ସରଳ । ସାମାନ୍ୟ ସଂସ୍କୃତ ଜ୍ଞାନ ଥିଲେ ଏହାର ବାହ୍ୟ ଅର୍ଥ ଅବୋଧ ହୁଏ ନାହିଁ । ମାତ୍ର ଏହାର ଗୂଢ଼ ତତ୍ତ୍ୱ ବୁଝିବା କଠିନାତି କଠିନ ।

ଏହି ମହାନ୍ ଗ୍ରନ୍ଥ କେବଳ ଏକ ସାର୍ବଜନୀନ ଧର୍ମଗ୍ରନ୍ଥ ନୁହେଁ, ଏହା ମାନବ ସଂସ୍କୃତିର ଆଧାର ସ୍ତମ୍ଭ । ଏହା କୌଣସି ଧର୍ମର ବିରୋଧୀ ନୁହେଁ । ଗୀତାର ନିର୍ଦ୍ଦେଶ ସକଳ ମାନବଙ୍କର ସତ୍ ମାର୍ଗଦର୍ଶକ । ଏଥିରେ ଏକ ପରମ ଈଶ୍ୱରଙ୍କ ବିଶ୍ୱମୟ ରୂପ ବର୍ଣ୍ଣିତ । ଆମେ ଏଥିରୁ ଜାଣିବା ଦିବ୍ୟଗୁଣ କ'ଣ, ଆଉ ଆସୁରିକ ଗୁଣ କର୍ମ କ'ଣ ? ଗୀତା ସକଳ ଧର୍ମ ଓ ସମ୍ପ୍ରଦାୟରୂପୀ ନଦୀମାନଙ୍କର ମହାସମନ୍ୱୟ ମହାସାଗର । ଗୀତାରେ ପ୍ରଦର୍ଶିତ କର୍ମପନ୍ଥା ସମସ୍ତ ସମୁନ୍ନତ ମାନବସମାଜର କରଣୀୟ । ଏହାର ସାର୍ବଜନୀନତା ସ୍ୱୀକୃତ । ଏହାର ବାଣୀ ଯୁଗ ଯୁଗାନ୍ତର ପାଇଁ ଅଭ୍ରାନ୍ତ ସତ୍ୟ ହୋଇ ରହିଛି ଓ ରହିବ । ଗୀତା ଜୋର୍ ଦେଇ କହେ ଈଶ୍ୱର କେବଳ କେଉଁ ଅନିର୍ଦ୍ଦେଶ୍ୟ ଅଦୃଶ୍ୟ ଆକାଶବାସୀ ନୁହନ୍ତି, ସେ ସମସ୍ତଙ୍କ ହୃଦୟରେ ବାସ କରନ୍ତି – ''ସର୍ବସ୍ୟ ଚାହଂ ହୃଦି ସଂନିବିଷ୍ଟଃ'' ଏବଂ ତା'ର ଶ୍ରେଷ୍ଠ ଉପଦେଶ ଈଶ୍ୱରଶରଣ ''ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ'' ।

କିନ୍ତୁ ଗୀତା ଉପରେ ଭିନ୍ନ ଭିନ୍ନ ବ୍ୟାଖ୍ୟା ହୋଇ ତା'ର ଗୋଟିଏ ବା ଦୁଇଟି ଦିଗ ଉପରେ ଅନେକ ତର୍ଜମା କରାଯାଇ ଥିବାରୁ ଏହା ସାଧାରଣ ପାଠକର ବୁଦ୍ଧିର ବିଭ୍ରାଟ ଘଟାଏ । ଗୀତାର ଯୁଗୋଚିତ ବାଣୀ କ'ଣ, ଭବିଷ୍ୟତ୍ ପାଇଁ ତା'ର ପ୍ରୟୋଜନୀୟତା କ'ଣ, ତା'ର ଅସଲ ଉପଯୋଗିତା କ'ଣ ତାହା ଜାଣିବା ସହଜ ହୁଏ ନାହିଁ ।

ଶ୍ରୀଅରବିନ୍ଦ ଏକ ପରିପୂର୍ଣ୍ଣ ଦିବ୍ୟ-ମାନବସମାଜ ଗଠନ ପାଇଁ ତାଙ୍କ ଜୀବନ ଉତ୍ସର୍ଗ କରିଛନ୍ତି । ମଣିଷର ଅପରା ପ୍ରକୃତିକୁ ପରା (ଦିବ୍ୟ) ପ୍ରକୃତିରେ ପରିବର୍ତ୍ତନ କରି ତାକୁ ଦିବ୍ୟମାନବ କରିବା ଓ ତା'ର ସମାଜକୁ ଦିବ୍ୟ-ସମାଜରେ ପରିବର୍ତ୍ତିତ କରିବା ତାଙ୍କ ପୂର୍ଣ୍ଣଯୋଗର ଲକ୍ଷ୍ୟ । ବିବର୍ତ୍ତନ ଏଇ ଦିଗରେ ଗତିଶୀଳ । ଶ୍ରୀଅରବିନ୍ଦ ପ୍ରାଜ୍ଞ ଦୃଷ୍ଟିରେ ଗୀତାର ଗଭୀର ତତ୍ତ୍ୱ ମଧ୍ୟରେ ପ୍ରବେଶ କରି ସାମ୍ପ୍ରତିକ ଓ ଭବିଷ୍ୟତ୍ ସମାଜ ଗଠନରେ ଗୀତାର ଅବଦାନ କ'ଣ ତାହା ଆମ ସମ୍ମୁଖରେ ପ୍ରତିପାଦନ କରିଛନ୍ତି ତାଙ୍କ 'ଗୀତା-ନିବନ୍ଧମାଳା' ବା 'Essays on the Gita'ରେ ।

ଶ୍ରୀଅରବିନ୍ଦଙ୍କ ଭାଷାରେ ଗୀତା ଅୟୁତ ରତ୍ନପ୍ରସୂ ଅତଳ ସାଗର । ସମସ୍ତ ଜୀବନ ସେହି ସାଗରର ନିମ୍ନରୁ ନିମ୍ନକୁ ଅବତରଣ କରୁଥିଲେ ସୁଦ୍ଧା ତା'ର ଗଭୀରତା ଅନୁମାନ କରି ହୁଏ ନାହିଁ । ତା'ର ତଳ କେଉଁଠି ଜାଣି ହୁଏ ନାହିଁ । ଶତ ସହସ୍ର ବର୍ଷ ଧରି ଖୋଜି ଖୋଜି ସେହି ଅନନ୍ତ ରତ୍ନ ଭଣ୍ଡାରର ଏକ ସହସ୍ରାଂଶ ଧନ ଆହରଣ କରିବା ଦୁଷ୍କର । ଅଥଚ, ମାତ୍ର ଗୋଟିଏ, ଦୁଇଟି ରତ୍ନ ଉଦ୍ଧାର କରିପାରିଲେ ଦରିଦ୍ର ଧନୀ ହୋଇଯାଏ, ଗଭୀର ଚିନ୍ତାଶୀଳ ବ୍ୟକ୍ତି ଜ୍ଞାନୀ ହୋଇଯାଏ; ଭଗବତ୍ ବିଦ୍ୱେଷୀ ପ୍ରେମିକ ହୋଇଯାଏ, ମହାପରାକ୍ରମୀ ଶକ୍ତିମାନ୍-କର୍ମବୀର ନିଜ ଜୀବନର ଉଦ୍ଦେଶ୍ୟ ସାଧନ ନିମିତ୍ତ ପୂର୍ଣ୍ଣ ରୂପେ ସଜ୍ଜିତ ଓ ସନ୍ନଦ୍ଧ ହୋଇ କର୍ମକ୍ଷେତ୍ରରେ ଉତ୍ତୀର୍ଣ୍ଣ ହୁଏ ।

ଗୀତା ଅକ୍ଷୟ ମଣିର ଆକର । ଯଦି ଯୁଗେ ଯୁଗେ ସେହି ଖଣିରୁ ରତ୍ନ ସଂଗ୍ରହ ହୁଏ, ତଥାପି ଭବିଷ୍ୟତ୍ ମାନବ ସର୍ବଦା ନବ ନବ ଅମୂଲ୍ୟ ମଣିମାଣିକ୍ୟ ଲାଭ କରି ହୃଷ୍ଟ ଓ ବିସ୍ମିତ ହୁଏ । ତା' ଜୀବନ ଧନ୍ୟ ହୁଏ ।

ଗୀତା ଏହିପରି ଏକ ଯୁଗାନ୍ତକାରୀ ସରଳ ଅର୍ଥବୋଧକ ଗୁହ୍ୟ ଜ୍ଞାନପୂର୍ଣ୍ଣ ପୁସ୍ତିକା । ଗୀତା ରୂପକ ଖଣିର ରତ୍ନୋଦ୍ଦୀପିତ ଗଭୀର ଗୁହା ମଧ୍ୟରେ ପ୍ରବେଶ କରି ନପାରିଲେ ସୁଦ୍ଧା, ତା'ର ଚତୁଃପାର୍ଶ୍ୱରେ ଭ୍ରମଣ କରି ଦୁର୍ବାଦଳ ଉପରେ ବିଛାଇ ହୋଇ ପଡ଼ିଥିବା ଉଜ୍ଜ୍ୱଳ ମଣିମାଣିକ୍ୟ ସଂଗ୍ରହ କରି ବ୍ୟକ୍ତି ଧନଶାଳୀ ହୋଇଯାଏ । ଗୀତାସାଗରର ଗଭୀରକୁ ପ୍ରବେଶ ନକରି ମଧ ତା'ର ଅନୁଚ୍ଚ ତରଙ୍ଗାବଳୀର ସଂସ୍ପର୍ଶରେ ଆସି ମନ ଆନନ୍ଦମଗ୍ନ ହୋଇଯାଏ । ଏଣୁ ଗୀତା ସକଳଙ୍କର ପୃଷ୍ଠପୋଷକ ଓ ସହାୟକ । ଏହା ଧର୍ମ, ଦର୍ଶନ, ସମ୍ପ୍ରଦାୟ ନିରପେକ୍ଷ । ଏହା ବ୍ୟକ୍ତି ଓ ସମାଜ ଜୀବନର ସକଳ ସମସ୍ୟାର ମାର୍ଗଦର୍ଶକ ।

ଉପନିଷଦ୍‌ଗୁଡ଼ିକ ଭଳି ଦୁଗ୍ଧବତୀ ଗାଈମାନଙ୍କ ଦୁଗ୍ଧ ଗୋପାଳନନ୍ଦନ କୃଷ୍ଣ ଦୋହନ କରି ଯେଉଁ ଦୁଗ୍ଧ ବିତରଣ କରିଛନ୍ତି ତାହା ସମାଜର କଲ୍ୟାଣତମ ପୃଷ୍ଟପୋଷକ । ଏଣୁ ଗୀତା-ନିର୍ଭର ସମାଜ ସମୃଦ୍ଧ, ସକ୍ରିୟ ଓ ସୁଦକ୍ଷ ।

ଗୀତାର ସହସ୍ରାଧିକ ବ୍ୟାଖ୍ୟା ହେଲାଣି । ଏପରି ସମୟ ଆସିବ ନାହିଁ, ଯେବେ ତା'ର ନୂତନ ବ୍ୟାଖ୍ୟା ସୃଷ୍ଟି ହେବ ନାହିଁ ବା ସୃଷ୍ଟି କରିବାର ପ୍ରୟୋଜନବୋଧ ରହିବ ନାହିଁ । ଏପରି ଜ୍ଞାନୀ ବା ପଣ୍ଡିତ ଏଯାଏଁ ଜନ୍ମ ହୋଇ ନାହାନ୍ତି ଯିଏ ଦୃଢ଼ତାର ସହ କହି ପାରିବେ ଗୀତା ବର୍ଣ୍ଣିତ ସକଳ ସତ୍ୟ ଉପଲବ୍ଧି କରିଛନ୍ତି ଓ ତା'ର ବ୍ୟାଖ୍ୟା କରି ପାରିଛନ୍ତି ଏବଂ ତା'ର ସକଳ ସତ୍ୟକୁ ଜୀବନରେ ରୂପାୟିତ କରି ପାରିଛନ୍ତି ।

ଗୀତା ସମ୍ପର୍କରେ ଏତିକି ଉପକ୍ରମଣିକା ତଥା ଶ୍ରୀମାଙ୍କର ଗୀତା ସମ୍ପର୍କରେ କଥିତ ବାଣୀ ଉପସ୍ଥାପନ ପରେ ଆମେ 'ଗୀତାର ଉପଯୋଗିତା' ଯାହା ଏହି ପ୍ରବନ୍ଧର ଶୀର୍ଷକ, ସେ ସମ୍ପର୍କରେ ଆଲୋଚନା କରିବା । ଶ୍ରୀମା ଗୀତା ସମ୍ପର୍କରେ ଏଠାରେ ଶ୍ରୀଅରବିନ୍ଦଙ୍କ ଦୃଷ୍ଟି ଉଲ୍ଲେଖ କରନ୍ତି, — ଯାହା ତାଙ୍କର ବି ଅଭିମତ । ତାହା ହେଲା —

"Sri Aurobindo considers the message of the Gita to be the basis of the great spiritual movement which has led and will lead humanity more and more to its liberation, that is to say, to its escape from falsehood and ignorance, towards the truth."

(CWM - 10, p. 63)

ଏହାର ସାରାର୍ଥ ହେଲା ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ବିଶାଳ ଆଧ୍ୟାତ୍ମିକ ବିପ୍ଳବର ଭିତ୍ତି ହେଲା ଗୀତା । ଏହି ବିପ୍ଳବ ଅତୀତରେ ମାନବସମାଜକୁ ଅଗ୍ରଗାମୀ କରିଛି ଏବଂ ଭବିଷ୍ୟତରେ କରିବାକୁ ଯାଉଛି ଅଧିକାଧିକ ଭାବରେ ତା'ର ମୁକ୍ତିମାର୍ଗରେ । ଏହି ମୁକ୍ତି ଅଜ୍ଞାନ ଓ ମିଥ୍ୟାଚାରରୁ ମୁକ୍ତି ଏବଂ ଏହି ଅଗ୍ରଗତି ମାନବ-ସମାଜର ସତ୍ୟ ଦିଗରେ । ଏହି ସତ୍ୟ ବ୍ୟକ୍ତି ଓ ସମାଜର ପ୍ରକୃତ ଲକ୍ଷ୍ୟ ।

ଜଗତରେ ବହୁ ଶାସ୍ତ୍ର, ପୁରାଣ ଓ ଧର୍ମଗ୍ରନ୍ଥ ରହିଛି । ଏଥିରୁ କେତେକ ଧାର୍ମିକ ଆଉ କେତେକ ଲୌକିକ । ଏମାନେ ନାନା ଧର୍ମ ଦର୍ଶନ, ନାନା ପନ୍ଥା, ନାନା ମତବାଦ ଓ କେତେକ ସମ୍ପ୍ରଦାୟର ଭାବଧାରା ବହନ କରୁଛନ୍ତି । ଏଥିରେ ବି ଅଛି ନାନା ପ୍ରତ୍ୟାଦେଶ । କିନ୍ତୁ ମନୁଷ୍ୟର ମନ ଏତେ ସ୍ୱଚ୍ଛ ଓ ଉଜ୍ଜ୍ୱଳ ନୁହେଁ । ଏଣୁ ସେ ଅନ୍ଧଭାବେ ଏକ ବା ଅନ୍ୟ ଶାସ୍ତ୍ରର ବନ୍ଧନରେ ବାନ୍ଧି ହୋଇଯାଏ । ଅର୍ଦ୍ଧପକ୍ୱ ଜ୍ଞାନ, ଅଜ୍ଞାନ ଓ ଜ୍ଞାନ ମଧ୍ୟରେ କ'ଣ ପ୍ରକୃତ ସତ୍ୟ ସେ ବୁଝିପାରେ ନାହିଁ । ସେ ଗୋଟିଏ ଗ୍ରନ୍ଥକୁ ଈଶ୍ୱରଙ୍କ ଶାଶ୍ୱତ ବାଣୀ ବୋଲି ବୁଝି ସେଥିରେ ସମ୍ପୂର୍ଣ୍ଣ ଅନୁରକ୍ତ ହୋଇପଡ଼େ ।

ଜଡ଼ ବିଜ୍ଞାନ ଧର୍ମ ଓ ଆଧ୍ୟାତ୍ମିକତାକୁ ସାମ୍ପ୍ରଦାୟିକ କହୁଛି । ତା' ମତରେ ଦର୍ଶନକୁ କୁହାଯାଇଛି କଳ୍ପନା-ବିଳାସ । ବୁଦ୍ଧିର ଅହଂକାର, ଜ୍ଞାନର ଗର୍ବରେ ଅନ୍ଧ, ଯୁକ୍ତିବାଦୀ ଭ୍ରାନ୍ତ ପଥଗାମୀ ହୋଇ ଏକଦିଗଦର୍ଶୀ ମନୋଭାବ ନେଇ ସେ ଯାହା ଉଦ୍‌ଗାର କରୁଛି ତାହା ଏକମାତ୍ର ସତ୍ୟ ବୋଲି ଦାବି କରିଛି । ଦିବ୍ୟସତ୍ୟର ନାମରେ, ଈଶ୍ୱରଙ୍କ ଆଦେଶ କହି କେଉଁଠି କେଉଁଠି ନରହତ୍ୟା ଚାଲିଛି । ଯାହାଙ୍କୁ ହତ୍ୟା କରାଯାଇଛି ତାଙ୍କୁ କୁହାଯାଇଛି ଈଶ୍ୱର ବିରୋଧୀ, ଧର୍ମଦ୍ରୋହୀ, କାଫେର୍ । କିନ୍ତୁ ଆମ ଧର୍ମମତଠାରୁ କାହାର ମତ ଭିନ୍ନ ହେଲା ବୋଲି ତାକୁ ହତ୍ୟା କରିପାରିବା ନାହିଁ । ସର୍ବ ଧର୍ମ, ସର୍ବ ପନ୍ଥାକୁ ସମ୍ମାନ ଦିଏ ଆର୍ଯ୍ୟ ସଂସ୍କୃତି । ସେ ଜାଣେ ଈଶ୍ୱର ଉପଲବ୍ଧିର ପଥ ଅନେକ । ଯେଉଁ ପଥ ଯାହା ପାଇଁ ଅନୁକୂଳ, ନିଜ ନିଜର ସ୍ୱଭାବ-ସ୍ୱଧର୍ମକୁ ନେଇ ସେ ସେଇ ପଥରେ ଯିବ । ଏଣୁ ତନ୍ତ୍ର କହେ କାହାର ଦର୍ଶନର ନିନ୍ଦା କର ନାହିଁ । ''ସର୍ବଦର୍ଶନାନିନ୍ଦା'' (ସର୍ବଦର୍ଶନ+ଅନିନ୍ଦା) । ଏଣୁ ଆମ ପ୍ରତିବେଶୀ ଅନ୍ୟ ମାର୍ଗୀ ହେଲେ ମଧ୍ୟ ଆମେ ତାକୁ ଆଦର କରୁ; ଶ୍ରଦ୍ଧା କରୁ, ସମ୍ମାନ କରୁ, କାରଣ ଆମେ ବିଶ୍ୱାସ କରୁ ଓ ସ୍ୱୀକାର କରୁ ଯେ ସତ୍ୟ ଏକ, ଈଶ୍ୱର ଏକ — ସେ ସର୍ବତ୍ର ବିଦ୍ୟମାନ । ସେ କାହାର ଏକମାତ୍ର ବ୍ୟକ୍ତିଗତ ସମ୍ପତ୍ତି ନୁହନ୍ତି, ଯେପରି ଆକାଶ, ବାୟୁ ଇତ୍ୟାଦି । ଏଣୁ ସକଳ ମଧ୍ୟରେ

ଈଶ୍ୱର ବିଦ୍ୟମାନ ଅଛନ୍ତି ବୋଲି ଆମେ ଜାଣୁଥିବାରୁ ଆମେ କାହାକୁ – ସେ ଯେଉଁ ଧର୍ମର, ଯେଉଁ ଭାଷାର, ଯେଉଁ ଦେଶର ହୁଅନ୍ତୁ ତାଙ୍କୁ ବାଧ ତ କରିବା ଦୂରର କଥା ତାକୁ ଅସମ୍ମାନ କରିପାରିବା ନାହିଁ ।

ହଁ, ଆମ ଧର୍ମମାନଙ୍କରେ କିଛି ଅନ୍ଧବିଶ୍ୱାସ ରହିଯାଇଛି । ତଥାପି ଏଥିରେ ମଧ୍ୟ ଅନେକ ମହତ୍ କଥା ଅଛି । ଆମେ ଭ୍ରମର ସମାଲୋଚନାରେ ଲାଗି ନପଡ଼ି, ତା' ମଧ୍ୟରେ କ'ଣ ସତ୍ୟ ଅଛି ଓ ତାହା କିପରି ଆମ ଉପଯୋଗୀ ହୋଇପାରିବ ତା'ର ସନ୍ଧାନ କରିବା । ଏପରି ସନ୍ଧାନ ଏବେ ଆରମ୍ଭ ହୋଇ ଯାଇଛି । ଏହାହିଁ ହେବ ଆମର କଲ୍ୟାଣପ୍ରଦ । ଏହାହିଁ ଶ୍ରୀଅରବିନ୍ଦଙ୍କ ବିଚାର ।

କିନ୍ତୁ ଏଇଠି ଆମେ ଭୁଲ୍ କରି ବସୁ ଯେ ଆମ ଶାସ୍ତ୍ର ସବୁ ବ୍ରହ୍ମବାକ୍ୟ, ଏହା ମନେ କରି ଦାବି କରୁ ତାହା ସର୍ବଗ୍ରାହ୍ୟ । ତହିଁରୁ ତିଳେ ବି ଆମେ ବାଦ୍ ଦେଇ ପାରିବୁ ନାହିଁ । ଏହା ଅପରିବର୍ତ୍ତନୀୟ, ଏଣୁ ସର୍ବପ୍ରଥମେ କେଉଁ ଦୃଷ୍ଟି, କେଉଁ ମନୋଭାବ ନେଇ ଆମେ ବେଦ, ଉପନିଷଦ୍ ଓ ଗୀତା ପରି ପ୍ରାଚୀନ ଶାସ୍ତ୍ରାନୁସନ୍ଧାନ କରିବା ଏବଂ ସେଥିରେ ଯାହାସବୁ ଅଛି ତହିଁରେ କ'ଣ ସବୁ ଆମ ଜୀବନ ଓ ଭବିଷ୍ୟତ୍ ଉପଯୋଗୀ ବାର୍ତ୍ତା ଅଛି ତାହା ଜାଣିବାର ଚେଷ୍ଟା କରିବା – ତାହାହିଁ ମୁଖ୍ୟ କଥା । ଆମକୁ ଶ୍ରୀଅରବିନ୍ଦ ଏଇ ଦିଗରେ ପ୍ରଣୋଦିତ କରୁଛନ୍ତି ।

ଆମେ ନିଶ୍ଚୟ ଅନୁସନ୍ଧାନ କରିବୁ ଏପରି ଏକ ସତ୍ୟ, ଯାହା ଅନ୍ୟ ସମସ୍ତ ସତ୍ୟର ମୂଳଉତ୍ସ, ଯାହା ଅଖଣ୍ଡ, ଶାଶ୍ୱତ ଓ ସନାତନ । ସେପରି ସତ୍ୟ ଏକ ନିର୍ଦ୍ଦିଷ୍ଟ ନିୟମବଦ୍ଧ ନୋହିପାରେ । ଏପରି ସତ୍ୟ କୌଣସି ଏକ ଶାସ୍ତ୍ରରେ ପରମ ରୂପରେ ପ୍ରକାଶ ପାଇବା ସମ୍ଭବ ନୁହେଁ । ଗୋଟିଏ ଗୁରୁ ବା ମହାପୁରୁଷ ସେ ଯେତେ ଜ୍ଞାନୀ ହେଲେ ମଧ୍ୟ ଏହି ସତ୍ୟକୁ ସମ୍ପୂର୍ଣ୍ଣ ଭାବେ ଅଭିବ୍ୟକ୍ତ କରିପାରିବେ ନାହିଁ ବା ଏହି ସତ୍ୟ ମଧ୍ୟ ଚିରନ୍ତନ ସତ୍ୟ, ଏକଥା କେହି ଦାବି କରିପାରିବେ ନାହିଁ । ତଥାପି ଅଜ୍ଞାନ ଓ ଅସହିଷ୍ଣୁତାରେ ଆମେ ଅନ୍ୟ ଶାସ୍ତ୍ରର ପୃଷ୍ଠା ଲେଉଟାଇ ନଥାଉ । ତା'ର ସମାଲୋଚକ ହୋଇଯାଉ । ଏହା ଅନୁଚିତ । ଆମ ସଂସ୍କୃତି ସବୁ ଧର୍ମ ସଂସ୍କୃତିର ଆଦର କରେ । ଏଥିରେ ଅସହିଷ୍ଣୁତାର ସ୍ଥାନ ନାହିଁ ।

ପ୍ରତ୍ୟେକ ଶାସ୍ତ୍ରରେ ଦୁଇ ଧରଣର ଉପାଦାନ ରହିଛି । ଗୋଟିଏ ତାତ୍କାଳିକ ଓ ଅସ୍ଥାୟୀ ଏବଂ ଅପରଟି ଶାଶ୍ୱତ, ଯାହା ସବୁ ଯୁଗ ପାଇଁ ଅପରିହାର୍ଯ୍ୟ । ପ୍ରଥମଟି ନଶ୍ୱର, ତାହା ଯେଉଁ ଯୁଗର, ଯେଉଁ ନିର୍ଦ୍ଦିଷ୍ଟ ଘଟଣା ଓ ନିର୍ଦ୍ଦିଷ୍ଟ ଦେଶର ବିଷୟକୁ ନେଇ ଆଧାରିତ, ତାହା ଦେଶ ଓ କାଳର ସୀମା ମଧ୍ୟରେ ଆବଦ୍ଧ । ପୁଣି ଯେଉଁ ସତ୍ୟ ପୂର୍ବେ କୁହାଯାଇଥାଏ, ତାହା ଯେଉଁ ପ୍ରଣାଳୀରେ, ଯେଉଁ ବୁଦ୍ଧିଗତ ଛାଞ୍ଚ ଦ୍ୱାରା, ଯେଉଁ ଭାଷାରେ ତାହା ଅଭିବ୍ୟକ୍ତ ହୋଇଥାଏ, ତାହା ପରବର୍ତ୍ତୀ କାଳରେ ପରିବର୍ତ୍ତିତ ହୋଇଯାଏ; ଏଣୁ ତାହା ସେତେବେଳେ ଲୋକେ ଯେପରି ଅର୍ଥରେ ବୁଝୁଥିଲେ ଆମେ ତାକୁ ଏବେ ସେପରି ଭାବେ ବୁଝୁଛୁ ବୋଲି ନିଶ୍ଚିତ ହୋଇ ପାରିବା ନାହିଁ ।

ଯେଉଁ ସମୟରେ ଗୀତା ରଚନା କରାଯାଇଥିଲା, ସେତେବେଳେ ତତ୍କାଳୀନ ସମାଜ ତାକୁ ଯେଉଁ ଅର୍ଥରେ ବୁଝିଥିଲା, ତାହା ସମ୍ଭବତଃ ଆମେ ଯଥାଯଥ ଭାବେ ଜାଣି ନପାରୁ – ମାତ୍ର ବର୍ତ୍ତମାନ ଓ ଭବିଷ୍ୟତ୍ ଦିଗରେ ଗୀତାର ଯାହା ମୂଲ୍ୟବାନ୍ ନିର୍ଦ୍ଦେଶ ଅଛି ତାହା ଜାଣି ତାକୁ ଜୀବନରେ ପ୍ରୟୋଗ କରି ଜାଣିଲେ ତାହା ହେବ ଆମ ପାଇଁ ଉପଯୋଗୀ । ଗୀତା ସମ୍ବନ୍ଧରେ ବିଭିନ୍ନ ପ୍ରାଚୀନ ପଣ୍ଡିତ ଓ ଆଧୁନିକ ଜ୍ଞାନୀମାନେ ନିଜ ସମ୍ପ୍ରଦାୟ ଅନୁକୂଳ ପରସ୍ପର ବିରୋଧୀ ଭାଷ୍ୟମାନ ରଚନା କରିଛନ୍ତି ଓ ଏବେ ମଧ୍ୟ କରି ଚାଲିଛନ୍ତି । ଏସବୁ ଦାର୍ଶନିକତାକୁ ବାଦ୍ ଦେଇ ଆମକୁ ବାସ୍ତବ ଜୀବନର ସତ୍ୟକୁ ଖୋଜିବାକୁ ହେବ । ଆମକୁ ଏହି ଗ୍ରନ୍ଥର ମହାନ୍ ପ୍ରଭାବକୁ, ସତ୍ୟକୁ ଗ୍ରହଣ କରି ତାକୁ ଯୁଗୋଚିତ ପ୍ରକାଶ ଭଙ୍ଗୀ ଓ ଭାଷାରେ, ଜୀବନର ଉପଯୋଗୀ ହେବା ଭଳି ଭାଷାରେ ପ୍ରକାଶ କରିବାକୁ ହେବ । ଏହାହିଁ ଗ୍ରନ୍ଥ ରଚନାର ମୂଳ ଉଦ୍ଦେଶ୍ୟ । ଆଉ ସବୁ ପାଣ୍ଡିତ୍ୟପୂର୍ଣ୍ଣ ତର୍କ-ବିତର୍କ ଓ ଧାର୍ମିକ ବାଦାନୁବାଦ । ଏହାର ଉପଯୋଗିତା କ'ଣ ?

ଗୀତାର ମୁଖ୍ୟ କଥା ଏକ ସାର୍ବଜନୀନ ଓ ବ୍ୟାପକ ସତ୍ୟର ପ୍ରକାଶ । ଅତ୍ୟନ୍ତ କମ୍ ବିଷୟ ଏଥିରେ କୌଣସି ଦେଶ କାଳରେ ସୀମାବଦ୍ଧ । ସିଏ ମଧ୍ୟ ସାର୍ବଜନୀନ ରୂପ ନେଇପାରେ ଗ୍ରନ୍ଥର ଭାବ ଓ ଶିକ୍ଷାରେ ଆଞ୍ଚ ନଆଣି । ଗୀତା ମଧ୍ୟ ଅନେକ ସ୍ଥଳରେ ଏପରି ଇଙ୍ଗିତ ଦିଏ । ଗୀତାର ରୂପକତାରେ ବାନ୍ଧି ନହୋଇ ଏହା ମଧ୍ୟରୁ ସାର ଖୋଜିବାକୁ ହେବ । କାରଣ ''ସାରଂ ଗୃହ୍ଣାତି ପଣ୍ଡିତଃ'' । ଏଣୁ ଆମକୁ ଏଥିରୁ ଜୀବନ୍ତ ଓ କାର୍ଯ୍ୟକାରୀ ସତ୍ୟମାନଙ୍କୁ ଖୋଜିବାକୁ ହେବ । ଗୀତାରେ ଏପରି ନିର୍ଦ୍ଦେଶ ବି ଅଛି ।

ଏହି କଥା ବୁଝିବାକୁ 'ଯଜ୍ଞ' କ'ଣ ତା'ର ବିଚାର କରାଯାଉ । ଋଷିମାନେ ଯଜ୍ଞ ମାଧ୍ୟମରେ ଦେବତା ଓ ମନୁଷ୍ୟ –

ଉଭୟଙ୍କ ମଧ୍ୟରେ ଦାନ ପ୍ରତିଦାନ କରୁଥିଲେ; ସମ୍ପର୍କ ଯୋଡ଼ୁଥିଲେ ।

ଦୈବମେବାପରେ ଯଜ୍ଞଂ ଯୋଗିନଃ ପର୍ଯ୍ଯୁପାସତେ ।
ବ୍ରହ୍ମାଗ୍ନାବପରେ ଯଜ୍ଞଂ ଯଜ୍ଞେନୈବୋପଜୁହ୍ୱତି ।
(ଗୀତା, ଅଧ୍ୟାୟ - ୪, ମନ୍ତ୍ର - ୨୫)

କେତେକ ଯୋଗୀ ଦେବ ପୂଜନ ଭାବେ, ଅନ୍ୟ କେତେକ ପରମାତ୍ମାଙ୍କୁ ଅଭେଦ ଦର୍ଶନ କରି ଅଗ୍ନିରେ ଅର୍ପଣ କରନ୍ତି ।

ଅନ୍ୟ ଏକ ମନ୍ତ୍ରରେ –
ବ୍ରହ୍ମାର୍ପଣଂ ବ୍ରହ୍ମ ହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।
ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧନା ।
(ଗୀତା, ୪, ମନ୍ତ୍ର-୨୪)

ଯଜ୍ଞାର୍ପିତ ଉପକରଣ, ହବନ ଯୋଗ୍ୟ ଦ୍ରବ୍ୟ, ଯଜ୍ଞ କର୍ତ୍ତା, ଆହୁତି କ୍ରିୟା, ତା'ର ଗତି ଓ ଫଳ ସବୁ ବ୍ରହ୍ମ । ଏଣୁ ଯଜ୍ଞ ଈଶ୍ୱରାର୍ପିତ କାର୍ଯ୍ୟ । ଯଜ୍ଞର ଏଇ ଆଧ୍ୟାତ୍ମିକ ଧାରଣା ଭାରତ ବର୍ଷରେ କେଉଁ ଦିନୁ ବିଲୁପ୍ତ ହୋଇଗଲାଣି । ଯଜ୍ଞ ଏକ ଶବ୍ଦରେ ଏବଂ ବାହ୍ୟାନୁଷ୍ଠାନ ରୂପେ ରହିଛି । କ୍ୱଚିତ୍ କିଏ ଏହାର ଭାବ ଓ ମର୍ମରେ ଉଦ୍‌ବୁଦ୍ଧ । ବରଂ ସାଧାରଣଙ୍କ ମନରେ ଏହାର ବାସ୍ତବ ଧାରଣା ନାହିଁ । ଏହା ଏବେ ଏକ ଲୋକ ଦେଖାଣିଆ ଆଡ଼ମ୍ବର, ଉତ୍ସବର ରୂପ ନେଇଛି ।

ଗୀତାରେ ଯଜ୍ଞ ଶବ୍ଦର ଅର୍ଥ ସାଙ୍କେତିକ ଓ ପ୍ରତୀକ, ଏଣୁ ସୂକ୍ଷ୍ମାତିସୂକ୍ଷ୍ମ । ଏହି ଦେବତାଙ୍କ ରୂପ ଓ ଯଜ୍ଞ ଅନ୍ତର୍ଜଗତରେ ଓ ବହିର୍ଜଗତରେ ପ୍ରାକୃତିକ ସତ୍ୟର ଅଭିବ୍ୟକ୍ତି ରୂପେ ଗ୍ରହଣ କରାଯାଇପାରେ । କାରଣ ଦେବତାଙ୍କ ରୂପକୁ ବିଶ୍ୱଗତ ଓ ଦାର୍ଶନିକ ରୂପ ଦିଆଯାଇଛି । ଗୀତା ଅନ୍ୟ ପାଇଁ ଉତ୍ସର୍ଗ କରିବାର ପଥ ଦେଖାଇଛି । ଆଧୁନିକ ବିଜ୍ଞାନ କହୁଛି ପ୍ରତି-ନିତି ଆମର ଇତର ପ୍ରାଣୀଙ୍କ ମଧ୍ୟରେ ଆଦାନ ପ୍ରଦାନ ଚାଲିଛି । ଏଇ ଆତ୍ମୋତ୍ସର୍ଗର ଧାରାକୁ ନିୟମିତ ଓ ଶୃଙ୍ଖଳିତ ତଥା ଅବିରୁଦ୍ଧ କରିବାକୁ ହେବ । ଏହାକୁ କରିବାକୁ ହେବ ସତ୍ୟରେ ସମୁଜ୍ଜ୍ୱଳ, ଉଦ୍‌ଭାସିତ ଏବଂ ଗଭୀର ଓ ବ୍ୟାପକତର ।

ସେହିପରି ଯଦି ଶାସ୍ତ୍ରାନୁମୋଦିତ ଚାତୁର୍ବର୍ଣ୍ଣ୍ୟ, ସ୍ତ୍ରୀ-ଶୂଦ୍ରଙ୍କ ସାମାଜିକ ଓ ଧର୍ମାଧିକାରକୁ ଆକ୍ଷରିକ ଅର୍ଥରେ ଗ୍ରହଣ କରାଯାଏ ତେବେ ଗୀତାର ଶିକ୍ଷା ତା'ର ସାର୍ବଜନୀନତା ଓ ଆଧ୍ୟାତ୍ମିକତାକୁ ଅନେକ ଭାବେ ହରାଇ ସଂକୀର୍ଣ୍ଣ ହୋଇଯିବ । ଏଣୁ ଏସବୁର ସାଙ୍କେତିକତାକୁ ବୁଝିବାକୁ ହେବ । ଆମେ ଏହାର ଦେଶ, କାଳର ବାହ୍ୟ ରୂପର ପରଦା ହଟାଇ ଗଭୀରକୁ ନଯାଇ ଯଦି ଶାବ୍ଦିକ ଅଭିଧାର୍ଥରେ ସତ୍ୟ ଖୋଜିବା, ତେବେ ଗୀତାର ମର୍ମ ଆମ ପାଇଁ ଅଜଣା ରହିଯିବ । ଗୀତାର ଗଭୀରତର ସତ୍ୟ ବିଶେଷ ଦାର୍ଶନିକ, ଆଧ୍ୟାତ୍ମିକ ଓ ସାର୍ବଜନୀନ ।

ଆମ ଶାସ୍ତ୍ରମାନେ ଆମକୁ ସୁସଂସ୍କୃତ, ଜ୍ଞାନଦୀପ୍ତ ହୋଇ ଅସଂସ୍କୃତ ପାଶବିକ ଜୀବନକୁ ପରିହାର କରି ଉଚ୍ଚତମ ସତ୍ୟରେ ବାସ କରିବାକୁ ସର୍ବତ୍ର ଇଙ୍ଗିତ ଦିଅନ୍ତି । ଚତୁର୍ବର୍ଣ୍ଣ ସମ୍ପର୍କରେ ଗୀତାର ବିଚାର ସ୍ପଷ୍ଟ । ଗୀତାରେ ଚାରି ଜାତିର ବିଚାର ହୋଇ ନାହିଁ । କିଏ ବଡ଼, କିଏ ସାନ ଗୀତା କେଉଁଠି କହି ନାହିଁ । ଶୂଦ୍ର ଓ ନାରୀ ଜାତି ସମ୍ପର୍କରେ ଆମେ ଯେପରି ବିଚାର କରୁ ଗୀତା ସେପରି ଅସମ୍ମାନଜନକ ଶବ୍ଦ କାହା ପ୍ରତି କେଉଁଠି ବ୍ୟବହାର କରି ନାହିଁ । ଗୀତା ବେଦର ସାର । ବେଦରେ ପରମ ଦେବତାଙ୍କ ମୁଖରୁ ବ୍ରାହ୍ମଣ, ବାହୁରୁ କ୍ଷତ୍ରିୟ, ଉରୁରୁ ବୈଶ୍ୟ ଓ ପାଦରୁ ଶୂଦ୍ରଙ୍କର ପ୍ରକାଶ ବୋଲି କୁହାଯାଇଛି । ଏହା ତାଙ୍କର ଚାରି ଶକ୍ତି ବା ବିଭୂତି । ଜ୍ଞାନ, ଶକ୍ତି, ସର୍ବସମ୍ପନ୍ନତା ଓ କର୍ମ ଏହି ଚାରି ଶକ୍ତିର ପ୍ରକାଶକୁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର କୁହାଯାଉଛି । ଏହି ଚାରିଗୋଟି ଶକ୍ତି ରୂପରେ ଜ୍ଞାନ, ବଳ-ବିକ୍ରମ ରକ୍ଷାଶକ୍ତି, ଦେଶ ସମୃଦ୍ଧି ଓ ସର୍ବକଲ୍ୟାଣ କର୍ମର ପ୍ରକାଶ ରୂପ ଚାରି ବର୍ଣ୍ଣ ମଧ୍ୟରେ । ଏହାହିଁ ଏକ ପୂର୍ଣ୍ଣସମାଜର ରୂପ । ଏଥିରୁ କିଏ ବଡ଼ ନୁହେଁ କି ସାନ ନୁହେଁ । ଯେଉଁ ପାଦରୁ ତ୍ରିଲୋକପାବନୀ ଗଙ୍ଗାଙ୍କର ଉତ୍ପତ୍ତି, ସେହି ପାଦରୁ ଶୂଦ୍ରର ଉତ୍ପତ୍ତି । ଶୂଦ୍ର ତେଣୁ ସର୍ବାଧିକ ପବିତ୍ରକାରୀ, ସେ ଅସ୍ପୃଶ୍ୟ ହେବ କିପରି ? ସମାଜର ଯେଉଁ ବଡ଼ ପଣ୍ଡା ଓ ପଣ୍ଡିତମାନଙ୍କ ବିକୃତ ମସ୍ତକରୁ ଏପରି ବିଚାର ସୃଷ୍ଟି ହୋଇଛି ସେମାନେ ବ୍ରାହ୍ମଣ ପଦବାଚ୍ୟ ନୁହନ୍ତି । ପ୍ରକୃତରେ ସେମାନେ ଅସ୍ପୃଶ୍ୟ । ବ୍ୟାବହାରିକତା ଓ ଲୋକାଚାରର ସଂକୀର୍ଣ୍ଣତାର ବନ୍ଧନୀ ନଭାଙ୍ଗି ମନକୁ ବିଶାଳ ନକଲେ, ଗୀତାରେ ବର୍ଣ୍ଣ ସମ୍ପର୍କରେ ଯେଉଁ ଉଦାର ବିଶାଳ ବିଚାର ଉପସ୍ଥାପନ କରାଯାଇଛି, ଯହିଁରେ ସ୍ୱଭାବ ଓ ସ୍ୱଧର୍ମକୁ ନେଇ ବର୍ଣ୍ଣକୁ ବୁଝାଯାଇଛି, ଯେଉଁଠି ବ୍ରାହ୍ମଣର ପୁତ୍ର ବ୍ରାହ୍ମଣ, କ୍ଷତ୍ରିୟର ପୁତ୍ର କ୍ଷତ୍ରିୟ ହେବ ଏପରି ନିର୍ଦ୍ଦେଶ ନାହିଁ ବରଂ ଏହାର ବହୁ ବ୍ୟତିକ୍ରମ ଆମେ ଦେଖୁ । କାରଣ ଶୂଦ୍ରାଣୀ ଇତରାର ପୁଅ ଐତରେୟ ଉପନିଷଦ୍‌ର ସ୍ରଷ୍ଟା । ଏବେ 'ବର୍ଣ୍ଣ' ସ୍ଥାନରେ 'ଜାତି' ଶବ୍ଦ ବ୍ୟବହାର କରାଯାଉଛି । ଏହା ବୁଝାଉଛି ଜନ୍ମରୁ ଜାତି । ବ୍ରାହ୍ମଣର ପୁତ୍ର ବ୍ରାହ୍ମଣ ହେବ । ଏହା ଅଯୌକ୍ତିକ । ଗୀତାର ଗୁଣ କର୍ମକୁ ଆମେ ଏବେ ଗ୍ରହଣ

କରୁ ନାହୁଁ । ତେବେ କଲେକ୍ଟରର ପୁଅକୁ କଲେକ୍ଟରେ କହିପାରିବା କି ? ଏଣୁ ଗୀତାର ସାର୍ବଜନୀନ ବର୍ଣ୍ଣବିଭାଗ, ଯାହା ମନସ୍ତାତ୍ତ୍ୱିକ, ଗୁଣ ଓ କର୍ମଗତ ବିଭାଗ ତାକୁ ଏବେ ବିକୃତ କରାଯାଇଛି । ଆମକୁ ଗୀତାର ସତ୍ୟ ଓ ତଥ୍ୟ ଅନୁସନ୍ଧାନ କରି ତାକୁ ସମାଜର ଉତ୍ଥାନ ଓ ମଙ୍ଗଳ ପାଇଁ ପୁନଃ ବ୍ୟବହାର କରିବାକୁ ହେବ । ଗୀତାର ପ୍ରତ୍ୟେକ କଥା ପଛରେ ଯେଉଁ ଗଭୀରତର ସତ୍ୟ ଲୁକ୍କାୟିତ ଅଛି ତା'ର ଆବିଷ୍କାର ଏଥିପାଇଁ ଅବଶ୍ୟମ୍ଭାବୀ ଏବଂ ଅପରିହାର୍ଯ୍ୟ । ତା'ରି ମାଧ୍ୟମରେ ସମାଜର ସଂସ୍କାର ହେବ । ଏଣୁ ଗୃହଲକ୍ଷ୍ମୀ ନାରୀ ପୂଜ୍ୟା ନହୋଇ ଅସମ୍ମାନିତା ହୋଇ ପାରିବ କିପରି ? କାରଣ କୁହାଯାଇଛି 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ' ।

ଏହି ପରିପ୍ରେକ୍ଷୀରେ ତତ୍‌କାଳୀନ ଧର୍ମ ଓ ଦାର୍ଶନିକ ପରିଭାଷା, ପ୍ରତୀକ ଓ ସିଦ୍ଧାନ୍ତମାନଙ୍କର କିପରି, କେଉଁ ଅର୍ଥରେ ବ୍ୟବହାର କରାଯାଇଥିଲା ତା'ର ମର୍ମଭେଦ ନକରି ଉପରଠାଉରିଆ ଅର୍ଥାନୁମାନ କରିବାରେ ତ୍ରୁଟି ଅବଶ୍ୟହିଁ ଘଟିବ, ଯାହା ଏବେ ଘଟୁଛି । ଗୀତାରେ ସାଂଖ୍ୟ ଓ ଯୋଗ ସମ୍ବନ୍ଧରେ ଯେଉଁ ଆଲୋଚନା ହୋଇଛି ତା' ସହ ପତଞ୍ଜଳି ଯୋଗର ତୁଳନାତ୍ମକ ଆଲୋଚନା କରିବାର ଆମର କୌଣସି ଅଭିପ୍ରାୟ ନାହିଁ । ଗୀତାର ସାଂଖ୍ୟରେ ପୁରୁଷ ଏକ କିନ୍ତୁ ପ୍ରାଚୀନ ସାଂଖ୍ୟରେ ପ୍ରକୃତି ଏକ, ପୁରୁଷ ଅନେକ । ଗୀତାର ଯୋଗ ବହୁମୁଖୀ, ସୂକ୍ଷ୍ମ ଓ ଈଶ୍ୱର ଇଚ୍ଛାର ଅନୁବର୍ତ୍ତୀ । ମାତ୍ର ପତଞ୍ଜଳି ଯୋଗ ଶାସ୍ତ୍ରୀୟ, ସୂତ୍ରବଦ୍ଧ । ତା'ର ପ୍ରଣାଳୀ କ୍ରମିକ । ଗୀତାରେ ଯୋଗ ଓ ସାଂଖ୍ୟ ଏକ ଆଧ୍ୟାତ୍ମିକ ସତ୍ୟର ଦୁଇ ବିଭାଗ । ଏମାନେ ପରିପୂରକ । ଏମାନେ ଗୋଟିଏ ସ୍ଥାନରେ ସମନ୍ୱିତ । ''ସାଂଖ୍ୟ'' ଦାର୍ଶନିକ, ବିଶ୍ଳେଷଣାତ୍ମକ କିନ୍ତୁ ''ଯୋଗ'' ଅନ୍ତଃସ୍ଫୁରିତ, ଭକ୍ତିମୂଳକ ଓ ବ୍ୟାବହାରିକ । ଗୀତାର ମୂଳ ଧର୍ମ ନୁହେଁ, ମୂଳ ଆଧ୍ୟାତ୍ମିକତା । ତେବେ ସେ ଯାହା ହେଉ ଗୀତାର ଶିକ୍ଷା ସାର୍ବଜନୀନ । ଏହା ସର୍ବ ସାଂପ୍ରଦାୟିକତାର ଊର୍ଦ୍ଧ୍ୱରେ ଏବଂ ଏହା ସର୍ବ ସମନ୍ୱୟାତ୍ମକ ତଥା ସର୍ବାଲିଙ୍ଗନକାରୀ ଓ ଉଦାର । ଭାରତୀୟ ଦର୍ଶନର ଦୁଇଟି ଦିଗ । ଗୋଟିଏ ଏକମୁଖୀ, ଅନ୍ୟଟି ସମନ୍ୱୟବାଦୀ । ଜ୍ଞାନ ଏକମୁଖୀ । ଗୀତା ସମନ୍ୱୟବାଦୀ । ଏଠି ଜ୍ଞାନ, ଭକ୍ତି, କର୍ମ ଏସବୁ ଭାଗ ଭାଗ ହୋଇ ନାହିଁ । ସବୁର ହୋଇଛି ମହାସମନ୍ୱୟ । ଗୀତାର ଅନ୍ତର୍ଭେଦୀ ଧାରଣା ଆମର ସଦାଗ୍ରହଣୀୟ । ଏହା କୌଣସି ମତବାଦର ସମର୍ଥକ ନୁହେଁ ।

ଗୀତା କୌଣସି ନିର୍ଦ୍ଦିଷ୍ଟ ଦାର୍ଶନିକବାଦ ନୁହେଁ । ଶ୍ରୀଅରବିନ୍ଦଙ୍କ ଭାଷାରେ –''The thought of the Gita is not pure Monism although it sees in one unchanging, pure, eternal Self the foundation of all cosmic existence, nor Mayavada although it speaks of the Maya of the three modes of Prakriti omnipresent in the created world; nor is it qualified Monism although it places in the One his eternal supreme Prakriti manifested in the form of the Jiva and lays most stress on dwelling in God rather than dissolution as the supreme state of spiritual consciousness; nor is it Sankhya although it explains the created world by the double principle of Purusha and Prakriti; nor is it Vaishnava Theism although it presents to us Krishna, who is the Avatara of Vishnu according to the Puranas, as the supreme Deity and allows no essential difference nor any actual superiority of the status of the indefinable relationless Brahman over that of this Lord of beings who is the Master of the universe and the Friend of all creatures.''

(CWSA, Vol.-19, p. 8)

ଗୀତାର ଭାବଧାରା ବିଶୁଦ୍ଧ ଅଦ୍ୱୈତବାଦ ନୁହେଁ । କିନ୍ତୁ ଏହା ପରମାତ୍ମାଙ୍କୁ ସୃଷ୍ଟିର ଆଦିକାରଣ କହେ । ଏହା ମାୟାବାଦ ନୁହେଁ । ତଥାପି ସୃଷ୍ଟିରେ ତ୍ରିଗୁଣମୟୀ ମାୟାର ଭୂମିକାକୁ ସ୍ୱୀକାର କରେ । ଏହା ବିଶିଷ୍ଟ-ଦ୍ୱୈତବାଦ ବି ନୁହେଁ । ଏସବୁ ସତ୍ତ୍ୱେ ଏହା ଏକମେବାଦ୍ୱିତୀୟମ୍ – ପରଂବ୍ରହ୍ମ ମଧ୍ୟରେ ତା'ର ଜୀବଭୂତା ସନାତନୀ ପରାପ୍ରକୃତିକୁ ସ୍ଥାନୀତ କରିଛି । ଏହା ମଧ୍ୟ ପରମେଶ୍ୱରଙ୍କ ମଧ୍ୟରେ ବିଲୟ ନୁହେଁ, ତାଙ୍କ ମଧ୍ୟରେ ନିବାସକୁ ଚରମ ଅବସ୍ଥା ବୋଲି କହୁଛି । ପୁରୁଷ ଓ ପ୍ରକୃତିର ବ୍ୟାଖ୍ୟା ଏହା ମଧ୍ୟରେ ମିଳେ, ତଥାପି ଏହା ସାଂଖ୍ୟ ନୁହେଁ । ଏହା ଶ୍ରୀକୃଷ୍ଣଙ୍କୁ ପରମ ଦେବ, ସର୍ବପ୍ରାଣୀଙ୍କ ଈଶ୍ୱର, ଜଗତର ପ୍ରଭୁ ଓ ସର୍ବଜନ ବନ୍ଧୁ ବୋଲି ସ୍ୱୀକାର କରେ । କିନ୍ତୁ

ଅନିର୍ଦ୍ଦେଶ୍ୟ, ନିର୍ବିଶେଷ ବ୍ରହ୍ମ ସହ ଶ୍ରୀକୃଷ୍ଣଙ୍କ କୌଣସି ମୌଳିକ ତାରତମ୍ୟ ଥିବା କଥା ଗୀତା ସ୍ୱୀକାର କରେ ନାହିଁ, ଏଣୁ ଏହା ବୈଷ୍ଣବ ଧର୍ମର ଈଶ୍ୱରବାଦ ନୁହେଁ । ଯଦିଚ ଏହାର ଶ୍ରୀକୃଷ୍ଣଙ୍କୁ ପୁରାଣ ବିଷ୍ଣୁଙ୍କ ଅବତାର ବୋଲି କହେ ।

ଗୀତାର ସମନ୍ୱୟରେ କୌଣସି ଅନୁଦାର ନିର୍ଦ୍ଧାରଣ ନାହିଁ । ଏଣୁ ଏଥିରେ ସାର୍ବଜନୀନତାରେ ବାଧା ପଡ଼େ ନାହିଁ । ଏହି ସମନ୍ୱୟ ଏକାଧାରରେ ବୁଦ୍ଧିଗତ ଓ ଆଧ୍ୟାତ୍ମିକ । ଏହା ଆଧ୍ୟାତ୍ମିକ ଅନୁଭୂତିର ତୁଙ୍ଗିମାକୁ ସ୍ପର୍ଶ କରିବାକୁ ଏକ ଉନ୍ମୁକ୍ତ ଦ୍ୱାର ବା ଏକ ନିଃଶ୍ରେଣୀ । ଏହା ମଧ୍ୟରେ କାହା ସହ କାହାର ବିଭାଜନ ନାହିଁ ବରଂ ଅଛି ଏକ ସଂହତ ସମନ୍ୱୟ । ଏଣୁ ଏହା ସର୍ବବାଦ ଏବଂ ତହିଁରୁ ଅଧିକ ।

ସନାତନ ସତ୍ୟଜ୍ଞାତା ଋଷି ଯେଉଁ ଦିବ୍ୟଦର୍ଶନ ଲାଭ କରିଥିଲେ, ସେସବୁର ସମନ୍ୱୟ ଉପନିଷଦ୍ । ଗୀତାର ଭିତ୍ତି ସେହି ବୈଦାନ୍ତିକ ସମନ୍ୱୟ । ସେହି ସମନ୍ୱୟର ଭିତ୍ତିରେ ଗୀତା ଜ୍ଞାନ, କର୍ମ, ଭକ୍ତିର ନୂତନ ସମନ୍ୱୟ ଗଠନ କରିଛି । ସେଇ ସମନ୍ୱୟ ଭିତ୍ତିରେ ମାନବାତ୍ମା ଈଶ୍ୱରଙ୍କୁ ପ୍ରତ୍ୟକ୍ଷ ଓ ଲାଭ କରିପାରିବ । ଏଇ ସମନ୍ୱୟ ସହ ଅନ୍ୟ ଏକ ସମନ୍ୱୟ ମିଳେ ତନ୍ତ୍ରରେ । ପୌରାଣିକ ପରମ୍ପରା ସମୃଦ୍ଧ ହୋଇଛି ଏଇ ତନ୍ତ୍ରରୁ । ଏହି ସମନ୍ୱୟ ଗୀତାର ସମନ୍ୱୟଠାରୁ ଆଧ୍ୟାତ୍ମିକ ଗଭୀରତା ଦୃଷ୍ଟିରୁ କମ୍ କିନ୍ତୁ ଗୀତାଠାରୁ ଏଥିରେ ଅଧିକ ଶକ୍ତି ଓ ସାହସର ପ୍ରକାଶ ଘଟିଛି । କାରଣ ତନ୍ତ୍ରପରି କିଏ ସାଧନାର ବାଧାବିଘ୍ନମାନଙ୍କୁ ବାଧ୍ୟ କରି ଆଧ୍ୟାତ୍ମିକ ବିଜୟରେ ସହାୟକ କରିପାରି ନାହିଁ । ଏହା ବି ଆଶୁଫଳପ୍ରଦ । ଏହା ନିଜ ପରିସରରେ ହଠ ଓ ରାଜଯୋଗକୁ ଗ୍ରହଣ କରିଛି । ସେମାନଙ୍କ ଗୁହ୍ୟ ରହସ୍ୟମାନଙ୍କୁ ସ୍ୱ-ସାଧନାରେ ସଫଳ ପ୍ରୟୋଗ କରିପାରିଛି । ସେ ଦିବ୍ୟଜୀବନକୁ ସକଳ ସତ୍ତାରେ, ସର୍ବଭୂମିରେ ଉନ୍ମୁକ୍ତ କରିପାରିଛି । ଏହାର ସାଧନା କ୍ଷେତ୍ର ମନ ଓ ଦେହ ସାଧନାକୁ ମଧ୍ୟ ଗୁରୁତ୍ୱ ଦେଇଛି । ଏହା ବୈଦିକ ଋଷିମାନଙ୍କ ଭଳି ଦିବ୍ୟପୂର୍ଣ୍ଣତାକୁ ଆଦର୍ଶଭାବେ ସ୍ୱୀକାର କରିଛି । ଏହା ନିଶ୍ଚୟ ଭବିଷ୍ୟତର ଉପଯୋଗୀ ହେବ,ଏହା ନିଃସନ୍ଦେହ ।

ଶ୍ରୀଅରବିନ୍ଦ କହୁଛନ୍ତି, ଆମେ ଅତୀତ ଉଷାର ନୋହୁଁ, ଆମେ ଭବିଷ୍ୟତ୍ ମଧ୍ୟାହ୍ନର ''We do not belong to the past dawns, but to the noons of the future.''(*Essays on the Gita,* p. 10) ଆମେ ଏକ ନୂତନ ଯୁଗର ଦ୍ୱାରଦେଶରେ । ଆମ ଅତୀତ ଯେତେ ସମୃଦ୍ଧ ହେଲେ ବି ଆମେ ତହିଁରେ ବାନ୍ଧିହୋଇ ରହିପାରିବୁ ନାହିଁ । ଆମେ ବେଦାନ୍ତର ତିନୋଟି ସଂପ୍ରଦାୟ ମଧ୍ୟରୁ କୌଣସି ଗୋଟାକୁ ଜାବୁଡ଼ି ଧରି ସଚ୍ଚାବେଦାନ୍ତୀ ହେବା ବା ତାନ୍ତ୍ରିକ ମତାବଲମ୍ବୀ ହେବା ଅଥବା ଅତୀତର କୌଣସି ଗୋଟିଏ ଈଶ୍ୱରବାଦର ଅନୁରକ୍ତ ହୋଇ ବସିବା ନାହିଁ । ଆମକୁ ମଧ୍ୟ ଗୀତାର ଚଉହଦି ମଧ୍ୟରେ ବାନ୍ଧି ହୋଇ ରହିଯିବାକୁ ହେବ ନାହିଁ । ଅତୀତର ଅନ୍ୟମାନଙ୍କ ସତ୍ତା, ଜ୍ଞାନ ଓ ସ୍ୱଭାବ ନେଇ ଆମକୁ ଜୀବନ ନିର୍ମାଣ କରିବାକୁ ହେବ ନାହିଁ । ଏବେ ଆମ ପାଖକୁ ନୂତନ ଜ୍ଞାନର ବର୍ଷା ହେଉଛି । କେତେ ନୂତନ ତଥ୍ୟ ଓ ସତ୍ୟ ଏବେ ଉପଲବ୍ଧ । ଆମକୁ ଏସବୁ ଐଶ୍ୱରୀୟ ସତ୍ୟମାନ ଆତ୍ମସାତ୍ କରିବାକୁ ହେବ, ଆମକୁ ସବୁ ନବ-ଜ୍ଞାନ, ବିଜ୍ଞାନର ଗବେଷଣା ପ୍ରସୂତ ତଥ୍ୟାବଳୀର ଅନୁଧ୍ୟାନ କରି ସକଳ ସତ୍ୟକୁ ଆତ୍ମସାତ୍ କରିବାକୁ ହେବ । ଅତୀତର ବହୁ ବିଷୟ ମୃତ ବୋଲି କୁହାଯାଉଥିଲେ ମଧ୍ୟ, ତନ୍ମଧ୍ୟରେ ଗୁପ୍ତ ବା ଅବଲୁପ୍ତ ସତ୍ୟମାନଙ୍କୁ ଆବିଷ୍କାର କରି ତାକୁ ବ୍ୟବହାର ଉପଯୋଗୀ କରିବାକୁ ହେବ । ଏସବୁକୁ ଏକ ମହାସମନ୍ୱୟ ଦିଗରେ ବ୍ୟବହାର କରିବା ଆମ ଭବିଷ୍ୟତର ବୌଦ୍ଧିକ ଓ ଆଧ୍ୟାତ୍ମିକ ପ୍ରୟୋଜନ । ଏହି କାର୍ଯ୍ୟାରମ୍ଭର ଭିତ୍ତି ହେବ ଅତୀତର ମହାନ୍ ଚିନ୍ତା ଓ ଅନୁଭୂତିର ସଂହତି । ଏଇ ଦୃଷ୍ଟିରୁ ଗୀତାର ସ୍ଥାନ ବହୁ ଉଚ୍ଚରେ ।

ଯଦି ଏହାହିଁ ଲକ୍ଷ୍ୟ, ତେବେ ଗୀତାକୁ ନେଇ କରାଯାଇ ଥିବା ପାଣ୍ଡିତ୍ୟପୂର୍ଣ୍ଣ ପର୍ଯ୍ୟାଲୋଚନା ବା ନ୍ୟାୟିକ ଢଙ୍ଗରେ ତାର୍କିକ ବିଶ୍ଳେଷଣରୁ ଆମେ କିଛି ଲାଭବାନ୍ ହେବା ନାହିଁ । ଆମେ ଗୀତାକୁ ପ୍ରେମର ସହ ଗ୍ରହଣ କରିବୁ । ତା'ର ଶରଣାପନ୍ନ ହୋଇ ତା'ର ଜ୍ଞାନାଲୋକରେ ଆଲୋକିତ ହେବୁ । ତା'ର ପ୍ରକୃତ ନିର୍ଦ୍ଦେଶ କ'ଣ, ତାକୁ ନେଇ ଆମେ ପଥ ଚାଲିବା । ତାହାହିଁ ଦେବ ଆମକୁ ସର୍ବାଧିକ ଆଧ୍ୟାତ୍ମିକ କଲ୍ୟାଣ ଓ ପରିପୂର୍ଣ୍ଣତା । ଏହା ଆମକୁ ଓ ଆମ ସମାଜକୁ ଏକ ଉନ୍ନତ ଆଧ୍ୟାତ୍ମିକ ମାନବସମାଜରେ ପରିଣତ କରିବ । ଏହାହିଁ ଗୀତାର ସର୍ବୋତ୍ତମ ଉପଯୋଗିତା ।

❑❑❑

# ବୈଜ୍ଞାନିକଙ୍କ ଭେଲିକି

## ନଳିନୀକାନ୍ତ ଗୁପ୍ତ

ପ୍ରଚଳିତ ଅଛି ପରଶ-ପଥରକୁ ଯେଉଁଥିରେ ଛୁଆଁଇ ଦେବ ତାହା ସୁନାରେ ପରିଣତ ହୋଇଯାଏ । ମନୁଷ୍ୟ ବହୁ କାଳ ଧରି ଏଇ ପରଶ ପଥର ଖୋଜି ବାହାର କରିବାକୁ ଚେଷ୍ଟାରେ ଲାଗିଛି । ଆମ ଦେଶର ସାଧୁ-ସନ୍ନ୍ୟାସୀମାନେ ଏଇ ରହସ୍ୟଟି ଜାଣନ୍ତି – ଏ ବିଶ୍ୱାସ ଜନସାଧାରଣଙ୍କ ମଧ୍ୟରେ ଖୁବ୍ ରହିଛି । ଏପରି କଥା ମୁଁ ଶୁଣିଛି ଯେ, ଭେଲିକିବାଲା ବା ଯାଦୁକରର ହାତରେ ମୁଠାଏ ବାଲି ସୁନା ହୋଇ ଯାଇଥିବା ଅନେକେ ନିଜ ଆଖିରେ ଦେଖିଛନ୍ତି ବୋଲି କହନ୍ତି । ଆଜିକାଲିର ଅର୍ଥାଭାବର ଦିନରେ ଏଇ ବିଦ୍ୟାଟା ଆୟତ୍ତ କରି ପାରିଲେ ଖୁବ୍ କାମର ହୁଅନ୍ତା । କିନ୍ତୁ ଦୁଃଖର ବିଷୟ, ଯଦିବା ଏ ବିଦ୍ୟା କେଉଁଠି କାହାକୁ ଜଣାଥାଏ, ସେମାନଙ୍କୁ ଏଇ 'ଶିଶୁ-ବୋଧ'ର ତଥ୍ୟଟି ଜଣା ନାହିଁ ଯେ, ବିଦ୍ୟାକୁ ''ଯେତେ ଦାନ କରାଯାଏ ତାହା ସେତେ ବଢ଼େ'' । (''ବିଦ୍ୟାକୁ ଯତଇ କରିବେ ଦାନ ତତ ଯାବେ ବେଡ଼େ ।'')

ତେବେ ୟୁରୋପୀୟ ବୈଜ୍ଞାନିକମାନେ ଏ ବିଦ୍ୟାଟିକୁ ମାରି ନେବା ପାଇଁ କେତେଦୂର ଯେ ଅଗ୍ରସର ହୋଇଛନ୍ତି, ତାହା ବଡ଼ ଆଶ୍ଚର୍ଯ୍ୟର କଥା । ୟୁରୋପ ଭେଲିକି ମାନେନି, ଲୁଚାଇ-ଚୋରାଇ କିଛି କରେନି । ସେ ଯାହା କରେ ତାହା ବେଶ୍ ଖୋଲାଭାବେ କରେ । ତେଣୁ ଆଶା କରାଯାଏ (ତା' ସହିତ କିଛି ଆଶଙ୍କା ଯେ ହୁଏନି ତା' ନୁହେଁ) ଯେ, ଶୀଘ୍ରହିଁ ମନୁଷ୍ୟର ଅର୍ଥାଭାବ ଆଉ ରହିବ ନାହିଁ, ଲୁହାକୁ ସୁନା କରିବା ଅଥବା ସୁନାକୁ ଲୁହା କରିବା ମନୁଷ୍ୟର ହେବ ସମ୍ପୂର୍ଣ୍ଣ ଇଚ୍ଛାଧୀନ !

ୟୁରୋପୀୟ ବିଜ୍ଞାନ ଆଜି ଦେଖାଉଛି ଯେ, ଧାତୁ ଧାତୁ ମଧ୍ୟରେ ଆଉ ସେଇ ପାର୍ଥକ୍ୟ ନାହିଁ । ଯେତେ ଦିନ ଧାରଣା ଥିଲା ଯେ ଏକ ଏକ ମୂଳ ଧାତୁ ଏକ ଏକ ରକମର ମୂଳ ଜିନିଷ ଦ୍ୱାରା ଗଢ଼ା, ପ୍ରତ୍ୟେକହିଁ ସମ୍ପୂର୍ଣ୍ଣ ଅଲଗା ଅଲଗା ପ୍ରକାରର ପଦାର୍ଥ, ସେତେ ଦିନ ଗୋଟିଏ ଧାତୁକୁ ଅନ୍ୟ ଗୋଟିଏ ଧାତୁରେ ପରିଣତ କରିବାର କୌଣସି ସମ୍ଭାବନା ନଥିଲା । କୋଡ଼ିଏ ବର୍ଷ ପୂର୍ବରୁ (ଲେଖକ ଏ ଲେଖା ଲେଖିବା ସମୟରେ) ପଦାର୍ଥର ଗଢ଼ଣ ସମ୍ବନ୍ଧରେ ବୈଜ୍ଞାନିକମାନେ ଏକଥା କହୁଥିଲେ ଯେ, ପୃଥିବୀରେ ଯାହାକିଛି ରହିଛି ସବୁ ହେଲା କେତେକ ମୌଳିକ ପଦାର୍ଥର ମିଶ୍ରଣ ମାତ୍ର । ଏଇ ମୌଳିକ ପଦାର୍ଥଗୁଡ଼ିକ ଦେଖି ଗୁଣି ଗୁଣି ସେମାନେ ପରଖି ଦେଇଥିଲେ । ମୋଟାମୋଟି ସେଗୁଡ଼ିକର ସଂଖ୍ୟା ହେବ ୬୦ ବା ୭୦ । (ଏବେ ନବେ ପାରେଇଲାଣି) ଅବଶ୍ୟ ମୂଳରୁ ସେମାନେ ସେଗୁଡ଼ିକର ସଂଖ୍ୟା ଖୁବ୍ କମ୍ ବୋଲି କହୁଥିଲେ । ଏଇ ପ୍ରତ୍ୟେକ ପଦାର୍ଥ ନିଜସ୍ୱ ଧାତୁରେ ଗଢ଼ା, ସେଗୁଡ଼ିକର ରହିଛି ନିଜସ୍ୱ ଧର୍ମ,– ଗୋଟିଏ ଯେ ଆଉ ଗୋଟିକରେ ବଦଳିଯିବ ତା'ର କୌଣସି ଉପାୟ ନାହିଁ । ତମ୍ବା ଏହିପରି ଏକ ମୌଳିକ ପଦାର୍ଥ, ସୁନା ଅନ୍ୟ ଏକ ମୌଳିକ ପଦାର୍ଥ, ତମ୍ବା ସହିତ ସୁନା ମିଶାଇ ତମ୍ବାର ମର୍ଯ୍ୟାଦା ଟିକିଏ ବଢ଼ାଇ ଦିଆଯାଇପାରେ କିଂବା ସୁନା ସହିତ ତମ୍ବା ମିଶାଇ ନୀରସ ବା ନିମ୍ନଧରଣର ସୁନା କରାଯାଇପାରେ, ହେଲେ ତମ୍ବାକୁ ସୁନା କରିବା ଅସମ୍ଭବ, ତାହା ଅବୈଜ୍ଞାନିକ କଳ୍ପନା ।

କିନ୍ତୁ ହଠାତ୍ ଦେଖାଗଲା ମନୁଷ୍ୟ-ସମାଜ ପରି ପ୍ରକୃତି-ରାଜ୍ୟରେ ସେ ପ୍ରକାର ଜାତିଭେଦ ନାହିଁ, ଉଚ୍ଚନୀଚ ଧାତୁରେ ଅସ୍ପୃଶ୍ୟଭାବ ନାହିଁ । ଦେଖାଗଲା 'ୟୁରାନିୟମ୍' ନାମକ ଏକ ମୌଳିକ ପଦାର୍ଥ ଆପଣାଛାଏଁ ବଦଳି ଯାଇ 'ରେଡିୟମ୍' ବୋଲି ଆଉ ଏକ ମୌଳିକ ପଦାର୍ଥରେ ପରିଣତ ହେଉଛି – ଏକହିଁ ଧାତୁ ଏହିଭଳି ବଦଳି ବଦଳି ସୀସାରେ ପହଞ୍ଚୁଛି – ଏକଥା ବି ଜଣାଗଲା ।

ଏସବୁ ଦେଖି ଶୁଣି ବୈଜ୍ଞାନିକମାନେ ସେମାନଙ୍କର ପୁରୁଣା ଧାରଣାସବୁ ବିସର୍ଜନ ଦେବାକୁ ବାଧ୍ୟ ହେଲେ, ଏବଂ ସେମାନେ ଖୋଜିବାକୁ ଆରମ୍ଭ କଲେ ଏ ଜିନିଷର କାରଣ । ରେଡିଅମକୁ ନେଇ ପରୀକ୍ଷା ଚାଲିଲା । ଦେଖାଗଲା ରେଡିଅମରୁ କେବଳ ଏକପ୍ରକାର ଆଲୋକ ନିର୍ଗତ ହେଉଛି । ଜୁଳୁଜୁଳିଆ ପୋକ ବା ଜିଆ ଦେହରୁ ଯେଉଁଭଳି ଏକ ଆଲୋକ ବାହାରେ, ଠିକ୍ ସେହିଭଳି ଏଇ ରେଡିଅମରୁ ବି କ୍ରମାଗତଭାବେ ଆଲୋକ ବାହାର କରିବାରେ ଲାଗିଛି । କିନ୍ତୁ ଏ ଆଲୋକ ସାଧାରଣ ଆଲୋକ ପରି ଏକା ପ୍ରକାର ନୁହେଁ – ଏଥିରେ ବିଦ୍ୟୁତ୍‌ର ସ୍ୱଭାବ ଦେଖାଯାଏ; ବିଦ୍ୟୁତ୍‌ର ଯେଉଁ ଧରଣ-ଧାରଣ ଏଇ ଆଲୋକ ରଶ୍ମିର ବି ତାଦୃଶ ଧରଣ-ଧାରଣ । ଅନେକ ପ୍ରକାରର

ଗବେଷଣା କରି ଏହି ଆଲୋକରୁ ତିନି ପ୍ରକାର ରଶ୍ମି ମିଳିଲା – ପ୍ରଥମଟି ହେଲା – (ବିଦ୍ୟୁତ୍ ଯେ ଦୁଇ ପ୍ରକାରର ରହିଛି ତା'ର ବ୍ୟାଖ୍ୟା ଦେବାର ପ୍ରୟୋଜନ ଆମେ ଏଠାରେ ମନେ କରୁ ନାହୁଁ) – ପଜିଟିଭ୍ (Positive) ବିଦ୍ୟୁତ୍ ରଶ୍ମି, ତା'ର ନାମ ଦିଆ ହେଲା a-Ray (କ-ରଶ୍ମି); ଦ୍ୱିତୀୟଟି ହେଲା ନେଗେଟିଭ୍ (Negative) ବିଦ୍ୟୁତ୍ ରଶ୍ମି, ଯାହାର ନାମ ହେଲା b-Ray (ଖ-ରଶ୍ମି); ଆଉ ତୃତୀୟଟି ହେଲା କେବଳ ଆଲୋକ ରଶ୍ମି, ନାମ ତା'ର c-Ray (ଗ-ରଶ୍ମି); ଏବଂ ଏ ତୃତୀୟଟି ହେଲା X-Ray ବା Rontgen-Ray, ଯାହାର ଭିତର ଦେଇ ମୋଟା ଆବରଣ ଭିତରେ ଢଙ୍କା ଥିବା ଜିନିଷ ବି ଖୋଲା ଜିନିଷ ପରି ଦେଖାଯାଏ । ତା'ର ପରବର୍ତ୍ତୀ ଗବେଷଣାରେ ବାହାରିଲା ଯେ ଏଇ ଯେଉଁ କ-ରଶ୍ମି ଓ ଖ-ରଶ୍ମି ତାହା କେବଳ ରେଡିଅମର ଗୁଣ ନୁହେଁ, ଆହୁରି ଅନେକ ପଦାର୍ଥର ବି ସେହି ଗୁଣ ରହିଛି । ତେବେ ତାହା ଗୁପ୍ତ ରହିଥାଏ ମାତ୍ର । ଯେତେବେଳେ ଗୋଟିଏ ମୌଳିକ ପଦାର୍ଥ ଅନ୍ୟ ଗୋଟିଏ ମୌଳିକ ପଦାର୍ଥରେ ପରିଣତ ହୁଏ ସେତେବେଳେହିଁ ଏହି ଗୁଣଟି ଦେଖାଯାଏ । ତା'ଛଡ଼ା ଯେତେବେଳେ ପଦାର୍ଥ ସ୍ଥିର, ସାମ୍ୟ ଅବସ୍ଥାରେ ରହିଥାଏ ସେତେବେଳେ ସେହି ରଶ୍ମିସବୁ ଗୋଟିଏ ଅନ୍ୟ ଗୋଟିକୁ କଟାକଟି କରି ସୁପ୍ତ ରହିଥା'ନ୍ତି ।

ଏହିସବୁରୁ ଯେଉଁ 'ଥିଓରି' (Theory) ବା ଉପପାଦ୍ୟ ବାହାରିଲା, ସେ ବିଷୟ ଆମେ ଏବେ କହୁଛୁ । ଆଗେ ପ୍ରତ୍ୟେକ ମୌଳିକ ପଦାର୍ଥକୁ କେତେକ ବିଶେଷ ପରମାଣୁ ସମଷ୍ଟି ବୋଲି ଧରା ହେଉଥିଲା । ଏହି ପରମାଣୁର ଛୋଟ ଜିନିଷ ଆଉ ନାହିଁ, ଏମାନେ ଅବିଭାଜ୍ୟ, ଅତୁଟ, ଅକାଟ୍ୟ ଏବଂ ଅଲଗା-ଅଲଗା । ପ୍ରତ୍ୟେକ ମୌଳିକ ପଦାର୍ଥ ଏହି ଏକ ପ୍ରକାରର ଭୀଷଣ ଶକ୍ତ, ମୂଳ ପରମାଣୁ ଦ୍ୱାରା ଗଠିତ । ତେଣୁ ପଦାର୍ଥ-ପଦାର୍ଥରେ ଯେତେବେଳେ ମିଶ୍ରଣ ହୁଏ, ସେତେବେଳେ ବିଭିନ୍ନ ପ୍ରକାରର ପରମାଣୁ ଆସି ପାଖାପାଖି ରହନ୍ତି, କିନ୍ତୁ କେହି କାହାରି ସହିତ ମିଳିମିଶି ଯାଆନ୍ତି ନାହିଁ । କିନ୍ତୁ ବର୍ତ୍ତମାନ ସ୍ୱୀକାର କରିବାକୁ ବାଧ ହେବାକୁ ପଡ଼ିଲା ଯେ, ପରମାଣୁ ବି ଶେଷ ସୀମା ନୁହେଁ । ପରମାଣୁ ହେଲା ବିଦ୍ୟୁତ୍‌କଣାର ସମଷ୍ଟି । ବିଶେଷ କେତେକ ସଂଖ୍ୟାର ବିଶେଷ ସଜ୍ଜାସଜ୍ଜି ଉପରେ ନିର୍ଭର କରେ ଏକ ଏକ ମୌଳିକ ପଦାର୍ଥର ପରମାଣୁର ଗଢ଼ଣ-ଧରଣ, ଧର୍ମ-କର୍ମ । ସୁତରାଂ ଏହି ସଂଖ୍ୟାର ଇତର-ବିଶେଷ ବା ଅଳ୍ପ-ବେଶୀ ଯଦି ଆମେ କରିପାରିବା, ସଜାଇବାର ପଦ୍ଧତିଟା ବଦଳାଇ ଦେଇ ପାରିବା, ତା'ହେଲେ ଅନାୟାସରେ ଗୋଟାଏ ମୌଳିକ ପଦାର୍ଥକୁ ଆଉ ଗୋଟାଏ ମୌଳିକ ପଦାର୍ଥରେ ପରିଣତ କରିପାରିବା । ପ୍ରକୃତିରେ ଯେ ଏଇ ପରିବର୍ତ୍ତନ ଘଟୁଛି ତାହା ବି ଠିକ୍ ଏହି ପ୍ରକାରର । ରେଡିଅମ ଯେତେବେଳେ ଆଲୋକ ବିକିରଣ କରେ ତା'ର ଅର୍ଥ ସେ ତା'ର ବିଦ୍ୟୁତ୍‌କଣା ସମଷ୍ଟିରୁ କେତେକ ବିଦ୍ୟୁତ୍‌କଣା ଭାଙ୍ଗି ବାହାରକୁ ଛାଟି ଦେଉଛି – ଏହି ପ୍ରକାରର କେତେକ ବିଶେଷ ସଂଖ୍ୟାର କଣାକୁ ପକାଇ ଦେଇ, ବାକୀତକକୁ ନେଇ ନୂଆ କରି ସଜାଇ ଯେତେବେଳେ ସାମ୍ୟ ଅବସ୍ଥା ପାଏ, ସେତେବେଳେହିଁ ତାହା ହୋଇପଡ଼େ ଆଉ ଏକ ମୌଳିକ ପଦାର୍ଥ । କିନ୍ତୁ ସମସ୍ୟା ହେଲା ଯେ, ପ୍ରକୃତି ଏଇ କାର୍ଯ୍ୟ କରିଛି, କିନ୍ତୁ କିଭଳି କରିଛି ତାହା ଜାଣେନି । ମନୁଷ୍ୟ ଯେତେଦିନ ଯାଏ ପରମାଣୁକୁ ଭାଙ୍ଗି ନପାରିଛି ସେତେଦିନ ତ ତା'ର ସୁନେଲି ସ୍ୱପ୍ନ ବିଫଳ !

ଭୟ ନାହିଁ, ଡଃ. ରୁଦର୍‌ଫୋର୍ଡ଼ (Dr. Rutherford) ଆମ୍ଭମାନଙ୍କୁ ଆଶ୍ୱାସନା ଦେଇଛନ୍ତି । ଏହା ମଧ୍ୟରେ ଏଇ ବୈଜ୍ଞାନିକ ଭେଳିକିବାଜ ପରମାଣୁର ଗଢ଼ଣର ଯେଉଁ ମାନଚିତ୍ର ଆଙ୍କିଛନ୍ତି, ସେ କଥାଟା କହିବା ଦରକାର । ପ୍ରତ୍ୟେକ ପରମାଣୁ ହେଲା ଏକ କ୍ଷୁଦ୍ରାକାର ସୌରଜଗତ୍ । ସୌରଜଗତର ଯେପରି ରହିଛି ସୂର୍ଯ୍ୟ, ସେହିପରି ପରମାଣୁର ବି ରହିଛି ମଧ୍ୟ ଭାଗରେ ଏକ କେନ୍ଦ୍ର ବସ୍ତୁ (nucleus) ଏବଂ ଏହାରି ଚତୁଃପାର୍ଶ୍ୱରେ ଅକଳ୍ପନୀୟ ବେଗରେ ଗ୍ରହରାଜି ସଦୃଶ ଘୂରି ବୁଲୁଛନ୍ତି ଯେତେସବୁ ବିଦ୍ୟୁତ୍‌କଣା (electron) । ସବୁ ପଦାର୍ଥର ବିଦ୍ୟୁତ୍‌କଣା ଗୋଟାଏ ପ୍ରକାରର, ପାର୍ଥକ୍ୟ ଯାହା ଦେଖାଯାଏ, ତାହା ବିଦ୍ୟୁତ୍‌କଣାର ସଂଖ୍ୟାରେ ଓ ସଜ୍ଜିତ ହୋଇଥିବାର ପାର୍ଥକ୍ୟ ଯୋଗୁଁ । ପଦାର୍ଥର ପରମାଣୁର ଯେଉଁ ପୃଥକ୍ ପୃଥକ୍ ଓଜନ ସେସବୁ ନିର୍ଭର କରେ ସେଇ କେନ୍ଦ୍ରବସ୍ତୁର ଓଜନ ଉପରେ । ପରୀକ୍ଷାରେ ଦେଖାଯାଇଛି ଯେ ବିଦ୍ୟୁତ୍‌କଣାସବୁ 'ନେଗେଟିଭ୍' ବିଦ୍ୟୁତ୍, ଆଉ କେନ୍ଦ୍ର ବସ୍ତୁଟି 'ପଜିଟିଭ୍' ବିଦ୍ୟୁତ୍ । ଏଇ ଦୁଇ ଶକ୍ତିର ଟାଣ ସମାନ ହୋଇଥିବାରୁ ବସ୍ତୁକୁ ସ୍ଥିର ଓ ସାମ୍ୟ ଅବସ୍ଥାରେ ଦେଖାଯାଏ । 'ପଜିଟିଭ୍'-ବିଦ୍ୟୁତ୍‌ରେ ପୂର୍ଣ୍ଣ କେନ୍ଦ୍ରବସ୍ତୁଟି ବି ପୁଣି ଦୁଇ ରକମର ବିଦ୍ୟୁତ୍‌ର ସମାହାର । ଡଃ. ରୁଦରଫୋର୍ଡ ଦେଖାଇଛନ୍ତି ଯେ ଏହାର ଏକ ଭାଗ ହେଲା 'ହାଇଡ୍ରୋଜେନ୍' ନାମକ ମୌଳିକ ପଦାର୍ଥର ପରମାଣୁର କେତେକ କେନ୍ଦ୍ରବସ୍ତୁ, ଆଉ ଗୋଟିଏ ଭାଗ ହେଲା ହିଲିୟମ୍ ନାମକ ପଦାର୍ଥର ପରମାଣୁର କେତେକ କେନ୍ଦ୍ରବସ୍ତୁ । ଆଉ

ଏଇ ଦୁଇ ଭାଗ ଏପରି ଶକ୍ତଭାବେ ଗ୍ରଥିତ ଯେ, ସହଜରେ ଏମାନଙ୍କୁ ଛଡ଼ାଇ ହୁଏ ନାହିଁ । ଆମେ ପୂର୍ବରୁ ଯେଉଁ ତିନି ପ୍ରକାରର ବିଦ୍ୟୁତ୍ ରଶ୍ମି କଥା କହିଛୁ, ତା' ମଧ୍ୟରେ କ-ରଶ୍ମି ଓ ଖ-ରଶ୍ମି ଆସନ୍ତି କେନ୍ଦ୍ରବସ୍ତୁରୁ, ଆଉ ଗ-ରଶ୍ମି ଆସେ ବାହାରର ବିଦ୍ୟୁତ୍‌କଣାର ସମଷ୍ଟିରୁ । କ-ରଶ୍ମି ହେଲା 'ହିଲିୟମ୍' ପରମାଣୁର ରଶ୍ମି, ଏହାର ଉପାଦାନ ଦୁଇଭାଗ (Charges) ପଜିଟିଭ୍ ବିଦ୍ୟୁତ୍ । ଆଉ ଖ-ରଶ୍ମି ହେଲା ପରମାଣୁର ରଶ୍ମି, ଏହାର ଏକଭାଗ ଉପାଦାନ 'ନେଗେଟିଭ୍' ବିଦ୍ୟୁତ୍ । ଏହା ମଧ୍ୟରେ କ-ରଶ୍ମିରହିଁ ଓଜନ ରହିଛି,— ଖ-ରଶ୍ମିର ଖୁବ୍ ବେଶୀ ଓଜନ ନାହିଁ, ଆଉ ଗ-ରଶ୍ମିର ତ ଓଜନ ନାହିଁ ! ସୁତରାଂ କୌଣସି ପରମାଣୁରୁ କ-ରଶ୍ମି ଯେତେବେଳେ ବାହାରିଯାଏ, ସେତେବେଳେ ତା'ର ଓଜନ କମିଯାଏ — ଅର୍ଥାତ୍ ତାହା ଆଉ ଗୋଟାଏ ପଦାର୍ଥର ପରମାଣୁ ହେବାକୁ ଲାଗେ; କାରଣ ପଦାର୍ଥ ପଦାର୍ଥ ମଧ୍ୟରେ ଯେଉଁ ମୂଳ ପାର୍ଥକ୍ୟ ତାହା ଏଇ ପରମାଣୁର ଓଜନରହିଁ ମୂଳ ପାର୍ଥକ୍ୟ ।

କ-ରଶ୍ମିକୁ ପ୍ରକୃତି ଅବହେଳାରେ ବାହାର କରି ଦେଉଛି, କିନ୍ତୁ ଏଭଳି ଶକ୍ତଭାବେ ଗ୍ରଥିତ ଥିବା ପରମାଣୁର କେନ୍ଦ୍ରବସ୍ତୁକୁ ଭାଙ୍ଗିବା ମନୁଷ୍ୟର ସାଧ୍ୟାତୀତ ବୋଲି ପ୍ରଥମେ ମନେ ହୋଇଥିଲା । କିନ୍ତୁ ଡଃ ରୁଦର୍‌ପୋର୍ଡ଼ ସେ କାର୍ଯ୍ୟ କରିଛନ୍ତି । 'ରେଡିଅମ'ର କ-ରଶ୍ମିର ଗୁଳି ଛାଡ଼ି ଛାଡ଼ି ସେ କେତେକ ପଦାର୍ଥର ପରମାଣୁ ଭାଙ୍ଗି ପକାଇଛନ୍ତି ଏବଂ ଏହିଭଳି 'ନାଇଟ୍ରୋଜେନ୍', 'ଆଲୁମିନମ', 'ଫସ୍ଫର୍' ପ୍ରଭୃତି କେତେକ ପଦାର୍ଥର ପରମାଣୁରୁ 'ହାଇଡ୍ରୋଜେନ୍' କଣା ବାହାର କରି ପାରିଛନ୍ତି । ଏହିପରି ଭାଙ୍ଗିବାକୁ କେତେ ଯେ ଶକ୍ତି ଦରକାର ତାହା ବୁଝି ହେବ, ଯଦି ମନେ ରଖୁ ଯେ କ-ରଶ୍ମିର ଗୁଳିର ବେଗ ହେଉଛି ଏକ ସେକେଣ୍ଡରେ ପ୍ରାୟ ୯୦୦୦ ମାଇଲ ।

ତେବେ ଦେଖାଗଲା ଭାରୀ ପରମାଣୁକୁ ଭାଙ୍ଗି ପତଳା ପରମାଣୁରେ ପରିଣତ କରାଯାଇପାରେ । ସୀସାର ପରମାଣୁ ସୁନାର ପରମାଣୁ ଅପେକ୍ଷା ଭାରୀ; ସୁତରାଂ ଆଶା କରାଯାଏ ସୀସାକୁ ଭାଙ୍ଗି ଦିନେ ସୁନା ବାହାର କରି ହେବ ।

କିନ୍ତୁ ପ୍ରକୃତିର ଗତି ଭାଙ୍ଗିବା ଦିଗରେହିଁ ଚାଲିଛି । ମନୁଷ୍ୟ ପକ୍ଷରେ ବି ଭାଙ୍ଗିବା ସହଜ । ପତଳା ପରମାଣୁର ପଦାର୍ଥକୁ ଓଜନିଆ କରି କିଭଳି ଭାରୀ ପଦାର୍ଥ ବାହାର କରି ହେବ ସେ ରହସ୍ୟ ଏବେ ବି ଉଦ୍‌ଘାଟିତ ହୋଇ ନାହିଁ । ଲୁହା, ତମ୍ବା ପ୍ରଭୃତି ପତଳା ପରମାଣୁର ପଦାର୍ଥ । ସୁତରାଂ ଏଗୁଡ଼ିକୁ ଜମା କରି ସୁନା ତିଆରି କରାଯାଇ ପାରିବ କି ନା, ସେ ବିଷୟରେ ଏବେ କିଛି କହି ହେବନି । କିନ୍ତୁ ମନୁଷ୍ୟ ପାଇଁ ଅସାଧ୍ୟ କ'ଣ ଅଛି ?

କିନ୍ତୁ ପତଳା ଧାତୁକୁ ଭାରୀ ଧାତୁରେ ପରିଣତ କରାଯାଉ ବା ନଯାଉ — ଓଜନିଆ ଧାତୁକୁ ଭାଙ୍ଗି ପତଳା ଧାତୁରେ ପରିଣତ କରିବା ପଥରେ ମନୁଷ୍ୟ ଯେ ଶକ୍ତିର ସନ୍ଧାନ ପାଇଛି ତାହାହିଁ ହେଉଛି ଅସଲ କଥା । ପରମାଣୁ ମଧ୍ୟରେ ଯେଉଁ ଶକ୍ତି ନିହିତ ଅଛି, ଯେଉଁ ଶକ୍ତି ବଳରେ ପରମାଣୁ ମଧ୍ୟରେ ବିଦ୍ୟୁତ୍‌କଣା ସବୁ ବିପୁଳ ବେଗରେ ଘୂରି ବୁଲୁଛନ୍ତି ଏବଂ ଯେଉଁ ଶକ୍ତି ପରମାଣୁର କେନ୍ଦ୍ରରେ ଏକତ୍ରିତ ହୋଇ ରହିଛି, ତାକୁ ମଣିଷ ଯଦି ବଶ କରିପାରେ, ତେବେ ମଣିଷ ଯେ କେଉଁ ଶକ୍ତିରେ ଶକ୍ତିମାନ୍ ହୋଇଉଠିବ, ତାହା କଳ୍ପନା କରିବା ମାତ୍ରେହିଁ ମୁଣ୍ଡ ବୁଲେଇ ଦିଏ । ପରମାଣୁଗତ ଏଇ ଶକ୍ତିର କଥା ଆମେ ପରବର୍ତ୍ତୀ ସମୟରେ ଖୋଲି କହିବାର ଚେଷ୍ଟା କରିବୁ ।

(ମୂଳ ବାଂଲା 'ରଚନାବଳି ୭ମ ଖଣ୍ଡ'ରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି

❑❑❑

ଯେଉଁ ସାଧକ ଏହି ସହାୟକଗୁଡ଼ିକ (ଶାସ୍ତ୍ର, ଉତ୍ସାହ ଓ ଗୁରୁ) ଲାଭ କରିପାରିଛି ସେ ଲକ୍ଷ୍ୟରେ ପହଞ୍ଚିବା ସୁନିଶ୍ଚିତ । ଏପରିକି ପଥ ମଧ୍ୟସ୍ଥ ଏକ ପତନ ତା' ପାଇଁ ଉତ୍‌ଥାନର ଏକ ଉପାୟ ହୋଇ ଉଠିବ ଏବଂ ମୃତ୍ୟୁ ହୋଇଉଠିବ ପରିପୂର୍ଣ୍ଣତା ଦିଗରେ ଏକ ପଥ । କାରଣ ଥରେ ଯଦି ସେ ଏପଥରେ ପାଦ ଦେଇଛି ତେବେ ଜନ୍ମ ଓ ମୃତ୍ୟୁ ତା'ର ସତ୍ତାର ବିକାଶ-କ୍ଷେତ୍ରରେ କେବଳ ଗୋଟିଏ ଗୋଟିଏ ପ୍ରକ୍ରିୟା ଓ ଯାତ୍ରାପଥର ଗୋଟିଏ ଗୋଟିଏ ସୋପାନହିଁ ହୋଇଉଠିବେ ।

— ଶ୍ରୀଅରବିନ୍ଦ

ପୃଥ୍ବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୬୬)

### ଗୁରୁ ପ୍ରାପ୍ତି ପରେ :

୧୯୨୫ରେ 'ଆଶ୍ରମ' ବୋଲି କିଛି ନଥିଲା । ସେତେବେଳେ ଶ୍ରୀଅରବିନ୍ଦଙ୍କ ନାମରେ କେତୋଟି ବାସଭବନ ମାତ୍ର ଥିଲା ଏବଂ ଶ୍ରୀମା, ବିଶେଷ କରି ଶ୍ରୀଅରବିନ୍ଦଙ୍କର ଦେଖାଶୁଣା କରୁଥିଲେ ଏବଂ କେତେକ ଶିଷ୍ୟଙ୍କର କଥା ବୁଝୁଥିଲେ; କିନ୍ତୁ ଉଣାଧିକେ ପ୍ରତ୍ୟେକ ସାଧକ ନିଜ ନିଜ ଧାରାରେ ଜୀବନଯାପନ କରୁଥିଲେ । ୧୯୨୦ ଏପ୍ରିଲ ୨୪ରେ ଶ୍ରୀମା ଜାପାନରୁ ଶେଷଥର ସକାଶେ ପଣ୍ଡିଚେରୀକୁ ଆସିବା ପରେହିଁ ସାଧକମାନଙ୍କର ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଲା ଏବଂ ୧୯୨୬ ନଭେମ୍ବର ୨୪ 'ସିଦ୍ଧି ଦିବସ' (The day of Victory) ପରେହିଁ 'ଆଶ୍ରମ'ର ରୂପ ନେଲା । ଅନ୍ତେବାସୀ ସାଧକବୃନ୍ଦ ମା'ଙ୍କ ଉପରେ ବିଶ୍ୱସ୍ତ ଭାବରେ ସେମାନଙ୍କର ଆନ୍ତର ଓ ବହିର୍ଜୀବନର ଭାର ଅର୍ପଣ କରିବାର ତୀବ୍ର ଆସ୍ପୃହାରୁହିଁ ଏମିତି ରୂପ ନେବାକୁ ଆରମ୍ଭ କରିଥିଲା । ଏହା ମା ଶ୍ରୀଅରବିନ୍ଦଙ୍କର କୌଣସି ଅଭିପ୍ରାୟ ବା ପୂର୍ବ-ପରିକଳ୍ପନାରୁ କେବେହେଲେ ଉଦ୍ଭୂତ ହୋଇ ନଥିଲା ।

ପବିତ୍ର ଏଠାରେ ରହିବା ପରେ ସକାଳେ ସପ୍ତାହକୁ ଦୁଇ ଦିନ, ପୂରା ବର୍ଷଟିଏ ଧରି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବାର ଅପୂର୍ବ ସୁଯୋଗ ଲାଭ କରିଥିଲେ । ସେତେବେଳେ ପ୍ରତି ଦିନ ସକାଳଓଳି ପ୍ରାୟ ୯ଟା ପରେ ଶ୍ରୀଅରବିନ୍ଦ ତାଙ୍କ ଅନୁମତି ପ୍ରାପ୍ତ ବ୍ୟକ୍ତି ବା ସାଧକଙ୍କୁ ସାକ୍ଷାତ୍ ଦେଉଥିଲେ । ଏହି ସାକ୍ଷାତ୍କାରରେ ପବିତ୍ର ନିଜର ଅଗ୍ରଗତି ନିମିତ୍ତ ବିଭିନ୍ନ ପ୍ରଶ୍ନ ଗୁରୁଙ୍କୁ ପଚାରୁଥିଲେ ଏବଂ ଗୁରୁଙ୍କର ମୁଖନିଃସୃତ ବାଣୀ ଶ୍ରବଣ କରିବାର ଅପୂର୍ବ ସୁଯୋଗ ଲାଭ କରିଥିଲେ ।

ପଣ୍ଡିଚେରୀରେ ରହିବାର ଦୁଇ ଦିନ ପରେ, ୨୦ ଡିସେମ୍ବରରେ ଶ୍ରୀଅରବିନ୍ଦଙ୍କ ସହିତ ଦ୍ୱିତୀୟ ଥର ସାକ୍ଷାତ୍‌ରେ ଗୁରୁଦେବ ତାଙ୍କୁ ବୁଝାଇଥିଲେ, 'ମୁକ୍ତି' କ'ଣ ? 'ପୁରୁଷ' ଓ 'ପ୍ରକୃତି' ମଧ୍ୟରେ ପ୍ରଭେଦ ଏବଂ 'ପୁରୁଷ' କେମିତି ନିଜକୁ 'ଈଶ୍ୱର' ବା 'ଜୀବାତ୍ମା' ରୂପରେ ମାନବାତ୍ମା ମଧ୍ୟରେ ପ୍ରକାଶ କରନ୍ତି ଏବଂ ପରେ କେମିତି ତା'ର 'ସମ୍ରାଟ' ହୁଅନ୍ତି ।... ତେଣୁ ତୁମ ସକାଶେ ପ୍ରଧାନ ଲକ୍ଷ୍ୟ ହେଉଛି ନିଜର ମନଠାରୁ ନିଜକୁ ପୃଥକ୍ କରିନିଅ; 'ସାକ୍ଷୀ ପୁରୁଷ'ର ମନୋଭାବ ନିଅ । ଚିନ୍ତାରାଜି ଆସୁ, କିନ୍ତୁ ସେସବୁଥିରେ ତୁମେ ଭାସିଯାଅ ନାହିଁ । ଧ୍ୟାନ ସମୟରେ ଏହା ଅଭ୍ୟାସ କର । ତା'ପରେ ଧ୍ୟାନରେ ଅଭ୍ୟାସ କରୁଥିବା ମନୋଭାବକୁ ଧୀରେ ଧୀରେ ଦୈନନ୍ଦିନ ଜୀବନରେ ପ୍ରୟୋଗ କର ।''

ମଙ୍ଗଳବାର, ଡିସେମ୍ବର ୨୨ରେ ପବିତ୍ରଙ୍କର ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ କହିଥିଲେ : ''...ଧ୍ୟାନ କରିବା ସମୟରେ ଶୋଇ ପଡୁଛ,... 'ପୁରୁଷ' ଚେତନାରେ ରହି ଏହି ବହୁପରିଚିତ ଅସୁବିଧାଟିକୁ ଅତିକ୍ରମ କରି ପାରିବାର ଶକ୍ତି ତୁମର ରହିଛି ।... ଏହାହିଁ ହେଉଛି ତୁମ ସକାଶେ ପ୍ରଥମ ପଦକ୍ଷେପ ।''

ଡିସେମ୍ବର ୩୦ରେ ଶ୍ରୀଅରବିନ୍ଦ ତାଙ୍କୁ ବୁଝାଇଛନ୍ତି : ''ମନ କ୍ଷେତ୍ରରେ କେବେହେଲେ ସଂଗ୍ରାମ କର ନାହିଁ; କାହିଁକି ନା ତୁମେ ଯେଉଁସବୁ ବସ୍ତୁକୁ ବଳପ୍ରୟୋଗ କରି ପ୍ରତ୍ୟାଖ୍ୟାନ କରିବ, ସେସବୁ ଅଧିକତର ଶକ୍ତିଶାଳୀ ରୂପ ଧରି ପୁଣି ସାମନାରେ ଆସି ଦେଖା ଦେବ । ସଂଗ୍ରାମ କରିବା ଅର୍ଥ ଯାବତୀୟ ବାଧାବିପତ୍ତି ଭିତରେ ଉବୁଟୁବୁ ହେବା ।... ତେଣୁ 'ଦର୍ଶକ'ର ମନୋଭାବ ନିଅ, ଚିନ୍ତାରାଜି ସବୁ ବାହାରେ ରହିଛି ବୋଲି ଭାବ ଏବଂ ସେସବୁ ଦ୍ୱାରା ବିଚଳିତ ହୁଅ ନାହିଁ । ପରେ ଉଚ୍ଚତର ଚେତନା ('ପୁରୁଷ' ଚେତନା) ତୁମ ଉପରକୁ ଅବତରି ଆସିବ ଏବଂ ତୁମର ମନକୁ ଅଧିକାର କରିବ ।''

ଏଥିପୂର୍ବରୁ ଡିସେମ୍ବର ୨୨ରେ ଶ୍ରୀଅରବିନ୍ଦ ମନର ନୀରବତା ରକ୍ଷା କରିବା ସମ୍ବନ୍ଧେ ପବିତ୍ରଙ୍କୁ ନିଜ ସମ୍ବନ୍ଧେ କହିବାକୁ ଯାଇ ଲେଲେଙ୍କ ସହିତ ତାଙ୍କର ପ୍ରଥମ ଅନୁଭୂତି କଥା ବର୍ଣ୍ଣନା କରିଥିଲେ । ପୁନଶ୍ଚ ମାର୍ଚ୍ଚ ପହିଲାରେ ଲେଲେଙ୍କ କଥା ଉଲ୍ଲେଖ କରି ମନର ନୀରବତା, ଶୂନ୍ୟତା, ରାଜନୈତିକ ଭାଷଣ ଦେବା ସମୟରେ ମନରେ ସମ୍ପୂର୍ଣ୍ଣ ଶାନ୍ତି ଓ ପୃଥକ୍‌ତ୍ୱ-ଭାବ ବଜାୟ ରଖିଥିବାର କଥା ବୁଝାଇଥିଲେ ।

ନଭେମ୍ବର ୨୦ରେ ଶ୍ରୀଅରବିନ୍ଦଙ୍କୁ ପବିତ୍ର

ପଚାରିଛନ୍ତି : ''ଲେଲେଙ୍କ ସହିତ ଆପଣଙ୍କର ଅନୁଭୂତି କଥା ଆପଣ କହିଛନ୍ତି । ସେସମୟରେ ମନର ଯାନ୍ତ୍ରିକ କ୍ରିୟାକଳାପ ବନ୍ଦ ହୋଇଯାଇଥିଲା କି ?'' ଉତ୍ତରରେ ଶ୍ରୀଅରବିନ୍ଦ କହିଛନ୍ତି : ''ହଁ, ସବୁକିଛି ବନ୍ଦ ହୋଇଯାଇଥିଲା । କିନ୍ତୁ ସମସ୍ତେ ଏମିତି କରିପାରିବେ ନାହିଁ । ମୁଁ ଏହା କରିପାରିବାକୁ ସକ୍ଷମ ହୋଇଥିଲି କାରଣ ମୋ ସତ୍ତାରେ ସର୍ବଦା ଶାନ୍ତ ରହିବାର ଏକ ପ୍ରବଣତା ରହିଆସିଥିଲା ଏବଂ ଅନ୍ୟ କାରଣଟି ଥିଲା ଚିନ୍ତାସବୁ ଯେ ବାହାରୁ ଆସୁଛନ୍ତି – ଏ ସମ୍ବନ୍ଧେ ମୁଁ ସଚେତ ହୋଇଉଠିଥିଲି । ମୁଁ ଯେତେବେଳେ ସେହିସବୁ ଚିନ୍ତାକୁ ଭିତରକୁ ପ୍ରବେଶ କରିବାକୁ ଦେଲି ନାହିଁ, ପ୍ରତ୍ୟାଖ୍ୟାନ କଲି, ସ୍ୱତଃସ୍ଫୂର୍ତ୍ତ ଭାବରେ ଶାନ୍ତି ମୋ ମଧ୍ୟକୁ ଅବତରି ଆସିଲା, ମୋ ମନରେ ଚିନ୍ତାସବୁ ପ୍ରତିଭାତ ହୋଇଉଠୁଥିଲା, କିନ୍ତୁ ସେସବୁକୁ ନିଜ ମଧ୍ୟରେ କୌଣସି କିଛି ଛାପ ପକାଇବାରେ ଆହ୍ୱାନ ଜଣାଉ ନଥିଲା । ମୁଁ ଦେଖୁଥିଲି, ଶୁଣୁଥିଲି, କିନ୍ତୁ ମୋ ଭିତରେ କୌଣସି ପ୍ରଭାବ ଉଜ୍ଜୀବିତ ହେଉ ନଥିଲା । ସେହି ସମୟରେ ଏକ ସମ୍ପୂର୍ଣ୍ଣ ନୀରବତା ଅବତରି ଆସିଲା । ଯାହାସବୁ ମୋ ଚତୁଃପାର୍ଶ୍ୱରେ ଘଟୁଥିଲା, ବା ମୋ ସମ୍ମୁଖରେ ପ୍ରତିଭାତ ହେଉଥିଲା, ସେସବୁ ସିନେମା ପରଦାରେ ଛବି ସଦୃଶ ପ୍ରତୀୟମାନ ହେଉଥିଲା । ତା'ପରେ, ଯଥାର୍ଥ ମୁହୂର୍ତ୍ତରେ, ସେସବୁକୁ ମୋ ଇଚ୍ଛାନୁଯାୟୀ ପୁନର୍ବାର ମୁଁ ଗ୍ରହଣ କରୁଥିଲି, କିନ୍ତୁ ସେସବୁକୁ ସେମାନଙ୍କର ଯଥାର୍ଥ ସ୍ଥାନରେ ରଖି ଦେଉଥିଲି ।''

ପବିତ୍ର ପ୍ରଶ୍ନ କଲେ : ''ତେଣୁ, ମୋଠାରୁ ଏକଥା ଆଶା କରିବା ଉଚିତ କି ?''

ଶ୍ରୀଅରବିନ୍ଦ : ''ଏହା ନିଶ୍ଚିତରୂପେ ଆସିବ; ଊର୍ଦ୍ଧ୍ୱରୁ ଏକ ଚାପ ପ୍ରଦାନ କରୁଥିବା ବସ୍ତୁ ରୂପେ ଏହା ଆସିବ । କିନ୍ତୁ ପ୍ରାରମ୍ଭିକ ଅବସ୍ଥାରେ ଏହା ଆସି ନପାରେ । ଅବଶ୍ୟ ସଂକଳ୍ପ କରିବା ମାତ୍ରେ ଶାନ୍ତ ହୋଇଯିବାର ସାମର୍ଥ୍ୟ ରହିଥିବା ଆବଶ୍ୟକ ଏବଂ ରହିବା ଉଚିତ ।''

୧୯୨୬ ଫେବ୍ରୁଆରୀ ୧୫ ତାରିଖରେ ଗୁରୁଦେବଙ୍କୁ ପବିତ୍ର ପଚାରିଛନ୍ତି : ''ଏଠାକୁ ଆସିବା ପୂର୍ବରୁ ମୋର ଧୂମପାନ କରିବାର ଅଭ୍ୟାସ ଥିଲା । ତା'ପରେ ମୁଁ ଏହା ବନ୍ଦ କରି ଦେଇଥିଲି । ଏବେ କିନ୍ତୁ ଧୂମପାନ କରିବାକୁ ବେଳେ ବେଳେ ବାସନା ଜାଗୁଛି । ମୁଁ କ'ଣ କରିବି ?''

ଗୁରୁଦେବ ଉତ୍ତର ଦେଇଛନ୍ତି : ''ଏଥି ସକାଶେ ସୁନିଶ୍ଚିତ ନିୟମ ବୋଲି କିଛି ନାହିଁ ଏବଂ ଏହାକୁ ଖୁବ୍ ବେଶୀ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ବିବେଚନା କରିବା ମଧ୍ୟ ଉଚିତ ନୁହେଁ । ମୁଁ ବି ଧୂମପାନ କରୁଥିଲି । କିନ୍ତୁ ଏଇ ଧରଣର କୌଣସି ଅଭ୍ୟାସରୁ ନିବୃତ୍ତ ହେବାରେ ଏକ ପବିତ୍ରତର ପରିବେଶ ସୃଷ୍ଟି ହୋଇଥାଏ । ଅଧିକନ୍ତୁ, ତୁମେ ଯେତେବେଳେ ଏହା ବନ୍ଦ କରିଦେଇଛ, ପୁଣି ଏହାକୁ ଆରମ୍ଭ ନ କରିବା ଅଧିକ ଶ୍ରେୟସ୍କର ।''

ପୁନଶ୍ଚ ଏପ୍ରିଲ ୨୬ରେ ଗୁରୁଦେବଙ୍କୁ ପବିତ୍ର ସେହି ସମାନ କଥା ପ୍ରଶ୍ନ କରି ଏହାର ଚୂଡ଼ାନ୍ତ ସମାଧାନ ସମ୍ବନ୍ଧରେ ଜାଣିବାକୁ ଚାହିଁଛନ୍ତି । ଗୁରୁଦେବ ଏହି ମର୍ମରେ ତାଙ୍କୁ ବୁଝାଇଛନ୍ତି : ''ଯୋଗୀମାନେ ଦୁଇଟି ପଦ୍ଧତି ବ୍ୟବହାର କରିଥା'ନ୍ତି – ଦୃଢ଼ ସଂକଳ୍ପ କରି ଏହାକୁ ରୋକଠୋକ ତତ୍‌କ୍ଷଣାତ୍ ବନ୍ଦ କରିଦେବା । ଦ୍ୱିତୀୟତଃ, ଏହି ଅଭ୍ୟାସକୁ ଅଳ୍ପ ଅଳ୍ପ 'ଭୋଗ' ପ୍ରଦାନ କରି ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନରେ ଉପନୀତ ହେବା । ଏହି ଅଭ୍ୟାସକୁ ଅବାଧରେ ତୁଷ୍ଟ କରିବା ନୁହେଁ, କିନ୍ତୁ ସଂଯମ ରକ୍ଷା କରିବା, କାହିଁକି ନା ଏହି ସଂଯମ ବିନା ପ୍ରତିରୋଧ କରିବା ଏକେବାରେ ଅସମ୍ଭବ, ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହା ଲାଗି ରହିଥିବ ।''

ମାର୍ଚ୍ଚ ୮ ତାରିଖରେ ନିଜର ଏକ ଅନୁଭୂତି କଥା ଗୁରୁଙ୍କ ସମ୍ମୁଖରେ ବର୍ଣ୍ଣନା କରି ନିଜର ନବଜନ୍ମ ଘଟିଛି ବୋଲି କହିବାରୁ ଗୁରୁଦେବ କହିଛନ୍ତି : ''ହଁ, କିନ୍ତୁ ଏହି ଯୋଗରେ ଜଣକୁ ଏକାଧିକ ନବଜନ୍ମର ଅନୁଭୂତି ଭିତର ଦେଇ ଅଗ୍ରସର ହେବାକୁ ହେବ ।''

ଏପ୍ରିଲ ୧୯ ତାରିଖରେ ଶ୍ରୀଅରବିନ୍ଦ ପବିତ୍ରଙ୍କୁ ଅତିମାନସ ସତ୍ୟର ମୌଳିକ ଉପାଦାନ ସ୍ୱରୂପ ସଂବୋଧିର ଚାରୋଟି ପର୍ଯ୍ୟାୟ ସମ୍ବନ୍ଧେ କହିଛନ୍ତି : ''ସଂବୋଧି, ଅନ୍ତର୍ଦୃଷ୍ଟି, ସୃଜନଶୀଳ ପ୍ରେରଣା ଏବଂ ଦିବ୍ୟ-ପରିପ୍ରକାଶ ।'' ଏହି କଥାବାର୍ତ୍ତାର ଶେଷରେ ଶ୍ରୀଅରବିନ୍ଦ କହିଛନ୍ତି : ''ମୁଁ ଭାବୁଛି ଆମମାନଙ୍କର 'ସାନ୍ଧ୍ୟ-ଆଳାପ'ରେ ଯୋଗ ଦେଲେ ତୁମକୁ ଭଲ ଲାଗିବ । ସପ୍ତାହରେ ଦିନେ କି ଦୁଇ ଦିନ : କେଉଁ ଦିନଟି ତୁମର ଅନୁକୂଳ ହେବ ?'' ପବିତ୍ର ଗୁରୁଙ୍କ ମୁଖରୁ ଉପରୋକ୍ତ କଥା ଶୁଣି ଭକ୍ତି ଗଦ୍‌ଗଦ ଚିତ୍ତରେ କହିଉଠିଛନ୍ତି : ''ଅତ୍ୟନ୍ତ ଆନନ୍ଦିତ ହେବି, କୃତଜ୍ଞ ହେବି । ଆପଣ ମୋ ସକାଶେ ଯେକୌଣସି ଦିନ ନିର୍ଧାର୍ଯ୍ୟ କରନ୍ତୁ ।'' ଗୁରୁଦେବ ସହାସ୍ୟରେ କହିଛନ୍ତି : ''ମୁଁ ତୁମକୁ ପରେ ଜଣାଇବି, କେଉଁ କେଉଁ ଦିନ ତୁମେ ଯୋଗ ଦେବ ।''

ଏଠାରେ ପ୍ରକାଶଯୋଗ୍ୟ ଯେ ପବିତ୍ରଙ୍କର ରହିବାର ପ୍ରାରମ୍ଭରୁହିଁ ଶ୍ରୀଅରବିନ୍ଦ ଅନ୍ତେବାସୀମାନଙ୍କୁ ବିଶେଷ ସାବଧାନ କରି ଦେଇଥିଲେ ଯେ ପବିତ୍ରଙ୍କ ସହିତ ସେମାନେ କେହି ଯେମିତି ଯୋଗ ସମ୍ପର୍କରେ ଆଳାପ ଆଲୋଚନା ନକରନ୍ତି, ଅତ୍ୟନ୍ତ ଘରୋଇ ଭାବରେ ଯେମିତି ତାଙ୍କ ସହିତ ବ୍ୟବହାର ନକରନ୍ତି । ପରବର୍ତ୍ତୀ କାଳରେ ଜନୈକ ସାଧକ ନିଜ ସ୍ମୃତିକଥା କହିବା ବେଳେ ଉଲ୍ଲେଖ କରିଥିଲେ ଯେ ବ୍ୟକ୍ତିଗତ ଭାବରେ ଶ୍ରୀଅରବିନ୍ଦ ତାଙ୍କୁ ତାଗିଦା କରି ଦେଇଥିଲେ : ''ତୁମେ ସୁପ୍ରାମେଣ୍ଟାଲ୍ ଏବଂ ଲାଇଫ୍ ଡିଭାଇନ୍ ବିଷୟରେ ଅନେକଙ୍କୁ ବେଶ୍ ଲେକ୍‌ଚର୍ ଦେଇଛ । ଏବେ ଏହି ବ୍ୟକ୍ତିଟିକୁ (ପବିତ୍ରକୁ) ସମ୍ପୂର୍ଣ୍ଣରୂପେ ମୋ ଜିମାରେ ଛାଡ଼ିଦିଅ । ତୁମେ ତା' ସହିତ ଆଦୌ ମିଳାମିଶା କରିବ ନାହିଁ କି କଥାବାର୍ତ୍ତା କରିବ ନାହିଁ ।'' ତେଣୁ ପବିତ୍ରଙ୍କ ସହିତ କଥାବାର୍ତ୍ତା କରିବାକୁ ଅନେକେ ସାହସ କରୁ ନଥିଲେ ଏବଂ ତାଙ୍କୁ ଦୂରରୁ ସମ୍ମାନ ପ୍ରଦର୍ଶନ କରୁଥିଲେ ।

ପବିତ୍ର 'ସାନ୍ଧ୍ୟ ଆଳାପ'ରେ ଯୋଗ ଦେବା ପରେ, ବାରୀନ୍ ଓ କ୍ଷିତୀଶ ପ୍ରଭୃତିଙ୍କ ମତରେ ଆଳାପଟି ଅଧିକରୁ ଅଧିକ ବୈଜ୍ଞାନିକ ଆଳାପ ଆଡ଼କୁ ମୋଡ଼ ନେଇଥିଲା ।

ମେ ୧୦ ତାରିଖରେ ସକାଳ ସାକ୍ଷାତ୍‌କାରରେ ଗୁରୁଙ୍କୁ ପବିତ୍ର କହିଛନ୍ତି : '' 'ସାନ୍ଧ୍ୟ-ଆଳାପ'ରେ ବିଜ୍ଞାନ ଓ ଗୂଢ଼ବିଦ୍ୟା ସମ୍ବନ୍ଧରେ ଆଲୋଚନା ମୋତେ ଅତ୍ୟନ୍ତ ଆଗ୍ରହ ପ୍ରଦାନ କରିଛି । ଏଠାକୁ ଆସିବା ପୂର୍ବରୁ ଅନେକ ଦିନ ଧରି ଏହା ମୋର ଜୀବନାଦର୍ଶର ଅନ୍ୟତମ ଉଦ୍ଦେଶ୍ୟ ଥିଲା – ବିଜ୍ଞାନ ଓ ଗୂଢ଼ବିଦ୍ୟା ମଧ୍ୟରେ ସମ୍ପର୍କ ସ୍ଥାପନ ନିମିତ୍ତ କର୍ମସାଧନା କରିବା । କିନ୍ତୁ ଏମିତି ଏକ ମୁହୂର୍ତ୍ତ ଆସିଲା ଯେତେବେଳେ କି 'ଯୋଗେଶ୍ୱର'ଙ୍କ ନିମିତ୍ତ ମୋର ଅନ୍ୟାନ୍ୟ ଆଦର୍ଶ ସହିତ ଏହିଟିକୁ ବି ଜଳାଞ୍ଜଳି ଦେବାକୁ ପଡ଼ିଥିଲା । କିନ୍ତୁ ଏବେ ଭାବୁଛି, ହୁଏତ ଦିନେ ଏମିତି ସମୟ ଆସିବ ଯେତେବେଳେ କି ପୁଣି ଥରେ ଏହାରି ଉପରେ କର୍ମ-ସାଧନା କରିବା ମୋ ପକ୍ଷରେ ସମ୍ଭବ ହୋଇଉଠିବ ।'' ଗୁରୁଙ୍କର ଉତ୍ତର : ''ବାସ୍ତବରେ ଯୋଗ-ସାଧନାରେ ସାଧକକୁ ନିଶ୍ଚିତରୂପେ ସବୁକିଛିକୁ ଜଳାଞ୍ଜଳି ଦେବାକୁ ପଡ଼ିଥାଏ – ଏମିତିକି ସମସ୍ତ ଆଦର୍ଶକୁ ମଧ୍ୟ, ଯେମିତି ସବୁପ୍ରକାର କାମନା-ବାସନାକୁ । ପରେ ଏପରି ଏକ ମୁହୂର୍ତ୍ତ ଆସେ ଯେତେବେଳେ ତା'ର ସତ୍ତାରେ ଯାହା ସତ୍ୟ (ସ୍ୱଧର୍ମ) ଯାହା ମାନସିକ ନୁହେଁ, ପ୍ରାଣିକ ନୁହେଁ, କିନ୍ତୁ ଅଧିକ ଗଭୀରତମ, ଏବଂ ଯାହା ଭଗବାନଙ୍କ ଦ୍ୱାରା ବ୍ୟବହୃତ ହେବା ବିଧିନିର୍ଦ୍ଦିଷ୍ଟ; ଏପରି ମୁହୂର୍ତ୍ତ ଆସେ ଯେତେବେଳେ ଏହା ସକ୍ରିୟ ହୋଇଉଠେ, ସଜାଗ ହୋଇଉଠେ । ଏମିତି ଘଟେ ଯେତେବେଳେ ଯୋଗ-ଶକ୍ତି ସାଧକର ଶାରୀରିକ ସ୍ତରକୁ ଅବତରି ଆସେ । ଯାହାକିଛି ମାନସିକ ବା ପ୍ରାଣିକ ସ୍ତରରେ ଥାଏ, ସେସବୁକୁ ଏହି ଯୋଗ-ଶକ୍ତି ଦୂର କରିଦିଏ ଏବଂ ସତ୍ତାରେ ଯାହାକିଛି ସତ୍ୟ ଉପରେ ଆଧାରିତ, ତା'ର କର୍ମ ଚାଲୁ କରିଦିଏ ।''

ଏପ୍ରିଲ-ମେ ୧୯୨୬ରେ ହୋଇଥିବା ଛ'ଟି 'ସାନ୍ଧ୍ୟ ଆଳାପ'ର ବୈଠକରେ ଶ୍ରୀଅରବିନ୍ଦଙ୍କର ଅଗାଧ ଜ୍ଞାନ ସମ୍ବଳିତ ବୈଜ୍ଞାନିକ ଆଲୋଚନାକୁ ପରେ ପବିତ୍ର ୧୯୫୨ରେ 'Talks with Sri Aurobindo' ଶିରୋନାମାରେ ପ୍ରଥମେ ପ୍ରକାଶ କରିଥିଲେ । ବିଷୟବସ୍ତୁସବୁର ନାମ ଥିଲା : 'ଆଧ୍ୟାତ୍ମିକ ଶକ୍ତି ସମ୍ବଳିତ ଦୃଶ୍ୟମାନ ବସ୍ତୁରାଜି', 'ଅପ୍ରକାଶ୍ୟ ବା ଗୂଢ଼ ସ୍ତରରାଜି', 'ଆଧୁନିକ ବୈଜ୍ଞାନିକ ଗବେଷଣା', 'ପ୍ରାଚୀନ ଭାରତୀୟ ବିଜ୍ଞାନ', 'ଯାଦୁବିଦ୍ୟା-ବିଶାରଦ (ଐନ୍ଦ୍ରଜାଲିକ)' ଏବଂ 'ବୈଜ୍ଞାନିକ,– ଇଉରୋପର ଭବିଷ୍ୟତ୍' ।

ଜୁଲାଇ ୧୯ ତାରିଖରେ 'ସାନ୍ଧ୍ୟ-ଆଳାପ' ସମାପ୍ତ ହେବା ପରେ ଗୁରୁଦେବଙ୍କୁ ପବିତ୍ର ପଚାରିଛନ୍ତି : ''ମୁଁ 'ସାନ୍ଧ୍ୟ-ଆଳାପ'କୁ ବେଶୀ ଥର ଆସିପାରେ କି ?'' ଗୁରୁଙ୍କର ଉତ୍ତର : ''ହଁ, ତୁମେ ଆସିପାର ।''

ଏହା ପୂର୍ବରୁ ମେ ୨୪ରେ ପବିତ୍ର ଗୁରୁଙ୍କୁ ପଚାରିଥିଲେ : ''ମେ ମାସର ଗରମ ହେତୁ ମୋର ଶରୀର ବେଶ୍ କ୍ଲାନ୍ତ ହୋଇ ପଡୁଛି । ତେଣୁ ଚଟାଣରେ ଶୋଇ ରହି ଧ୍ୟାନ କରୁଛି । ଏଥିସକାଶେ କିଛି ଆପତ୍ତି ଅଛି କି ?'' ଗୁରୁଙ୍କର ଉତ୍ତର : ''ତୁମେ ଯେକୌଣସି ଅବସ୍ଥାରେ ଅବସ୍ଥାନ କରି ଧ୍ୟାନ କରିପାର । ମୁଁ ଅଧିକାଂଶ ସମୟରେ ପଦଚାରଣ କରୁ କରୁ ଧ୍ୟାନ କରେ ।''

ଏମିତି ଭାବରେ ପବିତ୍ର ପ୍ରଥମରୁହିଁ ଗୁରୁଙ୍କର ନିକଟ ସାନ୍ନିଧ୍ୟ ଲାଭ କରିଥିଲେ ଏବଂ କହିବା ବାହୁଲ୍ୟ ଶ୍ରୀମା'ଙ୍କର ମଧ୍ୟ । 'ସିଦ୍ଧି ଦିବସ' ପରେ ଯେତେବେଳେ ଶ୍ରୀଅରବିନ୍ଦ 'ଆଶ୍ରମ' ସଙ୍ଗଠନର ଭାର ଶ୍ରୀମା'ଙ୍କ ଉପରେ ଅର୍ପଣ କଲେ, ସେତେବେଳେ ପବିତ୍ର ଆଶ୍ରମର ସାଙ୍ଗଠନିକ ଓ ଯନ୍ତ୍ରପାତି-ଗଠନ ସମ୍ବନ୍ଧୀୟ ବିଭାଗରେ ଏବଂ ବୈଷୟିକ କାର୍ଯ୍ୟ ଆଦି ଯାବତୀୟ ବ୍ୟାପାରରେ ଶ୍ରୀମା'ଙ୍କର ଦକ୍ଷିଣ ହସ୍ତ ହୋଇ ଉଠିଥିଲେ ।

କିନ୍ତୁ 'ସିଦ୍ଧି-ଦିବସ' ପୂର୍ବରୁ ତତ୍‌କାଳୀନ ଆଶ୍ରମ-

ବ୍ୟବସ୍ଥା ଅନୁସାରେ ପବିତ୍ରଙ୍କୁ ପ୍ରାରମ୍ଭରୁ ବେଶ୍ କିଛି ଦିନ ହୋଟେଲରେ ରହିବାକୁ ପଡ଼ିଥିଲା । ତା'ପରେ ଦିନେ ଅମୃତ ନିଜେ 'ମ୍ୟାନେଜର, ଆର୍ଯ୍ୟ ଅଫିସ' ହିସାବରେ ଦସ୍ତଖତ କରି ବିଧିବଦ୍ଧ ଭାବରେ ଏକ ଲିଖିତ-ପତ୍ରରେ ତାଙ୍କୁ ଜଣାଇ ଦେଲେ ଯେ ଶ୍ରୀଅରବିନ୍ଦ ତାଙ୍କୁ 'ରୋଜାରୀ ହାଉସ୍'ର ଏକ କୋଠରିରେ ଆସି ରହିବାକୁ ଅନୁମତି ଦେଇଛନ୍ତି । ଏବେ ଆଶ୍ରମର ପ୍ରଧାନ କୋଠାର ଦକ୍ଷିଣ-ପୂର୍ବ ଅଂଶଟି ଥିଲା 'ରୋଜାରୀ ହାଉସ୍' ଏବଂ ଏହାର ପ୍ରଧାନ ଦରଜାଟି ପ୍ରଥମରୁହିଁ ଯେଉଁଠି ଥିଲା, ଏବେ ବି ସେଇଠି ଅଛି । ଏଥିରେ ପ୍ରବେଶ କଲେ ବାମ-ପାର୍ଶ୍ୱର ବାରଣ୍ଡାକୁ ଲାଗି ପ୍ରଥମ ଘରଟି ଥିଲା ପବିତ୍ରଙ୍କ ଘର । ଏହାର ମାସକୁ ଭଡ଼ା ଥିଲା ୧୫ ଟଙ୍କା । ପ୍ରଥମ ବର୍ଷଟି ପବିତ୍ରଙ୍କୁ ଘରଭଡ଼ା, ଖିଆପିଆ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଖର୍ଚ୍ଚସବୁ ନିଜକୁ ବହନ କରିବାକୁ ହୋଇଥିଲା । ସେତେବେଳେ ସର୍ବମୋଟ ସାଧକଙ୍କ ସଂଖ୍ୟା ୧୫ରୁ ଅଧିକ ନଥିଲା । କେତେକେ 'ଲାଇବ୍ରେରୀ ହାଉସ୍'ରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ସହିତ ରହୁଥିଲେ; କେତେକେ 'ଗେଷ୍ଟ ହାଉସ୍'ରେ ଏବଂ କେତେକେ 'ରୋଜାରୀ-ହାଉସ୍'ରେ ରହୁଥିଲେ । ପ୍ରତ୍ୟେକ 'ହାଉସ୍' ନିଜ ଖର୍ଚ୍ଚରେ ନିଜର ରନ୍ଧାବଢ଼ା ସ୍ୱତନ୍ତ୍ର ରୂପେ କରୁଥିଲେ ।

ସାଧକମାନଙ୍କୁ ଶ୍ରୀଅରବିନ୍ଦଙ୍କର ସାବଧାନ ବାଣୀ ଯୋଗୁଁ ପବିତ୍ରଙ୍କ ସହିତ କଥାବାର୍ତ୍ତା କରିବାକୁ କେହି ସାହସ କରୁ ନଥିଲେ ମଧ୍ୟ ପଡ଼ୋଶୀ ଚାରୁଚନ୍ଦ୍ର ଦେବ ସରକାରଙ୍କ ସହିତ ତାଙ୍କର ମିଳାମିଶା କରିବାରେ ଶ୍ରୀଅରବିନ୍ଦଙ୍କର କୌଣସି ଆପତ୍ତି ନଥିଲା । ତଥାପି ପବିତ୍ରଙ୍କୁ ପ୍ରଥମେ ପ୍ରଥମେ ବେଶ୍ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଚାରୁଚନ୍ଦ୍ର ଥିଲେ ବେଙ୍ଗଲର ୨୪ ପ୍ରଗଣା ଅନ୍ତର୍ଗତ ମାଳା ଗ୍ରାମର ନିପଟ ମଫସଲୀ ଅଥଚ ଅତ୍ୟନ୍ତ ସହୃଦୟ ବ୍ୟକ୍ତି, କିନ୍ତୁ ଅସମ୍ଭବ ଭାବରେ ଖ୍ରୀଷ୍ଟିଆନ ବିରୋଧି । ତାଙ୍କ ଧାରଣାରେ ପ୍ରତ୍ୟେକ ଇଉରୋପୀୟ ହେଉଛନ୍ତି ଖ୍ରୀଷ୍ଟିଆନ, ତେଣୁ ଅସ୍ପୃଶ୍ୟ । କିନ୍ତୁ ପବିତ୍ରଙ୍କର ବିନମ୍ରତା, ଅମାୟିକ ଓ ଅତ୍ୟନ୍ତ ଭଦ୍ରୋଚିତ ବ୍ୟବହାର ତାଙ୍କୁ ଭିତରେ ଭିତରେ ମୁଗ୍ଧ କରି ପକାଉଥିଲେ ମଧ୍ୟ ପବିତ୍ରଙ୍କ ହାତରୁ କିଛି ଗ୍ରହଣ କରିବାକୁ ସେ ଆଦୌ ପସନ୍ଦ କରୁ ନଥିଲେ ଏବଂ ନିଜେ ମଧ୍ୟ କିଛି ଦେବାକୁ ଅସମ୍ଭବ ଭାବରେ ନାରାଜ ହେଉଥିଲେ । ଥରେ ପବିତ୍ର ବେଶ୍ ଅସୁବିଧାରେ ପଡ଼ି ତାଙ୍କଠୁ ପାଣି ଗିଲାସେ ପିଇବାକୁ ଚାହିଁବାରୁ, ସେ ବିଭିନ୍ନ ବାହାନା ଦେଖାଇ ତା' ଦେଇ ନଥିଲେ ।... ଅନ୍ତର୍ଯାମୀ ଶ୍ରୀଅରବିନ୍ଦ ଥରେ ଚାରୁଚନ୍ଦ୍ରଙ୍କ ହାତରେ ପବିତ୍ରଙ୍କ ସକାଶେ ଗୋଟିଏ ଟମାଟୋ ପଠାଇଲେ । ପବିତ୍ର ସେଇ ମୁହୂର୍ତ୍ତରେ ନିଜ କୋଠରିରେ ନଥିଲେ । ପ୍ରାଇଭେଟ୍ ଟିଉସନ କରିବା ଉଦ୍ଦେଶ୍ୟରେ ସେ ଟାଉନକୁ ଯାଇଥିଲେ । (ନିଜର ଭରଣପୋଷଣ କରିବା ଉଦ୍ଦେଶ୍ୟରେ ଗୁରୁଙ୍କର ଅନୁମତି ପ୍ରାପ୍ତ ହୋଇ ସେ ବାହାରକୁ ଟିଉସନ କରିବାକୁ ଯାଉଥିଲେ ଏବଂ ପରେ ମଧ୍ୟ ସ୍ଥାନୀୟ କଲେଜରେ ପରୀକ୍ଷା ତଦାରଖ କରୁଥିଲେ ।) ଟିଉସନରୁ ଫେରି ଚାରୁଚନ୍ଦ୍ରଙ୍କ ହାତରୁ ଶ୍ରୀଅରବିନ୍ଦଙ୍କର ତାଙ୍କ ସକାଶେ ପ୍ରଦତ୍ତ ଟମାଟୋଟି ପାଇ ସେ ଅପୂର୍ବ ଆନନ୍ଦ ଲାଭ କରିଥିଲେ ।... ଏମିତି ଦିନ ଗଡ଼ି ଚାଲିବା ସଙ୍ଗେ ସଙ୍ଗେ ଚାରୁଚନ୍ଦ୍ର ଧୀରେ ଧୀରେ ପବିତ୍ରଙ୍କର ଭାବଧାରାରେ ତୀବ୍ର ଅନୁପ୍ରାଣିତ ହୋଇଉଠିଲେ ଏବଂ ପବିତ୍ର ମଧ୍ୟ ଚାରୁଚନ୍ଦ୍ରଙ୍କର ଧୋତିପିନ୍ଧା ଧରଣରେ (ଯାହାକି ପବିତ୍ରଙ୍କର ପୂର୍ବ-ଭାବଧାରା ଅନୁଯାୟୀ ଥିଲା ଅସଭ୍ୟମାନଙ୍କର ଲୁଗାପଟା ପିନ୍ଧିବା ଧରଣ) ଧୋତି ତଥା ଭାରତୀୟ ପୋଷାକ-ପରିଚ୍ଛଦ ପିନ୍ଧିବାରେ ଆନନ୍ଦରେ ଅଭ୍ୟସ୍ତ ହୋଇ ଉଠିଥିଲେ ।

୩୮ ବର୍ଷ ବୟସ୍କ ଯୁବକ ଚାରୁଚନ୍ଦ୍ର ୧୯୨୫ ଅକ୍ଟୋବରରେ ଆସି ପଣ୍ଡିଚେରୀରେ ପହଞ୍ଚିଥିଲେ ଏବଂ ପ୍ରଥମରୁ 'ରୋଜାରୀ ହାଉସ୍'ରେହିଁ ରହୁଥିଲେ । ବାରଂବାର ଜ୍ୱର ଭୋଗୁଥିବାରୁ ଶ୍ରୀଅରବିନ୍ଦ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଜଳବାୟୁ ପରିବର୍ତ୍ତନ ସକାଶେ ସେ କିଛି ଦିନ ପାଇଁ ନିଜ ଗାଁକୁ ଫେରିଯା'ନ୍ତୁ । ଚାରୁଚନ୍ଦ୍ର କିନ୍ତୁ ଘରକୁ ଯିବାକୁ ଆଦୌ ପସନ୍ଦ କରୁ ନଥିଲେ ଏବଂ ଶ୍ରୀଅରବିନ୍ଦଙ୍କର ଏହି ପ୍ରକାର ନିର୍ଦ୍ଦେଶରେ ସେ ମନେ ମନେ ଖୁବ୍ ବିରକ୍ତ ହୋଇ ଉଠିଥିଲେ । ଅନନ୍ୟୋପାୟ ହୋଇ ସେ ତାଙ୍କର ପଡ଼ୋଶୀ-ବନ୍ଧୁଙ୍କର ପରାମର୍ଶ ଲୋଡ଼ିଲେ । ପବିତ୍ର ତାଙ୍କୁ ଆନ୍ତରିକ ସହକାରେ ବୁଝାଇ ଦେଲେ : 'ଗୁରୁଙ୍କର ଆଜ୍ଞା ସର୍ବଦା ଆନନ୍ଦ ମନରେ ଗ୍ରହଣ କରିବା ବିଧେୟ... ।' ଚାରୁଚନ୍ଦ୍ର ଆନନ୍ଦରେ କିଛି ଦିନ ସକାଶେ ଘରକୁ ଯାଇ ଚିରଦିନ ପାଇଁ ଆଶ୍ରମକୁ ଫେରି ଆସିଥିଲେ ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ନୂତନ ବିକ୍ରମ-ବେତାଳ କାହାଣୀ :

# ମଉଳା ଫୁଲଗଛ

ନିଶା ଗରଜୁ ଥାଏ । ତୁହାକୁତୁହା ବର୍ଷା ସମେତ ଶୀତଳ ପବନ ଥାଏ ଅବିରତ ବହମାନ । ବଣବୁଦା ଅନ୍ତରାଳରୁ ଶୁଭୁଥାଏ ଶ୍ୱାନଶ୍ୱାପଦଙ୍କ ରଡ଼ି । ବିଜୁଳି ଆଲୁଅରେ ଚମକି ଉଠୁଥାଏ ଶ୍ମଶାନଯାକ ବିଛାଡ଼ି ହୋଇ ରହିଥିବା ନରକଙ୍କାଳମାନ ।

କିନ୍ତୁ ରାଜା ବିକ୍ରମ ତିଳେ ମଧ୍ୟ ଭୀତ ନହୋଇ ପୁନର୍ବାର ଶ୍ମଶାନ ପ୍ରାନ୍ତସ୍ଥିତ ବିଶାଳ ବୃକ୍ଷଟି ଆରୋହଣ କରି ଶବଟିକୁ ଉତାରି ଆଣିଲେ । ତେବେ ତାକୁ କାନ୍ଧରେ ପକାଇ ଚାଲିବାକୁ ଆରମ୍ଭ କରିବା ମାତ୍ରେ ଶବସ୍ଥିତ ବେତାଳ କହିଲା, ''ରାଜା ! ତୁମକୁ ଶୁଣାଇବି ନିକଟ ଅତୀତରେ ଘଟିଥିବା ଗୋଟାଏ ଘଟଣା । ମନଦେଇ ଶୁଣ । ଶୁଣିଲେ ଶ୍ରମଭାର ଲାଘବ ହେବ ।''

ବେତାଳ ଗପିଲା :

ଧବଳପୁର ଗୋଟାଏ ଛୋଟିଆ ରାଜ୍ୟ ହେଲେ ମଧ୍ୟ ଉଭୟ ରାଜା ଓ ମନ୍ତ୍ରୀ ଉତ୍ତମ ଶାସକ ହୋଇଥିବାରୁ ପ୍ରଜାଏଁ ସୁଖରେ ଥିଲେ । ତେବେ ରାଜା ହଠାତ୍ ଅସୁସ୍ଥ ହୋଇ ମୃତ୍ୟୁବରଣ କରନ୍ତେ ଗୁରୁକୁଳରେ ଥିବା ତାଙ୍କ ସୁପୁତ୍ର ବିଶ୍ୱକୁମାରଙ୍କୁ ଆସି ସିଂହାସନାରୂଢ଼ ହେବାକୁ ପଡ଼ିଲା । ବିଶ୍ୱକୁମାରଙ୍କ ଅଧ୍ୟୟନ ଅବଶ୍ୟ ସମାପ୍ତ ହୋଇଥିଲା; କିନ୍ତୁ ସେ ଗୁରୁକୁଳରେ ଅଧିକ କାଳ ରହି ଶାସ୍ତ୍ର ଅନୁଶୀଳନ କରିବାକୁ ସୁଖ ପାଉଥିଲେ ।

ବିଶ୍ୱକୁମାରଙ୍କୁ ରାଜ୍ୟଶାସନ ନିମନ୍ତେ ବିବ୍ରତ ହେବାକୁ ପଡ଼ିଲା ନାହିଁ । କାରଣ ମହାମନ୍ତ୍ରୀ ଥିଲେ ବିଚକ୍ଷଣ ବ୍ୟକ୍ତି । ସେ ଯଥାଶୀଘ୍ର ତାଙ୍କୁ ରାଜନୀତି ଓ ଆଇନକାନୁନ ଶିଖାଇ ଦେଲେ ।

ତେବେ ତରୁଣରାଜାଙ୍କ ଭାଗ୍ୟରେ ମହାମନ୍ତ୍ରୀଙ୍କ ଭୂମିକା ସମାପ୍ତ ହୋଇଗଲା – ସେ ମହାଶୟ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ । ମହାମନ୍ତ୍ରୀଙ୍କ ପୁତ୍ର ପ୍ରଭାକାନ୍ତ ଦୂରାନ୍ତରରୁ ଆସି ତାଙ୍କ ସେବା ଶୁଶ୍ରୂଷା କଲେ । କିନ୍ତୁ ମନ୍ତ୍ରୀଙ୍କ ଅବସ୍ଥା ସୁଧୁରିଲା ନାହିଁ । ମୃତ୍ୟୁ ଶଯ୍ୟାରେ ସେ ତରୁଣ ରାଜା ବିଶ୍ୱକୁମାରଙ୍କୁ ଡାକି ଏକାନ୍ତରେ କହିଲେ, ''ଶ୍ରୀମାନ୍ ! ମୁଁ ତ ବିଦାୟ ନେଉଛି । ମୋର ବିଶ୍ୱାସ ଯଥା ସମୟରେ ତୁମେ ଉପଯୁକ୍ତ ସହାୟକ ପାଇବ । ତେବେ ମୋ ପୁତ୍ର ପ୍ରଭାକାନ୍ତର ପ୍ରବଳ ଇଚ୍ଛା ସେ ମୋ ପଦରେ ରହନ୍ତା । ପିତା ଭାବରେ ମୁଁ ତା' ପାଇଁ ଚିନ୍ତିତ ହେବା ସ୍ୱାଭାବିକ । ତୁମ ଇଚ୍ଛା ।''

ଅଚିରେ ମନ୍ତ୍ରୀ ପରଲୋକ ପ୍ରାପ୍ତ ହେଲେ । ତାଙ୍କ ଶେଷ ଅଭିଳାଷ ଅନୁସାରେ ତରୁଣ ରାଜା ପ୍ରଭାକାନ୍ତଙ୍କୁ ମନ୍ତ୍ରିପଦ ଦେଲେ ।

ପ୍ରଭାକାନ୍ତଙ୍କ ବୁଦ୍ଧି ଓ ବାଚନଭଙ୍ଗୀ ରାଜାଙ୍କୁ ସନ୍ତୁଷ୍ଟ କଲା । ଯଥାବିଧି ଚାଲିଲା ରାଜ୍ୟଶାସନ ।

ପୂର୍ବରୁ ରାଜ୍ୟରେ ବିଶେଷ ଚୋର ଡକାଏତ ନଥା'ନ୍ତି । ହଠାତ୍ ଜଣେ କୁଶଳୀ ଦସ୍ୟୁ କିଛିଦିନ ଭିତରେ ରାଜ୍ୟରେ ହେଲା ଭୟର କାରଣ । ସେତେବେଳେ ରାଜନବର ଏବଂ ମନ୍ଦିରମାନଙ୍କୁ ଛାଡ଼ିଦେଲେ ଧନିଲୋକେ ମଧ୍ୟ ମାଟି ଘରେ ରହୁଥିଲେ । କେତେକ ଚୋର ଲୁହା କାଠି ଯୋଗେ ସେ ମାଟି କାନ୍ଥ କଣା ବା ସିନ୍ଧି କରି ଘର ଭିତରୁ ମୂଲ୍ୟବାନ୍ ଜିନିଷପତ୍ର ନେଇ ଯାଉଥିଲେ । ସେମାନେ ସିନ୍ଧିଚୋର ଭାବରେ ନାମିତ ହେଉଥିଲେ ।

ଧବଳପୁରରେ ଉତ୍ପାତ ଆରମ୍ଭ କରିଥିବା ଦସ୍ୟୁଟିର ନାମ ଭାଲୁ ସର୍ଦ୍ଦାର । ସେ ଓସ୍ତାଦ ସିନ୍ଧିଚୋର ହେବା ସଙ୍ଗେ ସଙ୍ଗେ ଦୈବାତ୍ ଗୃହସ୍ୱାମୀ ହାବୁଡ଼ରେ ପଡ଼ିଲେ ଛୁରୀ ଦେଖାଇ ତାଙ୍କୁ ଭୟଭୀତ କରୁଥିଲା । ସେ କହୁଥାଏ, ''ତୁମର ଯଥେଷ୍ଟ ରହିଛି । ଯେତିକି ନେଲି, ସମ୍ଭବ ହେଲେ ପରିଶୋଧ କରିଦେବି !'' ବାସ୍ତବିକ, ସେ କାହାରି ସମୁଦାୟ ବିତ୍ତ ଚୋରି କରୁ ନଥାଏ ।

ମାସ ମାସ ବିତିଗଲା । କିନ୍ତୁ ସେ ଧରା ନପଡ଼ିବାରୁ ରାଜା ବିଶ୍ୱକୁମାର ଚିନ୍ତିତ ହେଲେ । ରାଜଧାନୀ ସହରଠାରୁ ଦୁଇ କୋଶ ଦୂରରେ ଅରଣ୍ୟ ଭିତରେ ରହୁଥା'ନ୍ତି ଜଣେ ସାଧୁ । ରାଜା ହାରାହାରି ମାସକରେ ଥରେ ତାଙ୍କ ପାଖକୁ ଯାଉଥା'ନ୍ତି । କେତେବେଳେ ଖାଲି ପ୍ରଣାମ କରି ଫେରି ଆସୁଥା'ନ୍ତି ତ କେତେବେଳେ କିଛି ପ୍ରଶ୍ନ କରି ଯଥାର୍ଥ ଉତ୍ତର ପାଉଥା'ନ୍ତି ।

''ମନ୍ତ୍ରି ! ସାଧୁବାବାଙ୍କ ପାଖକୁ ଯିବା ସମୟ ହେଲାଣି । ଏଥର ତୁମେ ବି ଚାଲ ।''

ଦିନେ ରାଜା ବିଶ୍ୱକୁମାର ମନ୍ତ୍ରୀ ପ୍ରଭାକାନ୍ତଙ୍କୁ ଏହା

କହିଲେ ଓ ତାଙ୍କୁ ଧରି ସାଧୁଙ୍କ ଆଶ୍ରମରେ ଉପସ୍ଥିତ ହେଲେ । ରାଜା ସାଧୁଙ୍କୁ ଧର୍ମ ଓ ଦର୍ଶନ ଉପରେ କେତୋଟି ପ୍ରଶ୍ନ ପଚାରନ୍ତେ ସାଧୁ ସେସବୁର ସରଳ ଓ ଯଥାର୍ଥ ଉତ୍ତର ଦେଲେ । ବିଦାୟ ନେବା ବେଳେ କିନ୍ତୁ ରାଜା ରାଜ୍ୟରେ ଚୋରଟାଏ ମାତିବା କଥା କହିଲେ ଓ ତାକୁ କେମିତି ଦମନ କରାଯିବ – ପରୋକ୍ଷରେ ସେହି ପ୍ରଶ୍ନ ଉଠାଇଲେ ।

ସାଧୁ ରାଜାଙ୍କ ଶେଷ ପ୍ରଶ୍ନ ଶୁଣିଲେ ଓ ତାଙ୍କୁ ବିଦାୟ ଦେବାକୁ ତାଙ୍କ କୁଡ଼ିଆ ଭିତରୁ ବାହାରକୁ ଆସିଲେ । କିନ୍ତୁ ପ୍ରଶ୍ନଟି ନଶୁଣିଲା ଭଳି ରହିଲେ । ଜଣେ ଶିଷ୍ୟକୁ ଗୋଟାଏ ଫୁଲଗଛ ଦେଖାଇ କହିଲେ, ‘‘ଏହାର ପତ୍ର ସବୁ ଏମିତି ଝାଉଁଳି ପଡ଼ିଛି, ଦେଖୁ ନାହୁଁ ?’’

‘‘ବାବା ! ମୁଁ ପତ୍ରସବୁ ଉପରେ ପାଣି ସିଞ୍ଚି ଦେବି !’’ ଶିଷ୍ୟ ଉତ୍ତର ଦେଲା ।

‘‘ବୋକା କିରେ ? ଉପରେ ପାଣି ସିଞ୍ଚିବୁ ?’’

ସାଧୁ ଏତକ କହି ରାଜାଙ୍କୁ ଆଶୀର୍ବାଦ କରି କୁଡ଼ିଆ ଭିତରକୁ ଚାଲିଗଲେ ।

ହସିଉଠିଲେ ମନ୍ତ୍ରୀ । ‘‘ରାଜନ୍ ! ମୁଁ ଜାଣିଥିଲି ଚୋରି ଡକାୟତି ଭଳି ବାସ୍ତବ, ସାଂସାରିକ ସମସ୍ୟାର ସମାଧାନ ସାଧୁବାବା ବତାଇ ପାରିବେ ନାହିଁ !’’ ଏହା କହି ନିଜ ଧାରଣା ଠିକ୍ ହେବାରୁ ସେ ବେଶ୍ ଉତ୍‌ଫୁଲ୍ଲ ମନେ ହେଲେ ।

କେଇଦିନ ପରେ ରାଜା ଏକାନ୍ତରେ ମନ୍ତ୍ରୀଙ୍କୁ କହିଲେ, ‘‘ଆଜି ଆମ ପଡ଼ୋଶୀ ରାଜ୍ୟର ରାଜା ଉଗ୍ରଦେବ ମୋତେ ଗୋଟିଏ ଗୋପନ ସଂବାଦ ପଠାଇଛନ୍ତି । ତାଙ୍କ ରାଜ୍ୟରେ ମାତିଥିବା ବୀରୁଭୂୟାଁ ନାମକ ଦସ୍ୟୁ ସେଠାରେ ଧରା ପଡ଼ିବା ପୂର୍ବରୁ ଆମ ରାଜ୍ୟକୁ ଚାଲି ଆସିଛି । ସେ ବେଶ ବଦଳାଇବାରେ ଓସ୍ତାଦ୍ । ତେବେ ଗୋଟାଏ ଅସୁବିଧା ତାକୁ ଧରାପକାଇ ଦେଇପାରେ । ସେ ଅଳ୍ପ ଛୋଟେଇ ଚାଲେ । ମନ୍ତ୍ରିବର, ଏବେ କଥାଟି ଏକମାତ୍ର ତୁମଠିଁ ଆବଦ୍ଧ ଥାଉ । ପରେ ଦୁଇ ଦସ୍ୟୁଙ୍କ ସମ୍ପର୍କରେ ଯଥାବିଧି ଘୋଷଣା କରାଯିବ ।’’

‘‘ବୁଝିଲି ରାଜନ୍ !’’ ଗମ୍ଭୀର ଭାବରେ କହିଲେ ମନ୍ତ୍ରୀ ।

ପରଦିନ ରାତିରେ ରାଜା ବିଶ୍ୱକୁମାର ସ୍ୱୟଂ ଛଦ୍ମବେଶ ପକାଇ ଅତ୍ୟନ୍ତ ଗୋପନରେ ନଅରରୁ ବାହାରିଗଲେ । ତାଙ୍କର ଅତି ବିଶ୍ୱସ୍ତ ଦୁଇ ଦେହରକ୍ଷୀଙ୍କ ଛଡ଼ା ଆଉ କେହି ଏହା ଜାଣିଲେ ନାହିଁ । ଦେହରକ୍ଷୀମାନେ ବେଶ୍ ବ୍ୟବଧାନରେ ତାଙ୍କୁ ଅନୁସରଣ କଲେ ।

ପୂର୍ଣ୍ଣିମାକୁ ଦୁଇ ରାତି ବାକି ଥାଏ । ରାଜା ପ୍ରାୟ ସାରାରାତି ବୁଲିଲେ; ତାହା ନିଷ୍ଫଳ ହେଲା । ପରବର୍ତ୍ତୀ ରାତି ବି ବୃଥାଗଲା । କିନ୍ତୁ ପୂର୍ଣ୍ଣିମା ରାତିରେ ଛଦ୍ମବେଶୀ ରାଜା ସୌଦାଗର ପଲ୍ଲୀ ପାଖରେ ଛୋଟେଇ ଛୋଟେଇ ଚାଲୁଛନ୍ତି ହଠାତ୍ କେହି ଜଣେ ପଛରୁ ତାଙ୍କ କାନ୍ଧ ଉପରେ ହାତ ପକାଇ ହସି ଦେଲା । ରାଜା ବୁଲିପଡ଼ି ଅନାଇଲେ । ଲୋକଟି କହିଲା, ‘‘ବୀରୁଭୂୟାଁ ମହାଶୟ ! ମୋ ପାଖରୁ ନିଜକୁ ଲୁଚାଇବାର ମାନେ ନାହିଁ !’’

‘‘ଲୁଚାଇବି କାହିଁକି ଭାଲୁ ସର୍ଦାର ! ମୁଁ ତ ତୁମ ଖ୍ୟାତି ଶୁଣି ମୁଗ୍ଧ । ତୁମେ ଯଦି ମୋର ପରିଚୟ ଜାଣିଛ, ତେବେ ଆଉ ପରସ୍ପର ବୃଥା ଛକାପଞ୍ଝା ନଖେଳି ଏକତ୍ର ଧନ୍ଦା ଚାଲୁ ରଖିବା । ହେଲା ?’’ ଛଦ୍ମବେଶୀ ରାଜା କହିଲେ ଓ ହସିଲେ ।

‘‘ଚମତ୍କାର ! ଶୁଣଭାଇ, ମୋର ଏଇ ବୃତ୍ତି ଗ୍ରହଣ କରିବାର ଗୋଟାଏ ଉଦ୍ଦେଶ୍ୟ ଅଛି । ମୋ ପିତା ଥିଲେ ଜଣେ ସାଧବ । ଥରେ ସେ ତାଙ୍କ ବିରାଟ ବୋଇତରେ ବିପୁଳ ବିତ୍ତ ଧରି ସୁମାତ୍ରା ଦ୍ୱୀପରୁ ଫେରୁଥିବା ବେଳେ ତାଙ୍କରି ଦ୍ୱାରା ତାଲିମ ପ୍ରାପ୍ତ ଓ ତାଙ୍କ ସହକାରୀ ରୂପେ କାମ କରୁଥିବା ଲୋକଟାଏ ବୋଇତର କର୍ମଚାରୀମାନଙ୍କୁ ହାତକରି ତାଙ୍କୁ ହତ୍ୟା କରି ସବୁ ଆତ୍ମସାତ୍ କଲା । ସେ ବିଶ୍ୱାସଘାତକ ବର୍ତ୍ତମାନ ଜଣେ ସମୃଦ୍ଧ ବ୍ୟବସାୟୀ । ମୁଁ ଗୋଟିଏ ଦସ୍ୟୁଦଳ ବନାଇ ତା ବୋଇତକୁ ମଝି ସମୁଦ୍ରରେ ଲୁଣ୍ଠନ କରିବି । ତେବେ ତାକୁ ହତ୍ୟା କରିବି ନାହିଁ । ଉଚିତ ଶିକ୍ଷା ଦେଇ ଛାଡ଼ି ଦେବି । ଦଳ ଗଢ଼ିବା ପାଇଁ ଆବଶ୍ୟକୀୟ ଅର୍ଥ ପ୍ରାୟ ମିଳିଗଲାଣି; ଆଉ ଗୋଟାଏ ଅଧେ ସୁଯୋଗ ପରେ ଏ କାର୍ଯ୍ୟରୁ ଅବ୍ୟାହତି ନେବି !’’ କହିଲା ଭାଲୁ ସର୍ଦ୍ଦାର ।

‘‘ଶୁଣ ତେବେ, ଆଜି ତୁମ କାମ ସମ୍ପୂର୍ଣ୍ଣ ହୋଇଯିବ । ଏମିତି ଗୋଟାଏ ଗୋଦାମ ଘର ଲୁଟିବା ମୋର ଉଦ୍ଦେଶ୍ୟ, ଯାହା ଭିତରେ ତିନି ଥଳି ସ୍ୱର୍ଣ୍ଣମୁଦ୍ରା ଜମା ରଖିଛନ୍ତି ଜଣେ ରାଜ କର୍ମଚାରୀ । ଆସ । ତୁମ ସିନ୍ଧି କାଟି ବାହାର କର ।’’ ବୀରୁଭୂୟାଁ ନାମଧାରୀ ଛଦ୍ମବେଶୀ ରାଜା ଭାଲୁ ସର୍ଦାରକୁ ନଅରର ଅଦୂରବର୍ତ୍ତୀ ଗୋଟାଏ ଘରର ପଛପଟକୁ ବାଟ କଢ଼ାଇ ନେଇଗଲେ । ଭାଲୁ ସର୍ଦାର କ୍ଷିପ୍ରଗତିରେ କାନ୍ଥରେ ଗାତ ଖୋଳିଲା । ଦୁହେଁ ଭିତରେ ପଶିଲେ । ରାଜା ଗୋଟାଏ ପେଟୀ ଭାଙ୍ଗିଦେଲେ । ତହିଁ ଭିତରେ ରହିଥିଲା ତିନି ଥଳି ସ୍ୱର୍ଣ୍ଣମୁଦ୍ରା ।

''ଧନ୍ୟବାଦ, ବୀରୁଭୂୟାଁ ! ତୁମର ଗୋଟାଏ ଥଳି ଓ ମୋର ଗୋଟାଏ ।'' ଭାଲୁ ସର୍ଦ୍ଦାର କହିଲା ।

''ନା, ନା, ତୁମେ ଦୁଇଟା ନିଅ । ମୋର ଗୋଟାଏ !'' ରାଜା କହିଲେ ।

''ନା, ବୀରୁଭୂୟାଁ ! ଜଣକୁ ସର୍ବସ୍ୱାନ୍ତ କରିବା ଅନୁଚିତ । ମୋର ଏ ଧନ୍ଦା ଆଜି ଶେଷ । ଦେଢ଼ମାସ ଭିତରେ ବାର ଜଣଙ୍କ ଘରୁ ଚୋରି କରିଛି । ଆଶାକରେଁ ମୋର ପ୍ରତିଶୋଧ ଅଭିଯାନ ସଫଳ ହେବ ଏବଂ ମୁଁ ଯଥା ସମୟରେ ସମସ୍ତଙ୍କୁ ସେମାନଙ୍କଠାରୁ ଲୁଣ୍ଠିତ ଅର୍ଥ ଫେରାଇ ଦେବି ।'' କହିଲା ଭାଲୁ ସର୍ଦ୍ଦାର ।

ଦୁହେଁ ରାସ୍ତାକୁ ବାହାରି ଆସିବା ମାତ୍ରେ ରାଜା ମୁହଁରେ ସିଟି ବଜାଇଲେ । ତତ୍‌କ୍ଷଣାତ୍ ତାଙ୍କ ଦେହରକ୍ଷୀ ଦୁଇଜଣ ବିଜୁଳି ବେଗରେ ଆସି ଭାଲୁ ସର୍ଦ୍ଦାରକୁ କାବୁ କରିନେଲେ । ତା' ଦୁଇ ହାତ ବାନ୍ଧି ରାଜା ଓ ଜଣେ ଦେହରକ୍ଷୀ ତାକୁ ନଅର ଭିତରକୁ ନେଇଗଲେ ଗୁପ୍ତଦ୍ୱାର ବାଟେ । ଦ୍ୱିତୀୟ ଦେହରକ୍ଷୀକୁ ରାଜା ସେହିଠାରେ ଜଗାଇଦେଇ କହିଲେ, ''ଅଳ୍ପ ସମୟ ଭିତରେ ମନ୍ତ୍ରୀ ଆସିବେ । ତାଙ୍କ ଛଡ଼ା ଅନ୍ୟ କାହାକୁ ଏ ରନ୍ଧ୍ର ଦେଇ ଭିତରକୁ ଛାଡ଼ିବ ନାହିଁ ।''

ଅଚିରେ ରାଜା ମନ୍ତ୍ରୀଙ୍କୁ ତଲବ କରି ଭାଲୁ ସର୍ଦ୍ଦାର ଦ୍ୱାରା ସେ ଘରୁ ଚୋରି ହୋଇଥିବାର କହି ନିର୍ଦ୍ଦେଶ ଦେଲେ : ସେ ଯାଇ ସେ ଲୁଣ୍ଠିତ କକ୍ଷ ତଦାରଖ କରିବେ ଏବଂ ତାଙ୍କୁ ଆସି କ'ଣ ଦେଖିଲେ ଜଣାଇବେ ।

ସେତେବେଳକୁ ରାତ୍ରିର ତୃତୀୟ ପ୍ରହର । ଘଣ୍ଟାଏ ପରେ ମନ୍ତ୍ରୀ ଆସି କହିଲେ, ରାଜାଙ୍କୁ ମିଳିଥିବା ସଂବାଦ ଠିକ୍ । ସେ କକ୍ଷରେ ବା ତହିଁ ଥିବା ଭଙ୍ଗା ବାକ୍ସଭିତରେ କିଛି ନାହିଁ !

ରାଜା ତତ୍‌କ୍ଷଣାତ୍ ମନ୍ତ୍ରୀଙ୍କ ଘର ଖାନତଲାସ କରାଇଲେ ଓ ତୃତୀୟ ଥଳିଟି ପାଇଲେ । ତଦନ୍ତରୁ ଜଣାଗଲା, ଭାଲୁସର୍ଦ୍ଦାରକୁ ମନ୍ତ୍ରୀହିଁ ସହାୟତା ଦେଉଥିଲେ । ଯେଉଁଦିନ ସେ ଯେଉଁ ସୌଦାଗରଙ୍କ ଘରୁ ଚୋରି କରିବ, ସେ ପଲ୍ଲିରୁ ରାତି ଜଗୁଆଳକୁ ମନ୍ତ୍ରୀ ଅନ୍ୟତ୍ର ନିୟୋଗ କରୁଥିଲେ । ମନ୍ତ୍ରୀଙ୍କୁ ଭାଲୁ ସର୍ଦ୍ଦାର ତା' ଲୁଣ୍ଠନରୁ ଅଂଶ ଦେଉଥିଲା । କହିବା ବାହୁଲ୍ୟ ରାଜାଙ୍କ ପାଖରୁ ବୀରୁଭୂୟାଁ ସମ୍ପର୍କରେ ଜାଣିଥିବା ଗୋପନ ସଂବାଦ ସେ ଭାଲୁ ସର୍ଦ୍ଦାରକୁ ଜଣାଇ ଦେଇଥିଲେ ।

ଭାଲୁ ସର୍ଦ୍ଦାର ଥିଲା ଜଣେ ସମ୍ଭ୍ରାନ୍ତ ଯୁବକ ଏବଂ ତା'ର ପ୍ରକୃତ ନାମ ଭିନ୍ନ । ରାଜା ତାକୁ ସହାୟତା ଦେଇ ତା' ପିତୃହନ୍ତାକୁ ଦଣ୍ଡିତ କଲେ । ମନ୍ତ୍ରୀ ନିର୍ବାସିତ ହେଲେ । ଭାଲୁ ସର୍ଦ୍ଦାର ଦିନେ ରାଜାଙ୍କ ମୁଖ୍ୟ କଟୁଆଳ ପଦ ମଣ୍ଡନ କଲା ।

ବିବରଣୀଟି ଏହିଠାରେ ସମାପ୍ତ କରି ବେତାଳ ରାଜାଙ୍କୁ ପ୍ରଶ୍ନ କଲା, ''ରାଜା ! ମୋର କିଛି ପ୍ରଶ୍ନ ଅଛି । ସାଧୁବାବା କାହିଁକି ରାଜାଙ୍କ ପ୍ରଶ୍ନ ଏଡ଼ାଇଗଲେ ? ରାଜା କେତେବେଳେ ଓ କାହିଁକି ମନ୍ତ୍ରୀଙ୍କୁ ସନ୍ଦେହ କରିବାକୁ ଆରମ୍ଭ କଲେ ? ପାରିଲେ ମୋ ପ୍ରଶ୍ନର ଉତ୍ତର ଦିଅ । ଉତ୍ତର ଜାଣି ମଧ୍ୟ ଯଦି ନିରୁତ୍ତର ରହିବ, ତେବେ ତୁମ ଶିରଃ ହେବ ସ୍କନ୍ଧଚ୍ୟୁତ ।''

ମୁହୂର୍ତ୍ତଟିଏ ମଧ୍ୟ ବିଳମ୍ବ ନକରି ରାଜା ବିକ୍ରମ କହିଲେ, ''ସାଧୁବାବା ରାଜାଙ୍କ ପ୍ରଶ୍ନର ଯଥାର୍ଥ ଉତ୍ତରହିଁ ଦେଇଥିଲେ । ଯେତେବେଳେ ତାଙ୍କ ଶିଷ୍ୟ ଫୁଲଗଛଟିର ପତ୍ରରାଶି ମଉଳି ପଡ଼ିଥିବାରୁ ସେ ପତ୍ରରାଶି ଉପରେହିଁ ପାଣି ସିଞ୍ଚିବ ବୋଲି କହିଲା ଓ ସାଧୁ ତାକୁ ବିଦ୍ରୂପ କଲେ, ସେ ବୁଝାଇଲେ ଯେ ପାଣି ପ୍ରକୃତରେ ଗଛ ମୂଳରେ ଦେବା ଚାହି । ରାଜା ବୁଝିଲେ, ଶାସନର ମୂଳ କେନ୍ଦ୍ରରେହିଁ ରହିଛି ଦସ୍ୟୁ ଧରା ନପଡ଼ିବାର ରହସ୍ୟ । ମନ୍ତ୍ରୀଙ୍କ ମନେ ମନେ ଭୟ ଥିଲା ସାଧୁ କାଳେ ତାଙ୍କ ସମ୍ପୃକ୍ତି କଥା କହି ଦେଇ ପାରିବେ କି ? କିନ୍ତୁ ତାଙ୍କ ଧାରଣା ଅନୁସାରେ ସାଧୁ ସେ ପ୍ରସଙ୍ଗରେ କିଛି ନକହିବାରୁ ସେ ଅସ୍ୱାଭାବିକ ଭାବରେ ନିଜ ଖୁସି ବ୍ୟକ୍ତ କଲେ । ଜ୍ଞାନୀ ରାଜାଙ୍କର ଦୁର୍ବଳ ସନ୍ଦେହ ସେତିକିବେଳେ ପ୍ରବଳ ହେଲା । ପରେ ତ ତୃତୀୟ ମୁଦ୍ରାଥଳି ହଡ଼ପ କରି ମନ୍ତ୍ରୀ ନିଜ ପ୍ରକୃତି ପ୍ରକଟ କରିଦେଲେ ।''

ରାଜାଙ୍କ ମୌନଭଙ୍ଗ ହେବା ମାତ୍ରେ ଶବସହ ବେତାଳ ଖସିଯାଇ ପୁନର୍ବାର ବୃକ୍ଷ ଡାଳରେ ଓହଳି ପଡ଼ିଲା ।

(ଉତ୍ସ : ସୁପ୍ରାଚୀନ ଲୋକକଥା
ନବବିନ୍ୟାସ : ଦେବପ୍ରିୟ)

❑❑❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୨୧)

## ମହେନ୍ଦ୍ରନାଥ ସ୍ୱାଇଁ

### ଜାଜ୍ଜ୍ୱଲ୍ୟମାନ ଜ୍ୟୋତିର୍ମୟ ରୂପ

ଜନୈକ ଜିଜ୍ଞାସୁ ସାଧକଙ୍କର ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ ୪ ଜାନୁଆରୀ ୧୯୩୫ରେ ଲେଖିଥିଲେ, ''I have said that the Divine does the Sadhana first for the world and then gives what is brought down to others. There can be no Sadhana without realisations and experiences. The *Prayers* are a record of Mother's experiences.''

(Appendix to Prayers and Meditations, p. 383)

''ମୁଁ କହିଛି ଯେ ଦିବ୍ୟଶକ୍ତି ପ୍ରଥମେ ଜଗତ୍ ନିମନ୍ତେ ସାଧନା କରନ୍ତି ଏବଂ ତତ୍‌ପରେ ଯାହା ଅବତରଣ କରାନ୍ତି ସେଗୁଡ଼ିକ ଅନ୍ୟମାନଙ୍କ ଭିତରେ ବିତରଣ କରି ଦେଉଥା'ନ୍ତି । ଉପଲବ୍ଧି ଏବଂ ଅନୁଭୂତି ବିନା ସାଧନା ହୁଏ ନାହିଁ । ପ୍ରାର୍ଥନାଗୁଡ଼ିକ ହେଉଛି ମା'ଙ୍କର ଅନୁଭୂତିର ରେକର୍ଡ଼ ।''

ସୁତରାଂ ଦିବ୍ୟଜନନୀ ଶ୍ରୀମା'ଙ୍କର ''ଧ୍ୟାନ ଓ ପ୍ରାର୍ଥନା''ର ଅନ୍ତଃସ୍ରୋତରେ ମନ୍ଥରତା ନାହିଁ – କୌଣସି ଗୁପ୍ତ, ଗୁହ୍ୟ ରହସ୍ୟ ମଧ୍ୟ ନାହିଁ । କାରଣ ମା ସିଧାସଳଖ ଭାବରେ ଯାହା ଦେଖିଛନ୍ତି, ଯାହାସବୁ ଅନୁଭବ କରିଛନ୍ତି ଏବଂ ଶ୍ରବଣ କରିଛନ୍ତି, ସେସବୁକୁ ଧ୍ୟାନ ଓ ପ୍ରାର୍ଥନାରେ ଲିପିବଦ୍ଧ କରି ରଖି ଦେଇଛନ୍ତି । ଦିବ୍ୟଜନନୀ ଯେ କେବଳ ପରମ ପ୍ରଭୁଙ୍କ ସହିତ ଏକାକାର ହୋଇ ଯାଇଛନ୍ତି ସେତିକି ନୁହେଁ ତାଙ୍କ ସହିତ ଏକ ଘନିଷ୍ଠ ସମ୍ପର୍କ ବି ସ୍ଥାପନ କରିଛନ୍ତି – ଏବଂ ଏହି ଚମତ୍କାର ସମ୍ପର୍କର ସତ୍ୟତାକୁ ପ୍ରକାଶ କରିବା ପାଇଁ ଏକ ପ୍ରକାର ନିର୍ଦ୍ଦିଷ୍ଟ ବାତାବରଣ ମଧ୍ୟ ଧ୍ୟାନ ଓ ପ୍ରାର୍ଥନାରେ ସୃଷ୍ଟି କରି ପାରିଛନ୍ତି । ସେଥିପାଇଁ ଏହା ଏକ ନିଛକ୍ ଆତ୍ମ-ନିବେଦନର କବିତା ହୋଇପାରିଛି ଏବଂ ମା ପରମ-ପ୍ରେମମୟ ପ୍ରଭୁଙ୍କୁ ନିଶ୍ଚିତ ଭାବରେ ସାକ୍ଷାତ୍ କରିଛନ୍ତି । ଉକ୍ତ ଅନୁଭବଟିକୁ ମା ଅତ୍ୟନ୍ତ ଚମତ୍କାର ଭାବରେ ଜାପାନର ରାଜଧାନୀ ଟୋକିଓରେ ଅବସ୍ଥାନ କରୁଥିବାବେଳେ, ୨୪ ସେପ୍‌ଟେମ୍ବର ୧୯୧୭ ତାରିଖରେ ଲିପିବଦ୍ଧ କରିଛନ୍ତି । ତାହା ଏହିପରି –

''Thou hast subjected me to a hard discipline; rung after rung, I have climbed the ladder which leads to Thee and, at the summit of the ascent, Thou hast made me taste the perfect joy of identity with Thee. Then, obedient to Thy command, rung after rung, I have descended to outer activities and external states of consciousness, re-entering into contact with these worlds that I left to discover Thee. And now that I have come back to the bottom of the ladder, all is so dull, so mediocre, so neutral, in me and around me, that I understand no more....''

(September 24, 1917, P. 369)

''ହେ ପ୍ରଭୁ ! ଆପଣ ମୋତେ କଠିନ ଶୃଙ୍ଖଳା ମଧ୍ୟଦେଇ ଗତି କରାଇଛନ୍ତି; ଆପଣଙ୍କ ଆଡ଼କୁ ଲମ୍ବି ଯାଇଥିବା ଶିଡ଼ି ବା ନିଶୁଣି ଉପରେ ପାହାଚ ପରେ ପାହାଚ ଚଢ଼ି ଆଗକୁ ଉଠି ଚାଲିଛି ଏବଂ ଉତ୍ତରଣର ସର୍ବୋଚ୍ଚ ଶିଖରରେ ଆପଣଙ୍କ ସହିତ ଏକାକାର ହୋଇଯିବାର ପରିପୂର୍ଣ୍ଣ ଆନନ୍ଦର ସ୍ୱାଦକୁ ମୁଁ ଯେପରି ଜାଣିପାରେ ମୋତେ ସେହିପରି କରି ଦେଇଛନ୍ତି । ତତ୍‌ପରେ ଆପଣଙ୍କ ନିର୍ଦ୍ଦେଶକୁ ପାଳନ କରି ପୁନଶ୍ଚ ପାହାଚ ପରେ ପାହାଚ ଚଢ଼ି ମୁଁ ବାହାରର କାର୍ଯ୍ୟକଳାପ ଏବଂ ଚେତନାର ବାହ୍ୟ ଅବସ୍ଥାକୁ ଓହ୍ଲାଇ ଆସିଛି, ଆପଣଙ୍କୁ ଆବିଷ୍କାର କରିବା ନିମନ୍ତେ ଯେଉଁସବୁ ଜଗତମାନଙ୍କୁ ଛାଡ଼ି ଚାଲି ଆସିଥିଲି ପୁନଶ୍ଚ ସେମାନଙ୍କର ସମ୍ପର୍କ ଭିତରକୁ ପ୍ରବେଶ କରୁଛି । ବର୍ତ୍ତମାନ ମୁଁ ଫେରିଆସି ଶିଡ଼ିର ଶେଷ ପାହାଚରେ ଠିଆ ହୋଇଛି, ଏଠାରେ ସବୁକିଛି ନୀରସ, ଅସଂଲଗ୍ନ – ମଝି ମଝିକିଆ ଏବଂ ସମ୍ପର୍କ

ବିହୀନ – ମୋ ଭିତରେ ଏବଂ ମୋ ଚାରିପଟରେ ସେ ସମସ୍ତଙ୍କୁ ଆଉ ବୁଝିପାରୁ ନାହିଁ .... ।''

ମା'ଙ୍କର ଏହି ଅନୁଭୂତିଟି ସୂକ୍ଷ୍ମ ରହସ୍ୟମୟ ସ୍ତରର ନୁହେଁ କିନ୍ତୁ ଏହା ଆଧ୍ୟାତ୍ମିକ ଦର୍ଶନ ଏବଂ ଅନୁଭବର ଏକ ରେକର୍ଡ଼ । ଉପରକୁ ଉଠିଯିବା ଏବଂ ନିମ୍ନକୁ ଅବତରଣ କରିବା ଏକ ଖୋଲାଖୋଲି ମୁକ୍ତ ଭାବ । ଏଥିରେ କୌଣସି ଗୁହ୍ୟ, ଆଧ୍ୟାତ୍ମିକ ରହସ୍ୟ ଲୁକ୍‌କାୟିତ ହୋଇ ରହି ନାହିଁ । ଏବଂ ସେଥିରେ ଥିବା ନିଶୁଣିର ଫଳି ବା ପାହାଚର ("Ladder" and "Rung") ଚିତ୍ରକଳ୍ପମାନେ ମଧ୍ୟ ଏକ ଅସାଧାରଣ କଥାବସ୍ତୁ । ଏହାହିଁ ପୃଥିବୀପୃଷ୍ଠରେ ଦିବ୍ୟ-ଜନନୀଙ୍କ କାର୍ଯ୍ୟ । ସେ ଊର୍ଦ୍ଧ୍ୱଜଗତକୁ ପରମପ୍ରଭୁଙ୍କ ପାଖକୁ ଉଠିଯାଆନ୍ତି, ସେଠାରୁ ଅନେକ ଜିନିଷ ଧରି ଆମ ପାଖକୁ ଫେରି ଆସନ୍ତି, ଓହ୍ଲାଇ ଆସନ୍ତି ।

ମା'ଙ୍କର ଧ୍ୟାନ ଓ ପ୍ରାର୍ଥନାର ପ୍ରତ୍ୟେକ ପ୍ରାର୍ଥନାରେ ମା ପ୍ରଭୁଙ୍କ ନିକଟରୁ ପ୍ରତ୍ୟେକ ଘଟଣାର ସ୍ପଷ୍ଟୀକରଣ ନିମନ୍ତେ ଇଚ୍ଛା କରିଛନ୍ତି । ମା କହୁଛନ୍ତି –

''ହେ ପ୍ରଭୁ ! ଏହା କିପରି ସମ୍ଭବ, ମୁଁ ଯାହାସବୁ ଦେଖିଛି ତାହା ଦେଖି ସାରିଲା ପରେ ମୋର ଯାହା ଅନୁଭବ କରିବା କଥା ସେସବୁ ଅନୁଭୂତିକୁ ଆସିଗଲା ପରେ, ଆପଣଙ୍କ ଜ୍ଞାନର ପବିତ୍ରତମ ଗର୍ଭଗୃହ ଭିତରକୁ ଆପଣ ମୋର ହାତଧରି ନେଇଗଲା ପରେ, ଏବଂ ଆପଣଙ୍କ ସହିତ ମିଳିତ ହୋଇ ସାରିଲା ପରେ, ଆପଣ ମୋତେ ଏପରି ଏକ ସାଧାରଣ ପରିସ୍ଥିତି ଭିତରେ, ଅତି ସାଧାରଣ ଯନ୍ତ୍ରଟିଏ କରି ଠିଆ କରାଇ ଦେଲେ ? ସତ କହିବାକୁ ଗଲେ, ହେ ପ୍ରଭୁ ! ଆପଣ ଅନନ୍ତ, ଆପଣଙ୍କ ଗଭୀରତାର ଥଳକୂଳ ନାହିଁ ଏବଂ ତାହା ମୋର ବୁଝାମଣାର ବହୁ ଊର୍ଦ୍ଧ୍ୱରେ...''

''ହେ ପ୍ରଭୁ ! ଆପଣ କାହିଁକି ମୋତେ ଏହି ମହାନ୍ ଆନ୍ତର ନିରବତା ପ୍ରଦାନ କରିଛନ୍ତି ? କିନ୍ତୁ ଆପଣଙ୍କ ପାଖରେ ଗୁହାରି କରି କରି ମୋର ଜିହ୍ୱା ଏତେ କ୍ରିୟାଶୀଳ ହୋଇ ପଡୁଛି ଯେ ଆପଣ ସେହିସବୁ କଥା ଶୁଣି ଶୁଣି ଆକ୍ରାନ୍ତ ହୋଇ ପଡୁଛନ୍ତି । ପ୍ରତ୍ୟେକ ବସ୍ତୁମାନଙ୍କ ଦ୍ୱାରା ଆମେ ଅଧିକୃତ ହୋଇ ଯାଉଥିବାରୁ ଆମର ଚିନ୍ତାସକଳ ଫଳବତୀ ହୋଇପାରୁ ନାହିଁ । କାହିଁକି ଏପରି ହେଉଛି ... ? ଆପଣଙ୍କ ନିକଟରେ ଅନନ୍ତକାଳ ପାଇଁ ମୁଁ ଏହିସବୁ ପ୍ରଶ୍ନ କରି ଚାଲିଥିବି, ଏବଂ ଏକଥା ଜଣାଶୁଣା ଯେ ସବୁବେଳେ ନିଷ୍ଫଳ ହେଉଥିବି ... ?''

ଶେଷରେ ପ୍ରାର୍ଥନାଟିର ଉପସଂହାରରେ ଦିବ୍ୟଜନନୀ ସ୍ୱୟଂ ସମସ୍ତ ପ୍ରଶ୍ନର ସମାଧାନ କରି ଦେଇଛନ୍ତି । ମା କହୁଛନ୍ତି –

"I have only to bow to Thy decree and accept my condition without uttering a word."

(Prayers and Meditations, P. 370)

''ମୁଁ କେବଳ ଆପଣଙ୍କ ଆଦେଶନାମା ସମ୍ମୁଖରେ ନତମସ୍ତକ ହେଉଛି ଏବଂ ମୁଁ ବର୍ତ୍ତମାନ ଯେଉଁ ସ୍ଥିତିରେ ଅଛି ସେହି ସ୍ଥିତିରୁ, ଗୋଟିଏ ବି ଶବ୍ଦ ଉଚ୍ଚାରଣ ନକରି, ମଥାପାତି ମାନି ନେଉଛି ।''

''I am now only a spectator who watches the dragon of the world unrolling its coils without end.''

(Prayers and Meditations, P. 370)

ପୁନଶ୍ଚ ମା କୁହନ୍ତି, ''ମୁଁ ବର୍ତ୍ତମାନ କେବଳ ମାତ୍ର ଜଣେ ଦର୍ଶକ ଭାବରେ ଦଣ୍ଡାୟମାନ, ଏହି ପୃଥିବୀର ଡ୍ରାଗନ୍ ଯେ କି ସୀମାହୀନଭାବେ ତା' କୁଣ୍ଡଳୀକୃତ ଲାଞ୍ଜକୁ ଅନବରତ ଖୋଲୁଥିବାର ଦେଖୁଛି ।''

ଧ୍ୟାନ ଓ ପ୍ରାର୍ଥନାର ପାଠକମାନେ ନିଶ୍ଚିତ ଭାବରେ ହୃଦୟଙ୍ଗମ କରିପାରୁଥିବେ ଯେ, ଦିବ୍ୟ-ଜନନୀ ଶ୍ରୀମା କିପରି ନିଖୁଣ ଭାବରେ ପରମ ପ୍ରଭୁଙ୍କ କଥା ଶୁଣି ପାରୁଛନ୍ତି ଏବଂ ଯଥାଯଥ ଭାବରେ ସେ ସମସ୍ତଙ୍କୁ କାଗଜର ଫର୍ଦ୍ଦ ଉପରେ ଲେଖନୀରେ ଲିପିବଦ୍ଧ କରୁଛନ୍ତି । ସେଗୁଡ଼ିକ ହେଉଛି ଏକ ପରିପକ୍ୱ ଅନୁଭବର କଥୋପକଥନ ଏବଂ ସେଠାରେ ମାନସିକ ଧାରଣାର ସ୍ଥାନ ନାହିଁ । ୧୫ ଫେବ୍ରୁଆରୀ, ୧୯୧୫ ପ୍ରାର୍ଥନାଟିରେ ଏହା ସମ୍ପୂର୍ଣ୍ଣ ରୂପେ ପ୍ରକାଶିତ ହୋଇଛି –

''ହେ ପ୍ରଭୁ ! ହେ ପରମ ସତ୍ୟ ! ତିନି ତିନିଥର ଆପଣଙ୍କର ପରିପ୍ରକାଶକୁ ମୁଁ ଦର୍ଶନ କଲି । ଆପଣଙ୍କୁ ଗଭୀର ଉଷ୍ମ-ଶିହରଣର ସହିତ ମୁଁ ଆକୁତି ଜଣାଉଛି ।''

''ତତ୍‌ପରେ ସବୁଦିନ ଭଳି ସମଗ୍ର ସତ୍ତା ସ୍ୱୟଂ ସାମଗ୍ରିକ ଭାବରେ ଆପଣଙ୍କ ପାଦତଳେ ସମର୍ପିତ ହୋଇଗଲା । ସେହି ମୁହୂର୍ତ୍ତରେ ଚେତନା ବ୍ୟକ୍ତିଗତ ମନ, ପ୍ରାଣ ଓ ଶରୀର, ଯେଉଁମାନେ ସମ୍ପୂର୍ଣ୍ଣ ଭାବେ ଧୂଳି ଦ୍ୱାରା ଆଚ୍ଛାଦିତ, ସେମାନଙ୍କୁ ଗ୍ରହଣ କରିନେଲା ଏବଂ ଏହି ସତ୍ତା ଆପଣଙ୍କ ସମ୍ମୁଖରେ ଲମ୍ବ ହୋଇ ପଡ଼ିଗଲା, କପାଳ ଭୂମିକୁ ସ୍ପର୍ଶ କଲା, ସମ୍ପୂର୍ଣ୍ଣ ଭାବରେ ଧୂଳିଧୂସରିତ, ଏବଂ ସେ ଉଚ୍ଚସ୍ୱରରେ ଆପଣଙ୍କ ପାଖରେ

ନିବେଦନ କଲା, ''ହେ ପ୍ରଭୁ ! ଧୂଳିମାଟିରେ ନିର୍ମିତ ଏହି ସତ୍ତା ଆପଣଙ୍କ ପାଦ ପଦ୍ମରେ ଆଭୂମ ପତିତ, ପ୍ରାର୍ଥନା କରୁଛି ଦିବ୍ୟସତ୍ୟର ଅଗ୍ନିଶିଖାରେ ଉତ୍ତପ୍ତ ହୋଇ ଏଣିକି କେବଳ ଆପଣଙ୍କୁ ପ୍ରକାଶ କରିବ ।'' ଏହାପରେ ଆପଣ ଏହି ସତ୍ତାକୁ କହିଲେ, ''ଉତ୍ତିଷ୍ଠତ, ଧୂଳିଧୂସରିତ ସମସ୍ତ ସତ୍ତାମାନଙ୍କ ମଧ୍ୟରେ ତୁମେହିଁ ବିଶୁଦ୍ଧତମ ।''

''ଏବଂ ତତ୍‌ପରେ ହଠାତ୍ ଗୋଟିଏ ମାତ୍ର ଝଟକାରେ ବାହ୍ୟ ଢିଲା ବସ୍ତ୍ରଟି ମାଟି ଉପରକୁ ଖସିପଡ଼ିଲା ପରି ସବୁ ଧୂଳି ଖସିପଡ଼ିଲା, ଏବଂ ଏହି ସତ୍ତା ସଳଖ ହୋଇ ଠିଆ ହୋଇଥିବାର ଦୃଷ୍ଟିଗୋଚର ହେଲା, ସବୁଦିନ ପରି ଦୃଢ଼ କିନ୍ତୁ ଜାଜ୍ୱଲ୍ୟମାନ ଜ୍ୟୋତିର୍ମୟ ରୂପରେ ।''

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା;  (୨) Notes on The Prayers and Meditations : Goutam Ghosal

# ପୂର୍ଣ୍ଣ ଯୋଗେଶ୍ୱର

## ହୃଷିକେଶ ପଣ୍ଡା

ଯେଉଁ ଯୁଗ ପୁରୁଷଙ୍କ କଟାକ୍ଷରେ
ଫିଙ୍ଗି ଦେଲୁଁ ଯୋଗୀ ବେଶ
ହୃଦରୁ ରୁଦ୍ରାକ୍ଷ ମାଳା
କବଚ କୁଣ୍ଡଳ,
ସନ୍ଦୀପ୍ତ ସତ୍ତାର ନିଆଁ
ଜାଳି-ପୋଡ଼ି ଦେଲା
ତନ୍ତ୍ର ଯନ୍ତ୍ର ପୂଜା ପାଠ
ଯେତେ ସବୁ ଧାର୍ମିକ ଉନ୍ମାଦ
ଚେତନାର ଜାଗୃତିରେ
ଅସ୍ତ ବ୍ୟସ୍ତ ହୃଦୟ କମଳ ।

ଆଶା ଆଶଙ୍କାର ପ୍ରଶ୍ନ ନାହିଁ
ନାହିଁ ଆଉ ସୁଖ ଭୋଗ ଲିପ୍ସା
ଚିର ବିସ୍ମୟରେ ଉନ୍ମୁଖ
ଦିନ, ରାତି ଆତ୍ମାର ଉଲ୍ଲାସ,
ଗୋଟିଏ ସୂର୍ଯ୍ୟାଲୋକରୁ
ଅନ୍ୟ ଏକ ସୂର୍ଯ୍ୟାଲୋକ ଯାଏ



ନିଃସର୍ତ୍ତ ପ୍ରେମରେ ଆବିଷ୍ଟ
ଭିନ୍ନ ଏକ ଜଗତର ଦୃଶ୍ୟ ।

ଯା'ର ପରିସମାପ୍ତି ନାହିଁ
କି ପୁନରାବୃତ୍ତି ନାହିଁ
କୌଣସି ଶାସ୍ତ୍ରରେ, ସାନ୍ନିଧ୍ୟରେ,
ଯେପରି ରହିଛୁ ଆମେ
ରହିଥିବୁ ଚିରକାଳ
ଜନ୍ମେ ଜନ୍ମେ, କଳ୍ପେ କଳ୍ପେ
ସେ ପ୍ରେମର ବାହୁ ବନ୍ଧନରେ ।

ତୁମେ ସେହି ତ୍ରାଣ କର୍ତ୍ତା
ପୂର୍ଣ୍ଣ ଯୋଗେଶ୍ୱର,
ଘେନ ପ୍ରଣିପାତ ଆମ
ହେ ସୂର୍ଯ୍ୟ ଚିରନ୍ତନ
ଅତିମାନସର ଦ୍ରଷ୍ଟା
ଏ ଯୁଗର ଶ୍ରେଷ୍ଠ ଅବତାର । ❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୫୦)

## ସାହାନା ଦେବୀ

**ସାହାନା :** ମଧୁମୟି ମା, ଶ୍ରୀଅରବିନ୍ଦ ଦେବ : ମୁଁ ଜାଣେ ନାହିଁ କ'ଣ ଆଜି ଲେଖିବି ! ତୁମେମାନେ ଯାହାସବୁ ମୋତେ ପ୍ରଦାନ କରିଛ ତାହାରି ଅମିୟ ସ୍ପର୍ଶରେ ମୁଁ ଏତେ ଅଭିଭୂତ ଯେ, ସତ୍ତା ମୋର ଗଭୀର କୃତଜ୍ଞତାରେ ପ୍ଳାବିତ । ମା ମୋତେ କୁହ କାହିଁକି ଏଇ ବାଜେ ବୃତ୍ତିସବୁ ଆସେ ଏବଂ ଆଚ୍ଛାଦନ କରି ଦିଏ ଏଇ ଅପୂର୍ବ ସୁନ୍ଦର ସତ୍ୟର ଅକୃତ୍ରିମ ଅନୁଭବକୁ ? ଇଚ୍ଛା ହେଉଛି ଯଦି ମୁଁ ସକ୍ଷମ ହୁଅନ୍ତି ତେବେ ଏଇ ପରମ ମଧୁବୋଳା ଅନୁଭବକୁ ବଜାୟ ରଖିପାରନ୍ତି ଏବଂ ନିର୍ବୋଧଙ୍କ ଭଳି ଏଇ ପ୍ରକାର ଅନାବଶ୍ୟକ ଜିନିଷ ନିମନ୍ତେ ତୁମକୁ ଆଉ କଷ୍ଟ ନଦେବାକୁ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହା ସବୁ ହେଉଛି ନିମ୍ନତର ପ୍ରାଣ ସତ୍ତାର ଛୋଟ ଛୋଟ ସବୁ ଅଭ୍ୟାସ ଯେଉଁମାନେ ଚାହାନ୍ତି ସେମାନଙ୍କର ସମସ୍ତ ଶକ୍ତିକୁ ଏକତ୍ରିତ କରି ସଂଶୋଧନକୁ ବାଧା ଦେବାକୁ ଏବଂ ଚେତନାକୁ ଅଧିକାର କରିବା ପାଇଁ ଚେଷ୍ଟା କରିବାକୁ । ଯେତେବେଳେ ତାହା ଆସେ, ସେତେବେଳେ ତୁମକୁ ଶିଖିବାକୁ ହେବ ତୁମର ଅନ୍ତର ଚେତନାକୁ ସେଇ ପରିସ୍ଥିତିରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ କରି ରଖିବାକୁ, ଏପରିକି ଯଦି ତାହା ଖୁବ୍ ଜୋରରେ ଆସିଯାଏ, ତେବେ ବି ଏହା ଚେତନାକୁ ଅଧିକାର କରିବାକୁ ସମର୍ଥ ହେବ ନାହିଁ କିଂବା ସମ୍ମତି ମଧ୍ୟ ପାଇବ ନାହିଁ ।

ତୁମେ ନିଶ୍ଚିନ୍ତ ରହିପାର ଆମର ସବୁପ୍ରକାର ସାହାଯ୍ୟ ତୁମ ସହ ରହିବ । (୫.୯.୩୪)

**ସାହାନା :** ମୋର ମଧୁମୟି ମା, ଆଜି ଆଉ ଏକ ବିଷୟରେ ସଚେତନ ହେଲି । ଯେତେବେଳେ ମୁଁ ଖୁବ୍ ଭଲ ଅନୁଭବ କରୁଥାଏ ଅବା ଭଲ ଅବସ୍ଥାରେ ବାସ କରୁଥାଏ, ଅର୍ଥାତ୍ ଯେବେ ଅନୁଭବ କରେ ଏକ ତୀବ୍ର ଉର୍ଦ୍ଧ୍ୱମୁଖୀ ଗତିର, ସେତେବେଳେ ଦେଖେ ତା' ସହ ପୁଣି ଆଉ ଏକ (ନିମ୍ନପ୍ରାଣର) ଗତି ମୋତେ ତଳକୁ ଠେଲିଦିଏ । ପ୍ରଥମେ ପ୍ରଥମେ ମୁଁ ଏଇ ନିମ୍ନଗତି ସମ୍ବନ୍ଧରେ ସଚେତନ ନଥିଲି, ଭାବୁଥିଲି ଏହା ବି ବୋଧହୁଏ ଏକ ଆନନ୍ଦର ଗତି, କିନ୍ତୁ ସେଦିନ ତୁମ ସହ ଦେଖା ହେବା ପରେ, ମୁଁ ଏଇ ପୁସ୍ତକଟିର – "Sweetness of the mind, filled with beautiful thoughts, turned exclusively to the Divine" – (ଅପୂର୍ବ ସୁନ୍ଦର ସମସ୍ତ ଚିନ୍ତାରେ ଭରା ମନର ମାଧୁର୍ଯ୍ୟ ଯାହା ଏକାନ୍ତ ଭଗବତମୁଖୀ) – ପ୍ରକୃତରେ ତା'ର ତାତ୍ପର୍ଯ୍ୟ ଉପଲବ୍ଧି କଲି । ମାଗୋ, ତୁମ ଚିନ୍ତାରେ ଭରପୂର, ମୁଁ ଆନନ୍ଦରେ ଆତ୍ମହରା ହୋଇ ଶିହରିତ ହୋଇ ଉଠିଲି ସେତେବେଳେ, ଏଇ ଉର୍ଦ୍ଧ୍ୱମୁଖୀ ଗତି ଯେତେବେଳେ କ୍ରିୟା କରୁଥିଲା ଏକ ତୀବ୍ର ପ୍ରେରଣା ମୁଁ ପ୍ରଗାଢ଼ଭାବେ ଅନୁଭବ କଲି – ବଜାରକୁ ଯାଇ ଶ୍ରୀଅରବିନ୍ଦଙ୍କର ସ୍ୟାଣ୍ଡଉଇଚ୍ ନିମନ୍ତେ ''ଚିଜ୍'' (cheese) କିଣି ଆଣିବାକୁ, ବାସ୍ତବିକ ଏଇ ପ୍ରେରଣା ମୋତେ ଟାଣି ନେଇଗଲା, କିନ୍ତୁ ଯେମିତି ମୁଁ ଫେରି ଆସିଲି ତତ୍କ୍ଷଣାତ୍ ବୁଝିଗଲି ସତରେ ଯେ ଆନନ୍ଦର ଉତ୍ସରୁ ଯେଉଁ ପ୍ରେରଣା ଆସିଛି ବୋଲି ମୁଁ ମାନି ନେଇଥିଲି, ଏହା ତାହା ନୁହେଁ, ବରଂ ଠେଲି ଦେଇଛି ଆତ୍ମ ପ୍ରତାରଣା ଦିଗକୁ ଏପରି ସଂଗତିପୂର୍ଣ୍ଣ ଯୁକ୍ତି ଦେଖାଇ ଯାହା ପରମ ତୃପ୍ତିଦାୟକ ବୋଲି ସେତେବେଳେ ମନେ ହୋଇଥିଲା । ତା'ଛଡ଼ା ସାମାଜିକ ଭାବରେ ଆନନ୍ଦ ଉତ୍ସବ କରିବାର ଇଚ୍ଛା ମଧ୍ୟ ଆସେ, ଅର୍ଥାତ୍ ଯାଇ ଗଳ୍ପ କର, ସାଙ୍ଗସାଥି ସହ ଆନନ୍ଦରେ ଖିଆପିଆ କର । ପୂର୍ବେ ମୁଁ ଏଇ ଦୁଇ ଗତି ସ୍ପନ୍ଦନର ଏକ ସଙ୍ଗେ ଅନୁଭବ ସମ୍ବନ୍ଧରେ ସଚେତନ ନଥିଲି, ଭାବୁଥିଲି ଏହା ବି ଏକ ପ୍ରକାରର ଆନନ୍ଦ ବ୍ୟତୀତ ଆଉ କିଛି ନୁହେଁ । ମା', ମୁଁ କ'ଣ ଜାଣିପାରେ ସେଇ ଜିନିଷଟିକୁ ଠିକ୍ ବୁଝିଛି ଅବା ବ୍ୟାଖ୍ୟା କରି ପାରିଛି କି ନା ? ଯଦି ତାହା ଠିକ୍ ଭାବେ କରି ପାରି ନଥାଏ ତେବେ ଦୟାକରି ମୋ ମନକୁ ଆହୁରି ବିଶୁଦ୍ଧ କରିଦିଅ ଯେପରି ସବୁ ଠିକ୍ ବୁଝି ପାରେ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ହଁ, ଏହା ଏକେବାରେ ନିର୍ଭୁଲ । ଏଇ ମିଶ୍ରଣହିଁ ସର୍ବଦା ତୁମ ପଥରେ ବାଧା ହୋଇ ଛିଡ଼ା ହୋଇଛି । ବର୍ତ୍ତମାନ ଯେତେବେଳେ ତୁମେ ଏହାକୁ ଦେଖିବାକୁ ପାଇଛ, ସେତେବେଳେ ତାହାକୁ ଆହୁରି ବିଶ୍ଳେଷଣ କରିବାକୁ ହେବ ଏବଂ ବର୍ଜନ କରିବାକୁ ପଡ଼ିବ ।'' (୧୩.୯.୩୪)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ଗୋଲାପି ନଗରୀରେ ସୁନେଲି କୃତଜ୍ଞତା

## (୨)

## ସୂର୍ଯ୍ୟକାନ୍ତି ମହାନ୍ତି

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଜାପାନୀ ଦାର୍ଶନିକ ଡକ୍ଟର ମିକାଉ ଉସୁଇ (Dr. Mikao U-Sui) ପୁନଃ ଆବିଷ୍କାର କରିଥିଲେ ସୁସ୍ଥତା ନିମନ୍ତେ ଏକ ପ୍ରକାର ପ୍ରାକୃତିକ ଚିକିତ୍ସା ପଦ୍ଧତି, ଯାହା ଅନ୍ତର୍ନିହିତ ଓ ମହାଜାଗତିକ ଶକ୍ତି ଉପରେ ଆଧାରିତ । ଏହା ରେକି (Reiki) ଚିକିତ୍ସା ପଦ୍ଧତି ଭାବରେ ପରିଚିତ । ଡକ୍ଟର ଉସୁଇଙ୍କର ରେକି ସମ୍ବନ୍ଧୀୟ ମୂଳ ପାଣ୍ଡୁଲିପି ୧୯୯୪ ମସିହାରେ ମିଳିଥିଲା । ଏଥିରୁ ଜଣାପଡ଼େ ଯେ ରେକି ପଦ୍ଧତିର ସୃଷ୍ଟି କର୍ତ୍ତା ହେଉଛନ୍ତି ଗୌତମ ବୁଦ୍ଧ । ବର୍ତ୍ତମାନ ସମଗ୍ର ପୃଥିବୀରେ ଏହା ବିସ୍ତାର ଲାଭ କରିଛି । ଏଥିରେ ଡକ୍ଟର ଉସୁଇ ରେକି ଅଭ୍ୟାସକାରୀ ଏବଂ ଏଥିପ୍ରତି ଆଗ୍ରହୀ ବ୍ୟକ୍ତିମାନଙ୍କୁ ପ୍ରଦାନ କରିଥିଲେ ପାଞ୍ଚଟି ରେକି ସୂତ୍ର । ସେଗୁଡ଼ିକ ହେଲା –

**୧. ଆଜି ପାଇଁ ମୁଁ ବିବ୍ରତ ହେବି ନାହିଁ –**

ସାଧାରଣତଃ ଲୋକମାନେ ଦୈନନ୍ଦିନ ଜୀବନରେ ମାନସିକ ଚାପ ଭିତରେ ରହନ୍ତି । ଜଣେ ଯଦି କେବଳ ଗୋଟିଏ ଦିନ ପାଇଁ ବିବ୍ରତ ହେବା ବନ୍ଦ କରିପାରିଲା, ତେବେ ସେହି ଦିବସରେ ତା' ନିଜ ଜୀବନରେ ତଥା ଅନ୍ୟମାନଙ୍କ ଜୀବନରେ ଶାନ୍ତି ଆଣି ପାରିଲା ବୋଲି ଜଣାଯାଏ । ମାନସିକ ଚାପର ହ୍ରାସ ତା' ସ୍ୱାସ୍ଥ୍ୟର ଉପକାର କରିଥାଏ । ଏହି ପ୍ରକ୍ରିୟା ଯେପରି ହେଉ ତା'ର ପ୍ରତ୍ୟେକ ଦିନର ଘଟଣା ।

**୨. ଆଜି ପାଇଁ ମୁଁ କ୍ରୋଧିତ ହେବି ନାହିଁ –**

ଯଦି ବି କୌଣସି କାରଣରୁ ଜଣକର କ୍ରୋଧ ସୃଷ୍ଟି ହେବାକୁ ଯାଉଛି, ସେଥିରୁ ମୁକୁଳିବା ପାଇଁ ଦୀର୍ଘଶ୍ୱାସ ନେବା ଓ ଛାଡ଼ିବା ଦରକାର । ତା'ପରେ ନିଜକୁ କୋହଳ କରି ନିଅ ଏବଂ ମନ ମଧ୍ୟରୁ କ୍ରୋଧକୁ ବାହାରି ଯିବାକୁ ଦିଅ । ଏହା ପରେ କିପରି ଲାଗିବ ନିରୀକ୍ଷଣ କର । କ୍ରୋଧ ସର୍ବଦା ହୃତ୍‌ସ୍ପନ୍ଦନର ହାର ବୃଦ୍ଧି କରାଏ । ଫଳରେ ମାନସିକ ଉତ୍ତେଜନା ଦେଖାଯାଏ । ଏହା ସୁସ୍ଥତା ପାଇଁ ଆଦୌ ଶୁଭଙ୍କର ନୁହେଁ, ଏଣୁ ଶାନ୍ତ ଭାବାପନ୍ନ ଅବସ୍ଥାରେ ରହିବାକୁ ପ୍ରତ୍ୟେକ ଦିନ ଚେଷ୍ଟା କର ।

**୩. ଆଜି ପାଇଁ ମୁଁ ହେବି କୃତଜ୍ଞ –**

ସର୍ବଦା ମଣିଷ ନିଜର କିଛି ନାହିଁ ବୋଲି ଦେଖୁଥାଏ । ଏପରି ହେବାକୁ ଚେଷ୍ଟା କର ଯେ ଆଜି ପାଇଁ ନିଜର ଯାହା ଅଛି – ଅର୍ଥାତ୍, ନିଜର ସର୍ବନିମ୍ନ ଆବଶ୍ୟକତା; ଖାଦ୍ୟ, ବସ୍ତ୍ର, ବାସଗୃହ ଓ ପ୍ରିୟ ପରିଜନଙ୍କର ସୌହାର୍ଦ୍ଦ ଇତ୍ୟାଦି ପାଇଁ ଭଗବାନଙ୍କ ନିକଟରେ କୃତଜ୍ଞ ରୁହ । କୃତଜ୍ଞତାହିଁ ମଣିଷ ଜୀବନକୁ ପରିବର୍ତ୍ତିତ କରିବାର ଶକ୍ତି ବହନ କରିଥାଏ । ଏହି କୃତଜ୍ଞ ଭାବ ଜୀବନରେ ଅଧିକ କିଛି ସାଫଲ୍ୟକୁ ଆକର୍ଷିତ କରେ । ଆକର୍ଷଣର ଗୁପ୍ତ ନିୟମ ହେଉଛି ସାଦୃଶ୍ୟ ଆକର୍ଷିତ କରେ ସାଦୃଶ୍ୟକୁ ଏବଂ ବୈସାଦୃଶ୍ୟ ଆକର୍ଷିତ କରେ ବୈସାଦୃଶ୍ୟକୁ । ଏଣୁ ନିଜର ଯାହା କିଛି ଅଛି, ସେଥି ନିମନ୍ତେ କୃତଜ୍ଞ ହୁଅ, ସକାରାତ୍ମକ ହୁଅ ।

**୪. ଆଜି ପାଇଁ ମୁଁ ସାଧୁତାର ସହ କାର୍ଯ୍ୟ କରିବି –**

ସାଧୁତାର ସହ କାର୍ଯ୍ୟ କଲେ କାର୍ଯ୍ୟଟି ଉତ୍ତମ ରୂପେ ସମ୍ପାଦିତ ହେବା ସହ ଆତ୍ମସନ୍ତୋଷ ଆଣିଦିଏ । ଜୀବନର ଉଦ୍ଦେଶ୍ୟ ପୂର୍ଣ୍ଣ ହେବାରେ ଏହା ସାହାଯ୍ୟ କରେ ।ଏଣୁ ଆଜି ଦିନର ସାଧୁତାପୂର୍ଣ୍ଣ କାର୍ଯ୍ୟ ତୁମ ଜୀବନର ପ୍ରତ୍ୟେକ ଦିନହିଁ ହେଉ । ଏଥିରେ ମାନସିକ ଶାନ୍ତି ସହିତ ସାମାଜିକ ଉନ୍ନତି ନିହିତ ରହିଥାଏ ।

**୫. ଆଜି ପାଇଁ ପ୍ରତ୍ୟେକ ଜୀବ ପ୍ରତି ଦୟାଶୀଳ ହେବି –**

ମଣିଷ ତା' ଜୀବନରେ ପ୍ରେମ ଓ ଦୟା ଯେପରି ଆଶା କରେ, ସେହିପରି ପ୍ରତ୍ୟେକ ଜୀବର ମଧ୍ୟ ଆଶା ଥାଏ । ସମସ୍ତ ଜୀବଜଗତ୍ ପ୍ରତି ସ୍ନେହଶୀଳ ଓ ଯତ୍ନଶୀଳ ରୁହ । ଦିବସର ଶେଷରେ ତୁମେ ଯେପରି ଅନୁଭବ କରିବ ଯେ ଅନ୍ୟ କାହାରି ଜୀବନରେ କ୍ଷଣିକ ପାଇଁ ବି ହେଉ ଆନନ୍ଦ ଆଣି ଦେଇଛ ।

ଯଦିଓ ପ୍ରତି ଦିନ ଏହି ପାଞ୍ଚଟି ସୂତ୍ର ଜୀବନରେ ପ୍ରୟୋଗ କରିବାରେ ଅସୁବିଧା ଲାଗୁଛି, ତେବେ ଆଜିଠାରୁହିଁ ଏଥିରୁ ମାତ୍ର ଗୋଟିଏ ସୂତ୍ର ଆରମ୍ଭ କରିପାର । ତେବେ ଜଣେ ଦେଖିବ ଯେ

ପୂର୍ବାପେକ୍ଷା ସେ ଅଧିକ ଆନନ୍ଦ ଅନୁଭବ କରୁଛି । ସେଥିପାଇଁ ଯିଏ ପ୍ରତ୍ୟେକ ଦିନ କୃତଜ୍ଞତାର ସହ ଜୀବନ ବିତାଏ, ସମଗ୍ର ବର୍ଷଟି ତାକୁ ଆଣି ଦେଇଥାଏ ଅଜସ୍ର ଖୁସି । ନିଜ ଭିତରେ କୃତଜ୍ଞତାବୋଧର ଅଭ୍ୟାସ ତଥା ଅନୁଶୀଳନ କରିବାକୁ ଶିଖିବା ଦରକାର । ଯେପରି ଜମିରେ ଧାନ କିପରି ବୁଣାଯାଏ, ହଳ କରାଯାଏ, ପାଣି ମଡ଼ାଯାଏ, ବାଲୁଙ୍ଗାସବୁ ଓପାଡ଼ି ପରିଷ୍କାର କରାଯାଏ – ତାହା ଜଣେ ଶିଖିବା ଦରକାର । ତା'ପରେ ଫସଲ ଯେତେବେଳେ ସେ ଅମଳ କରେ, ତା'ର ଖୁସି କହିଲେ ନସରେ ।

କୁହାଯାଏ ଯେ ଯଦି ତୁମେ କ୍ଷେତରେ ପତଳା ଭାବରେ ବୀଜ ବପନ କରିବ, ତା'ହେଲେ ପରିମିତ ପରିମାଣରେ ଅମଳ ପାଇବ ଏବଂ ଅଧିକ ବୀଜବପନ କଲେ ପରିପୂର୍ଣ୍ଣ ଭାବରେ ଅମଳ ହେବ । ସେହିପରି ତୁମର ଭାବନା ବପନ କରି କରି ଅମଳ କର କାର୍ଯ୍ୟ । କାର୍ଯ୍ୟ ବପନ କରି, ଅମଳ କର ଅଭ୍ୟାସ । ଅଭ୍ୟାସ ବପନ କଲେ, ଅମଳ ହୁଏ ଚରିତ୍ର । ଚରିତ୍ର ବପନରୁ ଅମଳ ହୁଏ ଭାଗ୍ୟ । କୃତଜ୍ଞତା ପୂର୍ଣ୍ଣ ଭାବନା ହେଲେ ଜଣେ ଆନନ୍ଦଦାୟକ ଭାଗ୍ୟର ଅଧିକାରୀ ହୁଏ । ଏହା ହେଉଛି ପ୍ରକୃତିର ନିୟମ କିଂବା କୁହାଯାଇପାରେ କାରଣ ଓ ପରିଣାମର ନିୟମ (Law of cause & effect) । ପ୍ରତ୍ୟେକ ପରିଣାମ ପାଇଁ ଏକ ନିର୍ଦ୍ଦିଷ୍ଟ କାରଣ ଅଛି ଏବଂ ପ୍ରତ୍ୟେକ କାରଣ ପାଇଁ ବି ନିର୍ଦ୍ଦିଷ୍ଟ ପରିଣାମ ଅଛି । ଏଣୁ ଜଣକର ଭାବନା, ବ୍ୟବହାର ଓ କାର୍ଯ୍ୟ ତା'ର ଭାଗ୍ୟ ନିର୍ଦ୍ଧାରଣ କରେ ।

ବିଜ୍ଞାନ ଅନୁଯାୟୀ କୃତଜ୍ଞତା ଚାରୋଟି ସ୍ତରରେ କାର୍ଯ୍ୟ କରିଥାଏ । ସେଗୁଡ଼ିକ ହେଲା ସ୍ୱାସ୍ଥ୍ୟ, ଭାବାବେଗ, ସାମାଜିକ ଓ ବୃତ୍ତି ।

**ସ୍ୱାସ୍ଥ୍ୟ –**

୧. କୃତଜ୍ଞତା ନିଦ୍ରା ଉପରେ ପ୍ରଭାବ ପକାଇ ଥାଏ । ଏହାର ସମୟ ପରିସର ବଢ଼ିବା ଫଳରେ କମ୍ ସମୟ ମଧ୍ୟରେ ନିଦ୍ରା ହୁଏ । ଏପରିକି ନିଦ୍ରାହୀନତା (Insomnia)ରୁ ବି ମୁକ୍ତି ମିଳେ । କୃତଜ୍ଞତା ହେଉଛି ଏକ ସରଳ ନିଦ୍ରା ବଟିକା ।

୨. ଏହା ଶକ୍ତିଶାଳୀ ରୋଗ ପ୍ରତିରୋଧକ ଶକ୍ତି ପ୍ରଦାନ କରେ । ଫଳରେ ଡାକ୍ତରଙ୍କଠାରୁ ଦୂରରେ ରହିବା ସମ୍ଭବ ହୁଏ ।

୩. ମଣିଷର କିଛି ବର୍ଷ ବା କିଛି ମାସର ଆୟୁଷ ବୃଦ୍ଧି କରିବାର କ୍ଷମତା ଏହା ବହନ କରେ ।

୪. ବ୍ୟାୟାମ କରିବା ନିମନ୍ତେ ଆଗ୍ରହ ସୃଷ୍ଟି କରାଏ ।

**ଭାବାବେଗ –**

୧. ଜୀବନରେ ଯେତେ ଦୁଃଖ ଥିଲେ ବି କୃତଜ୍ଞତା କେବେ ବି ମାନସିକ ଚାପରେ ଭାଙ୍ଗି ପଡ଼ିବାକୁ ଦିଏ ନାହିଁ ।

୨. ଏହା ସ୍ମୃତିଶକ୍ତି ବର୍ଦ୍ଧିତ କରାଏ । ଯେପରି କମ୍ପ୍ୟୁଟରର ସବୁ ତଥ୍ୟ ହାର୍ଡ୍ ଡିସ୍କରେ ସଞ୍ଚିତ ହୋଇଥାଏ, ମାତ୍ର ମନୁଷ୍ୟର ସ୍ମୃତିସବୁ ଏପରି ଯାନ୍ତ୍ରିକ ପଦ୍ଧତିକୁ ଆଧାରିତ କରି ସଞ୍ଚିତ ହୋଇ ରହେ ନାହିଁ । ଅନ୍ୟ ପକ୍ଷରେ କୃତଜ୍ଞତାର ଭାବ ନକାରାତ୍ମକ ଚିନ୍ତାଧାରାକୁ ସକାରାତ୍ମକ ଭାବଧାରାରେ ପରିଣତ କରି ସ୍ମୃତିଶକ୍ତିକୁ ତୀକ୍ଷ୍ଣ କରାଏ ।

୩. ମଣିଷ ଶରୀରକୁ ନମନୀୟ କରିବାରେ ଏହା ସାହାଯ୍ୟ କରେ ।

୪. କୃତଜ୍ଞତା ମନୁଷ୍ୟର ଈର୍ଷା ଭାବକୁ କମ୍ କରାଏ ।

**ସାମାଜିକ –**

୧. କୃତଜ୍ଞ ଭାବ ମନୁଷ୍ୟକୁ ବନ୍ଧୁଭାବାପନ୍ନ କରିଥାଏ । ଫଳରେ ନୂତନ ବନ୍ଧୁତା ସୃଷ୍ଟି ହେବା ସହ ପୁରାତନ ବନ୍ଧୁତାକୁ ସେ କେବେ ସନ୍ଦେହ, ବିରକ୍ତି ଓ କ୍ରୋଧ ଭିତରେ ହଜିଯିବାକୁ ଦିଏ ନାହିଁ ।

୨. କୃତଜ୍ଞତାରେ ପୂର୍ଣ୍ଣ ମଣିଷର ହୃଦୟ ଅନ୍ୟଠାରୁ ପାଉଥିବା ଛୋଟ ଛୋଟ ଉପକାର ପାଇଁ ତା'କୁ ଧନ୍ୟବାଦ ଦେବାକୁ କେବେ ବି ଭୁଲେ ନାହିଁ ।

୩. ଅନ୍ୟର ଦୁଃଖଦାୟକ ପରିସ୍ଥିତିରେ ଏହା ସାହାଯ୍ୟ କରିବାର ପ୍ରେରଣା ଯୋଗାଏ ।

**ବୃତ୍ତି –**

୧. କୃତଜ୍ଞ ବ୍ୟକ୍ତି ସର୍ବଦା ତା' କାର୍ଯ୍ୟ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରେ । ଫଳରେ ମାଲିକ ବା ଅଧିକାରୀ ତା' ପ୍ରତି ସର୍ବଦା ସନ୍ତୁଷ୍ଟ ଥା'ନ୍ତି ।

୨. ଦରକାର ପଡ଼ିଲେ ତା'ର ସହକର୍ମୀକୁ ସେ ସାହାଯ୍ୟ କରିଥାଏ ।

କୃତଜ୍ଞତା ଭାବର ବହୁବିଧ ଉପକାରିତା ଥିବା ସତ୍ତ୍ୱେ ପ୍ରାୟଶଃ ତା' ଉପରେ କେହି ଗୁରୁତ୍ୱ ଦିଅନ୍ତି ନାହିଁ, ଯେପରି ତାକୁ କେହି ଚିହ୍ନନ୍ତି ନାହିଁ କି ଜାଣନ୍ତି ନାହିଁ । ଶ୍ରୀମା ଏ ସମ୍ବନ୍ଧରେ ଏକ ଛୋଟ ଆକର୍ଷଣୀୟ କାହାଣୀ ତାଙ୍କର ସନ୍ତାନମାନଙ୍କୁ କହିଥିଲେ । ଗଳ୍ପର ନାମ –

**'କୃତଜ୍ଞତା' ଏକ ବିରଳ ସଦ୍‌ଗୁଣ**

ସୁ-ଉଚ୍ଚ ମେଘମାଳା ମଧ୍ୟରେ ଏକ ମନୋରମ

ରାଜପ୍ରାସାଦ । ତା'ର ମଧ୍ୟଭାଗରେ ଅବସ୍ଥିତ ଏକ ଗୁପ୍ତ, ପବିତ୍ର ସ୍ଥଳୀ । ଏହାର ଦ୍ୱାରଦେଶ ଅନତିକ୍ରମ୍ୟ । ଏପରିକି ନଶ୍ୱରଙ୍କ ପାଇଁ ଦୂରବର୍ତ୍ତୀ ଦର୍ଶକ ମଞ୍ଚ ବି ଅଗମ୍ୟ ।

ଏହା ଥିଲା 'ସତ୍ୟର ରାଜପ୍ରାସାଦ' ।

ଦିନେ ଏଠାରେ ଏକ ଉତ୍ସବର ଆୟୋଜନ ହେଲା । ମାତ୍ର ଏହା ନଶ୍ୱର ମନୁଷ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା, ବରଂ ବିଭିନ୍ନ ପ୍ରକାର ସତ୍ତାମାନେ ଏଥିରେ ଯୋଗ ଦେଇଥିଲେ । ସେମାନେ ହେଲେ ପୃଥିବୀର ପବିତ୍ର ଗୁଣାବଳିଭାବେ ସମ୍ମାନିତ ହେଉଥିବା ଛୋଟ, ବଡ଼ ଦେବାଦେବୀଗଣ ।

ରାଜପ୍ରାସାଦର ପ୍ରବେଶ ପ୍ରକୋଷ୍ଠ ଥିଲା ଖୁବ୍ ପ୍ରଶସ୍ତ । ଏହାର କାନ୍ଥ, ଚଟାଣ ଓ ଛାତ ତଳ ଅସଂଖ୍ୟ ଆଲୋକ ବର୍ତ୍ତିକାରେ ଝଲସି ଉଠୁଥିଲା । ଏହି ପ୍ରକୋଷ୍ଠଟି ଥିଲା 'ବୁଦ୍ଧି'ର । ଉଜ୍ଜ୍ୱଳ ନୀଳବର୍ଣ୍ଣର ଆଲୋକ ଭୂପୃଷ୍ଠରୁ ଉପର ଆଡ଼କୁ ଅଧିକରୁ ଅଧିକ ଉଦ୍ଦୀପ୍ତ ହେଉଥିଲା । ବହୁ ଶାଖା ବିଶିଷ୍ଟ ପ୍ରଦୀପ ପରି ହୀରାର ଦୋଳକସବୁ ଉପରୁ ତଳଆଡ଼କୁ ଝୁଲୁଥିଲେ । ଏସବୁର ତୀବ୍ର ଆଲୋକରେ ଚକ୍ଷୁ ଝଲସି ଯାଉଥିଲା ।

ପବିତ୍ର ସତ୍ତାମାନେ ଜଣ ଜଣ ହୋଇ ପ୍ରକୋଷ୍ଠ ମଧ୍ୟକୁ ପ୍ରବେଶ କରି ଆନନ୍ଦୋଲ୍ଲାସରେ ଏକତ୍ରିତ ହେଲେ । କାରଣ, ପୃଥିବୀରେ ସେମାନେ ଅଲଗା ଅଲଗା ଭାବରେ ପରସ୍ପରଠାରୁ ଦୂରରେ ଅବସ୍ଥାନ କରୁଥିଲେ । ଉତ୍ସବରେ ପ୍ରଥମେ ଜଣେ ନାରୀ ଯାହାଙ୍କ ନାମ 'ନିଷ୍ଠା' ସେ ସଭାପତି ଆସନ ଅଳଙ୍କୃତ କଲେ । ତାଙ୍କର ପୋଷାକ ଥିଲା ନିର୍ମଳ ଜଳ ପରି ସ୍ୱଚ୍ଛ । ହସ୍ତରେ ଥିଲା ବିଶୁଦ୍ଧତମ ଏକ ଘନାକୃତି ସ୍ଫଟିକ, ଯେପରିକି ପ୍ରତ୍ୟେକ ଜିନିଷର ବିନା ବିକୃତି-କରଣରେ ତା'ର ସମ୍ପୂର୍ଣ୍ଣ ଠିକ୍ ପ୍ରତିବିମ୍ବ ପ୍ରତିଫଳିତ ହୋଇପାରିବ ।

ତାଙ୍କ ନିକଟରେ ଦଣ୍ଡାୟମାନ ଥିଲେ ଦୁଇଜଣ ବିଶ୍ୱାସୀ ରକ୍ଷକ – ସମ୍ମାନନୀୟ ଓ ଗର୍ବିତ 'ବିନମ୍ରତା' ଏବଂ ଉତ୍ତୁଙ୍ଗ ଲଲାଟ, ଉଜ୍ଜ୍ୱଳ ଚକ୍ଷୁ ଓ ସ୍ମିତହାସ୍ୟ ସହ ପ୍ରଶାନ୍ତ 'ସାହସ' । 'ସାହସ'ଙ୍କ ହସ୍ତରେ ହସ୍ତ ରଖି ଛିଡ଼ା ହୋଇଥିଲେ ଅବଗୁଣ୍ଠିତା ଜଣେ ନାରୀ । ପରଦା ମଧ୍ୟରୁ ତାଙ୍କର ଅନୁସନ୍ଧିତ୍ସୁ ଚକ୍ଷୁଦ୍ୱୟ ଉଜ୍ଜ୍ୱଳ ଦିଶୁଥିଲା । ସେ ଥିଲେ 'ବିଜ୍ଞତା' ।

ସେମାନଙ୍କ ମଧ୍ୟରେ ଥିଲେ ଅନ୍ୟ ଜଣେ ନାରୀ 'ବଦାନ୍ୟତା' । ସେ ଘୂରି ଘୂରି ପ୍ରାୟ ପ୍ରତ୍ୟେକଙ୍କ ନିକଟବର୍ତ୍ତୀ ହେବାର ଚେଷ୍ଟା କରୁଥିଲେ । ସେ ଥିଲେ ସତର୍କ, ସକ୍ରିୟ ଓ ଶାନ୍ତ, ମାତ୍ର ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର । ଚାଲି ଯାଉଥିବା ସମୟରେ ତାଙ୍କ ପଶ୍ଚାତ୍‌ରେ ନରମ ଶୁଭ୍ର ଆଲୋକ ବିଚ୍ଛୁରିତ ହେଉଥିଲା । ବାସ୍ତବରେ ଏହି ଆଲୋକ ଥିଲା 'ବଦାନ୍ୟତା'ଙ୍କର ଅବିଚ୍ଛେଦ୍ୟ ସହଚରୀ, ତାଙ୍କର ଯମଜ ଭଗିନୀ 'ନ୍ୟାୟ'ଙ୍କର । ଏବଂ 'ବଦାନ୍ୟତା'ଙ୍କର ଚତୁଃପାର୍ଶ୍ୱରେ ଦୀପ୍ତିମାନ୍ ଦେହରକ୍ଷିଗଣ ଯଥା – 'ଅନୁକମ୍ପା', 'ଧୈର୍ଯ୍ୟ', 'ଭଦ୍ରତା', 'ଆଗ୍ରହ' ଏବଂ ଆହୁରି ଅନେକଙ୍କର ସମାବେଶ ହୋଇଥିଲା ।

ଏପରି ସମୟରେ ହଠାତ୍ ସୁବର୍ଣ୍ଣ ଦ୍ୱାର ଦେଶରେ ଜଣେ ନୂତନ ଆଗନ୍ତୁକାଙ୍କର ଆବିର୍ଭାବ ହେଲା । ନିହାତି ଅନିଚ୍ଛା ସତ୍ତ୍ୱେ ରକ୍ଷୀମାନେ ତାଙ୍କୁ ଫାଟକ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେଇଥିଲେ । ପୂର୍ବରୁ ତାଙ୍କୁ କେହି କେବେ ଦେଖି ନଥିଲେ ଏବଂ ତାଙ୍କର ବାହ୍ୟ ଚେହେରା ବି ସେମିତି କିଛି ଆକର୍ଷଣୀୟ ନଥିଲା । ବାସ୍ତବରେ ସେ ଥିଲେ ନିରାଡ଼ମ୍ବର ଓ ସାଦାସିଧା ଭାବରେ ଶୁଭ୍ର ବସ୍ତ୍ର ପରିହିତା ଜଣେ ଅଳ୍ପ ବୟସ୍କା ତରୁଣୀ । ପ୍ରାୟଶଃ ସେ ଦରିଦ୍ର ପରି ମନେ ହେଉଥିଲେ । ଲଜ୍ଜାବନତା ହୋଇ ଧୀର ପଦକ୍ଷେପରେ ସେ ଭିତରକୁ ପ୍ରବେଶ କଲେ । ମାତ୍ର ଏପରି ଏକ ଉଜ୍ଜ୍ୱଳ, ବୃହତ୍ ସମାବେଶ ମଧ୍ୟରେ ନିଜକୁ ଦେଖି ଟିକେ ଅଟକି ଗଲେ । ସ୍ଥିର କରି ପାରିଲେ ନାହିଁ କାହା ପାଖକୁ ଯିବା ଉଚିତ ।

ସେଠାରେ ଉପସ୍ଥିତ ଥିବା ସାଥୀମାନଙ୍କ ସହିତ କିଞ୍ଚିତ୍ ବାକ୍ ବିନିମୟ କରି ଅନ୍ୟମାନଙ୍କର ଅନୁରୋଧ କ୍ରମେ 'ବିଜ୍ଞତା' ଏହି ଅଜଣା ଆଗନ୍ତୁକାଙ୍କ ଆଡ଼କୁ ଅଗ୍ରସର ହେଲେ । ମଣିଷଙ୍କ ପରି ଗଳା ସଫା କରି ଏବଂ ତାଙ୍କ ଆଡ଼କୁ ଦୃଷ୍ଟି ନିକ୍ଷେପ କରି ପ୍ରଶ୍ନିଳ ଭଙ୍ଗୀରେ ସେ କହିଲେ, ''ଏଠାରେ ଏକତ୍ରିତ ହୋଇଥିବା ଆମେ ସମସ୍ତେ ପରସ୍ପରର ପରିଚୟ ଜାଣିଛୁ । ମାତ୍ର ତୁମ ଭଳି ଜଣେ ଅଜଣା ଆଗନ୍ତୁକାଙ୍କର ଉପସ୍ଥିତିରେ ଆମେ ସମସ୍ତେ ଆଶ୍ଚର୍ଯ୍ୟ ହେଉଛୁ । ପୂର୍ବରୁ ଆମେ କେବେ ତୁମକୁ ଦେଖିବା ପରି ମନେ ହେଉ ନାହିଁ । ଦୟାକରି ତୁମର ପରିଚୟ ପ୍ରଦାନ କରିବ କି ?''

ତା'ପରେ ଆଗନ୍ତୁକା ଦୀର୍ଘଶ୍ୱାସ ଛାଡ଼ି ନମ୍ରତାର ସହ ଉତ୍ତର ଦେଲେ, ''ହାୟ ! ଜଣେ ନୂତନ ଆଗନ୍ତୁକା ଭାବରେ ଏଠାରେ ମୁଁ ଉପସ୍ଥିତ ହୋଇଛି ବୋଲି ନିଜେ ବି ଆଶ୍ଚର୍ଯ୍ୟ ହେଉ ନାହିଁ । କାରଣ, ଖୁବ୍ କ୍ୱଚିତ୍ କୌଣସି ସ୍ଥାନକୁ ମୁଁ ନିମନ୍ତ୍ରିତ ହୋଇଥାଏ । ମୋ ନାମ ହେଉଛି 'କୃତଜ୍ଞତା' ।

(କ୍ରମଶଃ)

❑❑❑

# ମାର୍ଗଦର୍ଶକ

## ରମାକାନ୍ତ ସାହୁ

ମହାଭାରତ ଯୁଦ୍ଧର ଅନ୍ତିମ ସୋପାନ । ସେଦିନ କୌରବ ସେନାର ସେନାପତିତ୍ୱ ନେଇଥା'ନ୍ତି ମହରଥୀ କର୍ଣ୍ଣ । ତାଙ୍କ ରଥରେ ସାରଥି ରୂପେ ବ୍ୟବସ୍ଥିତ ହୋଇଥା'ନ୍ତି ମଦ୍ରନରେଶ ଶଲ୍ୟ । ସେ ହେଉଛନ୍ତି ମାଦ୍ରିଙ୍କର ନିଜ ଭାଇ ତଥା ନକୁଳ ଓ ସହଦେବଙ୍କ ମାମୁ । କୌରବ ଶିବିରରେ ଶଲ୍ୟ ଯୋଗଦେବା ପଛରେ ରହିଛି ଏକ କୁଚକ୍ର ପଟ୍ଟଭୂମି । ମହାସମରର ଅୟମାରମ୍ଭରେ ଶଲ୍ୟ ଆସୁଥା'ନ୍ତି ପାଣ୍ଡବ ଶିବିରରେ ଯୋଗଦେବାକୁ । ଦିନ ସାରା ରଥରେ ଯାତ୍ରା କଲାପରେ ରାତ୍ରିଯାପନ ପାଇଁ ବାଟରେ ଅଟକିବାକୁ ପଡୁଥାଏ । କିନ୍ତୁ ତାଙ୍କୁ ରାତ୍ରିଯାପନ ପାଇଁ ମିଳୁଥାଏ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା । ପଥ କଷ୍ଟ ଦୂର ପାଇଁ ନୃତ୍ୟଗୀତର ଆସର । ଏହିପରି ଦୁଇ, ତିନି ଦିନ ପରେ ଦିନେ ସନ୍ଧ୍ୟାରେ ମାମୁ ଶକୁନି ସହ ବିଶ୍ରାମ ଶିବିରରେ ପହଞ୍ଚିଯା'ନ୍ତି ମହାମାନୀ ଦୁର୍ଯ୍ୟୋଧନ । ଧୀରେ ଧୀରେ ରହସ୍ୟ ଉପରୁ ପରଦା ହଟିଯାଏ । ଶଲ୍ୟ ବୁଝିପାରନ୍ତି ଯେ ଏସବୁ ସ୍ୱାଗତ ସତ୍କାର ଦୁର୍ଯ୍ୟୋଧନଙ୍କ ଦ୍ୱାରା ଆୟୋଜିତ, ଯୁଧିଷ୍ଠିରଙ୍କ ଦ୍ୱାରା ନୁହେଁ । କିନ୍ତୁ ଅଜ୍ଞତାବଶତଃ ସେ ଦୁର୍ଯ୍ୟୋଧନର ଆତିଥ୍ୟ ଗ୍ରହଣ କରିସାରିଥିବାରୁ ତା'ର ଆଦର ସତ୍କାର ପାଖରେ ସେ ଋଣୀ । ଋଣ ପରିଶୋଧ ଅର୍ଥେ ଶଲ୍ୟ ତାଙ୍କୁ କିଛି ବର ଯାଚନା କଲେ । ଦୁର୍ଯ୍ୟୋଧନ ଏହି ସୁଯୋଗକୁ ଚାହିଁ ବସିଥିଲେ । ବର ସ୍ୱରୂପ କୌରବ ଶିବରରେ ରହି ଯୁଦ୍ଧରେ ସାହାଯ୍ୟ କରିବାର ସତ୍ୟ କରାଇ ନେଲେ । ବିଚରା ମଦ୍ରନରେଶଙ୍କର ଅନ୍ୟ କିଛି କରିବାକୁ ଆଉ ଚାରା ନଥିଲା ।

ଯୁଦ୍ଧର ଘନଘଟା ମଧରେ ସେଦିନଟି ଥିଲା ଅନନ୍ୟ । ଶଲ୍ୟଙ୍କ ଦାୟିତ୍ୱ ଥିଲା ଅପରିସୀମ । ତାଙ୍କୁ ମିଳିଥିଲା ମୁଖ୍ୟ-ସେନାପତିଙ୍କ ରଥର ସାରଥି ହେବାର ଗୁରୁ ଦାୟିତ୍ୱ । ସୂର୍ଯ୍ୟୋଦୟ ପରେ ପରେ କର୍ଣ୍ଣଙ୍କ ସହ ଯୁଦ୍ଧକ୍ଷେତ୍ରକୁ ବାହାରି ପଡ଼ିଲେ ସାରଥି ଶଲ୍ୟ । ବାଟରେ ଶଲ୍ୟ ଓ କର୍ଣ୍ଣଙ୍କ କଥୋପକଥନ ଅବ୍ୟାହତ ରହିଥାଏ :

ଶଲ୍ୟ : ଦେଖ କର୍ଣ୍ଣ, ସୁରକ୍ଷାର କବଚ, କୁଣ୍ଡଳ ତ ଦାନ କରି ଦେଲ, ଏବେ ତୁମକୁ ସୁରକ୍ଷା ଦେବ କିଏ ? ତେଣୁ ପରାଜୟ ସୁନିଶ୍ଚିତ ।

କର୍ଣ୍ଣ : ମୋର ନିଜ ରଣ କୌଶଳ ଉପରେ ପୂର୍ଣ୍ଣ ଭରସା ରହିଛି । ତେଣୁ ବିଜୟ ଅବଶ୍ୟମ୍ଭାବୀ ।

ଶଲ୍ୟ : କିନ୍ତୁ, ତୁମେ ତ ଅଧର୍ମୀ, ଅନ୍ୟାୟୀ ଦୁର୍ଯ୍ୟୋଧନ ସହ ମିଶି ଯୁଦ୍ଧ କରୁଛ, ଏଣୁ ପରାଜୟ ତ ହେବ ନା !

କର୍ଣ୍ଣ : ଯୁଦ୍ଧରେ ନିୟମ ସମସ୍ତେ ଭାଙ୍ଗିଛନ୍ତି । ତେଣୁ କେହି ବି ନ୍ୟାୟରେ ନାହାନ୍ତି । ଛଳ, କପଟରେ ଯୁଦ୍ଧ ଚାଲିଛି । କିନ୍ତୁ ମୋର ସେନାପତିତ୍ୱରେ ପୂର୍ବ ପରି ଅନ୍ୟାୟ ହେବାକୁ ଦେବି ନାହିଁ । ଆଗରୁ କ'ଣ ଘଟିଛି ସେଥିପାଇଁ ମୁଁ ଦାୟୀ ନୁହେଁ ।

ଶଲ୍ୟ : କିନ୍ତୁ, ଅର୍ଜୁନ ସହ ଅଛନ୍ତି ସ୍ୱୟଂ ଶ୍ରୀକୃଷ୍ଣ । ଅର୍ଜୁନ ସମ୍ପୂର୍ଣ୍ଣ ସୁରକ୍ଷିତ । ତୁମେ ତାକୁ ପରାସ୍ତ କରିବା ଆଦୌ ସମ୍ଭବ ନୁହେଁ ।

କର୍ଣ୍ଣ : ଅର୍ଜୁନର ପ୍ରତ୍ୟେକ ବାଣର ଉତ୍ତର ମୋ ତୂଣୀରରେ ରହିଛି । କିନ୍ତୁ ମୋର ନାଗଅସ୍ତ୍ର ପ୍ରୟୋଗରେ ସେ ନିଶ୍ଚୟ ମୃତ୍ୟୁ ଲାଭ କରିବ ।

ଶଲ୍ୟ : ତୁମେ ତ ଘୋଡ଼ା-ରଖୁଆଳର ପାଳିତ ପୁତ୍ର । ପିତା ବା ପିତୃକୁଳ ଅଜଣା । ତୁମେ କ'ଣ ଜାଣିବ କ୍ଷତ୍ରିୟମାନଙ୍କର ରଣ କୌଶଳ, ନିଜର ବଡ଼ିମା ଉପରେ ଅଯଥା ଆସ୍ଫାଳନ କରୁଛ । ତୁମେ ଯେ ଆଜିର ସୂର୍ଯ୍ୟାସ୍ତ ଦେଖିବ — ସେଥିରେ ମୋର ସନ୍ଦେହ ଆସେ ।

ଶଲ୍ୟଙ୍କର ବାକ୍ୟବାଣରେ ମର୍ମାହତ କର୍ଣ୍ଣ ରଥରୁ ଓହ୍ଲାଇ ପଡ଼ିଲେ । କହିଲେ ମୋର ରଥ କି ସାରଥି କିଛି ବି ଦରକାର ନାହିଁ । ଆପଣ ଫେରିଯା'ନ୍ତୁ ଶିବିରକୁ । କିନ୍ତୁ ଅଦୂରରେ ଥିବା ଅର୍ଜୁନଙ୍କ ରଥରୁ ଶ୍ରୀକୃଷ୍ଣ ପରାମର୍ଶ ଦେଲେ — କର୍ଣ୍ଣଙ୍କୁ ରଥ ଆରୋହଣ କରିବାକୁହିଁ ପଡ଼ିବ । ନଚେତ୍ ପଦାତିକ କର୍ଣ୍ଣ ମହାରଥୀ ଅର୍ଜୁନଙ୍କ ସହ ଯୁଦ୍ଧ କରି ପାରିବେ ନାହିଁ । ଶତ ଅନିଚ୍ଛା, ଅସ୍ୱସ୍ତିରେ ରଥାରୋହଣ କଲେ ମହାରଥୀ କର୍ଣ୍ଣ । ଶଲ୍ୟଙ୍କୁ ଚୁପ୍ ରହିବାକୁ ନିର୍ଦ୍ଦେଶ ଦେଲେ । ମାମୁ ଶକୁନିଙ୍କ ପରି ମାମୁ ଶଲ୍ୟଙ୍କର ଥିଲା ସାଂଘାତିକ ଦୁରଭିସନ୍ଧି । ସେ ବା ଚୁପ୍ ହୋଇ ବସି ରହନ୍ତେ କିପରି ? ମଝିରେ ମଝିରେ ଛାଡୁଥା'ନ୍ତି ତାଙ୍କର ଆତ୍ମଘାତୀ ବାକ୍ୟବାଣ । ମାନସିକ ଓ ପ୍ରାଣିକ ସ୍ତରରେ କ୍ଷତାକ୍ତ ହୋଇ ସାରିଥା'ନ୍ତି କର୍ଣ୍ଣ । ଅବଚେତନରୁ ମାଡ଼ି ଆସୁଥାଏ

ବିଷାଦର କଳା ଛାୟା । ଏସବୁ ଶଲ୍ୟଙ୍କୁ କିନ୍ତୁ ଖୁସି ଦେଉଥାଏ – ବିଷବାଣୀ ଅବ୍ୟର୍ଥ ।

ଅପରପକ୍ଷରେ ଯୁଦ୍ଧରେ ଆତ୍ମୀୟ-ସ୍ୱଜନ ଯଥା – ଗୁରୁ, ପିତାମହ, ଭ୍ରାତା ସମୂହ, ମାମୁ, କୁଳଗୁରୁଙ୍କ ସହ ଯୁଦ୍ଧ କରିବା ଓ ତାଙ୍କୁ ବିନାଶ କରିବାର ଭୟାଭୟ ପରିସ୍ଥିତିକୁ ସାମନା କରିବାକୁ ଯାଇ ଅର୍ଜୁନ ବିଷାଦଗ୍ରସ୍ତ । ତାଙ୍କୁ ଶ୍ରୀକୃଷ୍ଣ ବୁଝାଉଛନ୍ତି – ବୀରର ଲକ୍ଷଣ, ପୁରୁଷାର୍ଥର କଥା, ମାୟା ମୋହର ରହସ୍ୟ, ଆତ୍ମାର ରହସ୍ୟ, ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଗତି-ପ୍ରଗତି-ଅଧୋଗତିର ତାତ୍ପର୍ଯ୍ୟ । ତଦ୍ଦ୍ୱାରା ଅର୍ଜୁନ ଯେ କେବଳ କାଳଜୟୀ ଜ୍ଞାନକୁ ଶ୍ରବଣ କଲେ ବା ହୃଦ୍‌ବୋଧ କଲେ ତାହା ନୁହେଁ, ଦର୍ଶନ କଲେ ''ଶ୍ରୀମଦ୍ ଭଗବଦ୍ ଗୀତା ଜ୍ଞାନ ଓ ଶ୍ରୀକୃଷ୍ଣଙ୍କର ବିଶ୍ୱରୂପ ।'' ତାଙ୍କର ମୋହ ଭଙ୍ଗ ହେଲା । ଭଗବତ୍ ସମର୍ପିତ ଶିଷ୍ୟଟି ଶତ ସିଂହର ବଳ ଓ ସହସ୍ର ସୂର୍ଯ୍ୟର ତେଜ ନେଇ ଲମ୍ଫ ପ୍ରଦାନ କଲେ ଯୁଦ୍ଧ କ୍ଷେତ୍ରକୁ ।

ଯୁଦ୍ଧର ଫଳାଫଳ ସର୍ବଜନ ବିଦିତ ।

ଆସନ୍ତୁ ଦୃଷ୍ଟିପାତ କରିବା ଆମର ଶିକ୍ଷାକେନ୍ଦ୍ରକୁ । ଏଠାରେ ଶିକ୍ଷକ ମାର୍ଗଦର୍ଶକଭାବେ ଅବତୀର୍ଣ୍ଣ । ସେ ପ୍ରାୟଶଃ ଶିକ୍ଷାଦାନ ନକରି ଶିଶୁଟିକୁ ତା' ଭିତରେ ଥିବା ଲୁକ୍କାୟିତ ଜ୍ଞାନକୁ ବାହାରକୁ ଆସିବାର ବାଟ ଦେଖାଇ ଦେବେ । ଉପରୋକ୍ତ କାହାଣୀକୁ ଅନୁଧ୍ୟାନ କଲେ ଆମ ଆଗରେ ଦୁଇଟି ପଥ ଦିଶିଯାଏ – ଗୋଟିଏ ଶଲ୍ୟଙ୍କ ପଥ, ଅନ୍ୟଟି ଶ୍ରୀକୃଷ୍ଣଙ୍କ ପ୍ରଦର୍ଶିତ ପଥ ।

ପ୍ରଥମ ପଥ : ଆଧୁନିକ ଶିକ୍ଷକର ପ୍ରଧାନ ଆୟୁଧ ହେଉଛି – ବାଣୀ, ବାକ୍ୟ ବା କଥା । ଶ୍ରେଣୀ କୋଠରିରେ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ପାଠ୍ୟ ପୁସ୍ତକକୁ ସରଳ, ସାବଲୀଳ ଭାବେ ବୁଝାଇ ଦେବା ଓ ବିଷୟଟିକୁ ପିଲାଏ ବୁଝିଗଲା ପରେ ବିଷୟଟିର ପ୍ରଶ୍ନ-ଉତ୍ତର କରାଇବା ଶିକ୍ଷକମାନଙ୍କର ପ୍ରଧାନ କାର୍ଯ୍ୟ । ପ୍ରଶ୍ନ-ଉତ୍ତରଗୁଡ଼ିକୁ ମନେ ରଖି ପରୀକ୍ଷା ଖାତାରେ ଲେଖି ଶତକଡ଼ା ନବେରୁ ଅଧିକ ନମ୍ବର ରଖିବାକୁ ଛାତ୍ର-ଶିକ୍ଷକ-ଶିକ୍ଷାକେନ୍ଦ୍ରର ସଫଳତାର ପ୍ରମାଣ ବୋଲି ଧରାଯାଉଛି । ପିଲାଙ୍କୁ ପଢ଼ାଇବା ଅପେକ୍ଷା ପିଲାଙ୍କଠୁ ପାଠ ଆଦାୟ କରିବା କାର୍ଯ୍ୟଟି ଶିକ୍ଷକଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ । ପିଲାଙ୍କଠୁ ପାଠ ଆଦାୟ ତଥା ପରୀକ୍ଷାରେ ଭଲ ନମ୍ବର ରଖାଇବା ପାଇଁ ଅନେକ ସାଧାରଣ ଶିକ୍ଷକ ଶଲ୍ୟଙ୍କ ପଥକୁ ଆପଣେଇ ଥା'ନ୍ତି । ପଶୁମାନଙ୍କୁ ପୋଷା ମନାଇବା ପରି ପିଲାମାନଙ୍କୁ ପାଠ ପଢ଼ାଇବାରେ ଶାରୀରିକ, ମାନସିକ ଓ ପ୍ରାଣିକ ଦଣ୍ଡ ଦେବା ଶିକ୍ଷା ବ୍ୟବସ୍ଥାରେ ରହି ଆସିଥିଲା । ୨୦୦୯ ମସିହାରେ ଭାରତ ସରକାରଙ୍କ ''ଶିକ୍ଷା ଅଧିକାର ଆଇନ ପ୍ରଣୟନ ହେଲା ପରେ ଦଣ୍ଡ ବ୍ୟବସ୍ଥାକୁ ନିଷେଧ କରାଗଲା । ସୁରକ୍ଷିତ ପାଚେରି ଓ ବନ୍ଦ ତୋରଣ ଦ୍ୱାରର ଆଢୁଆଳରେ ଦୁର୍ବଳ ଶିକ୍ଷକମାନଙ୍କ ମାଧ୍ୟମରେ ଏହି ଘୃଣ୍ୟ ପ୍ରଥାଟି ଶ୍ରେଣୀ ଗୃହରେ ତଥାପି ବଞ୍ଚି ରହିଲା । ବଞ୍ଚି ରହିଲା ଅତୀତର ଦଣ୍ଡ ବ୍ୟବସ୍ଥା । ଶରୀରରେ ଦଣ୍ଡର ଚିହ୍ନ ରହି ଯାଉଥିବାରୁ, ପ୍ରମାଣ ହେଲେ ଚାକିରି ହରାଇବାର ଭୟ ଥିବାରୁ ଶାରୀରିକ ଦଣ୍ଡ ବ୍ୟବସ୍ଥା କିଛିଟା କମିଗଲା; କିନ୍ତୁ ପ୍ରାଣିକ, ମାନସିକ ଦଣ୍ଡ ବ୍ୟବସ୍ଥା ସଗୌରବେ ଚାଲୁ ରହିଲା । ଏଥିରେ ଆକ୍ରାନ୍ତ ଅନେକ ଶିଶୁଙ୍କ ମଧ୍ୟରୁ ଅଳ୍ପ କିଛି (୫/୬% ପିଲା) ୯୦%ରୁ ଅଧିକ ନମ୍ବର ରଖିଦେଲେ, ଏହି ଅପକର୍ମକୁ ସେହି ଦଣ୍ଡ ବ୍ୟବସ୍ଥାର ସୁଫଳ ବୋଲି ସର୍ବସାଧାରଣରେ ସ୍ୱୀକୃତି ମିଳିଗଲା । ଅକୃତକାର୍ଯ୍ୟ, ବିଷାଦଗ୍ରସ୍ତ, ଆତ୍ମବିଶ୍ୱାସ ହରାଇଥିବା କିଛି ଶିକ୍ଷାର୍ଥୀ ଆତ୍ମହତ୍ୟାର ବାଟ ବାଛି ନେଲେ । ସେମାନଙ୍କୁ ସମାଜ ହିସାବ ବହିର୍ଭୂତ ରଖିଲା । ପୁନଶ୍ଚ ହାଇସ୍କୁଲ ପରୀକ୍ଷାରେ ୯୦%ରୁ ଅଧିକା ନମ୍ବର ରଖିଥିବା ଅନେକ ପିଲା ମହାବିଦ୍ୟାଳୟର ମୁକ୍ତ ପରିବେଶ ଓ ଚାପମୁକ୍ତ ଶିକ୍ଷା ସଂସ୍ପର୍ଶରେ ଆସି ଅଧୋଗତିକୁ ବାଛି ନେଲେ । କଲେଜ ପରୀକ୍ଷା ତଥା ପେସାଗତ ଶିକ୍ଷା ପାଇଁ ଉଦ୍ଦିଷ୍ଟ ପ୍ରବେଶ ପରୀକ୍ଷାରେ ପରାଜୟ ବରଣ କଲେ ।

ଆମ କାହାଣୀର ଶଲ୍ୟ ରଥରେ ଯୋଚା ଯାଇଥିବା ଅଶ୍ୱମାନଙ୍କୁ ଚାବୁକ ମାରି ଯେପରି ଈପ୍‌ସିତ ମାର୍ଗରେ ନେଉଥିଲେ ଠିକ୍ ସେହିପରି କର୍ଣ୍ଣଙ୍କୁ ମଧ୍ୟ ବାକ୍ୟବାଣରେ ଜର୍ଜରିତ କରି ନିଜ ଆକାଂକ୍ଷିତ ଦିଗରେ ବାଟ କଢ଼ାଇ ନେଉଥିଲେ । ଲକ୍ଷ୍ୟ କର୍ଣ୍ଣଙ୍କ ବିନାଶ ତଥା କୌରବ ବିନାଶ । ଶବ୍ଦକୋଷରେ ଶଲ୍ୟର ଅର୍ଥ – କଣ୍ଟା, ଶର, କୀଳକ ବା ଦୁର୍ବାକ୍ୟ । ସତରେ ଶଲ୍ୟ ଥିଲେ ତା'ର ଏକ ନିଖୁଣ ପ୍ରତି-ରୂପ । ତାଙ୍କର ପ୍ରତ୍ୟେକ କଥା ଓ କାର୍ଯ୍ୟ ଥିଲା କଣ୍ଟା ପରି ପୀଡ଼ା ଦାୟକ ।

ଶିକ୍ଷାକେନ୍ଦ୍ରଗୁଡ଼ିକରେ କିଛି ଶିକ୍ଷକ ଶଲ୍ୟଙ୍କ ଆଚରଣ ସହ ସହଯାତ୍ରୀ । ସେମାନଙ୍କ ମତରେ ପିଲାଙ୍କ ପ୍ରତି ପ୍ରଶଂସା ତଥା କୋମଳ ମଧୁର ବ୍ୟବହାର ତାଙ୍କୁ ନଷ୍ଟ ପଥରେ ନେଇଯିବ । ସେମାନେ ଉପରମୁହାଁ, ମନମୁଖି, ସ୍ୱେଚ୍ଛାଚାରୀ ଓ ବିଶୃଙ୍ଖଳ ହୋଇଯିବେ । ତେଣୁ ଚାଣକ୍ୟ ନୀତି ଅନୁସାରେ ୧୬ ବର୍ଷ

ପର୍ଯ୍ୟନ୍ତ ତାଙ୍କୁ ତାଡ଼ନା ବା ମାଡ଼ ଗାଳି ଆଶୀର୍ବାଦ ସୂଚକ ହେବ ।

କିନ୍ତୁ ଶିଶୁ ମନସ୍ତତ୍ତ୍ୱବିତ୍‌ଙ୍କ ମତରେ –

୧. ପିଲାଙ୍କୁ ମାଡ଼, ଗାଳି ଦେବାବେଳେ ପିଲାଏ ସେ ଲୋକକୁ ଭୟ ଓ ଘୃଣା କରିବା ଶିଖେ ।

୨. ମାଡ଼ ତା'ର ବିବେକ ବା ଆତ୍ମାକୁ ଜୋର୍ ଜବରଦସ୍ତ ଶିକ୍ଷକ ବା ଅଭିଭାବକଙ୍କ ଆଜ୍ଞାଧୀନ କରିବାକୁ ବାଧ୍ୟ କରେ । ସେ ଦାସତ୍ୱକୁ ଭାଗ୍ୟ ବୋଲି ମାନିନିଏ ।

୩. ଦଣ୍ଡ ଦେବା ଲୋକଟି ରାଗିବା ହେତୁ ଏକ ଖରାପ ଉଦାହରଣ ରୂପେ ଶିଶୁ ଆଗରେ ଠିଆ ହୁଏ । ଫଳରେ ଅଳ୍ପଦିନ ପରେ ସେ ମଧ୍ୟ ଦୁର୍ବଳ ସାନ ପିଲାଙ୍କୁ, ପଶୁପକ୍ଷୀଙ୍କୁ, ଗଛଲତାଙ୍କୁ ପିଟାପିଟି କରି ଆନନ୍ଦ ପାଏ ।

୪. ମାଡ଼ ଗାଳିରେ ପିଲାର ମନ୍ଦ ଆଚରଣ ଦୂର ହୁଏ ନାହିଁ । କେବଳ ଶିକ୍ଷକ, ଅଭିଭାବକଙ୍କ ଦୃଷ୍ଟି ଆଢୁଆଳକୁ ଚାଲିଯାଏ କିନ୍ତୁ ପୂର୍ବାପେକ୍ଷା ଅଧିକ ଦୃଢ଼ ହୋଇଯାଏ ।

ଏ କ୍ଷେତ୍ରରେ ଶ୍ରୀମାଙ୍କ ବାଣୀ ସ୍ମରଣୀୟ :

''କେବଳ ଶ୍ରଦ୍ଧା ଏବଂ କୋମଳତାର ଏକ ବାତାବରଣ ମଧ୍ୟରେହିଁ ପିଲାମାନଙ୍କୁ ଶିକ୍ଷାଦେବାକୁ ହେବ ।

କୌଣସି ବଳ ପ୍ରୟୋଗ ହେବ ନାହିଁ, କଦାପି ହେବ ନାହିଁ ।

କୌଣସି ଗାଳି ଦିଆଯିବ ନାହିଁ, କେବେହେଲେ ନୁହେଁ । ସବୁବେଳେ ଏକ କୋମଳ ହାର୍ଦ୍ଦିକତାର ଭାବ ବିଦ୍ୟମାନ ରହିଥିବ ଏବଂ ପିଲାଙ୍କୁ ଯେଉଁସବୁ ଭଲଗୁଣ ଅର୍ଜନ କରିବାକୁ ହେବ, ଶିକ୍ଷକ ସେହି ସବୁ ଗୁଣର ଜୀବନ୍ତ ଉଦାହରଣ ହୋଇ ରହିଥିବେ ।''

(ମାତୃ ରଚନାବଳି, ଭାଗ.-୧୨, ପୃ. ୨୮୨)

ପାଠଚକ୍ରରେ, ଆଲୋଚନାଚକ୍ରରେ ଆମେ ମା'ଙ୍କର ଏହି ବାଣୀକୁ ଶୁଣିଛୁ, ମନେ ରଖିଛୁ । ଅନ୍ୟକୁ ଅନେକଥର ଉପଦେଶ ଦେଇଛୁ, ଏ ବିଷୟରେ ବି ଅନେକ କଥା ଜାଣିଛୁ । କିନ୍ତୁ... କାର୍ଯ୍ୟରେ ପାଳନ କରିପାରୁ ନାହୁଁ କାହିଁକି ?

ବଡ଼ ଚମତ୍କାର କଥା ଏହି ଯେ – ମାଡ଼ ଗାଳିରେ ଖ୍ୟାତି ଅର୍ଜିଥିବା ଶିକ୍ଷକଟି ପରିସ୍ଥିତିରେ ପଡ଼ି ପ୍ରଶିକ୍ଷଣ ନେଲା ବେଳେ ପ୍ରଶିକ୍ଷକଙ୍କଠାରୁ ପ୍ରଶଂସାଟିକେ ପାଇଲେ ଖୁସିରେ ଗଦ୍‌ଗଦ ହୋଇଯା'ନ୍ତି । ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ତାଙ୍କ ଶ୍ରେଣୀରେ ସର୍ବାଧିକ ଛାତ୍ର ଉପସ୍ଥିତ ରହନ୍ତି । ଅର୍ଥାତ୍ ତାଙ୍କ ହୃଦୟ ତଥା ଆତ୍ମାଟି ବୁଝିଥାଏ – ଶ୍ରଦ୍ଧା, ସମ୍ମାନ ଓ କୋମଳତାର ପରିବେଶରେହିଁ ପ୍ରକୃତ ଶିକ୍ଷା ହୋଇଥାଏ ।

ଆମକୁ ଏହାର ଅନୁଶୀଳନ ପାଇଁ ଆସନ୍ତୁ ଆମ କାହାଣୀକୁ ଫେରିଯିବା । ଶଲ୍ୟ କୌରବ ଶିବିରରେ ଯୋଗ ଦେବାକୁ ନିଜ ରାଜ୍ୟରୁ ବାହାରି ନଥିଲେ କି କପଟୀ କୌରବମାନଙ୍କୁ ଭଲ ପାଉ ନଥିଲେ । ତତ୍ତୁଲ୍ୟ ଶିକ୍ଷକଟି ତା'ର ପେସାକୁ ଓ ଶିଷ୍ୟଙ୍କୁ ଆନ୍ତରିକଭାବେ ଭଲ ପାଉ ନଥିଲେ ବା ଅନ୍ୟ କିଛି ଆଶାନୁରୂପ କାର୍ଯ୍ୟପନ୍ଥା ନ ମିଳିବାରୁ ବାଧ୍ୟରେ ଏହି ଧନ୍ଦାକୁ ଧରିଥିଲେ – କାର୍ଯ୍ୟରେ ଅସନ୍ତୋଷ ବା ବିରକ୍ତ ହେବା, ଗାଳି-ଫଜିତ କରିବା, କାର୍ଯ୍ୟକ୍ଷେତ୍ରରେ ବଦମାସି କରିବାର ସମ୍ଭାବନା ବଢ଼ିଯାଏ । ଶିକ୍ଷାଦାନ ଛାଡ଼ି ରାଜନୀତି, କୂଟନୀତି ଓ କ୍ଷମତା ଖେଳ ଇତ୍ୟାଦିରେ ସେ ସକ୍ରିୟ ଯୋଗଦାନ କରେ । କିନ୍ତୁ ଗୋଳିପାଣି ଭିତରେ କଙ୍କଡ଼ାଟି ନିରାପଦରେ ଥିବା ପରି ସେ ଆରାମରେ ବିଦ୍ୟାଳୟରେ ବିଚରଣ କରୁଥାଏ । ଦ୍ୱିତୀୟତଃ ଶିକ୍ଷାଦାନ ଆଳରେ ବିପୁଳ ଅର୍ଥ ପ୍ରାପ୍ତିର ଲୋଭରେ ଆକ୍ରାନ୍ତ ଶିକ୍ଷକଟି ଶିଶୁର ଭଲମନ୍ଦକୁ ବିଚାରକୁ ନନେଇ ସ୍ୱାର୍ଥସିଦ୍ଧି ପାଇଁ ଶ୍ରେଣୀରେ ଅସଫଳତାର ଭୟ ସୃଷ୍ଟି କରେ । ପିଲାଙ୍କ ମଧ୍ୟରେ ଅକୃତକାର୍ଯ୍ୟ ହେବାର ଭୟହିଁ ସେହି ଶିକ୍ଷକଙ୍କୁ ଘରୋଇ ଶିକ୍ଷାଦାନ ପାଇଁ ଅନୁକୂଳ ପରିବେଶଟି ଯୋଗାଇ ଦିଏ । ତୃତୀୟତଃ ଶିକ୍ଷକଟି ପାଖରେ ବିଷୟଗତ ଆବଶ୍ୟକ ଜ୍ଞାନର ପ୍ରାଚୁର୍ଯ୍ୟ ନଥିଲେ ଶିଶୁମାନଙ୍କ ଆଗରେ ନିଜ ବଡ଼ିମାକୁ ସୁରକ୍ଷିତ ରଖିବାକୁ ମାଡ଼ଗାଳି ଜନିତ ଭୟର ବାତାବରଣ ସୃଷ୍ଟି କରାଯାଏ । ଚତୁର୍ଥତଃ ନିଜେ ଗତାନୁଗତିକ ଶିକ୍ଷାରେ ଘରେ ଓ ବିଦ୍ୟାଳୟରେ ମାଡ଼ଗାଳି ଖାଇ ଖାଇ ପାଠ ପଢ଼ିଥିଲେ ଅବଚେତନରୁ ମାଡ଼ଗାଳି ଦେବାର ପ୍ରବଣତା ବି ପ୍ରବଳ ହୋଇଥାଏ । ମୋଟାମୋଟି ଭାବେ ଶିକ୍ଷକଟିର ନିଜ ଆବେଗ ତଥା ଶ୍ରେଣୀରେ ପିଲାମାନଙ୍କ କାର୍ଯ୍ୟଧାରାର ବିଭିନ୍ନତାକୁ ନିୟନ୍ତ୍ରଣ କରିବାର ଅକ୍ଷମତାରୁ ଅସହାୟତା ସୃଷ୍ଟି ହୁଏ । ଅସହାୟତାରୁ କ୍ରୋଧ ଓ କ୍ରୋଧର ପ୍ରଦର୍ଶନ ପାଇଁ ମାଡ଼ଗାଳି ପରି ନକାରାତ୍ମକ କାର୍ଯ୍ୟାବଳୀ ପ୍ରକାଶ ପାଇଥାଏ । ଏଥିରେ ସେ ନିଜେ ଯନ୍ତ୍ର ପାଲଟି ଯାଏ । ରାସ୍ତାକଡ଼ର ପାଗଳଟି ପଥିକମାନଙ୍କୁ ଅବଲୀଳାକ୍ରମେ କାଦୁଅ, ମଇଳା ପକାଇ ନିଜେ ମଇଳାରେ ସାଲୁବାଲୁ ହେଲା ପରି ଏହି ଅସହାୟ ଶିକ୍ଷକମାନେ ମଧ୍ୟ ନାନା ମାନସିକ-ଶାରୀରିକ ରୋଗ ବ୍ୟାଧିରେ ପଡ଼ି ସନ୍ତୁଳି ହେଉଥା'ନ୍ତି । ଏହି ପଥରେ ପଥିକ କର୍ଣ୍ଣଙ୍କ ସହ ଶଲ୍ୟ ବି ଅନ୍ତିମ ପଥର ଯାତ୍ରୀ ହୋଇଯା'ନ୍ତି ।

ଦ୍ୱିତୀୟ ପଥଟି ଶ୍ରୀକୃଷ୍ଣଙ୍କ ପଥ । ଏଠାରେ ମାର୍ଗଦର୍ଶକ ଶ୍ରୀକୃଷ୍ଣ । ସହୃଦୟ, ସଚେତନ ପ୍ରେମରେ ଉଛୁଳି ପଡୁଥିବା ସଖା, ସାରଥି, ପ୍ରଭୁ ଶ୍ରୀକୃଷ୍ଣ । ତାଙ୍କର ଶ୍ରଦ୍ଧା, ଆନ୍ତରିକ କୋମଳ ମଧୁର ବାଣୀ ମୃତପ୍ରାୟ ସୁପ୍ତ ଚେତନାକୁ ଉଜ୍ଜୀବିତ କରିଛି । ଅସୀମ ଧୈର୍ଯ୍ୟର ସହ ଅର୍ଜୁନର ସବୁ ସଂଶୟକୁ-ସମାଧାନରେ, ଅଜ୍ଞାନକୁ-ଜ୍ଞାନରେ ରୂପାନ୍ତରିତ କରୁଛନ୍ତି । ଉଦ୍ଦେଶ୍ୟ ଶ୍ରେଣୀ କୋଠରିର ସବା ପଛରେ ବସୁଥିବା ଓ ନିଜକୁ ସର୍ବାଧିକ ଅସହାୟ, ପଛୁଆ ମଣୁଥିବା ପିଲାଟିର ଆତ୍ମାକୁ ଜାଗ୍ରତ୍ କରି ତାକୁ ସର୍ବଶ୍ରେଷ୍ଠ କରି ଗଢ଼ି ତୋଳିବା । ଏଭଳି ଶିକ୍ଷକ, ମାର୍ଗଦର୍ଶକ ବନ୍ଧୁ ଭାଗ୍ୟରେ ଥିଲେ ମିଳନ୍ତି । ମିଳିଥିଲେ ହେଲେନ୍ କେଲର୍‌ଙ୍କୁ, ମିଳିଥିଲେ ବିବେକାନନ୍ଦଙ୍କୁ, ମିଳିଛି ଆମ ସମସ୍ତଙ୍କୁ — ଅବତରି ଆସିଛନ୍ତି ଶ୍ରୀମା ଶ୍ରୀଅରବିନ୍ଦ । କିନ୍ତୁ ଦୁଃଖର କଥା ମା'ଙ୍କୁ ମିଳି ନାହାନ୍ତି ତାଙ୍କ ପ୍ରିୟ ସନ୍ତାନମାନେ, ଶିଷ୍ୟମାନେ, ଭକ୍ତମାନେ — ଯେଉଁଠି ସେ ନୂତନ ଚେତନାକୁ ପ୍ରକାଶ କରି ପାରନ୍ତେ ।

ନିରେଖି ଦେଖିଲେ ଜଣାପଡ଼େ — ଉଭୟ ମାର୍ଗଦର୍ଶକଙ୍କ ମନୋଭାବରେ ରହିଛି ସ୍ୱର୍ଗ ଓ ନର୍କର ଫରକ । ଶଲ୍ୟ ଶିଶୁରୂପକ ପ୍ରଜାପତିକୁ ତା'ର ପୂର୍ବରୂପ, ପୂର୍ବଗୁଣ, ପୂର୍ବ ଅବସ୍ଥା ବିଷୟରେ ଚିହାଇ ଚିହାଇ ଡେଣା ଭାଙ୍ଗିଦେବାକୁ ଚାହାନ୍ତି । ଯେପରିକି ସେ ଉଡ଼ି ନପାରି ମାଟିରେ ପଡ଼ିଯିବ ଓ ଶେଷରେ ମାଟିରେ ମିଶିଯିବ । କିନ୍ତୁ ଶ୍ରୀକୃଷ୍ଣ ସଅଁବାଳୁଆ ଭିତରେ ସୁଷୁପ୍ତ ଭବିଷ୍ୟତର ପ୍ରଜାପତିଟିକୁ ଚିହ୍ନିପାରନ୍ତି — ଦେଖିପାରନ୍ତି ଓ ଦେଖେଇ ଦିଅନ୍ତି ଭବିଷ୍ୟତର ଆଚାର-ବିଚାର ତଥା ସମ୍ଭାବନାଗୁଡ଼ିକୁ । ଏକ ସ୍ଥିର, ଅବିଚଳ, ଅବିରତ ପ୍ରଚେଷ୍ଟାହିଁ ସଅଁବାଳୁଆକୁ ସ୍ୱାଭାବିକଭାବେ ସୁନ୍ଦର ରଙ୍ଗିନ ପ୍ରଜାପତିଟିଏ କରିଦିଏ । ରୂପାନ୍ତରିତ ପ୍ରଜାପତିଟି ଉଡ଼ିବୁଲି ଆନନ୍ଦ, ଆଲୋକ, ସତ୍ୟର ପୁଲକ ବିତରଣ କରିଚାଲେ । ଏ କ୍ଷେତ୍ରରେ ମହାପୁରୁଷଙ୍କ ମହତ୍ କଥା ପଦେ ମନେ ପଡ଼ିଯାଏ —

ଜଣେ ସାଧୁଙ୍କର ହୁଏତ ଥାଇପାରେ ଏକ ଅନ୍ଧକାରମୟ ଇତିହାସ ଓ ଜଣେ ଦସ୍ୟୁର ହୁଏତ ଥାଇପାରେ ଏକ ସାଧୁ ହେବାର ଉଜ୍ଜ୍ୱଳ ସମ୍ଭାବନା ।

ତେବେ ଆମେ କ'ଣ କରିପାରିବା ? ଶିକ୍ଷାଦାନ କ୍ଷେତ୍ରରେ କିଭଳି ପରିବେଶ ସୃଷ୍ଟି କରିପାରିବା, କିପରି ମାର୍ଗଦର୍ଶକ ହୋଇ ପାରିବା ? ଆମ ନିଜ ଭିତରକୁ ଓହ୍ଲାଇ ଆସିବାକୁ ପ୍ରାର୍ଥନା କରିବା ଶଲ୍ୟଙ୍କୁ ନା ଶ୍ରୀକୃଷ୍ଣଙ୍କୁ ? ଆମେ ବାଟ ଦେଖାଇବା କର୍ଣ୍ଣମାନଙ୍କୁ ନା ଅର୍ଜୁନମାନଙ୍କୁ ?

ନିର୍ଣ୍ଣୟ ଓ ନିଷ୍ପତ୍ତି ଆପଣଙ୍କର । ଯଦି ଆପଣ ଶିକ୍ଷାକେନ୍ଦ୍ରର ପରିଚାଳନା ସହ ସଂପୃକ୍ତ ତେବେ ଆପଣଙ୍କର ପ୍ରଥମ କର୍ତ୍ତବ୍ୟ ହେବ ଶଲ୍ୟପନ୍ଥୀ ଶିକ୍ଷକ ବା ଶିକ୍ଷା ପରିଚାଳକମାନଙ୍କୁ ଚିହ୍ନଟ କରିବା । ସେମାନଙ୍କଠାରୁ ଅସଂକ୍ରମିତ ଦୂରତା ବଜାୟ ରଖିବା । ସେମାନଙ୍କ ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ କଥାରେ ଭଳି ନଯିବା, ଆବଶ୍ୟକ ସ୍ଥଳେ ଧାନ ବିଲରୁ ବାଳୁଙ୍ଗା ବାଛିଲା ପରି ଏମାନଙ୍କୁ ଶିକ୍ଷାଶ୍ରମର ପ୍ରସ୍ଥାନ ଦ୍ୱାର ଦେଖାଇ ଦେବା । କାରଣ ଗୋଟିଏ ରଥରେ ଶଲ୍ୟ ଓ ଶ୍ରୀକୃଷ୍ଣଙ୍କ ଅବସ୍ଥାନ ଅସମ୍ଭବ । ଅପର ପକ୍ଷରେ ସଦା ମଙ୍ଗଳମୟ, ଶ୍ରଦ୍ଧାଶୀଳ ମଧୁର ବ୍ୟବହାର କରି ନିଜେ ଆଧ୍ୟାତ୍ମିକ ପରିବେଶ ସ୍ଥାପନରେ ଏକ ଯନ୍ତ୍ର ହୋଇଯିବା । ଏହି ମହାନ୍ ଦୁରୂହ କାର୍ଯ୍ୟରେ ଆଉ କେହି ଆପଣଙ୍କ ସାଥୀ ନହେଲେ ଆପଣ ନିଶ୍ଚୟ କେବଳ ଭଗବାନଙ୍କୁ ଆଶ୍ରା କରି ଏକଲା ଚାଲିବେ । ସର୍ବଦା ସଦିଚ୍ଛାର ବିକିରଣ କରିବେ, ଆପଣହିଁ ହେବେ ଭଗବାନଙ୍କର ସର୍ବମଙ୍ଗଳମୟ ଶୁଦ୍ଧ ମଧୁର ଯନ୍ତ୍ରଟିଏ । ଆପଣଙ୍କ କାନ୍ଧରେ ଝୁଲୁଥିବା ଅହଂକାରର ସିଂହ ଛାଲଟିକୁ ଦୂରକୁ ଫିଙ୍ଗିଦେଇ ନିଜକୁ ସମ୍ପୂର୍ଣ୍ଣ ଭାବେ ମା'ଙ୍କ ହାତରେ ଛାଡ଼ି ଦିଅନ୍ତୁ । ବାସ୍, ଆପଣଙ୍କ ଭିତରେ ମା ନିଶ୍ଚୟ ସେହି ଦିବ୍ୟକର୍ମଟିକୁ ସହଜରେ କରାଇ ନେବେ । ଅସଦିଚ୍ଛା, ସ୍ୱାର୍ଥପରତାର ଏହି ଘନ ଅନ୍ଧାର ଭିତରେ ଆପଣ ହୋଇ ଉଠିବେ ପ୍ରେମ, ଶ୍ରଦ୍ଧା, ସଦିଚ୍ଛାର ଧାରେ ଉଜ୍ଜ୍ୱଳ ଆଲୋକ

କେବଳ ମଙ୍ଗଳମୟଙ୍କ ଇଚ୍ଛା ଚଉଦିଗ ବ୍ୟାପିଯାଉ,
କେବଳ ଦିବ୍ୟଜନନୀଙ୍କର ବିଜୟ ହେଉ, ବିଜୟ ହେଉ । ❑

ଶିକ୍ଷକ ତଥା ଛାତ୍ର ଉଭୟଙ୍କର ଅଗ୍ରଗତି ଲାଗିହିଁ ବିଦ୍ୟାଳୟ ଏକ ଅବସର ସ୍ୱରୂପ ହୋଇ ପାରିବା ଉଚିତ । ମୁକ୍ତ ବିକାଶ ଲାଗି ଉଭୟଙ୍କର ସ୍ୱତନ୍ତ୍ରତା ରହିଥିବା ଉଚିତ ।
(ମାତୃରଚନାବଳି - ଦ୍ୱାଦଶ ଖଣ୍ଡ, ପୃଷ୍ଠା : ୨୩୩) — ଶ୍ରୀମା

**ଭାରତର ଅମର ଗାଥା :**

# ଶ୍ରୀକୃଷ୍ଣ କାହାଣୀ

## (୧୧)

## ନଖାଗ୍ରେ ପର୍ବତ

## ମନୋଜ ଦାସ

[**କାହାଣୀ ଏଯାବତ୍ :** ମଥୁରାର ଦାନବ ରାଜା ଶୁଣିଥାଏ ଏକ ଦୈବବାଣୀ । ଭଉଣୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହାତରେ ହେବ ତା'ର ନିଧନ । ତେଣୁ ଦେବକୀ ସନ୍ତାନଟିଏ ଜନ୍ମ ଦେବା ମାତ୍ରେ ସେ ତାକୁ ମାରି ପକାଉଥାଏ । ତେବେ ତା' ଅଗୋଚରରେ ଅଷ୍ଟମ ସନ୍ତାନଟି ଯାଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ବଢୁଥାଏ । କିନ୍ତୁ ଅଚିରେ କଂସର ସନ୍ଦେହ ହେଲା, କୃଷ୍ଣ ନାମଧାରୀ ସେହି ଶିଶୁହିଁ ହେବ ତା'ର କାଳ । ଶିଶୁଟିକୁ ମାରିଦେବା ନିମନ୍ତେ ସେ ଜଣକ ପରେ ଜଣେ ଦାନବ, ଦାନବୀଙ୍କୁ ପ୍ରେରଣ କଲା । ସେମାନେ ନାନା ଛଦ୍ମବେଶରେ ଗଲେ, କିନ୍ତୁ ସଭିଏଁ ମଲେ । ତେବେ ଗୋପପୁରରେ ନିରବଚ୍ଛିନ୍ନ ଭାବରେ ନାନାଦି ଅମଙ୍ଗଳଜନକ ଘଟଣା ଘଟନ୍ତେ ସେ ଜନପଦର ଅଭିଭାବକମାନେ ବସତି ଅଦୂରବର୍ତ୍ତୀ ଏକ ମନୋରମ ଉପତ୍ୟକାକୁ ଉଠାଇ ନେଲେ । ସେଇଠାରେ, ଯମୁନା ତୀରବର୍ତ୍ତୀ କଦମ୍ବମୂଳରେ ବାଳକ କୃଷ୍ଣଙ୍କର ଏକ ନୂତନ ପ୍ରତିଭାର ସ୍ଫୁରଣ ହେଲା । ଅପୂର୍ବ ବଂଶୀସ୍ୱନରେ ସେ ସ୍ପନ୍ଦିତ କଲେ ବାତାବରଣ । ଆହୁରି ମଧ୍ୟ, ଏକ ସରୋବରର ଜଳକୁ ବିଷାକ୍ତ କରିଥିବା କାଳୀୟ ନାମକ ଭୟଙ୍କର ସର୍ପକୁ ସେ ଦମନ କଲେ । ତା'ପରେ..]

ଶ୍ରୀକୃଷ୍ଣ ଲକ୍ଷ୍ୟ କଲେ ତାଙ୍କ ପାଳକ ପିତା ନନ୍ଦରାଜା ଏବଂ ଜନପଦର ବିଶିଷ୍ଟ ବ୍ୟକ୍ତିମାନେ ମନଧ୍ୟାନ ଦେଇ କୌଣସି ଅନୁଷ୍ଠାନର ଆୟୋଜନରେ ତତ୍ପର । ପର୍ବତ ଓ ବସତି ମଝିରେ ଏକ ସମତଳ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ କରିବାରେ ଲାଗି ପଡ଼ିଥା'ନ୍ତି ଲୋକେ । ଜ୍ୟୋତିଷମାନଙ୍କୁ ସେ ସ୍ଥାନକୁ ଡକାଇ ଯଜ୍ଞ ନିମନ୍ତେ ଉପଯୁକ୍ତ ମୁହୂର୍ତ୍ତ ନିରୂପଣ କରିବାକୁ ନିର୍ଦ୍ଦେଶ ଦେଉଥା'ନ୍ତି ନନ୍ଦ । ଭିନ୍ନ ଭିନ୍ନ ବ୍ୟକ୍ତି ଉପରେ ନ୍ୟସ୍ତ କରାଯାଉଥାଏ ଭିନ୍ନ ଭିନ୍ନ ଦାୟିତ୍ୱ ।

''ବାପା, କ'ଣ ପାଇଁ ଏସବୁ ଆୟୋଜନ ?'' ବାଳକ କୃଷ୍ଣ ଯାଇ ନନ୍ଦରାଜାଙ୍କୁ ପ୍ରଶ୍ନ କଲେ ।

ପୁଅର କୌତୂହଳରେ ଖୁସି ହୋଇ ନନ୍ଦ କହିଲେ, ''ଏଠାରେ ଅନୁଷ୍ଠିତ ହେବ ଏକ ଯଜ୍ଞ । ତାହା ହେବ ଦେବରାଜ ଇନ୍ଦ୍ରଙ୍କ ସମ୍ମାନରେ ।''

''ଇନ୍ଦ୍ର କିଏ, ବାପା ?'' ପ୍ରଶ୍ନ କଲେ କୃଷ୍ଣ ।

''ଜଣେ ଦେବତା; ଦେବକୁଳର ରାଜା । ସେ ହେଲେ ବର୍ଷା ଏବଂ ବଜ୍ରଶକ୍ତିର ଅଧିପତି । ବର୍ଷା ସହ ପବନର ସମ୍ପର୍କ ନିବିଡ଼ । ପବନର ଦେବତା ମଧ୍ୟ ତାଙ୍କ ନିର୍ଦ୍ଦେଶରେ କାମ କରନ୍ତି ।'' ଉତ୍ତର ଦେଲେ ନନ୍ଦ ।

''ବାପା, ବର୍ଷା ଓ ବଜ୍ର ଉପରେ ଅଧିକାର ତା'ଙ୍କୁ କିଏ ଦେଲା ?''

''ସମଗ୍ର ସୃଷ୍ଟିର ଉତ୍ସ – ପରମ ଭଗବାନ୍ ।''

''ବାପା, ତେବେ ସେହି ପରମ ଭଗବାନଙ୍କ ଉଦ୍ଦେଶ୍ୟରେ ଯଜ୍ଞ ନକରି ଇନ୍ଦ୍ରଙ୍କୁ କାହିଁକି ତାହା ଉତ୍ସର୍ଗ କରାଯାଉଛି ?''

ମାତ୍ର ସାତବର୍ଷ ବୟସର ବାଳକଟିର ଏ ସରଳ ଅଥଚ ଗୁରୁତର ପ୍ରଶ୍ନ ନନ୍ଦଙ୍କୁ ଚମକାଇ ଦେଲା । ଟିକିଏ ରହିଯାଇ ସେ କହିଲେ, ''ପୁଅ ! ପୁରୁଷ ପୁରୁଷ ଧରି ଏ ଅନୁଷ୍ଠାନ ଏକ ପରମ୍ପରା ରୂପେ ପାଳିତ ହୋଇ ଆସୁଛି !''

''ବାପା, ଆମେ ଯଦି ବୁଝୁଥିବା ଯେ ସେ ପରମ୍ପରାଠାରୁ ଅଧିକ ଉତ୍ତମ ପରମ୍ପରାର ସୂତ୍ରପାତ କରାଯାଇ ପାରିବ, ତେବେ ଆମେ ତାହା ନକରିବା କାହିଁକି ? ଦେବାଦେବୀ ତ ଅନେକ ଅଛନ୍ତି । ସେମାନେ ଭଗବାନଙ୍କର ଏକ ଏକ ଗୁଣର ପ୍ରତିନିଧି ।

ଯେଉଁ ଲୋକେ କିଛି କିଛି ଅଭିଳାଷ ସିଦ୍ଧି ଚାହାନ୍ତି, ସେମାନେ ସେସବୁ ଦେବାଦେବୀଙ୍କୁ ପୂଜା କରନ୍ତି । କିନ୍ତୁ ଆମ ଭାଗ୍ୟ ତ ଆମରି କର୍ମ ଓ ଭାବନା ଦ୍ୱାରା ନିର୍ଣ୍ଣୀତ ହୁଏ । ସେ ଭାଗ୍ୟ ଦେବାଦେବୀମାନେ ବଦଳାଇଦେଇ ପାରିବେ କି ? କଦାପି ନୁହେଁ ! କେବଳ ପରମ ପ୍ରଭୁଙ୍କୁ ଆମେ ପ୍ରାର୍ଥନା କରିବା ଏବଂ ସେହିଁ ଆମକୁ ଯଥାର୍ଥ ମାର୍ଗରେ ପରିଚାଳିତ କରିବେ । ଧ୍ୟାନ, ପ୍ରାର୍ଥନା ଦ୍ୱାରା ଆମେ ତାଙ୍କରି ନିକଟତର ହେବା । ଯେମିତି ପୁରୁଣା ବସତି ଛାଡ଼ି ଆମେମାନେ ଏ ନୂଆ ସ୍ଥାନକୁ ଚାଲି ଆସିଲୁଁ, ସେମିତି ସେ ପୁରୁଣା ଅଭ୍ୟାସ ତ୍ୟାଗ କରି ମହତ୍ତର ପଦକ୍ଷେପ ନନେବା କାହିଁକି ?''

ନନ୍ଦ ରାଜାଙ୍କ ପଛରେ ଆସି ଠିଆ ହୋଇଥା'ନ୍ତି ଜନପଦର ବିଶିଷ୍ଟ ଲୋକେ । ସେମାନେ ଗମ୍ଭୀର ଦେଖାଗଲେ । ସେମାନେ ବୁଝୁଥିଲେ କୃଷ୍ଣ ଠିକ୍ କଥା କହୁଛନ୍ତି । ତଥାପି ଗୋଟାଏ ପରମ୍ପରା ଲଂଘନ କରିବା ସହଜ ନୁହେଁ ।

ବୃନ୍ଦାବନର ନାଗରିକମାନଙ୍କ ଭିତରେ ଅନେକ ମହତ୍ ଚେତନାବନ୍ତ ନରନାରୀ ରହିଥା'ନ୍ତି । ପ୍ରକୃତରେ ସାମାନ୍ୟ ସ୍ୱାର୍ଥସିଦ୍ଧି ସକାଶେ ସିନା ସାଧାରଣତଃ ଲୋକେ ଦେବାଦେବୀଙ୍କୁ ତୁଷ୍ଟ କରନ୍ତି, ସେମାନଙ୍କ ଆତ୍ମା କିନ୍ତୁ ଖାସ୍ ଭଗବାନଙ୍କ ଆଡ଼େ ଉନ୍ମୁଖ ଥାଏ । ସେମାନଙ୍କ ସ୍ନେହାସ୍ପଦ ବିସ୍ମୟ ବାଳକ କୃଷ୍ଣଙ୍କ କଥାରେ ସେମାନଙ୍କ ମାନସରେ ଖେଳିଗଲା ଏକ ନୂତନ ଜାଗରଣର ସ୍ପନ୍ଦନ ।

''ପରମ୍ପରା ଭାଙ୍ଗିବାକୁ ଭୟ କରୁଛ ?'' ପ୍ରଶ୍ନ କଲେ କୃଷ୍ଣ । ନନ୍ଦ ଓ ଅନ୍ୟମାନେ ନୀରବ ରହିଲେ ।

''ଆମେମାନେ ଯଦି ପରମପ୍ରଭୁଙ୍କ ଭକ୍ତ ଓ ଶରଣାଗତ ହୋଇଥିବା, ତେବେ ତାଙ୍କ ଭିନ୍ନ ଅନ୍ୟ ଯେକୌଣସି ଶକ୍ତି ପ୍ରତି ଭୟ କରିବା ମିଥ୍ୟା ଭୟ ନୁହେଁ କି ?''

''ଠିକ୍ କଥା, ପୁଅ, ଠିକ୍ କଥା । ଆମେ ପରମ ପ୍ରଭୁଙ୍କ ଉପରେହିଁ ଆସ୍ଥା ରଖିବା ଚାହି । ତେବେ ଆମ ଲୋକେ ବର୍ଷକରେ ଥରେ ଗୋଟାଏ ଉତ୍ସବ ହେଉ ବୋଲି ଚାହିଁବା ସ୍ୱାଭାବିକ । ସେପାଇଁ ଲୋଡ଼ା ଗୋଟାଏ ଅବଲମ୍ବନ...'' ଜଣେ ପ୍ରବୀଣ ନାଗରିକ ପ୍ରକାଶ କଲେ ।

''ବେଶ୍ । ତେବେ ଆମର ଏ ବସତି ପଶ୍ଚାତରେ ଦଣ୍ଡାୟମାନ ରହିଥିବା ଏ ପର୍ବତ ସେ ଅବଲମ୍ବନ ନହେବ କାହିଁକି ? ଭଗବାନ୍ ସର୍ବତ୍ର – ଏ ଚରାଚର ବିଶ୍ୱବ୍ୟାପୀ ବିଦ୍ୟମାନ । ଯେକୌଣସି ଶିଳାଖଣ୍ଡ, ଯେକୌଣସି ବୃକ୍ଷକୁ ଆମେ ଭଗବାନ୍ ମନେ କରି ପୂଜା ନିବେଦନ କଲେ ତାହା ଭଗବାନହିଁ ଗ୍ରହଣ କରିବେ । ଆଉ ଏ ମହତ୍ ଓ ନୀରବ ପର୍ବତ ତ ଆମର ଜୀବନ୍ତ ଅଭିଭାବକ ଭଳି ମନେହୁଏ !''

ପର୍ବତର ନାମ ଗୋବର୍ଦ୍ଧନ । ଯଥାର୍ଥ ନାମ । ତାହାରି ପାଦଦେଶରେ ପରିବ୍ୟାପ୍ତ ଦୂର୍ବା-ସବୁଜ ମଇଦାନ ଜନପଦବାସୀମାନଙ୍କର ଗୋ ସମ୍ପଦର ବର୍ଦ୍ଧନର ସହାୟକ କ୍ଷେତ୍ର ।

ଲୋକେ ସେ ପର୍ବତ ଆଡ଼େ ଦୃଷ୍ଟିପାତ କରି କେହି କେହି ସ୍ୱତଃସ୍ଫୂର୍ତ୍ତ ଭାବେ ତାକୁ ନମସ୍କାର କରି ପକାଇଲେ । କେଡ଼େ ଚମତ୍କାର ପ୍ରସ୍ତାବଟିଏ ପରିବେଷଣ କଲା ଏ ଅପୂର୍ବ ନନ୍ଦସୁତ ଜଣକ ! ତା' କଥାରେ ଥିଲା ଏମିତି ଯାଦୁ, ଯାହା ସମସ୍ତଙ୍କୁ କଲା ଅନୁପ୍ରାଣିତ ଓ ଗୋଟାଏ ନୂତନ ଦିଗ୍‌ଦର୍ଶନରେ ଶିହରିତ ।

ଯଜ୍ଞସ୍ଥଳ ନିରୂପିତ ହେଲା ଗୋବର୍ଦ୍ଧନ ପର୍ବତ ପାଦଦେଶର ଏକ ଶିଳା ଚତ୍ୱର ଉପରେ । ଉତ୍ସବ ଦିନ ଉପନୀତ ହେଲା । କବି ଜଣେ ସେ ପର୍ବତ ସମ୍ପର୍କରେ ରଚନା କଲେ ଗୀତ; ତାକୁ ଗାନ କରିବା ନିମନ୍ତେ ଗାୟକଙ୍କର ଅଭାବ ନଥିଲା । ସନ୍ଧ୍ୟା ଘେରି ଆସନ୍ତେ ନାରୀମାନେ ଶତେକ ପ୍ରଦୀପ ଯୋଗେ ପର୍ବତ ଉଦ୍ଦେଶ୍ୟରେ କଲେ ଆରତି ।

ହଠାତ୍ ନିର୍ବାପିତ ହେଲା ସେ ମାଙ୍ଗଳିକ ଥର ଥର ଶିଖା ସମସ୍ତ ! ଉତ୍ତାଳ ପବନର ଏକ ଢେଉ ଆସି ସମସ୍ତଙ୍କୁ ସଚେତନ କରିଦେଲା – ଆକାଶ ବ୍ୟାପୀ ଘୋଟି ଆସୁଛି ଭୟାବହ କଳା ମେଘ ।

ରହସ୍ୟ ହେଲା, ଆକାଶରୁ ନିମ୍ନକୁ ଦୃଷ୍ଟିପାତ କରି ପ୍ରଥମେ ବିସ୍ମିତ ଓ ପରେ ପରେ କ୍ରୋଧାନ୍ୱିତ ହୋଇଥିଲେ ଦେବରାଜ ଇନ୍ଦ୍ର । ବର୍ଷ ପରେ ବର୍ଷ ସେ ପାଉଥିବା ଅର୍ଘ୍ୟରୁ ତାଙ୍କୁ ବଞ୍ଚିତ କରିବ ଏ ଜନପଦ – ଏଡ଼ିକି ତା'ର ଔଦ୍ଧତ୍ୟ ? କିଏ ଦେଇଥାଇ ପାରେ ନାଗରିକମାନଙ୍କୁ ଏମନ୍ତ ସାହସ ? ସେମାନେ ଉପଯୁକ୍ତ ଶିକ୍ଷା ପାଇବା ଲୋଡ଼ା ।

ଦୂର ଦିଗ୍‌ବଳୟରୁ, ସାତ ସମୁଦ୍ର ସେ ପାରିରୁ, ସେ ତଲବ କଲେ ଯାବତୀୟ ମେଘଙ୍କୁ, ଅଣଚାଶ ପବନଙ୍କୁ ସେ ଦେଲେ ନିର୍ଦ୍ଦେଶ – ଛାରଖାର କରିଦିଅ ଯଜ୍ଞ, ସୁଖୀ, ସୁନ୍ଦର ଏ ଜନପଦଟିକୁ ଲଣ୍ଡ ଭଣ୍ଡ କରିଦିଅ ।

ଚାହୁଁ ଚାହୁଁ ନିର୍ବାପିତ ହେଲା ଯଜ୍ଞାଗ୍ନି । ଇତସ୍ତତଃ ବିକ୍ଷିପ୍ତ ହେଲେ ଅନୁଷ୍ଠାନ ନିମନ୍ତେ ସଂଗୃହୀତ ପୁଷ୍ପରାଶି, ଘୃତ, ଚନ୍ଦନ,

କର୍ପୂର ଏବଂ ବିବିଧ ଉପକରଣ । ପୂଜକମାନେ ଉଠି ପଡ଼ିଲେ । ଆଚମ୍ଭିତ ଆବାଳବୃଦ୍ଧବନିତା ଭୟାର୍ତ୍ତ କଣ୍ଠରେ ପରସ୍ପର ସହାୟତା ଲୋଡ଼ିଲେ – ଯେହେତୁ ଚତୁର୍ଦିଗ ଅନ୍ଧକାର; ଉନ୍ମତ୍ତ ପବନ ଧାରା ବର୍ଷାକୁ ଚାବୁକ ବନାଇ ସେମାନଙ୍କୁ ଦେଉଥାଏ ପ୍ରହାର ।

ପରେ ପରେ ଚତୁର୍ଦିଗ ଉଦ୍ଭାସିତ କଲା ପ୍ରୋଜ୍ଜ୍ୱଳ ବିଦ୍ୟୁତ୍‌ମାଳା । ସେ ଚମକକୁ ଅନୁସରଣ କଲା ପ୍ରଚଣ୍ଡ ବଜ୍ରପାତ ଧ୍ୱନି । ଅଦୂର ଗ୍ରାମ ସୀମାନ୍ତରେ ଜଳି ଯାଉଥାଏ ଏକ ପରେ ଏକ ବୃକ୍ଷ ।

କିନ୍ତୁ ହଠାତ୍ ସଭିଙ୍କୁ ହତବାକ୍ କଲା ଭଳି ଇଏ କି ବିଚିତ୍ର ଦୃଶ୍ୟ ? ଗୋବର୍ଦ୍ଧନ ପର୍ବତ ଉଠିଯାଉଛି ଉପରକୁ । ନିମ୍ନରେ ତା'ର ନୀଳାଭ ଦ୍ୟୁତି । ''ଆସ ସଭିଏଁ ଆମର ଏ ସଦାଶୟ ପର୍ବତର ଆଶ୍ରୟକୁ ।'' – ଏକ ସୁଲଳିତ କଣ୍ଠର ଉଦାତ୍ତ ଆହ୍ୱାନ ।

ବିସ୍ମୟ ପରେ ବିସ୍ମୟ । ସେ ନୀଳାଭ ଦ୍ୟୁତିର ଉତ୍ସ ସେମାନଙ୍କର ଅତି ଆତ୍ମୀୟ କୃଷ୍ଣ । ତା'ର ଏକ ଉଦ୍ୟତ ହସ୍ତର କନିଷ୍ଠାଙ୍ଗୁଳି ଉପରେ ସ୍ୱଚ୍ଛନ୍ଦରେ ନ୍ୟସ୍ତ ସେ ବିପୁଳ ପର୍ବତ ।

ପର୍ବତ ଉପରେ ଅବ୍ୟାହତ ବଜ୍ରଧ୍ୱନି । ଚତୁର୍ଦିଗରେ ପ୍ରବଳ ପ୍ରଭଞ୍ଜନ । କିନ୍ତୁ ବିନ୍ଦୁଏ ମଧ୍ୟ ବର୍ଷା ଛିଟିକି ଆସିପାରୁ ନଥାଏ ସେ ଅପୂର୍ବ ଉପନିବେଶ ଭିତରକୁ । ମୁହୁର୍ମୁହୁଃ ବଜ୍ରଧ୍ୱନିରେ ଆତଙ୍କିତ ହେବା ପରିବର୍ତ୍ତେ ସଭିଏଁ ଯେପରି ତାକୁ ବାଦ୍ୟଧ୍ୱନି ଭଳି ଉପଭୋଗ କରୁଥା'ନ୍ତି !

କେହି ଜାଣୁ ନଥା'ନ୍ତି, ସେତେବେଳକୁ କୃଷ୍ଣଙ୍କ ନିର୍ଦ୍ଦେଶରେ ତାଙ୍କ ଦିବ୍ୟାସ୍ତ୍ର ସୁଦର୍ଶନ ପର୍ବତ ଉପରେ ଚକ୍ରାୟିତ ହେବା ଫଳରେ ନିକ୍ଷିପ୍ତ ବଜ୍ରମାଳା ପର୍ବତୋପରି ଗୁଳ୍ପୁଟିଏ ମଧ୍ୟ ଜାଳି ନପାରି ଶକ୍ତିହୀନ ଭାବେ ପ୍ରକ୍ଷିପ୍ତ ହେଉଥାଏ ଚତୁର୍ଦିଗରେ ।

ଏ ଅକଳ୍ପନୀୟ ଅଭିଜ୍ଞତାରେ ପ୍ରଥମେ ବିସ୍ମିତ, ତତ୍ପରେ ବିକ୍ଷୁବ୍ଧ ଏବଂ ଅବଶେଷରେ ବିମୂଢ଼ ବନି ଇନ୍ଦ୍ର ଧ୍ୟାନସ୍ଥ ହେଲେ । ତାଙ୍କ ଚେତନାରେ ଉଦ୍ଭାସିତ ହେଲା ଶିଶୁ ଶ୍ରୀକୃଷ୍ଣଙ୍କ ସସ୍ମିତ ବଦନ; ତାହା ମୁହୂର୍ତ୍ତକ ପରେ ବଦଳିଗଲା ମହାବିଷ୍ଣୁଙ୍କ ସ୍ୱରୂପରେ ।

ପ୍ରଣତ ହେଲେ ଇନ୍ଦ୍ର; ଲାଭ କଲେ ମହାବିଷ୍ଣୁଙ୍କର ସଦାପ୍ରସନ୍ନ ଅଭୟ । ମର୍ତ୍ତ୍ୟରେ ପ୍ରଶାନ୍ତ ହେଲା ପ୍ରକୃତି । ସାତ ଦିନ, ସାତ ରଜନୀ ଅନ୍ତେ ପ୍ରକଟିତ ହେଲେ ସ୍ୱର୍ଣ୍ଣାଭ ସୂର୍ଯ୍ୟ । ଜନପଦବାସୀମାନେ ସ୍ୱ ସ୍ୱ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ସୁଦର୍ଶନ ଚକ୍ରର ବିଭୂତିରେ ସୁରକ୍ଷିତ ରହିଥିଲା ସେମାନଙ୍କର ବାସଗୃହମାନ ।

ଭାଗ୍ୟବାନ୍ ନରନାରୀବୃନ୍ଦ ହୃଦୟଙ୍ଗମ କଲେ ସେମାନଙ୍କର ଅତି ଘନିଷ୍ଠ ନନ୍ଦ ସୁତଟିର ସ୍ୱରୂପ । କିନ୍ତୁ ହାୟ ମାନବପ୍ରକୃତି; ସେମାନଙ୍କ ଚେତନାର ସେ ଉଦ୍‌ଭାସନ ପୁଣି ମାୟା-ମଳିନ ହେବାକୁ ବା ଲାଗିଥିବ କେତେ ସମୟ !

(କ୍ରମଶଃ)

❑❑❑

ଜୀବନରେ ଯେମିତି, ଯୋଗରେ ମଧ୍ୟ ସେମିତି, ଯେଉଁ ବ୍ୟକ୍ତି ପ୍ରତ୍ୟେକ ପରାଜୟ, ମୋହମୁକ୍ତି ଏବଂ ଯାବତୀୟ ବିରୋଧ, ବିରୂପ ଓ ସ୍ୱ-ବିରୋଧୀ ଘଟଣାବଳି ଓ ଶକ୍ତିସବୁ ସହ ମୁକାବିଲା କରି ଶେଷ ପର୍ଯ୍ୟନ୍ତ ଅକ୍ଳାନ୍ତ ପ୍ରୟାସ ଜାରି ରଖେ ସେହିଁ ପରିଶେଷରେ ବିଜୟ ଲାଭ କରେ ଏବଂ ନିଜର ବିଶ୍ୱାସ ଯଥାର୍ଥ ବୋଲି ବୁଝିପାରେ, କାରଣ ମଣିଷର ଅନ୍ତର୍ନିହିତ ଆତ୍ମା ଓ ଶକ୍ତି ସକାଶେ କିଛିହିଁ ଅସମ୍ଭବ ନୁହେଁ ।

– ଶ୍ରୀଅରବିନ୍ଦ

# ହାରାଧନ

## (୫)

ପୁନଶ୍ଚ ନଳିନୀଙ୍କର 'ଆଶ୍ରମ-ଜୀବନର ଏକ ସମୀକ୍ଷା'ରୁ ଉଦ୍ଧୃତି : ''... ଆଶ୍ରମର ଆଧ୍ୟାତ୍ମିକ ଜୀବନର ଭିତ୍ତିଭୂମି ଆଗରୁ ପ୍ରସ୍ତୁତ ଥିଲା; ଆମେ ଏଠାରେ ପ୍ରସଙ୍ଗକ୍ରମେ ସ୍ମରଣରେ ଆଣିପାରୁ ଯେ ୨୪ ନଭେମ୍ବର ୧୯୨୬ରେ ଅଧିମାନସ ବା ଶ୍ରୀକୃଷ୍ଣ-ଚେତନା ଶ୍ରୀଅରବିନ୍ଦଙ୍କର ଭୌତିକ-ଚେତନାରେ ଅବତରଣ ଘଟିବା ଫଳରେ ସାଧାରଣତଃ ଏହା ଥିଲା ପୃଥିବୀ-ଚେତନାରେ ଅଧିମାନସର ଅବତରଣ । ତେଣୁ ସ୍ୱାଭାବିକ ରୂପେ ଏବଂ ସ୍ଥାୟୀ ଭାବରେ ଏହାର ପ୍ରଭାବ ପୃଥିବୀ-ଚେତନାରେ ଅଧିକରୁ ଅଧିକ ପୂର୍ଣ୍ଣ ରୂପେ କ୍ରିୟାଶୀଳ ହୋଇ ଉଠିଥିଲା ।

''ତେଣୁ ଶ୍ରୀମା ସାଧକ-ସାଧିକାମାନଙ୍କୁ ନେଇ ଯେଉଁ କର୍ମ ଆରମ୍ଭ କଲେ ଏବଂ ଏବେ ବି (୧୯୭୩) କରୁଛନ୍ତି, ସେଇଟି ଥିଲା ଏକ ସୃଷ୍ଟି ସର୍ଜନା – ଅତି କମ୍‌ରେ ଏକ ମଣ୍ଡଳ (region)ର ସର୍ଜନା – ଉଚ୍ଚତର ଚେତନା-ଜଗତର ସର୍ଜନା ଯେଉଁଥିରେ ଆଶ୍ରମର ପ୍ରତ୍ୟେକ ଅନ୍ତେବାସୀଙ୍କର ନିଜସ୍ୱ ସ୍ଥାନ ରହିଥିଲା; ପ୍ରତ୍ୟେକଙ୍କର ଆତ୍ମ-ସତ୍ତା ପୂର୍ଣ୍ଣମାତ୍ରାରେ ନିଜସ୍ୱ ଚେତନାର ସମ୍ମୁଖ ଭାଗରେ ରହିଥିବାରୁ ସେଇ ସତ୍ତାକୁ ଶ୍ରୀମା ଉଚ୍ଚତର ମଣ୍ଡଳର ଏକ ଅନୁରୂପ ସତ୍ତାଙ୍କ ସହିତ ସଂଯୋଗ ବା ସଂଯୁକ୍ତ କରି ଦେଉଥିଲେ – ଏମିତି କହିପାରୁ ଯେ ପ୍ରତ୍ୟେକ ଆତ୍ମାକୁ ତା'ର ଊର୍ଦ୍ଧ୍ୱତର ଆତ୍ମା ସହିତ ସଂଯୁକ୍ତ କରି ଦେଉଥିଲେ । ଏହା ଥିଲା ଏକ ପ୍ରକାର ଅବତରଣ, ପୃଥିବୀପୃଷ୍ଠରେ, ଭୌତିକ ଜଗତରେ ଦେବଗଣଙ୍କର ଏକ ସୂକ୍ଷ୍ମ ମୂର୍ତ୍ତିମନ୍ତ ରୂପ ଗ୍ରହଣ । ଯାହାକି ଶ୍ରୀମା'ଙ୍କ ଦିବ୍ୟକୃପାରୁ ଏହି ଅବତରଣ ଫଳରେ ପ୍ରତିଟି ସାଧକ ଆନୁଷଙ୍ଗିକଭାବେ ସ୍ୱତଃ ଉଚ୍ଚତର ସ୍ତରକୁ ଉନ୍ନୀତ ହୋଇ ଉଠୁଥିଲେ ଏବଂ ବିଶୋଧିତ ହୋଇ ଉଠୁଥିଲେ, ଏହା ଥିଲା ଏକ 'ଅଧିମାନସ ସୃଷ୍ଟି' ।

''କିନ୍ତୁ ଏହି ଘଟଣା-ପ୍ରବାହର ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ (ଶ୍ରୀମା'ଙ୍କ ପାଖରୁ ସମସ୍ତ କଥା ଜାଣି) ଶ୍ରୀଅରବିନ୍ଦ ଘଟଣାକ୍ରମେ ଏକ ମନ୍ତବ୍ୟ କଲେ ଯାହାର ଅର୍ଥ ଥିଲା ବିରାମ (halt), ସାମୟିକ ବିରାମ ।... ମୁହୂର୍ତ୍ତକ ମଧ୍ୟରେ ସେହି 'ନବସୃଷ୍ଟି' ଉଭାନ ହୋଇଗଲା । ତେଣୁ ସ୍ୱଭାବତଃ ଆଶ୍ରମ ଜୀବନରେ ଏକ 'ପ୍ରଳୟ' ଘଟିଲା । ଦେବଗଣ ନିଜକୁ ଅପସରାଇ ନେଲେ, ଆମେ ପୃଥିବୀପୃଷ୍ଠରେ କଚାଡ଼ି ହୋଇ ପଡ଼ିଲୁ, ଏକେବାରେ ଭୂମିରେ, ଧୂଳିରେ ମିଶିଗଲୁ । ଏବେ ବି ସେଇଠି ପଡ଼ିରହି ଗୁରୁଣ୍ଡି, ଗୁରୁଣ୍ଡି ବା ଆଣ୍ଠୁ ଓ ଛାତିରେ ଭରାଦେଇ ଆଗଉଛୁ, ମୋର ମନେହୁଏ ଧୀରେ ଧୀରେ ଆଗକୁ, ପାରୁପର୍ଯ୍ୟନ୍ତ ଆଗକୁ ଅଗ୍ରସର ହେଉଛୁ ।

''ଶ୍ରୀମା ଆମମାନଙ୍କୁ ନେଇ ଯେଉଁ ନବସୃଷ୍ଟି, ଜ୍ୟୋତିର୍ମୟ ଜଗତ୍-ସୃଷ୍ଟି ନିମିତ୍ତ ପ୍ରୟାସ ଚଳାଇଥିଲେ, ତା' ପୂର୍ଣ୍ଣମାତ୍ରାରେ ସଫଳକାମ ନହେବାର କାରଣ ହେଉଛି ଏଥିନିମିତ୍ତ ମୂଳଭିତ୍ତିଟି ଠିକ୍ ଭାବରେ ସ୍ଥାପିତ କରାଯାଇ ନଥିଲା, ଏହାର ସର୍ବନିମ୍ନସ୍ତରୀୟ ମୌଳିକ ଭିତ୍ତିଭୂମିଟି ଯଥାର୍ଥରେ ପ୍ରସ୍ତୁତ ନଥିଲା ।

''ଅଧିମାନସ ସୃଷ୍ଟିଟି ନିଶ୍ଚିତରୂପେ ମଣିଷର ପ୍ରାଣିକ ସତ୍ତା ଏବଂ ତା'ର ଭୌତିକ ଜୀବନର ଭିତ୍ତି ଉପରେହିଁ ଗଢ଼ିଉଠିବା ଉଚିତ । ପ୍ରସ୍ତୁତ ହୋଇ ଉଠୁଥିବା ନବସୃଷ୍ଟିଟି ଏହି ଭିତ୍ତିଭୂମିଟିର ବାସ୍ତବତା ସମ୍ବନ୍ଧେ ସେତେଟା ପ୍ରାଧାନ୍ୟ ନଦେଇ ଗଢ଼ି ଉଠୁଥିଲା । ତେଣୁ ବର୍ତ୍ତମାନ ସକାଶେ, ସାମୟିକ ଭାବରେ ସେହି ଊର୍ଦ୍ଧ୍ୱତର ସିଦ୍ଧିକୁ ଭୁଲିଯାଇ ନିମ୍ନକୁ ଆସିବାକୁ ହେଲା ଏବଂ ଏହି ନିମ୍ନସ୍ତରଟି ମଣିଷର ଯାବତୀୟ ଦୋଷତ୍ରୁଟି ଓ ଦୁର୍ବଳତାରେ ଭରପୂର । ତେଣୁ ଆମେମାନେ ପୁଣି ହୋଇଉଠିଲୁ ସାଧାରଣ ମଣିଷ, ଏବଂ ବୋଧହୁଏ ସାମାନ୍ୟ ପରିମାଣର ଆସ୍ପୃହାଟି ଥିଲା । ଆମ ସମସ୍ତଙ୍କ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟର ଭାର ଲଦି ଦିଆଗଲା – ସଂଗ୍ରାମ କରି ଏହି ନିମ୍ନସ୍ତରକୁ ପୁଙ୍ଖାନୁପୁଙ୍ଖ ଭାବରେ ପରିଷ୍କାର-ପରିଚ୍ଛନ୍ନ କରିବାକୁ ହେବ, ଏକେବାରେ ସ୍ୱଚ୍ଛ କରି ଗଢ଼ି ତୋଳିବାକୁ ହେବ, ଏହାର ସବୁକିଛି ଉପରେ ବିଜୟ ହାସଲ କରିବାକୁ ହେବ । – (ଏକେବାରେ ବ୍ୟକ୍ତିଗତ ପ୍ରଚେଷ୍ଟା) ।

''ତେଣୁ ଆଶ୍ରମର ଜୀବନଧାରା ସମ୍ପୂର୍ଣ୍ଣରୂପେ ବଦଳିଗଲା । ସାଧାରଣ ଜୀବନକୁ ଏହି ପ୍ରତ୍ୟାବର୍ତ୍ତନ, ଅନ୍ୟ ଏକ ଜୀବନଧାରାର ପୁନରାରମ୍ଭର ପ୍ରଥମ ଚିହ୍ନ ହୋଇଉଠିଲା ଦୃଢ଼ତାର ସହିତ ବ୍ୟକ୍ତି-ବିଶେଷ ହୋଇଉଠିବା, ନିଜକୁ ସ୍ୱୟଂସମ୍ପୂର୍ଣ୍ଣ ଭାବୁଥିବା ବ୍ୟକ୍ତିଗତ ସ୍ୱାଧୀନତା – ଅର୍ଥାତ୍ ବ୍ୟକ୍ତି-ସ୍ୱାତନ୍ତ୍ର୍ୟର ଉଦ୍ଭବ ।

''ତେଣୁ ପ୍ରତ୍ୟେକଙ୍କୁ ତୀବ୍ରତାର ସହିତ କଠିନ ପରିଶ୍ରମ କରି, ଦୁଃଖକଷ୍ଟ, ଅଶାନ୍ତି ଭିତର ଦେଇ, ଆରୋହଣ ଓ ଅବରୋହଣ ମଧ୍ୟରେ କ୍ରମଶଃ ଉଚ୍ଚତର ଶକ୍ତି ନିକଟରେ ନିଜକୁ ସମର୍ପଣ ଓ ଆତ୍ମ-ଦାନର ଊର୍ଦ୍ଧ୍ୱତର ସିଦ୍ଧିର ଗୂଢ଼ ଓ ରହସ୍ୟ ସବୁରେ ଉପନୀତ ହେବାକୁ ହେବ ।

''କିନ୍ତୁ ସଚରାଚର ଯେତେବେଳେ ନିମ୍ନକୁ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟ ଆରମ୍ଭ ହୁଏ, ଏହା ମଝି ରାସ୍ତାରେ ଅଟକି ଯିବାକୁ କେବେହେଲେ ସ୍ୱୀକାର କରେ ନାହିଁ । ଏହା ଏକ ପତନ, ପୃଥିବୀ-ଚେତନାର ନିମ୍ନତମ ସ୍ତରରେ ପହଞ୍ଚିବା ପର୍ଯ୍ୟନ୍ତ ଏକ ନିରବଚ୍ଛିନ୍ନ ପତନ ।...

''ତେଣୁ ଯେଉଁ ସିଦ୍ଧି ଆମମାନଙ୍କଠାରୁ ଦାବି କରାଗଲା ତା' ଥିଲା ବ୍ୟକ୍ତିର ବା ବ୍ୟକ୍ତି-ଚେତନାର ଏକ ଆମୂଳଚୂଳ ପରିବର୍ତ୍ତନ, ଏକ ପୂର୍ଣ୍ଣାଙ୍ଗ ରୂପାନ୍ତର । ଶ୍ରୀମାଶ୍ରୀଅରବିନ୍ଦ ତାଙ୍କର ଯୋଗଶକ୍ତିର ଯେଉଁ ଚାପ ଆମମାନଙ୍କ ଉପରେ ପ୍ରୟୋଗ କଲେ ତା' କେବେହେଲେ ଏକ ଆଂଶିକ ସଫଳତାରେ ସନ୍ତୁଷ୍ଟ ରହିପାରେ ନାହିଁ, ସାଧକର କେବଳ ଏକ ନିର୍ଦ୍ଦିଷ୍ଟ ସ୍ଥିତିର ବା ସତ୍ତାର ଏକ ନିର୍ଦ୍ଦିଷ୍ଟ ଅଂଶର ସିଦ୍ଧିରେ ସନ୍ତୁଷ୍ଟ ରହିପାରେ ନାହିଁ । ତେଣୁ ଏହା ହୋଇଉଠିଲା ଏକ ବିଶ୍ୱବ୍ୟାପୀ ମନ୍ଥନ । ଦିବ୍ୟ-ଆଲୋକ ସାମନାରେ ଅଲକ୍ଷିତ ଭାବରେ ସାଧକର କୌଣସି ଅଂଶରେ କୌଣସି କିଛି ତା'ର ପୁରୁଣା ସ୍ଥିତିରେ ରହିଯିବାର ପ୍ରଶ୍ନ ବି ଉଠୁ ନଥିଲା । ସବୁକିଛି ସାମନାକୁ ବାହାରି ଆସି ପ୍ରକାଶ୍ୟ ଭାବରେ ନିଜକୁ ହାଜିର କରିବାକୁ ବାଧ୍ୟ । ତେଣୁ ଅନ୍ଧକାର ସ୍ତର ତା'ର ସମଗ୍ର ସ୍ଥିତି ସହିତ ଆଲୋକ ସାମନାରେ ଧରା ପଡ଼ିବାକୁ ବାଧ୍ୟ । ତେଣୁ ଯେତେସବୁ ଅପବିତ୍ରତା, ମଳିନତା, ଦୋଷତ୍ରୁଟି, ଦୁର୍ବଳତା, ଅପୂର୍ଣ୍ଣତା, ନୀଚତା, ଜଘନ୍ୟତା – ସବୁକିଛି ନିଜ ସ୍ୱରୂପରେ ଦିବ୍ୟ-ଆଲୋକର ସମ୍ମୁଖୀନ ହେବେ – ଏକେବାରେ ତା'ର ମୌଳିକ ଉତ୍ସରୁ ସବୁକିଛିର ମୂଳୋତ୍ପାଟିତ ହୋଇଯିବ ଏବଂ ସର୍ବନିମ୍ନସ୍ତରର ଭୂମିଟିକୁ ଉତ୍ତମରୂପେ କର୍ଷଣ କରି, ଶିଆର କାଟି ନୂତନ ବୀଜ ବପନ ସକାଶେ ପ୍ରସ୍ତୁତ ରଖିବାକୁ ହେବ । ତେଣୁ ଆମମାନଙ୍କ ସକାଶେ ଏହା ଥିଲା ବିଶେଷ ଉଦ୍ୟମ ଓ କୌଶଳ ଆବଶ୍ୟକ କରୁଥିବା ଯଥାର୍ଥରେ ଏକ କଷ୍ଟକର ସମୟ । ବୀରୋଚିତ ଆତ୍ମା ନିଶ୍ଚିତରୂପେ ଏହା ସହ୍ୟ କରି ଦୃଢ଼ ଭାବରେ ଦଣ୍ଡାୟମାନ ରହିବ । ନିଜ ଭିତରେ କ'ଣସବୁ ଘଟୁଛି ସେସମ୍ବନ୍ଧେ ସଚେତନ ରହି ନିର୍ଭୀକ ଭାବରେ ସାହସର ସହିତ ଏସବୁର ସମ୍ମୁଖୀନ ହୋଇ ଅଗ୍ରସର କରିବ ।''*

ତେଣୁ ଆଶ୍ରମ ଜୀବନ-ଧାରାର ସେହି 'ପ୍ରଳୟ' ମୁହୂର୍ତ୍ତରେ ହାରାଧନ ହୋଇ ଉଠିଛନ୍ତି ନିଜସ୍ୱ ଦୋଷ-ଦୁର୍ବଳତାରେ ଭରପୂର ଏକ ସାଧାରଣ ମଣିଷ । ତାଙ୍କ ଭିତରେ ସ୍ୱୟଂସମ୍ପୂର୍ଣ୍ଣ ବ୍ୟକ୍ତିଗତ ସ୍ୱାଧୀନତା ବା ବ୍ୟକ୍ତିସ୍ୱାତନ୍ତ୍ର୍ୟର ଉଦ୍ଭବ ହୋଇଛି । ବେଶ୍ କିଛି ବର୍ଷ ଧରି ସେ ସଚେତନ ଭାବରେ ହେଉ ବା କେତେକ ପରିମାଣରେ ଅଚେତନ ଭାବରେ ହେଉ ଗୁରୁଣ୍ଡି-ଗୁରୁଣ୍ଡି, ଆଣ୍ଠୁ ଓ ଛାତିରେ ଭରାଦେଇ ଧୀରେ ଧୀରେ ଅଗ୍ରସର ହୋଇଛନ୍ତି । ବିଦ୍ରୋହୀପ୍ରବଣ, ଅବାଧ୍ୟ, କହିବାକୁ ଗଲେ ଉଦଣ୍ଡ ଚରିତ୍ରରେ ବେଶ୍ ଦହଗଞ୍ଜ ହୋଇଛନ୍ତି । ପରିଶେଷରେ ବୀରୋଚିତ ଆତ୍ମା ହାରାଧନ ଗୁରୁଙ୍କର ଅହୈତୁକୀ କୃପାରୁ ହୋଇ ଉଠିଛନ୍ତି ସମସ୍ତଙ୍କର ସମ୍ମାନାସ୍ପଦ ପରିବର୍ତ୍ତିତ ପବିତ୍ର ସୁଖୀ ହାରାଧନ ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

* ତଦାନୀନ୍ତନ ସମୟରେ ଶ୍ରୀଅରବିନ୍ଦ ଜନୈକ ସାଧକଙ୍କୁ ଏକ ପତ୍ରରେ ଲେଖିଥିଲେ : ''...ମନେରଖ, ଭାଗବତ କର୍ମ ଓ ଭାଗବତ ଅଭିବ୍ୟକ୍ତିରେ ସାହାଯ୍ୟ ନିମିତ୍ତ ତୁମକୁ ତୁମର ଜୀବନ ଦିଆହୋଇଛି । ଆଉକିଛି ଆକାଙ୍କ୍ଷା କର ନାହିଁ – କେବଳ ଦିବ୍ୟଚେତନାର ବିଶୁଦ୍ଧି, ଶକ୍ତି, ଜ୍ୟୋତିଃ, ପ୍ରସାରଣ, ପ୍ରଶାନ୍ତି, ଆନନ୍ଦ ସକାଶେ ଆକାଙ୍କ୍ଷା କର ଯେପରିକି ସେହି ଚେତନା ତୁମ ମନ, ପ୍ରାଣ, ଦେହକୁ ରୂପାନ୍ତରିତ ଓ ସର୍ବାଙ୍ଗସୁନ୍ଦର କରି ଗଢ଼ିବା ନିମିତ୍ତ ସତତ ସଚେଷ୍ଟ ହୋଇଉଠିବ । ଆଉକିଛି ଚାହଁ ନାହିଁ, କେବଳ ପୃଥିବୀ ଉପରେ, ତୁମ ମଧ୍ୟରେ, ଯେଉଁମାନେ ଅଧିକାର ପାଇଛନ୍ତି, ଯେଉଁମାନଙ୍କୁ ଗ୍ରହଣ କରାହୋଇଛି, ସେମାନଙ୍କ ମଧ୍ୟରେ ଭାଗବତ, ଆଧାତ୍ମିକ, ଅତିମାନସ ସତ୍ୟ ଓ ତାହାର ବାସ୍ତବ ସିଦ୍ଧିକୁ ଚାହଁ ଏବଂ ଚାହଁ ସେହି ଅବସ୍ଥା ଓ ବ୍ୟବସ୍ଥା ଯାହାର ଆନୁକୂଲ୍ୟରେ ହେବ ଏଇ ସତ୍ୟର ସୃଷ୍ଟି ଏବଂ ସକଳ ବିରୋଧିଶକ୍ତି ଉପରେ ପୂର୍ଣ୍ଣ ବିଜୟ ।...'' ('ମା' ପୁସ୍ତକ, ତୃତୀୟ ଅଧ୍ୟାୟ)

# ଆମ ଶରୀର

## (୮)

### ଭୋଳେଶ୍ୱର ଭୂୟାଁ

### ଶରୀରର ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା

ଆମେ ଜାଣିଛୁ କୌଣସି ଔଷଧ ମଣିଷର ରୋଗର ମୂଳ କାରଣକୁ ନିବାରଣ କରିପାରି ନଥାଏ । ମଣିଷର ସ୍ୱଭାବ, ଚରିତ୍ର ଓ ଅଭ୍ୟାସକୁ ବଦଳାଇ ପାରି ନଥାଏ; ଯାହାକି ରୋଗ ଉତ୍ପତ୍ତିର କାରଣ ହୋଇଥାଏ । ଅଧିକାଂଶ ଔଷଧ କେବଳ ଶରୀରର ଜଡ଼ ପ୍ରକ୍ରିୟା ଉପରେ କାମ କରିଥାଏ; ଏହାର ବିକୃତିକୁ ସଜାଡ଼ିବାକୁ ଚେଷ୍ଟା କରିଥାଏ ଏବଂ ରୋଗ ଭଲ ହୋଇଗଲା ପରି ମନେ ହୁଏ । କିନ୍ତୁ କିଛିଦିନ ପରେ ସେହି ରୋଗ ବା ଅନ୍ୟ କୌଣସି ରୋଗର ପୁନରାବୃତ୍ତି ହୋଇଥାଏ । ରୋଗର କାରଣକୁ ଆମେ ସମାପ୍ତ ନକଲା ପର୍ଯ୍ୟନ୍ତ ରୋଗ ଆମ ପାଖକୁ ବାରଂବାର ଫେରି ଆସିଥାଏ ।

ରୋଗର ଅସଲ କାରଣ ହେଲା ଆମ ସତ୍ତାମାନଙ୍କ ଭିତରେ ଉତ୍ପନ୍ନ ହୋଇଥିବା ଅସାମଞ୍ଜସ୍ୟ । ଏହି ଅସାମଞ୍ଜସ୍ୟ ଉତ୍ପନ୍ନ ହୋଇଥାଏ ଆମର ପ୍ରକୃତି, ଆମର ଭୁଲ୍ ଅଭ୍ୟାସ ଓ ଭୁଲ୍ ଗତିବୃତ୍ତି ପାଇଁ । ଏହା ଉତ୍ପନ୍ନ ହୋଇଥାଏ ଦୁଇଟି କାରଣରୁ । ହୁଏତ ଠିକ୍ ଗତିବୃତ୍ତି, ଠିକ୍ ଅଭ୍ୟାସ ବିଷୟରେ ଆମର ଜ୍ଞାନ ନଥାଏ । ଅନ୍ୟ କାରଣଟି ହେଲା ଆମେ ଜାଣିଶୁଣି ଭୁଲ୍ ଅଭ୍ୟାସ ଓ ଗତିବୃତ୍ତି ଆଚରଣ କରିଥାଉ । ଉଦାହରଣସ୍ୱରୂପ ପାନ, ବିଡ଼ି, ସିଗାରେଟ, ମଦ ଆଦି ନିଶାଦ୍ରବ୍ୟ ବ୍ୟବହାର କଲେ ଆମର ଯେ ସ୍ୱାସ୍ଥ୍ୟର ଅନିଷ୍ଟ ହୁଏ – ଏକଥା ଜାଣି ମଧ୍ୟ ଆମେ ଏହି ଅଭ୍ୟାସରେ ପଡ଼ିଯାଉ । ପରେ ଏହି ଅଭ୍ୟାସକୁ ଯେତେ ଚେଷ୍ଟା କଲେ ମଧ୍ୟ ଆଉ ଛାଡ଼ି ପାରି ନଥାଉ । ନିଶାଦ୍ରବ୍ୟର ବିଷ ଆମ ଶରୀରରେ ଜମି ଜମି ଆମକୁ ଅତ୍ୟନ୍ତ କଠିନ ରୋଗ ହୋଇଥାଏ ଯାହାକି ସହଜରେ ଭଲ ହୋଇପାରେ ନାହିଁ ।

ପ୍ରଥମେ ଆମର କୁ-ଅଭ୍ୟାସ ଓ ଭୁଲ୍ ଗତିବୃତ୍ତି ବିଷୟରେ ପୂର୍ଣ୍ଣ ଜ୍ଞାନ ହେବା ଉଚିତ ଏବଂ ଏସବୁକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବାକୁ ହେବ । ଏହି ଚେଷ୍ଟାହିଁ ହେଉଛି ଶରୀରର ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ଦିଗରେ ଅଗ୍ରସର ହେବା । ଆଜି ପର୍ଯ୍ୟନ୍ତ ଏ ପୃଥିବୀରେ ଏହି ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ପୂର୍ଣ୍ଣ ରୂପେ ଅଭିବ୍ୟକ୍ତ ହୋଇପାରି ନାହିଁ । ଶ୍ରୀଅରବିନ୍ଦ କହୁଛନ୍ତି : ''ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ହେଲା ଆମର ଚରମ ଲକ୍ଷ୍ୟ, ଯାହା ଆମେ ଆମ ସମ୍ମୁଖରେ ରଖିଛୁ । କାରଣ ଆମର ଆଦର୍ଶ ହେଲା ଏଠାରେ ଦିବ୍ୟଜୀବନ ପ୍ରତିଷ୍ଠିତ କରିବା, ଯଦ୍ଦ୍ୱାରା ପୃଥିବୀପୃଷ୍ଠରେ ଆଧ୍ୟାତ୍ମିକ ଜୀବନ ପ୍ରତିଷ୍ଠାର ସମ୍ଭାବନା ପୂର୍ଣ୍ଣ ହୋଇପାରିବ, ବ୍ୟକ୍ତି ନିଜର ଆଧ୍ୟାତ୍ମିକ ରୂପାନ୍ତର ଏପରିକି ଏହି ସ୍ଥୂଳ ଜଗତର ବର୍ତ୍ତମାନ ସ୍ଥିତିରେ ମଧ୍ୟ ସମ୍ପାଦନ କରିପାରିବ । ସେପର୍ଯ୍ୟନ୍ତ ଏହା ହୋଇ ପାରିବ ନାହିଁ ଯେପର୍ଯ୍ୟନ୍ତ ଶରୀରର ମଧ୍ୟ ରୂପାନ୍ତର ନହୋଇଛି, ଏବଂ ଏହାର କ୍ରିୟା ଓ ଏହାର ପରିଚାଳନାରେ ଏକ ପରମ କ୍ଷମତା ଓ ପୂର୍ଣ୍ଣତା ଉତ୍ପନ୍ନ ନହୋଇଛି ଯାହାକି ଏହା ସମ୍ଭବପର ବା ଏହି କ୍ଷମତାର ସମ୍ଭାବନାକୁ ସମ୍ଭବପର କରାଯାଇପାରେ ।''

(On Physical Education, P. 3) – ଶ୍ରୀଅରବିନ୍ଦ

ଶ୍ରୀଅରବିନ୍ଦ ଏଠାରେ ଯେଉଁ ପରମ ପୂର୍ଣ୍ଣତାର କଥା କହିଲେ ତାହା ଏ ପୃଥିବୀରେ ପ୍ରତିଷ୍ଠା ହେବା ଅବିସଂବାଦୀ । କାରଣ ବର୍ତ୍ତମାନ ପୃଥିବୀପୃଷ୍ଠରେ ଏ କାମ କରିବା ପାଇଁ ଅତିମାନସ ଶକ୍ତି ତତ୍ପର ହୋଇ ରହିଛି । ଏହି କାମ ଥରେ ଗୋଟିଏ ଶରୀରରେ ହୋଇଗଲେ ଏହା ଦ୍ୱାରା ସାରା ଦୁନିଆ ଉପକୃତ ହେବ । ସକଳଙ୍କ ଭିତରେ ଏହି ପ୍ରକ୍ରିୟା ଘଟିତ ହେବାକୁ ଆରମ୍ଭ କରିବ । ତେବେ ଯାଇ ଏ ପୃଥିବୀ ସ୍ୱର୍ଗରାଜ୍ୟରେ ପରିଣତ ହେବ । ମଣିଷ ସମସ୍ତ ରୋଗ-ଯନ୍ତ୍ରଣା, ଦୁଃଖ-କଷ୍ଟ, ଜରା-ମୃତ୍ୟୁର କବଳରୁ ମୁକ୍ତି ପାଇବ ଓ ସେ ଦେବମାନବରେ ପରିଣତ ହେବ । ଶ୍ରୀଅରବିନ୍ଦ ପୁଣି କହୁଛନ୍ତି : ''ପରମ ପୂର୍ଣ୍ଣତା, ଏକ ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ସମ୍ଭବପର – ଯେତେବେଳେ ଆମର ନିମ୍ନ ପ୍ରକୃତିକୁ ରୂପାନ୍ତର କରାଯିବ, ଯେତେବେଳେ ମନ ରୂପାନ୍ତର ହେବ ଏକ ପ୍ରକାର ଆଲୋକରେ, ଜୀବନ ରୂପାନ୍ତର ହେବ ଏକ ପ୍ରକାର ଶକ୍ତିରେ ଯଦ୍ଦ୍ୱାରା ଏସବୁ ଯଥାର୍ଥ ଯନ୍ତ୍ରରେ ପରିଣତ ହୋଇ କ୍ରିୟାଶୀଳ ହୋଇପାରିବ ଏହିସବୁ ଶକ୍ତିକୁ ବ୍ୟବହାର କରି ।... ସେହିପରି ଶରୀରର ମଧ୍ୟ ଏକ ପ୍ରକାର

ରୂପାନ୍ତର ଘଟିତ ହେବ । ଏହାର କ୍ରିୟାକଳାପ ଓ ପରିଚାଳନାରେ ପରିବର୍ତ୍ତନ କରାଯିବ, ଏହାର କ୍ଷମତାକୁ ଏକ ଉପଯୁକ୍ତ ଯନ୍ତ୍ର ରୂପେ ପ୍ରସ୍ତୁତ କରାଯିବ ଯାହାକି ଏହାର ଅକ୍ଷମତାକୁ ଅତିକ୍ରମ କରି ଏପରିକି ବର୍ତ୍ତମାନର ବିଶାଳ ମାନୁଷୀ କ୍ଷମତାକୁ ଯାହା ସେ ଆହରଣ କରିଛି, ତାକୁ ମଧ୍ୟ ସେ ଅତିକ୍ରମ କରିପାରିବ ।''

(On Physical Education, P. 8)

ଏପରି ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ପାଇଁ ଏ ପୃଥିବୀରେ କେବେହେଲେ ଚେଷ୍ଟା କରାଯାଇ ନାହିଁ । କେବଳ ଏକ କାମ-ଚଳା ପୂର୍ଣ୍ଣତା ଅଣାଯାଇ କେବଳ ମନ, ପ୍ରାଣ ଓ ଚେତନାରେ ଆଧ୍ୟାତ୍ମିକତାର ପଥରେ ଚଲା ଯାଉଥିଲା । ଶରୀରର ପୂର୍ଣ୍ଣତା ଅସମ୍ଭବ ବୋଲି ତାକୁ ଏ ପଥରୁ ବାଦ୍ ଦିଆ ହେଉଥିଲା । କିନ୍ତୁ ଏବେ ସମୟ ଆସିଯାଇଛି । ଅତିମାନସର ସତ୍ୟ ଚେତନା ପୃଥିବୀପୃଷ୍ଠରେ ଅବତରଣ କରି ଏହି ପୂର୍ଣ୍ଣତାର ପ୍ରତିଷ୍ଠା ପାଇଁ ଚେଷ୍ଟା କରୁଛି ମା'ଶ୍ରୀଅରବିନ୍ଦଙ୍କ କରୁଣାରୁ । ଏହା ଶରୀରରେ ମଧ୍ୟ କ୍ରିୟାଶୀଳ ହୋଇ ତା'ର ପୂର୍ଣ୍ଣତା ଆଣିବ । ଏହି ଚେତନା ଏକ ପୂର୍ଣ୍ଣ ସାମଞ୍ଜସ୍ୟର ଚେତନା ଯାହାର କମ୍ପନ ସାରା ବିଶ୍ୱରେ ପ୍ରକମ୍ପିତ ହୋଇ ସକଳ ବସ୍ତୁ, ସକଳ ଚେତନା ତଥା ସକଳ ଘଟଣାକୁ ଏହି ସାମଞ୍ଜସ୍ୟର ସ୍ରୋତରେ ଭସାଇ ନେଇ ତା'ର ରୂପାନ୍ତର କରୁଛି ।

ଆଜିର ଯୁଗ ପରିବର୍ତ୍ତନର ଏହି ଘଡ଼ିସନ୍ଧି ବେଳରେ ମଣିଷ ଅବଚେତନାରେ ସୁପ୍ତ ହୋଇ ରହିଥିବା ନିମ୍ନ ପ୍ରକୃତି ଉପରକୁ ଉଠିଆସି ତା'ର ପ୍ରକୋପ ପ୍ରଦର୍ଶନ କରିବାରେ ଲାଗିଛି । ଏହି ସମୟରେ ମଣିଷକୃତ ଧର୍ମ ବା ନୈତିକତାର ନିୟନ୍ତ୍ରଣ ଦେଇ ଏହାକୁ ଆଉ ଅଟକାଇ ହେବ ନାହିଁ । ମଣିଷର ମନ ଦୁର୍ବଳ ହୋଇ ତା'ର ନିୟନ୍ତ୍ରଣ ମଧ୍ୟ ହରାଇ ବସିଛି । ଏହି ଅବସ୍ଥାରେ ନିମ୍ନ ପ୍ରକୃତିର ବଶୀଭୂତ ମଣିଷ ସହଜରେ ଯୁଗ ପରିବର୍ତ୍ତନର ଏହି ସ୍ରୋତରେ ପଡ଼ି ତଳକୁ ଭାସି ଚାଲିଛି । ସେଥିପାଇଁ ଶ୍ରୀଅରବିନ୍ଦ ନିମ୍ନ ପ୍ରକୃତିର ରୂପାନ୍ତର ପାଇଁ ଏତେ ଜୋର୍ ଦେଇଛନ୍ତି । ନଦୀର ସ୍ରୋତର ଅନୁକୂଳରେ ସହଜରେ ଭାସି ଯାଇ ହେବ । କିନ୍ତୁ ତା'ର ପ୍ରତିକୂଳରେ ଯାଇ ଉପରକୁ ଉଠିବା ଅତ୍ୟନ୍ତ କଠିନ କାମ । ପ୍ରକୃତପକ୍ଷେ ବ୍ୟକ୍ତିଗତଭାବେ ଯେତେ ସାଧନା କଲେ ମଧ୍ୟ ନିମ୍ନ ପ୍ରକୃତିର ଆକ୍ରମଣ ସାଧକ ପାଇଁ ସର୍ବଦା ରହିବ । ଯେପର୍ଯ୍ୟନ୍ତ ବିଶ୍ୱପ୍ରକୃତିରେ ଏ ବିକୃତି ରହିଥିବ, ସେପର୍ଯ୍ୟନ୍ତ ଏହାର ଆକ୍ରମଣ ରହିଥିବ । ଏ ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି : ''ଏପରିକି ଦେଖାଯାଏ ଶରୀରର ଯଥାର୍ଥ ସ୍ୱାସ୍ଥ୍ୟ ଓ ଶକ୍ତି ମଧ୍ୟ ଅସ୍ଥାୟି ଓ ଅନିଶ୍ଚିତ ଏବଂ ଯେକୌଣସି ସମୟରେ ଶରୀର ଆଭ୍ୟନ୍ତରର କିଛି ଅନିୟମିତର ପ୍ରଭାବ ବା ବାହାରର କିଛି ଆକ୍ରମଣ ବା ଆଘାତ ଦ୍ୱାରା ଏହା ଭାଙ୍ଗି ପଡ଼ିବାର ସମ୍ଭାବନା ରହିଥାଏ; କେବଳ ଆମ କ୍ଷୁଦ୍ରତାକୁ ଭାଙ୍ଗି ପାରିଲେ ଏକ ଉଚ୍ଚତର, ଦୀର୍ଘସ୍ଥାୟୀ ପୂର୍ଣ୍ଣତା ଆସିଥାଏ ।''

(On Physical Education, P. 15) — ଶ୍ରୀଅରବିନ୍ଦ

ନିମ୍ନ ପ୍ରକୃତିର ଅର୍ଥ ହେଲା : କାମ, କ୍ରୋଧ, ଈର୍ଷା, ଦ୍ୱେଷ, ଲୋଭ, ମୋହ-ମାୟା, ପରଶ୍ରୀକାତରତା ଇତ୍ୟାଦି । ଏହା ଏ ପୃଥିବୀରେ ରହିଛି ଆମର ପରୀକ୍ଷା ନେବା ପାଇଁ । ଆମ ସତ୍ତାରେ ଯେପର୍ଯ୍ୟନ୍ତ ନିମ୍ନ ପ୍ରକୃତିର କ୍ରିୟାର କ୍ଷେତ୍ର ପ୍ରସ୍ତୁତ ଥିବ ଅର୍ଥାତ୍ ଆମ ଭିତରେ ଏଥିପାଇଁ ଏକ ଆକର୍ଷଣ ରହିଥିବ, ଏସବୁ ପ୍ରକୃତି ବିଶ୍ୱପ୍ରକୃତିରୁ ଆସି ଆମ ସତ୍ତାରେ ପ୍ରବେଶ କରିଥାଆନ୍ତି । ଏସବୁ ବସ୍ତୁରୁ ଆମେ ଯେତେ ଦୂରକୁ ପଳାଇବାକୁ ଚେଷ୍ଟା କରିବୁ ସେସବୁ ଆମ ପିଛା ଛାଡ଼ିବେ ନାହିଁ । ଅର୍ଥାତ୍ ଏସବୁକୁ ଆମେ ଭୟ କରୁ, ଏହା ଆମର ପତନର କାରଣ ହୋଇପାରେ । ସେଥିପାଇଁ ନିଜକୁ 'ଭଲ' ବୋଲି ପ୍ରତିଷ୍ଠା କରିବା ପାଇଁ ଆମେ ନୈତିକତାର ସାଧନା କରିଥାଉ । ଏହା ରୂପାନ୍ତର ସାଧନା ନୁହେଁ । ଏସବୁ ଭଗବାନଙ୍କ ରାଜ୍ୟରେ ରହିଛନ୍ତି, ଆମେ ଯଦି ଭଗବାନଙ୍କୁ ଚାହୁଁ ତେବେ ଏମାନେ ମଧ୍ୟ ଆମ ଭିତରେ ଅବଶ୍ୟ ଅବସ୍ଥାନ କରିବେ । ତେଣୁ ଏକ ନୂତନ ଧାରାରେ ସାଧନା କରିବାକୁ ହେବ । ନିମ୍ନ ପ୍ରକୃତିର ବାତାବରଣରେ ବାସ କରି, ବିରୋଧିଶକ୍ତି, ଅସୁର, ରାକ୍ଷସଙ୍କ ଗହଣରେ ରହି ମଧ୍ୟ ଏସବୁରୁ ତୁମେ ମୁକ୍ତ ହୋଇ ପାରିବ । ଏହାର କେବଳ ଏକ ମାତ୍ର ଉପାୟ ହେଲା **ନିରାସକ୍ତ** ଭାବ ସର୍ବଦା ପୋଷଣ କରିବା । ତେବେ ଯାଇ ଏମାନେ ତୁମର ଆଉ ଅନିଷ୍ଟ କରିପାରିବେ ନାହିଁ ବରଂ ସହାୟକ ହେବେ । ଏକଥା ବୁଝିବା ଅବଶ୍ୟ କଠିନ । ଏ ପୃଥିବୀରେ ତୁମେ ନିଜ ପାଇଁ କିଛି ବି ଚାହଁ ନାହିଁ । ତୁମେ ଯେପରି ଅଛ ସେହି ଅବସ୍ଥାରେ ତୁମର ସବୁକିଛି ମା'ଙ୍କୁ ଅର୍ପଣ କର । ତେବେ ଯାଇ ମା ତୁମ ଭିତରେ ରୂପାନ୍ତର କାମ ସୁରୁଖୁରୁରେ କରିପାରିବେ । ମା ସାରା ବିଶ୍ୱକୁ ରୂପାନ୍ତର କରୁଛନ୍ତି । ଅତଏବ ତୁମର ସମସ୍ତ ସମସ୍ୟା ତୁମର ନୁହେଁ — ତାହା ମା'ଶ୍ରୀଅରବିନ୍ଦଙ୍କର । ତାଙ୍କ ବିନା ଏସବୁ ସମସ୍ୟାକୁ ନିଜର ବୋଲି ମନେ କରି ତା' ସହିତ ଯେତେ ଲଢ଼ିଲେ ମଧ୍ୟ ଏ ସମସ୍ୟାର ସମାଧାନ ହେବ ନାହିଁ । ଛୋଟ ଶିଶୁ ଭଳି ମା'ଙ୍କ

ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଭରସା ରଖି ନିଜର ସମସ୍ତ ସମସ୍ୟା ମା'ଙ୍କୁ ଅର୍ପଣ କରି ନିଜେ ଏ ବୋଝରୁ ମୁକ୍ତ ହୁଅ । ସ୍ୱୟଂ ଭଗବାନହିଁ ତୁମ ଭିତରେ ରୂପାନ୍ତର କାମ ଆରମ୍ଭ କରିବେ । ଏ ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି : ''ଯଦି ଏକ ଭଗବତ୍ କର୍ତ୍ତୃତ୍ୱ, ଆଲୋକ ଏବଂ ଆନନ୍ଦ ଆମ ସତ୍ତାର ଶିଖରରେ ଅବସ୍ଥାନ କରେ ଏବଂ ସେହି ଶକ୍ତି ନିମ୍ନର ମନ-ପ୍ରାଣ-ଶରୀରକୁ ପଠାଇ ତାକୁ ଜାଗ୍ରତ୍ କରାଇ ଓ କୋଷମାନଙ୍କୁ ନୂତନ ଭାବରେ ଗଠନ କରି, ଆମ ଅସ୍ତିତ୍ୱର ସକଳ ସତ୍ତାର ଚେତନାକୁ ଏହା ଜାଗରିତ କରିବ ।''

(On Physical Education, P. 20) — ଶ୍ରୀଅରବିନ୍ଦ

ଏହିପରି ଭାବରେ ଆମେ ଯଦି ଶରୀରର ପୂର୍ଣ୍ଣତାର ଦିଗରେ ଅଗ୍ରସର ହେଉ ତେବେ ଶରୀରର ରୋଗ ଯନ୍ତ୍ରଣାରୁ ପୂର୍ଣ୍ଣ ମୁକ୍ତି ଏହି ପଥର ଏକ ଛୋଟ ପରିଣାମ । ଅତିମାନସର ସତ୍ୟ ଶକ୍ତି ପାଖରେ କିଛି ବି ଲୁଚାଇ ରଖା ଯାଇପାରିବ ନାହିଁ । ସେ ସିଧାସଳଖ ଆମେ ପୋଷି ରଖିଥିବା ନାନା ବିକୃତି ଉପରେ ଆଲୋକପାତ କରେ, ଏହାକୁ ରୂପାନ୍ତର କରେ । ଅତିମାନସର ଏହି ପରମ ସାମଞ୍ଜସ୍ୟର କମ୍ପନ ସବୁକିଛିକୁ ସଂକ୍ରମିତ କରୁଛି । ଏହାର ପରିଣାମ ସ୍ୱରୂପ ଆଜି ଜଡ଼ ଭିତରେ ଏକ ସଚେତନତା ଜାଗରଣ ହୋଇଛି । ଏହା ଭିତରେ ଏକ ଗ୍ରହଣଶୀଳତାର ସ୍ପନ୍ଦନ ଦେଖା ଦେଇଛି । ବିଶେଷ କରି ମଣିଷ ଶରୀରରେ ଥିବା ଜଡ଼ତ୍ୱ ଅତିମାନସର ଏହି ନୂତନ ପ୍ରକମ୍ପ ପ୍ରତି ଆସ୍ତେ ଆସ୍ତେ ଉନ୍ମୁକ୍ତ ହେଉଛି । କିନ୍ତୁ ବାହାରକୁ ଏହା ଦେଖା ଯାଉ ନାହିଁ । ବରଂ ଶରୀରର ପ୍ରତିରୋଧ ବଢ଼ିଛି ଯାହା ଆମେ ଦେଖି ପାରୁଛୁ । ଏହି ପ୍ରତିରୋଧକୁ ରୋଗ ମାଧ୍ୟମରେ ଶରୀର ପ୍ରକାଶ କରୁଛି । ଆଜି ରୋଗର ସଂଖ୍ୟା ବଢ଼ିଛି । କ୍ୟାନ୍ସର, ହୃଦ୍‌ରୋଗ, ରକ୍ତଚାପ, ମଧୁମେହ ଆଦି ଭୟଙ୍କର ରୋଗରେ ମଣିଷର ଶରୀର ସହଜରେ ଆକ୍ରାନ୍ତ ହେଉଛି । କିନ୍ତୁ ଏଥିରେ ଭୟଭୀତ ହେବା ଦରକାର ନାହିଁ । ଅତିମାନସର ପରମ ସାମଞ୍ଜସ୍ୟର କମ୍ପନ ଆଗରେ ବେଶୀ ଦିନ ଏହି ପ୍ରତିରୋଧ ତିଷ୍ଠି ପାରିବ ନାହିଁ । ଏ ବିଷୟରେ ମା କହୁଛନ୍ତି : "And in the body, whatever has trouble adjusting to this new power creates difficulties, disorder and illness. Yet in a flash you sense that if you were totally recaptive, you would become formidable."

(Mother's Yoga, Part - II, P. 410)

ଅର୍ଥାତ୍ : ''ଶରୀରରେ ଯାହା ବି ଗଣ୍ଡଗୋଳ ଉପୁନ୍ନ ହେଉ ନା କାହିଁକି, ଏହି ନୂତନ ଶକ୍ତି ପ୍ରତି, ଯାହା ବି ବାଧା, ଅସାମଞ୍ଜସ୍ୟ ଏବଂ ରୋଗ ହେଉନା କାହିଁକି ତୁମେ ଏକ ମୁହୂର୍ତ୍ତ ଭିତରେ ପରମ ଶକ୍ତିଶାଳୀ ହୋଇଯାଅ ଯଦି ତୁମେ ପୂର୍ଣ୍ଣ ଗ୍ରହଣଶୀଳ ହୋଇଥାଅ ।''

ଶ୍ରୀଅରବିନ୍ଦ କହୁଛନ୍ତି : ''ବର୍ତ୍ତମାନ ଶରୀରର ସମ୍ଭାବନା ସମ୍ପର୍କରେ ଆମର କଳ୍ପନା ଯେତେଦୂର ଯାଇପାରେ ତା' ଅପେକ୍ଷା ଅନେକ ଅଧିକ ଉତ୍କୃଷ୍ଟତର ଯନ୍ତ୍ର ରୂପେ ଏହା କାର୍ଯ୍ୟ କରିବ ।''

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ. ୬୩)

ଏହି ସମ୍ଭାବନାର ପ୍ରାଥମିକ କାମ ମା'ଙ୍କ ଶରୀରରେ ହୋଇ ସାରିଛି । ମା ବର୍ତ୍ତମାନ ତାଙ୍କ ସୂକ୍ଷ୍ମ ସ୍ତରରେ ରୂପାନ୍ତରିତ ହୋଇଥିବା ଶରୀରକୁ ନେଇ ଅଭୀପ୍ସୁ ସତ୍ତାମାନଙ୍କ ଭିତରେ ତାଙ୍କର ଶରୀର ରୂପାନ୍ତର କାମ ଅବ୍ୟାହତ ରଖିଛନ୍ତି ।

(କ୍ରମଶଃ)

❑❑❑

ତୁମର ଚେତନା ଯେତିକି ଅଧିକ ବ୍ୟାପକ ଓ ବିସ୍ତୃତ ହେବ, ଉର୍ଦ୍ଧ୍ୱରୁ ଗ୍ରହଣ କରିବା ପାଇଁ ତୁମେ ସେତିକି ଅଧିକ ସକ୍ଷମ ହେବ ।

— ଶ୍ରୀଅରବିନ୍ଦ

# ତୋତ୍ତୋ-ଚାନ୍

## (୨)

## ତେତ୍ସୁକୋ କୁରୋୟାନାଗି

[ତୋତ୍ତୋ-ଚାନ୍ ଗୋଟିଏ କୁନି ଝିଅର ମରମଭେଦୀ ସତ କାହାଣୀ । କିନ୍ତୁ ଅନେକ ଦୃଷ୍ଟିରୁ ଏହା କାହାଣୀଠାରୁ ବହୁତ କିଛି ଅଧିକ । ବର୍ତ୍ତମାନର ନିରସ ଶିକ୍ଷା ବ୍ୟବସ୍ଥା ଉପରେ ଏହା ଏକ ଗଭୀର ଅଭିଯୋଗ ତଥା ମାର୍ଗଦର୍ଶକ । ଶିକ୍ଷାବିତ୍, ଶିଶୁ ମନସ୍ତତ୍ତ୍ୱବିତ୍ ଏବଂ ସମାଜବିଜ୍ଞାନୀ ଆଦିଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଦର୍ଭ । କିନ୍ତୁ ପିଲା, ବଡ଼, ମାଆବାପା, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସବୁ ଶ୍ରେଣୀର ଜନସାଧାରଣଙ୍କ ପାଇଁ ଏହା ଏକ ସରସ ସୁନ୍ଦର ଜୀବନ୍ତ କାହାଣୀ । ସନ୍ଦର୍ଭ ହେଉ ବା କାହାଣୀ ହେଉ ପିଲାଙ୍କୁ ତାଙ୍କ ଶୈଶବର ଖୁସି ଆଣି ଦେବାରେ, ଶିକ୍ଷାକୁ ପ୍ରାଣବନ୍ତ କରିବାରେ ଏବଂ ଭବିଷ୍ୟତର ମଣିଷକୁ ଦରଦୀ କରି ଗଢ଼ିବା ଦିଗରେ ତୋତ୍ତୋ-ଚାନ୍‌ର ଧାରା ସଭିଙ୍କୁ ମାର୍ଗ-ଦର୍ଶନ ଦେଇପାରିବ ।

ବିଗତ ସଂଖ୍ୟାରେ ପ୍ରକାଶିତ କାହାଣୀ ଅନୁଯାୟୀ କୁନି ଝିଅ ତୋତ୍ତୋ-ଚାନ୍ ଉଚ୍ଛୁଳା ଆବେଗ ଓ ପ୍ରାଣଖୋଲା ଭଲ ପାଇବା ନେଇ ନିଜର ଚାରିପଟେ ଘେରି ରହିଥିବା ପୃଥିବୀର ସବୁକିଛିକୁ ତନଖି ଦେଖିବାକୁ ଚାହେଁ, ଉପଭୋଗ କରିବାକୁ ଚାହେଁ । ମାତ୍ର ସ୍କୁଲର ଶୃଙ୍ଖଳା, ମପାଚୁପା ଶିକ୍ଷା-ବ୍ୟବସ୍ଥା ତଥା ଶିକ୍ଷୟିତ୍ରୀଙ୍କର ସୀମିତ ସୃଜନଶୀଳ ଶିକ୍ଷାଦାନ ସାମର୍ଥ୍ୟ ଭିତରେ ତୋତ୍ତୋ-ଚାନ୍‌ର ଉପସ୍ଥିତି ବାଧକ ହୋଇ ଠିଆ ହୋଇଛି । ଅସହାୟା ଶିକ୍ଷୟିତ୍ରୀଙ୍କର କଣ୍ଠରେ ସେହି ଗୋଟିଏ ଅଭିଯୋଗ, ସେ ତାକୁ ସମ୍ଭାଳି ପାରିବେ ନାହିଁ । ପରିଶେଷରେ ତୋତ୍ତୋ-ଚାନ୍‌ର ମା ନୂଆ ସ୍କୁଲଟିର ସଂଧାନ କରିଛନ୍ତି, ଯାହାକୁ ଦେଖି ଦେଖି ସେ କହିଉଠିଛି, ''...ସ୍କୁଲଟି ମୋତେ ଭଲ ଲାଗୁଛି ।'' ଖାଲି ଛଅଟି ପୁରୁଣା ରେଳଡ଼ବା ବିଶିଷ୍ଟ ସେ ସ୍କୁଲଟି ନୁହେଁ, ତା'ର ପ୍ରଧାନ ଶିକ୍ଷକଙ୍କର ଅପୂର୍ବ, ଯାଦୁକରୀ ବ୍ୟକ୍ତିତ୍ୱ ତାକୁ ଆକର୍ଷଣ କରିଛି । ତା'ପରେ...।]

**ଖାଇବାବେଳ**

ପ୍ରଧାନ ଶିକ୍ଷକ ତୋତ୍ତୋ-ଚାନ୍‌କୁ ପିଲାଙ୍କ ଖାଇବା ଜାଗା ଦେଖାଇବା ପାଇଁ ନେଇଗଲେ । ''ଆମେ ରେଳଡ଼ବାରେ ଖାଉ ନା । ଆସେମ୍ବ୍ଲି ଘରେ ଖାଉ ।'' ପଥର ପାହାଚର ଉପରେ ଏହି ଆସେମ୍ବ୍ଲି ଘର । ଏଠାକୁ ତୋତ୍ତୋ-ଚାନ୍ ଆଗରୁ ଆସିଥିଲା । ସେଠାରେ ପହଞ୍ଚି ସେମାନେ ଦେଖିଲେ ଯେ ପିଲାଏ ଚଉକି, ଟେବୁଲ ସବୁ ଟାଣି ଗୋଲାକାର ଭାବେ ସଜାଉଛନ୍ତି ।

ସେମାନେ ଗୋଟିଏ କୋଣରେ ଠିଆ ହୋଇ ଦେଖୁଥିଲେ । ତୋତ୍ତୋ-ଚାନ୍ ପ୍ରଧାନ ଶିକ୍ଷକଙ୍କ କୋଟକୁ ଟାଣି ପଚାରିଲା, ''ଅନ୍ୟ ପିଲାମାନେ କାହାନ୍ତି ?''

''ସବୁ ଏତିକି'', ସେ ଜବାବ ଦେଲେ ।

''ମୋଟେ ଏତିକି ପିଲା ?'' ତୋତ୍ତୋ-ଚାନ୍ ବିଶ୍ୱାସ କରି ପାରିଲା ନାହିଁ ।

ଆର ସ୍କୁଲଟିରେ ପ୍ରତି ଶ୍ରେଣୀରେ ତ ଏତିକି ପିଲା ଥିଲେ । ''ମାନେ ପୂରା ସ୍କୁଲଟିରେ ମାତ୍ର ପଚାଶ ଜଣ ପିଲା ପଢ଼ୁଛନ୍ତି ?''

''ହଁ, ସେତିକି'', ପ୍ରଧାନ ଶିକ୍ଷକ କହିଲେ । ତେତ୍ତୋ-ଚାନ୍ ଭାବିଲା ଆର ସ୍କୁଲଠାରୁ ଏ ସ୍କୁଲ ସବୁଥିରେ ଅଲଗା ।

ସମସ୍ତେ ବସିଲା ପରେ ପ୍ରଧାନ ଶିକ୍ଷକ ପଚାରିଲେ, ''ତୁମେ ସମସ୍ତେ ସମୁଦ୍ରରୁ କିଛି ଓ ପାହାଡ଼ରୁ କିଛି ଆଣିଛ ନା ନାହିଁ ?''

ନିଜ ନିଜର ଲଞ୍ଚ୍ ପୁଡ଼ିଆ ଖୋଲୁ ଖୋଲୁ ସମସ୍ତେ ଏକାଥରେ ପାଟି କରି କହିଲେ, ''ହଁ'' ।

''ଆଚ୍ଛା, କ'ଣ ଆଣିଛ ଦେଖିବା'', ସେ ବୁଲି ବୁଲି ଦେଖିବା ବେଳେ ପିଲାମାନେ ଖୁସି ହୋଇ ଚିତ୍କାର କରୁଥା'ନ୍ତି ।

''କେଡ଼େ ମଉଜିଆ'' ତୋତ୍ତୋ-ଚାନ୍ ଭାବିଲା । ''ସମୁଦ୍ରରୁ କିଛି ଓ ପାହାଡ଼ରୁ କିଛିର ମାନେ କ'ଣ ?'' ଏହି ସ୍କୁଲଟି ନିଶ୍ଚୟ ଅଲଗା ଧରଣର ଥିଲା । ବହୁତ ମଉଜିଆ ବି ଥିଲା । ସେ କେବେ ବି ଭାବି ନଥିଲା ଯେ ସ୍କୁଲରେ ଖାଇବା ଏପରି ମଜାର କଥା ହୋଇପାରେ । କାଲିଠୁ ସେ ବି ଡେସ୍କରେ ବସିବ, ପ୍ରଧାନ ଶିକ୍ଷକଙ୍କୁ ପାହାଡ଼ରୁ କିଛି ଓ ସମୁଦ୍ରରୁ କିଛି

ଦେଖାଇବ । ଏ ଭାବନାରେ ତୋତ୍ତୋ-ଚାନ୍ ଏତେ ଖୁସି ହୋଇଗଲା ଯେ ସେ ଆନନ୍ଦରେ ଡେଇଁବାକୁ ଚାହିଁଲା ।

ପିଲାଙ୍କ ଖାଇବା ଡବା ସବୁ ଦେଖିବା ସମୟରେ ପ୍ରଧାନ ଶିକ୍ଷକଙ୍କ କାନ୍ଧ ଦୁଇଟି ଉପରେ ଦିପହରିଆ ଖରା ପଡୁଥାଏ ।

**ତୋତ୍ତୋ-ଚାନ୍‌ର ସ୍କୁଲ ଆରମ୍ଭ**

''ତୁମେ ଏବେ ଏ ସ୍କୁଲର ଜଣେ ଛାତ୍ରୀ ।'' ଏକଥା ଶୁଣିବା ପରଠାରୁ ତୋତ୍ତୋ-ଚାନ୍ ଆଉ ଅପେକ୍ଷା କରିପାରୁ ନାହିଁ । ଆସନ୍ତା କାଲିର ସକାଳ କିପରି ହେବ । ସେ କେବେ ବି କୌଣସି ଦିନକୁ ଏତେ ଉତ୍କଣ୍ଠାର ସହ ଅନାଇ ରହି ନଥିଲା । ସବୁଦିନ ସକାଳେ ତୋତ୍ତୋ-ଚାନ୍‌କୁ ନିଦରୁ ଉଠାଇବା ବଡ଼ କଷ୍ଟ କାମ ଥିଲା । କିନ୍ତୁ ସେଦିନ ସେ ସମସ୍ତଙ୍କଠୁ ଆଗରୁ ଉଠି, ପୋଷାକ ପିନ୍ଧି, ତା'ର ବହିମୁଣିକୁ କାନ୍ଧରେ ଝୁଲାଇ ଅପେକ୍ଷା କରିଥାଏ ।

ଘରର ଠିକ୍ ସମୟ ଜଗିଲାବାଲା ଜୀବ ବିଲାତି କୁକୁର ରକି ତୋତ୍ତୋ-ଚାନ୍‌ର ଅସ୍ୱାଭାବିକ ବ୍ୟବହାରକୁ ବଡ଼ ସନ୍ଦେହର ସହ ଦେଖିଲା । ଭଲ କରି ଭିଡ଼ି ମୋଡ଼ି ହୋଇ କ'ଣ ହେଉଛି ଦେଖିବା ପାଇଁ ତୋତ୍ତୋ-ଚାନ୍‌ର ପାଖରେ ବସି ରହିଲା ।

ମା'ଙ୍କର ବହୁତ କାମ । ସେ ତରତର ହୋଇ ତୋତ୍ତୋ-ଚାନ୍‌ର ଖାଇବା ଡବାରେ 'ସମୁଦ୍ରରୁ କିଛି ଓ ପାହାଡ଼ରୁ କିଛି' ରଖିଲେ । ତୋତ୍ତୋ-ଚାନ୍‌କୁ ଜଳଖିଆ ଦେଲେ । ତୋତ୍ତୋ-ଚାନ୍‌ର ଟ୍ରେନ୍ ପାସ୍‌ଟିକୁ ଗୋଟିଏ ପ୍ଲାଷ୍ଟିକ୍ ଖୋଳରେ ରଖି ତୋତ୍ତୋ-ଚାନ୍‌ର ବେକରେ ଏହା ଝୁଲାଇ ଦେଲେ ଯେପରି ଏହା ହଜିବ ନାହିଁ ।

ନିଦରୁ ଉଠି ଭୁତୁରା ମୁଣ୍ଡରେ ବାପା କହିଲେ, ''ସୁନା ଝିଅ ହେବୁ ।''

''ହଁ, ନିଶ୍ଚୟ'', ତୋତ୍ତୋ-ଚାନ୍ ଜୋତା ପିନ୍ଧି ସାମନା କବାଟ ଖୋଲି ବାହାରିଲା । ପଛକୁ ବୁଲି ଭଦ୍ରାମିର ସହ ମୁଣ୍ଡ ନୁଆଁଇ ସମସ୍ତଙ୍କୁ କହିଲା, ''ମୁଁ ଏବେ ଆସୁଛି ।'' ତା' ପଛରେ ରକି ବି ଚାଲିଲା ।

ତୋତ୍ତୋ-ଚାନ୍ ଯିବା ସମୟରେ ମା'ଙ୍କ ଆଖିରେ ଲୁହ ଭରିଗଲା । ଏହା ବିଶ୍ୱାସ କରି ହେଉ ନଥିଲା ଯେ ଏହି ମନଫୁଲା ଚଞ୍ଚଳ କୁନି ଝିଅଟିକୁ ଏବେ ସ୍କୁଲରୁ ତଡ଼ି ଦିଆ ଯାଇଥିଲା । ସେ ପ୍ରାର୍ଥନା କଲେ ଯେ ଏଥର ସବୁ ଭଲରେ କଟୁ ।

ଟିକିଏ ପରେ ମା କାବା ହୋଇ ଦେଖିଲେ ଯେ ତୋତ୍ତୋ-ଚାନ୍ ତା' ଟ୍ରେନ୍ ପାସ୍‌ଟି ବାହାର କରି ରକିର ବେକରେ ଝୁଲାଇ ଦେଲା । ମା ଭାବିଲେ 'ଓହୋ... !' କିନ୍ତୁ କିଛି ନକହି କ'ଣ ହେଉଛି ଦେଖିବା ପାଇଁ ଅପେକ୍ଷା କଲେ ।

ରକିର ବେକରେ ପାସ୍‌ର ଦଉଡ଼ିଟି ଗଳାଇ ଦେଇ ତୋତ୍ତୋ-ଚାନ୍ ତା' ପାଖରେ ବସି ପଡ଼ିଲା । ରକିକୁ କହିଲା, ''ଦେଖିଲୁ ? ତତେ ଏ ପାସ୍‌ଟା ଜମା ଠିକ୍ ହେଉନି ।''

ଦଉଡ଼ିଟି ବହୁତ ଲମ୍ବା ଥିଲା ଓ ପାସ୍‌ଟି ତଳେ ଘୁଷୁରୁ ଥିଲା । ''ବୁଝିଲୁ ଏଇଟା ମୋ ପାସ୍, ତୋର ନୁହେଁ । ତୁ ଟ୍ରେନ୍‌ରେ ଚଢ଼ି ପାରିବୁନି । ମୁଁ ପ୍ରଧାନ ଶିକ୍ଷକଙ୍କୁ ପଚାରିବି ଓ ଷ୍ଟେସନର ଲୋକଟିକୁ ପଚାରିବି । ସେମାନେ ତୋତେ ସ୍କୁଲକୁ ଆଣିବାକୁ ଦେବେ କି ନାହିଁ କେଜାଣି ?''

ରକି ପ୍ରଥମେ ମନ ଦେଇ କାନ ଟେକି ଶୁଣିଲା । ପାସ୍‌ଟିକୁ କେତେ ଥର ଚାଟି ଦେଇ ସେ ହାଇ ମାରିଲା । ତୋତ୍ତୋ-ଚାନ୍ କହି ଚାଲିଥାଏ, ''କ୍ଲାସ ରୁମ୍ ଟ୍ରେନ୍‌ଟି ଚାଲେନି । ତେଣୁ ମୁଁ ଭାବୁଛି ଯେ ସେଥିରେ ଚଢ଼ିବା ପାଇଁ ତୋର ଟିକେଟ ଦରକାର ହେବନି । କିନ୍ତୁ ଆଜି ମୁଁ ଫେରିବା ଯାଏଁ ତୋତେ ଘରେ ରହିବାକୁ ପଡ଼ିବ ।''

ରକି ସବୁଦିନ ତୋତ୍ତୋ-ଚାନ୍‌ର ଆର ସ୍କୁଲର ଫାଟକ ଯାଏଁ ଯାଇ ଘରକୁ ଫେରି ଆସୁଥିଲା । ଆଜି ମଧ୍ୟ ସେ ସେଇଆ ଆଶା କରିଥିଲା ।

ତୋତ୍ତୋ-ଚାନ୍ ରକି ବେକରୁ ଦଉଡ଼ି ସହ ପାସ୍ ବାହାର କରିନେଲା ଓ ଭଲ ଭାବରେ ନିଜ ବେକରେ ଗଳାଇ ଦେଲା । ସେ ମା' ବାପାଙ୍କୁ ପୁଣି ଥରେ ଜଣାଇ ଦେଲା, 'ଗୁଡ୍ ବାଇ' ।

ତା'ପରେ ସେ ଆଉ ପଛକୁ ନଚାହିଁ ଦୌଡ଼ିଲା । ବ୍ୟାଗ୍‌ଟି ତା' ପଛରେ ପିଟି ହେଉଥାଏ । ରକି ବି ଖୁସିରେ ତା' କଡ଼େ କଡ଼େ ଡେଇଁ ଚାଲିଥାଏ ।

ଘରୁ ଷ୍ଟେସନ ଓ ପୁରୁଣା ସ୍କୁଲକୁ ପ୍ରାୟ ଏକା ବାଟରେ ଯିବାକୁ ହୁଏ । ତେଣୁ ବାଟରେ ସବୁ ଜଣାଶୁଣା ବିଲେଇ, କୁକୁର ଓ ପୁରୁଣା ସ୍କୁଲ ସାଙ୍ଗ ସବୁ ଦେଖା ହେଲେ ।

ତୋତ୍ତୋ-ଚାନ୍ ଭାବିଲା ସେମାନଙ୍କୁ ପାସ୍‌ଟି ଦେଖାଇ ଚମକାଇ ଦେବ କି ? ସେ ସେଦିନ ଡେରିରେ ପହଞ୍ଚିବାକୁ ଚାହୁଁ ନଥିଲା । ତେଣୁ ସେଦିନ ଅଟକିବ ନାହିଁ ବୋଲି ସେ ଠିକ୍ କଲା ଓ ଜଲଦି ଜଲଦି ଆଗେଇଲା ।

ତୋତ୍ତୋ-ଚାନ୍ ସବୁଦିନ ଭଳି ସ୍କୁଲ ଆଡ଼େ ବାଁକୁ ନଯାଇ ଡାହାଣକୁ ଷ୍ଟେସନ ଆଡ଼େ ବୁଲିଲା । ବିଚରା ରକି ଅଟକି ଗଲା

ଓ ବ୍ୟସ୍ତ ହୋଇ ଚାରିପଟକୁ ଚାହିଁଲା । ତୋତ୍ତୋ-ଚାନ୍ ସେତେବେଳକୁ ଟିକେଟ ଫାଟକ ପାଖରେ ପହଞ୍ଚି ସାରିଥିଲା । କିନ୍ତୁ ସେ ବୋକା ହୋଇ ଚାହିଁ ରହିଥିବା ରକି ପାଖକୁ ଫେରି ଆସିଲା ।

ତାକୁ ବୁଝାଇ ଦେଲା, ''ମୁଁ ଆଉ ସେ ସ୍କୁଲକୁ ଯାଉନି । ମୁଁ ଏବେ ଗୋଟିଏ ନୂଆ ସ୍କୁଲକୁ ଯାଉଛି ।''

ତୋତ୍ତୋ-ଚାନ୍ ରକି ମୁହଁ ପାଖକୁ ତା' ମୁହଁ ରଖିଲା । ରକିର ଗନ୍ଧୁରା କାନ କିନ୍ତୁ ତୋତ୍ତୋ-ଚାନ୍‌କୁ ଖରାପ ଲାଗୁ ନଥାଏ । ସେ ଗେଲରେ କହିଲା, ''ମୁଁ ଯାଉଛି ।'' ଫାଟକରେ ତା'ର ପାସ୍ ଦେଖାଇ ସେ ଷ୍ଟେସନ ପାହାଚ ଡେଇଁ ଚାଲିଲା । ରକି ଟିକିଏ କୁଁ କୁଁ ହେଲା । ତୋତ୍ତୋ-ଚାନ୍ ଦିଶୁଥିବା ଯାଏ ଚାହିଁ ରହିଲା ।

### ରେଳଡ଼ବାରେ ପାଠପଢ଼ା

ସମସ୍ତଙ୍କ ଆଗରୁ ତୋତ୍ତୋ-ଚାନ୍ ସ୍କୁଲରେ ପହଞ୍ଚି ସାରିଥିଲା । ପ୍ରଧାନ ଶିକ୍ଷକ ତା'ର ଶ୍ରେଣୀ ଡବାଟା ତାକୁ ଆଗରୁ ଦେଖାଇ ସାରିଥିଲେ । ସେ ସିଧା ସେଠିକୁ ଗଲା । ସେଇଟା ଗୋଟିଏ ପୁରୁଣାକାଳିଆ ଗାଡ଼ି ଥିଲା । କବାଟରେ ଥିବା ହାଣ୍ଡଲ୍‌କୁ ଦୁଇ ହାତରେ ଠେଲିଦେଲେ ଏହା ଖୋଲୁଥିଲା । କବାଟ ଖୋଲୁଖୋଲୁ ଉତ୍କଣ୍ଠାରେ ତୋତ୍ତୋ-ଚାନ୍‌ର ଛାତି ଧଡ଼ଧଡ଼ ହେଉଥିଲା । ଭିତରର ଦୃଶ୍ୟ ଦେଖି ଖୁସିରେ ତା' ପାଟିରୁ କଥା ବାହାରିଲା ନାହିଁ ।

ଏଠାରେ ପଢ଼ିବାଟା ଏକ ଅସରନ୍ତି ଯାତ୍ରା ପରି ହେବ । ଝରକାଗୁଡ଼ିକ ଉପରେ ଏବେ ବି ଜିନିଷ ରଖିବା ପାଇଁ ଜାଗା ଥିଲା । ଗାଡ଼ିଟିର ସାମନା ପାଖରେ ଗୋଟିଏ କଳାପଟା ଲଗା ଯାଇଥିଲା ଓ ଗାଡ଼ିର ଲମ୍ବା ସିଟ୍ ବଦଳରେ ସ୍କୁଲ ଡେସ୍କ ଓ ଚଉକିଗୁଡ଼ିଏ ଆଗମୁହାଁ ହୋଇ ପଡ଼ିଥିଲା । ଗାଡ଼ିର ପ୍ରାୟ ଅନ୍ୟ ସବୁକିଛି ଯେମିତି ସେମିତି ହିଁ ଥିଲା । ତୋତ୍ତୋ-ଚାନ୍ ଭିତରକୁ ଯାଇ ଜଣକର ଜାଗାରେ ବସିଗଲା । ଆଗ ସ୍କୁଲ ଭଳି ଦେଖାଗଲେ ମଧ୍ୟ ଏଠାର ଚଉକିଗୁଡ଼ିକ ବେଶ୍ ଆରାମଦାୟକ ଥିଲା – ସାରା ଦିନ ବସି ହେଲା ଭଳି । ତୋତ୍ତୋ-ଚାନ୍ ଖୁବ୍ ଖୁସି ହୋଇ ଯାଇଥିଲା ଓ ସ୍କୁଲଟି ତାକୁ ବହୁତ ଭଲ ଲାଗିଲା । ସେ ସାଙ୍ଗେ ସାଙ୍ଗେ ଠିକ୍ କରିନେଲା ଯେ ସେ ସବୁଦିନ ନିଶ୍ଚୟ ସ୍କୁଲକୁ ଆସିବ – ଏପରିକି ଛୁଟି ଦିନରେ ମଧ୍ୟ ।

ତୋତ୍ତୋ-ଚାନ୍ ଝରକା ବାହାରକୁ ଚାହିଁଲା । ସେ ଜାଣିଥିଲା ଯେ ଟ୍ରେନ୍‌ଟି ସ୍ଥିର, କିନ୍ତୁ ତା'ର ମନେହେଲା ଯେ ତାହା ଚାଲୁଛି । ସ୍କୁଲ ପଡ଼ିଆରେ ଥିବା ଫୁଲ ଓ ଗଛଗୁଡ଼ିକ ପବନରେ ଧୀରେ ଧୀରେ ହଲୁଥିବାରୁ ଏପରି ଜଣା ପଡ଼ୁଛି କି ?

ସେ ପାଟି କରି ଉଠିଲା, ''ମୁଁ ବହୁତ ଖୁସି ।'' ତା'ପରେ ଝରକାରେ ମୁହଁକୁ ମାଡ଼ି ସେ ଗୀତଟିଏ ଯୋଡ଼ିଲା । ସେ ଖୁସି ହୋଇଗଲେ ଏପରି ଗୀତ ଫାନ୍ଦେ ।

''ମୁଁ କେଡ଼େ ଖୁସି,
ଏତେ ଖୁସି ମୁଁ !
ମୁଁ କାହିଁକି ଖୁସି ?
କାହିଁକି ନା...''

ଠିକ୍ ଏହି ସମୟରେ ଝିଅଟିଏ ପଶି ଆସିଲା । ସେ ତା'ର ସ୍କୁଲ ବାକ୍ସରୁ ଖାତା ଓ ପେନ୍‌ସିଲ ବାକ୍ସ ବାହାର କରି ଡେସ୍କ ଉପରେ ରଖିଲା । ତା'ପରେ ସେ ଟିପରେ ଠିଆ ହୋଇ ବ୍ୟାଗ୍‌କୁ ଝରକା ଉପର ଥାକରେ ରଖିଲା । ତା'ର ଜୋତା ବ୍ୟାଗ୍‌କୁ ବି ସେଠାରେ ରଖିଲା । ତୋତ୍ତୋ-ଚାନ୍ ଗାଇବା ବନ୍ଦ କରି ସେଇଆ କଲା । ଏହାପରେ ଜଣେ ପୁଅ ପିଲା ଆସିଲା । ସେ କବାଟ ପାଖରେ ଠିଆ ହେଲା ଓ ବାସ୍କେଟ୍ ବଲ୍ ଖେଳିଲା ଭଳି ତା' ବ୍ୟାଗ୍‌ଟିକୁ ଥାକ ଉପରକୁ ଫିଙ୍ଗି ଦେଲା । ବ୍ୟାଗ୍‌ଟି କିନ୍ତୁ ଖସି ତଳେ ପଡ଼ିଗଲା । ''ଖରାପ ସଟ୍'', କହି ପୁଅଟି ପୁଣି ଥରେ ସେଠୁ ଲକ୍ଷ୍ୟ କଲା । ଏଥର ସେଇଟି ଉପରେ ରହିଗଲା । ''ବଢ଼ିଆ ସଟ୍'', ସେ ପାଟି କଲା । ପୁଣି କହିଲା ''ନା, ଖରାପ ସଟ୍'', କହି ସେ ଡେସ୍କ ଉପରେ ଚଢ଼ି ଖାତା ଓ ପେନ୍‌ସିଲ ବାକ୍ସ କାଢ଼ିବାକୁ ବ୍ୟାଗ୍ ଖୋଲିଲା । ସେ ପ୍ରଥମରୁ ଏ ସବୁ କାଢ଼ି ନଥିବାରୁ ତା'ର ବ୍ୟାଗ୍ ଫିଙ୍ଗାଟା ବେକାର ହୋଇଗଲା ।

ଶେଷକୁ ବଗିରେ ନଅ ଜଣ ପିଲା ହେଲେ । ଏହା ଥିଲା ତୋମୋଏ ଗାକୁଏନ୍‌ର ପ୍ରଥମ ଶ୍ରେଣୀ ।

ସେମାନେ ସଭିଏଁ ସାଙ୍ଗ ହୋଇ ଏକା ଟ୍ରେନ୍‌ରେ ଯାତ୍ରା କରିବେ ।

### ତୋମୋଏରେ ପାଠପଢ଼ା

ରେଳ ଡବାରେ ସ୍କୁଲ ହେବାଟା ତ ଅଶୁଣା କଥା । ଏଠାରେ ପିଲାଙ୍କର ବସିବା ବ୍ୟବସ୍ଥା ବି ଅଲଗା ଧରଣର ଥିଲା । ସବୁ ସ୍କୁଲରେ ପିଲାମାନଙ୍କର ଏକ ନିର୍ଦ୍ଦିଷ୍ଟ ଡେସ୍କ ଥିଲା । କିନ୍ତୁ ଏଠି ଯିଏ ଯେଉଁଠି ଚାହୁଁଥିଲା ବସି ପାରୁଥିଲା ।

ବହୁତ ସମୟ ଭାବି, ଚାରିଆଡ଼କୁ ଭଲ ଭାବରେ ଚାହିଁବା ପରେ ତୋତ୍ତୋ-ଚାନ୍ ତା'ର ଜାଗା ବାଛିଲା । ତା'ର ପରେ ଆସିଥିବା ଝିଅଟିର ପାଖରେ ବସିବାକୁ ସେ ଠିକ୍ କଲା । କାରଣ ସେ ଝିଅର ଜାମାରେ ଲମ୍ବା କାନ ଥିବା ଗୋଟିଏ ଠେକୁଆର ଚିତ୍ର ଥିଲା ।

ପାଠପଢ଼ାର ଢଙ୍ଗ ସବୁଠାରୁ ଅଲଗା ଥିଲା । ସାଧାରଣ ସ୍କୁଲରେ ଧରାବନ୍ଧା ରୁଟିନ ଥାଏ । ଯେଉଁ ପିରିଅଡ଼ରେ ସାହିତ୍ୟ ଅଛି ସେତେବେଳେ ଖାଲି ସାହିତ୍ୟ ପଢ଼ା ହେବ, ଅଙ୍କ ପିରିଅଡ଼ରେ କେବଳ ଅଙ୍କ । କିନ୍ତୁ ଏଠି ପୂରା ଅଲଗା ଥିଲା । ସ୍କୁଲ ଆରମ୍ଭ ସମୟରେ ଶିକ୍ଷକ ସେଦିନ ପଢ଼ା ହେବାକୁ ଥିବା କିଛି ବିଷୟର ତାଲିକା କରୁଥିଲେ । ତାଲିକାର ବିଷୟଗୁଡ଼ିକୁ କେଉଁ କ୍ରମରେ ପଢ଼ିବ ତାହା ପ୍ରତି ପିଲା ନିଜେ ବାଛୁଥିଲା । ପିଲାମାନେ ଏକା ସମୟରେ ଅଲଗା ଅଲଗା ବିଷୟ ବି ପଢ଼ି ପାରୁଥିଲେ । ଜଣକୁ ଲେଖିବାକୁ ଭଲ ଲାଗୁଛି ତ ସେ ବସି କିଛି ଲେଖୁଥିବ । ତାହା ପଛକୁ ହୁଏତ ଆଉ ଜଣେ ବିଜ୍ଞାନର ଆଉ କିଛି ପରୀକ୍ଷା କରୁଥିବ । ଶ୍ରେଣୀ ମଝିରେ ଡ୍ରୋ' କରି କିଛି ଫୁଟିବା ବଡ଼ କଥା ହେବ ନାହିଁ ।

ଏହି ପାଠପଢ଼ା ଧାରାରେ ଶିକ୍ଷକ ପିଲାମାନଙ୍କୁ ଲକ୍ଷ୍ୟ କରି ଦେଖି ପାରୁଥିଲେ । ପ୍ରତି ପିଲା ଉପର ଶ୍ରେଣୀକୁ ଯିବାବେଳକୁ ଶିକ୍ଷକ ଜାଣି ପାରୁଥିଲେ ସେମାନେ କେଉଁଥିରେ ବିଶେଷ ଆଗ୍ରହୀ । ସେମାନଙ୍କର ଚିନ୍ତା ଶକ୍ତି ଓ ଦକ୍ଷତାର ଧାରଣା ମଧ୍ୟ କରି ପାରୁଥିଲେ । ଶିକ୍ଷକମାନେ ନିଜ ପିଲାମାନଙ୍କୁ ଜାଣିବା ପାଇଁ ଏହା ଥିଲା ଏକ ଭଲ ଉପାୟ ।

ପିଲାଏ ମଧ୍ୟ ତାଙ୍କର ମନଲାଖି ବିଷୟରୁ ଆରମ୍ଭ କରିବାଟାକୁ ଭାରି ପସନ୍ଦ କରୁଥିଲେ । ତା'ଛଡ଼ା ଭଲ ଲାଗୁନଥିବା ବିଷୟଗୁଡ଼ିକୁ ସାରିବା ପାଇଁ ସେମାନେ ଚାହିଁଲେ ସାରା ଦିନ ପାଉଥିଲେ । ତେଣୁ କୌଣସିମତେ ସେଗୁଡ଼ିକୁ ସେମାନେ ବୁଝି ନେଉଥିଲେ । ତେଣୁ ପିଲାଏ ସ୍ୱାଧୀନ ଭାବେ ପାଠ ପଢ଼ୁଥିଲେ ଓ ଦରକାର ଅନୁସାରେ ଶିକ୍ଷକଙ୍କୁ ପଚାରୁଥିଲେ । ଦରକାର ହେଲେ ଶିକ୍ଷକ ମଧ୍ୟ ତାଙ୍କ ପାଖକୁ ଆସି ବୁଝାଇ ଦେଉଥିଲେ । ବୁଝିଲେ କି ନାହିଁ ଜାଣିବା ପାଇଁ ତାଙ୍କୁ ଅଲଗା ଅଲଗା ପ୍ରଶ୍ନ ଦିଆଯାଉଥିଲା । ପ୍ରକୃତ ଅର୍ଥରେ ଏଠାରେ ପ୍ରତିଟି ପିଲା ପାଠ ପଢ଼ୁଥିଲେ । କିଛି ପିଲା ଶିକ୍ଷକଙ୍କ କଥା ଶୁଣିଲା ବେଳେ ଆଉ କିଛି ବାହାରକୁ ଅନାଇବାର ଅବକାଶ ନଥିଲା ।

ପ୍ରଥମ ଶ୍ରେଣୀର ପିଲାମାନେ ନିଜେ ନିଜେ ପାଠ ପଢ଼ିବାର ଦକ୍ଷତା ପାଇ ନଥିଲେ । ତଥାପି ସେମାନେ ନିଜ ପସନ୍ଦ ମୁତାବକ ବିଷୟରୁ ପାଠ ପଢ଼ା ଆରମ୍ଭ କରି ପାରୁଥିଲେ ।

କିଏ ଅକ୍ଷର ଶିଖୁଥିଲା ତ କିଏ ଚିତ୍ର ଆଙ୍କୁଥିଲା । କେତେଜଣ ପଢ଼ୁଥିଲେ ବା ଆଉ କେତେଜଣ ବ୍ୟାୟାମ ବି କରୁଥିଲେ । ତୋତ୍ତୋ-ଚାନ୍‌ର ପାଖ ଝିଅଟି ବର୍ଣ୍ଣମାଳା ଶିଖି ସାରିଥିଲା । ସେ ତା' ଖାତାରେ ଅକ୍ଷରସବୁ ଲେଖି ଚାଲିଥିଲା । ତୋତ୍ତୋ-ଚାନ୍‌କୁ ଏ ସବୁ ଅଲଗା ଓ ନୂଆ ଲାଗୁଥିବାରୁ ସେ ଟିକିଏ ଡରିଗଲା ଓ କ'ଣ କରିବ ଜାଣିପାରିଲାନି ।

ଠିକ୍ ସେତିକିବେଳେ ତା' ପଛର ପୁଅଟି ଉଠି ଖାତା ଧରି କଳାପଟା ଆଡ଼କୁ ଚାଲିଲା । ହୁଏତ ଶିକ୍ଷକଙ୍କୁ ତା'ର କିଛି ପଚାରିବାର ଥିଲା । ଦିଦି କଳାପଟା ପାଖ ଡେସ୍କରେ ବସି ଆଉ ଜଣେ ପିଲାକୁ କିଛି ବୁଝାଉଥା'ନ୍ତି । ତୋତ୍ତୋ-ଚାନ୍ ଏଣେ ତେଣେ ଚାହିଁବା ବନ୍ଦ କରି, ଦୁଇ ହାତରେ ମୁହଁକୁ ଭରା ଦେଇ କଳାପଟା ଆଡ଼କୁ ଯାଉଥିବା ପିଲାଟିକୁ ଚାହିଁ ରହିଲା । ସେ ପିଲାଟି ଗୋଡ଼ ଘୋଷାଡ଼ି ଘୋଷାଡ଼ି ଚାଲିଥାଏ । ତା'ର ଦେହଟି ଏପଟ ସେପଟ ହୋଇ ଦୋହଲୁଥାଏ । ସେ ଏପରି କାହିଁକି ଚାଲୁଛି ତୋତ୍ତୋ-ଚାନ୍ ବୁଝି ପାରିଲା ନାହିଁ । ପିଲାଟିର ଦେହ ଯେ ଆପେ ଆପେ ଏପରି ଝାଙ୍କୁଛି ତାହା ସେ ଆସ୍ତେ ଆସ୍ତେ ବୁଝିପାରିଲା ।

ପିଲାଟି ତା' ଡେସ୍କକୁ ଫେରିବାଯାଏଁ ତୋତ୍ତୋ-ଚାନ୍ ତାକୁ ଚାହିଁ ରହିଥାଏ । ଦୁହିଙ୍କ ଆଖି ମିଶିବାରୁ ପୁଅଟି ହସି ଦେଲା । ସେ ତୋତ୍ତୋ-ଚାନ୍‌ର ପଛ ଡେସ୍କରେ ବସିବାକୁ ଗଲା । ଡେସ୍କରେ ବସିବାକୁ ତାକୁ ସମୟ ଲାଗିଲା । ସେ ପଛକୁ ବୁଲି ପଚାରିଲା, ''ତୁ କାହିଁକି ଏପରି ଚାଲୁଛୁ ?''

ସେ ଧୀର ଓ ଚାଲାକ ସ୍ୱରରେ ଜବାବ ଦେଲା, ''ମୋତେ ପୋଲିଓ ହୋଇଥିଲା ।''

''ପୋଲିଓ ?'', ନୂଆ ଶବ୍ଦଟିଏ ଶୁଣି ତୋତ୍ତୋ-ଚାନ୍ ପଚାରିଲା । ସେ ପୁଣି କହିଲା, ''ହଁ, ପୋଲିଓ'', ସେ ଧୀରେ କହିଲା, ''କେବଳ ଗୋଡ଼ ନୁହେଁ ମୋ ହାତ ବି ଏପରି ।'' ସେ ତା' ହାତ ବାହାର କରି ଦେଖାଇଲା । ତୋତ୍ତୋ-ଚାନ୍ ତା'ର ବାଁ ହାତକୁ ଦେଖିଲା । ତା'ର ଲମ୍ବା ଆଙ୍ଗୁଠିଗୁଡ଼ିକ ବଙ୍କା ଥିଲା ଓ ସବୁତକ ଲାଗିଯାଇଥିଲା ପରି ଜଣା ପଡ଼ୁଥିଲା ।

''ଏହାକୁ କ'ଣ ଠିକ୍ କରି ହେବନି ?'', ତୋତ୍ତୋ-ଚାନ୍ ଚିନ୍ତିତ ଭାବରେ ପଚାରିଲା । ସେ କିଛି ଜବାବ ଦେଲାନି ।

ତୋତ୍ତୋ-ଚାନ୍ ଟିକିଏ ବ୍ୟସ୍ତ ହୋଇ ପଡ଼ିଲା ଓ ପଚାରିଥିବାରୁ ମନଦୁଃଖ କଲା । କିନ୍ତୁ ପୁଅଟି ଖୁସିରେ କହିଲା, ‘‘ମୋ ନାଁ ୟାସୁଆକି ୟାମାମୋତୋ । ତୋ’ର ନାଁ ?’’

ପୁଅଟି ଏପରି ଖୁସିରେ କଥା ହେବା ଶୁଣି ତୋତ୍ତୋ-ଚାନ୍ ଏତେ ଖୁସି ହୋଇଗଲା ଯେ ସେ ଜୋର୍‌ରେ କହି ଉଠିଲା, ‘‘ମୁଁ ତୋତ୍ତୋ-ଚାନ୍’’ । ଏହିଭଳି ସେ ଦୁହେଁ ସାଙ୍ଗ ହୋଇଗଲେ ।

ଖରା ବଢ଼ିଲାରୁ ରେଳଡବା ଭିତରଟା ବେଶ୍ ଗରମ ହୋଇଗଲା । ଜଣେ ଝରକା ଖୋଲି ଦେଲା । ଥଣ୍ଡା ତାଜା ପବନ ବଗି ଭିତରକୁ ପଶିଆସି ପିଲାଙ୍କ ମୁଣ୍ଡର ବାଳକୁ ଅତ୍ୟନ୍ତ ବେପରୁଆ ଭାବରେ ଏପଟ ସେପଟ କରିଦେଲା ।

ଏପରି ଭାବେ ତୋମୋଏରେ ତୋତ୍ତୋ-ଚାନ୍‌ର ପ୍ରଥମ ଦିନର ପାଠପଢ଼ା ଆରମ୍ଭ ହେଲା ।

(କ୍ରମଶଃ...)

(ଅନୁବାଦକ : ବିନୟକୃଷ୍ଣ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ସୃଜନୀକା ଅନୁଷ୍ଠାନ, ଭୁବନେଶ୍ୱର)

❑❑❑

# ମୋ ପାପୁଲି

## ଝରଣା ଘୋଷାଲ

ସ୍ମୃତିର ତରଙ୍ଗେ ହୃଦକନ୍ଦରୁ ଭାସିଆସେ
ଜୀବନର ଧାରା ବିବରଣୀ
କେତେ ଅଭୁଲା ମୁହୂର୍ତ୍ତ –
ମଥାରେ ମୋ ହାତ ଥାପି ତୁମ ଆଶୀର୍ବାଦର
ଆବେଗମୟ ସ୍ପନ୍ଦନ
ବ୍ୟାପିଥିଲା ସର୍ବାଙ୍ଗରେ, ଶିରା ପ୍ରଶିରାରେ
ତୁମ ଦୃଷ୍ଟିର ସ୍ୱଚ୍ଛ ଆଲୋକଧାରା
ମସୀକୃଷ୍ଣ ଜୀବନର ପ୍ରତିଟି ଅଣୁରେ
ଜାଳି ଦେଲା ଆସ୍ପୃହାର ଶୁଭ୍ର ଦୀପଶିଖା
ଅସ୍ୱୀକାର କରି ଶତ ଇଚ୍ଛାର ବର୍ଣ୍ଣିଳ ଆକର୍ଷଣ
ଜୀବନ ଭିତରେ ଖୋଜେ ଆଉ ଏକ ବିଶୁଦ୍ଧ ଜୀବନ ।

ଅନୁଭୂତିର ଦିଗନ୍ତ କୁହ କେବେ ମୁଁ ପାଇବି
ତୁମ ମଧୁମୟ ଉପସ୍ଥିତିର ଜାଗ୍ରତ ଉପଲବ୍ଧି ?
କହି ଦିଅ, କହି ଦିଅ ଊର୍ଦ୍ଧ୍ୱାୟିତ ହୋଇ କେବେ
ପହଞ୍ଚିବି ତୁମ ଚେତନାରେ
ସିକ୍ତ କରି ସୁକୋମଳ ପାଦଦୋ’ଟି ତୁମ
ଉଲ୍ଲାସର ଲହୁ ଓ ଲୁହରେ
ପିଇ ମୁଁ ପାରିବି କି ଅମୃତ ପରି ତୁମ ହସର ଝଲକ
ପାରିବି କି ଛୁଇଁ ଆଉ ଥରେ ତୁମ ବେନି ଚରଣକୁ
ମୋ ଦୁଇ ପାପୁଲିରେ –
ଲେଖି କି ପାରିବି କେବେ ତୁମ ମୋ’
ଜୀବନର ଗାଥା –

ସଜାଇ ରଖିଛି ଯତନରେ ସେଇ ମୁହୂର୍ତ୍ତଗୁଡ଼ିକୁ
ମୋ ସ୍ମୃତିର ଉଆସରେ –
ଜନ୍ମ-ଜନ୍ମାନ୍ତର ମୋର ଭାସିଯା’ନ୍ତା
ତୁମ ଶୁଭ୍ରନୀଳ ଚେତନାର ପାବନ ସ୍ରୋତରେ । ❑



# ଆରତିଦି’ – ଏକ ଶ୍ରଦ୍ଧାଞ୍ଜଳି

## (୨୨. ୦୫. ୧୯୩୧ - ୦୬.୦୬.୨୦୧୮)

## ସରୋଜିନୀ ପାଣିଗ୍ରାହୀ

ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଦୀର୍ଘଦିନ ଧରି ମୁଖ୍ୟ ଦାୟିତ୍ୱରେ କାର୍ଯ୍ୟରତା ସାଧିକା ଆରତି ଦାଶଗୁପ୍ତ ଖୁବ୍ ଅଳ୍ପ ବୟସରୁହିଁ ନିଜ ପରିବାର ସହ ଆଶ୍ରମରେ ଯୋଗ ଦେଇଥିଲେ । ବଙ୍ଗଳାର ଢାକା ଜିଲ୍ଲାର ଏକ ସମ୍ଭ୍ରାନ୍ତ, ଶିକ୍ଷିତ ତଥା ଖ୍ୟାତିସମ୍ପନ୍ନ ପରିବାରରେ ତାଙ୍କର ଜନ୍ମ । ତାଙ୍କର ପିତା ଶ୍ରୀଯୁକ୍ତ ନରେନ୍ଦ୍ରନାଥ ଦାଶଗୁପ୍ତଙ୍କର ସାଧନା ପଥର ଗୁରୁ ଥିଲେ ମହାଯୋଗୀ ଶ୍ରୀଅରବିନ୍ଦ । ୧୯୨୫ ମସିହାଠାରୁ ସେ ଶ୍ରୀଅରବିନ୍ଦଙ୍କ ସହ ଘନିଷ୍ଠ ସମ୍ପର୍କ ରଖିଥିଲେ ଓ ତାଙ୍କର ଦର୍ଶନ ଲାଭ ପାଇଁ ପଣ୍ଡିଚେରୀକୁ ନିୟମିତ ଆସୁଥିଲେ । ୧୯୪୨ ମସିହାରେ ସେ ସପରିବାର ଆଶ୍ରମର ଅନ୍ତେବାସୀ ରୂପେ ଯୋଗ ଦେଇଥିଲେ । ସେତେବେଳେ ଆରତିଦି’ଙ୍କ ବୟସ ମାତ୍ର ଏଗାର ବର୍ଷ । ସେମାନେ ତିନି ଭଉଣୀ ଓ ଦୁଇ ଭାଇ । ଆରତିଦି’ ଥିଲେ ତାଙ୍କ ମାତାପିତାଙ୍କର ଚତୁର୍ଥ ସନ୍ତାନ । ତାଙ୍କର କନିଷ୍ଠ ଭ୍ରାତା ଶ୍ରୀ ମନୋଜ ଦାଶଗୁପ୍ତ ଅଧୁନାତନ ଶ୍ରୀଅରବିନ୍ଦ ଆଶ୍ରମର ମ୍ୟାନେଜିଂ ଟ୍ରଷ୍ଟି ଭାବେ କାର୍ଯ୍ୟରତ ।

୧୯୪୩ ମସିହା ଡିସେମ୍ବର ୨୨ ତାରିଖରେ ଶ୍ରୀମାଙ୍କର ତତ୍ତ୍ୱାବଧାନରେ ଆଶ୍ରମ ସ୍କୁଲର ଶୁଭାରମ୍ଭ ହୁଏ । ଆରମ୍ଭ ଅବସ୍ଥାରେ ମା ସ୍କୁଲର ପରିଚାଳନା ଦାୟିତ୍ୱ ଶିଶିର ମିତ୍ରଙ୍କ ଉପରେ ନ୍ୟସ୍ତ କରନ୍ତି । କିଶୋରୀ ବୟସରୁହିଁ ଆରତିଦି’ ସ୍କୁଲ ପ୍ରତି ବେଶ୍ ଆକର୍ଷିତ ହେଉଥିଲେ । ୧୯୪୩ ମସିହାରୁ ୧୯୪୫ ପର୍ଯ୍ୟନ୍ତ ସେ ନିୟମିତ ଶିଶିରଦା’ଙ୍କଠାରୁ ସ୍କୁଲର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଜାଣିବାରେ ଆଗ୍ରହୀ ଥିଲେ ଓ ଦାୟିତ୍ୱ ନେଇ କାମ କରିବାକୁ ଚାହୁଁଥିଲେ । ତାଙ୍କୁ ଦିଆଯାଉଥିବା କାମକୁ ଖୁବ୍ ନିଖୁଣ ଓ ସୁନ୍ଦରଭାବେ କରିବାକୁ ପ୍ରୟାସ କରୁଥିଲେ । ଆରତିଦି’ଙ୍କ ନିୟମାନୁବର୍ତ୍ତିତା, କାର୍ଯ୍ୟରେ ଆନ୍ତରିକ ପ୍ରୟାସ ଓ ଦକ୍ଷତା ଦେଖି ଶ୍ରୀମା ତାଙ୍କୁ ଶିଶିରଦା’ଙ୍କ ସହ କାମରେ ସହଯୋଗ କରିବା ପାଇଁ କହିଥିଲେ । ମୁଖ୍ୟତଃ ସ୍କୁଲ ଲାଇବ୍ରେରିର ବହିଗୁଡ଼ିକର ଯତ୍ନ ନେବା, ସେସବୁକୁ ଯଥାସ୍ଥାନରେ ରଖିବା ଓ ବହିଗୁଡ଼ିକୁ ଯଥାସମୟରେ ଶିକ୍ଷାର୍ଥୀମାନଙ୍କୁ ଯୋଗାଇ ଦେବା ଥିଲା ଆରତିଦି’ଙ୍କ ପ୍ରାରମ୍ଭିକ ଅବସ୍ଥାର କାର୍ଯ୍ୟ । ୧୯୫୧ ମସିହା ବେଳକୁ ମା’ଙ୍କ ନିର୍ଦ୍ଦେଶ ଓ ଶିଶିରଦା’ଙ୍କର ସହଯୋଗରେ ଆରତିଦି’ ସ୍କୁଲର ଅନ୍ୟ ଅନେକ ଦାୟିତ୍ୱ ନେବାକୁ ଆରମ୍ଭ କରିଦେଇଥିଲେ ।

ପ୍ରଥମ ଅବସ୍ଥାରେ ସେ ଇଂରାଜୀରେ ବାର୍ତ୍ତାଳାପ ମଧ୍ୟ କରିପାରୁ ନଥିଲେ । ଥରେ ମା’ଙ୍କ ଜନ୍ମଦିନରେ ଗୋଟିଏ ଟେବୁଲ କ୍ଲଥ୍ ସିଲେଇ କରି ମା’ଙ୍କୁ ଉପହାର ଦେବା ସମୟରେ ଇଂରାଜୀରେ କହିଲେ – “I have give done this.” ଶ୍ରୀମା ଖୁବ୍ ଜୋର୍‌ରେ ହସିଉଠିଥିଲେ ଏବଂ ସେହିଦିନଠାରୁ ସମସ୍ତଙ୍କ ସହିତ ଇଂରାଜୀରେ ବାର୍ତ୍ତାଳାପ କରିବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

୧୯୫୧ ମସିହାଠାରୁ ଶ୍ରୀମା କିଛି ପିଲାଙ୍କୁ ନେଇ ସାନ୍ଧ୍ୟ କ୍ଲାସ ଆରମ୍ଭ କଲେ । ମଙ୍ଗଳବାର, ଗୁରୁବାର ଓ ଶନିବାର ସନ୍ଧ୍ୟା ୫ଟା ସମୟରେ ଏହି କ୍ଲାସ ହେଉଥିଲା । ସେଇ କ୍ଲାସର ଆରମ୍ଭ ସମୟରେ ଯେଉଁମାନେ ଯୋଗ ଦେବାର ସୁଯୋଗ ପାଇଥିଲେ ସେମାନଙ୍କ ମଧ୍ୟରେ ଆରତିଦି, ସୁମିତ୍ରାଦି, ସୁନିତାଦି, ସୁପ୍ରଭାଦି ଓ ଅମିତାଦି ଆଦି ଅନ୍ୟତମ । ଆରତିଦି ପାଠପଢ଼ାରେ ବେଶ୍ ମନୋଯୋଗୀ ଥିଲେ । କୌଣସି ପାଠ ବୁଝି ନପାରିଲେ ତତ୍‌କ୍ଷଣାତ୍ ମା’ଙ୍କୁ ପ୍ରଶ୍ନ କରୁଥିଲେ ।

ଖୁବ୍ ଅଳ୍ପ ବୟସରୁ କିନ୍ତୁ ତାଙ୍କର ପୁସ୍ତକ ଅଧ୍ୟୟନ ପ୍ରତି ଆଗ୍ରହ ଥିଲା । ଧୀରେ ଧୀରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ରଚନାବଳି ଅଧ୍ୟୟନରେ ସେ ଅଧିକ ଅନୁରାଗୀ ହୋଇଉଠିଲେ । ଏପରିକି କିଛି ବର୍ଷ ମଧ୍ୟରେ ଶ୍ରୀଅରବିନ୍ଦଙ୍କ ରଚିତ ମୁଖ୍ୟ ପୁସ୍ତକଗୁଡ଼ିକର ଧାଡ଼ିସବୁ ତାଙ୍କର କଣ୍ଠସ୍ଥ ହୋଇଯାଇଥିଲା ।

୧୯୬୧ ମସିହାରେ ଆରତିଦି’ଙ୍କ ଶରୀର ଅସୁସ୍ଥ ହେବାରୁ ଶ୍ରୀମା ତାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଫ୍ରାନ୍ସରୁ cheese ମଗାଇ ତାଙ୍କୁ ନିୟମିତ ଖାଇବା ପାଇଁ କହିଥିଲେ । ମା’ଙ୍କ କହିବା ଅନୁଯାୟୀ ତାଙ୍କ ଶରୀରରେ କ୍ୟାଲସିୟମ୍‌ର ଅଭାବ ଥିଲା । ସେହି ସମୟରୁ ଆରତିଦି’ cheese ଖାଇବା ଆରମ୍ଭ କଲେ ।

ଯେତେବେଳେ ଆରତିଦି' ଫ୍ରେଞ୍ଚ, ଇଂରାଜୀ ଭାଷାରେ କିଛିଟା ଦକ୍ଷତା ହାସଲ କଲେ ଶ୍ରୀମା ତାଙ୍କୁ ସ୍କୁଲରେ ଇଂରାଜୀ ଓ ଫ୍ରେଞ୍ଚ ପଢ଼ାଇବାର ଦାୟିତ୍ୱ ଦେଲେ । ତେବେ ତାଙ୍କର ପ୍ରିୟ ବିଷୟ ଥିଲା ରସାୟନ ବିଜ୍ଞାନ । ସେ ରସାୟନ ବିଜ୍ଞାନ ପଢ଼ାଇବାକୁ ଭଲ ପାଉଥିଲେ ଓ ଭଲ ପଢ଼ାଉ ଥିଲେ ମଧ୍ୟ ।

ଏହାଛଡ଼ା ସେ ସ୍କୁଲର ଅନ୍ୟାନ୍ୟ ଦାୟିତ୍ୱ ମଧ୍ୟ ନେଇଥିଲେ । ସ୍କୁଲର ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକର ପ୍ରସ୍ତୁତି, ସଂଯୋଜନା ଓ ପରିବେଷଣରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ଅଭିନୟ କଳାରେ ତାଙ୍କର ବେଶ୍ ଦକ୍ଷତା ଥିଲା । ସେ ପିଲାମାନଙ୍କର ଗ୍ରୁପ୍‌ର କ୍ୟାପ୍‌ଟେନ୍ ବି ଥିଲେ । ଅନେକ ପ୍ରତିଭାର ଅଧିକାରିଣୀ ଆରତିଦି' ସମୟକ୍ରମେ ସ୍କୁଲର ମୁଖ୍ୟ ନିର୍ବାହିକା ଭାବେ ଦାୟିତ୍ୱ ନେଲେ ।

ଚଳିତ ବର୍ଷ ଜୁନ୍ ୬ ତାରିଖ ଦିନ ଆଶ୍ରମ ନର୍ସିଂହୋମରେ ତାଙ୍କର ଶରୀରାବସାନ ଘଟିଲା । ଜୀବନର ଶେଷ ଦିନ ପର୍ଯ୍ୟନ୍ତ ସେ କାର୍ଯ୍ୟକ୍ଷମ ଥିଲେ ।

ପରଦିନ ତାଙ୍କ ମରଶରୀରକୁ ତାଙ୍କର ବାସଗୃହରୁ ଆଶ୍ରମ ସ୍କୁଲ ପ୍ରାଙ୍ଗଣକୁ ଆମ୍ବୁଲାନ୍ସ ଯୋଗେ ଅଣାଯାଇଥିଲା । ସ୍କୁଲ ପ୍ରାଙ୍ଗଣରେ ତାଙ୍କ ପାଇଁ ଛାତ୍ରଛାତ୍ରୀ ତଥା ଶିକ୍ଷକ/ଶିକ୍ଷୟିତ୍ରୀଙ୍କର ଧ୍ୟାନ ଓ ଶ୍ରଦ୍ଧାର୍ପଣ ପରେ ଶେଷକୃତ୍ୟ ପାଇଁ ଯେତେବେଳେ ତାଙ୍କ ଶରୀରକୁ ଆମ୍ବୁଲାନ୍‌ସକୁ ଅଣାଗଲା ସେତେବେଳେ ସତେ ଯେପରି ଏକ କମନୀୟ ଜ୍ୟୋତିଃ ତାଙ୍କର ସମଗ୍ର ଶରୀର ଆପ୍ଳୁତ କରି ରହିଥିଲା । ମନେହେଲା, ସତେ ଯେପରି ଦିବ୍ୟଜନନୀ ନିଜର ଜ୍ୟୋତିଃ ଭିତର ଦେଇ ତାଙ୍କ ସନ୍ତାନର ଆତ୍ମାକୁ ଆପଣା କୋଳକୁ ଟୋଳି ନେଉଛନ୍ତି !

ତାଙ୍କର ଅମର ଆତ୍ମା ନିକଟରେ ଆମେ ପ୍ରାର୍ଥନା ସହ ପ୍ରଣତ । ❑

**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika
**Ayurvedic Pimple / Acne Remover**
100% Herbal - Chemical Free
No side effects
*Exported to over 16 countries*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: office@ayurlabsindia.com

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : ନୂଆ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟିଏ କରିବା ପରେ ଆମ ଭିତରେ କେତେକ ମତାନ୍ତର ହେଉଛି । ମତାନ୍ତରରୁ ମନାନ୍ତର ବି ହୋଇଯାଉଛି । ଫଳରେ କାର୍ଯ୍ୟ ଆଗେଇ ପାରୁ ନାହିଁ । ମତାନ୍ତରରୁ ମନାନ୍ତର ହେବା କ'ଣ ଅବଶ୍ୟମ୍ଭାବୀ ? ଏହି ମନାନ୍ତରର ପ୍ରତିକାର କ'ଣ ହେବା ଉଚିତ ? ମତାନ୍ତର ଯେପରି ମନାନ୍ତରରେ ପରିଣତ ନହୁଏ, ସେଥିପାଇଁ ଆମକୁ କେଉଁ ପ୍ରକାରର ସାବଧାନତାମାନ ଅବଲମ୍ବନ କରିବାକୁ ପଡ଼ିବ ?*

ଉତ୍ତର : ମତାନ୍ତର ତଥା ମନାନ୍ତରରୁ ରକ୍ଷା ପାଇ କାର୍ଯ୍ୟରେ ଅଗ୍ରସର ହେବାର ଏକମାତ୍ର ଦୃଢ଼ ଅମୋଘ ଉପାୟ ହେଲା – ଆମମାନଙ୍କ ଜୀବନର ଅନିବାର୍ଯ୍ୟ ଲକ୍ଷ୍ୟ – ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତିକୁ ଆନ୍ତରିକତା ସହ ଗ୍ରହଣ କରିବା ଏବଂ ତା' ସମ୍ବନ୍ଧେ ସତତ ସଚେତନ ରହିବା । ସମସ୍ତ କର୍ମ ଲକ୍ଷ୍ୟପ୍ରାପ୍ତିର ସାଧନା ବୋଲି ହୃଦୟଙ୍ଗମ କରିବା; ଏବଂ ଏହି ମହତ୍ତ୍ୱପୂର୍ଣ୍ଣ କର୍ମର ଉପଯୋଗିତା, ଏହା ଦ୍ୱାରା ନିଜର, ସମାଜର ଓ ସଂସାରର କଲ୍ୟାଣ ହେବା ବିଷୟରେ ସତତ ସଜାଗ ରହିବା; ନିଜର ଅହଂକୁ ଚିହ୍ନି ଲକ୍ଷ୍ୟପ୍ରାପ୍ତିର ବାଧକ ଜାଣି, ତା' କ୍ରିୟାକୁ ବର୍ଜନ କରିବା । ତେବେ ମନାନ୍ତର ବା ମତାନ୍ତର ଆମକୁ ଅଧିକାର କରି ଭଗବତ୍‌ପ୍ରାପ୍ତି ମାର୍ଗରୁ ଟାଣି ନେଇ ପାରିବ ନାହିଁ । କିଂବା ମତାନ୍ତର ମନାନ୍ତରରେ ପରିଣତ ହେବ ନାହିଁ । ସଂସ୍ଥାର ଉନ୍ନତି ନିଶ୍ଚିତ ରୂପେ ହେବ ।

ମନେ ରଖିବାକୁ ହେବ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କେବଳ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଶିକ୍ଷା ଦେବା ନୁହେଁ । ଯଥାର୍ଥରେ ଏହା ଅତିମାନସ ଯୋଗର ସାଧନା କିଂବା ରୂପାନ୍ତର ଯୋଗର ସମସ୍ତ ଶ୍ରେଣୀର ବ୍ୟକ୍ତିମାନଙ୍କ ଜୀବନ ବିକାଶ ତଥା ସୁଖ ଶାନ୍ତିମୟ ଜୀବନ ହେବା ସକାଶେ ଆବଶ୍ୟକ । ଗୋଟିଏ ପ୍ରଣାଳୀରେ ଅଧିକ ବ୍ୟକ୍ତି ଏହି ଯୋଗକୁ ଗ୍ରହଣ କରିବା ସମ୍ଭବ ନୁହେଁ । ଏହି ଯୋଗକୁ ଗ୍ରହଣ କରିବାର ତିନୋଟି ପ୍ରଣାଳୀ : ଗୋଟିଏ ପ୍ରଣାଳୀ ପାଠଚକ୍ର, ଅନ୍ୟଟି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଶେଷଟି ସାଧନାଳୟ । ଏହି ତିନି ପ୍ରଣାଳୀରେ ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ ଭିନ୍ନ ଯୋଗୁଁ ବିଚାର ମଧ୍ୟ ଭିନ୍ନ ହୁଏ । ଗୋଟିଏ ଘଟଣା, ଗୋଟିଏ କାର୍ଯ୍ୟକୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ୱଭାବାନୁସାରେ, ନିଜ ନିଜ ଦୃଷ୍ଟିକୋଣରୁ ଭିନ୍ନ ଭିନ୍ନ ଭାବେ ବିଚାର କରନ୍ତି । ଏହି କାରଣରୁ ମତଭେଦ ହୁଏ । ''ମୁଁ ଯାହା କହୁଛି, ମୁଁ ଯାହା କରୁଛି – ଏହା ଠିକ୍, ମୋ କଥାକୁ ଅନ୍ୟମାନେ ମାନନ୍ତୁ, ମୋ କାର୍ଯ୍ୟକୁ ଅନ୍ୟମାନେ ସମର୍ଥନ କରନ୍ତୁ'' – ଏହା **ଅହଂ** । ଏହିପରି ଅହଂ ମଧ୍ୟ ଅନ୍ୟ ବ୍ୟକ୍ତିର ଥାଏ । ଅନ୍ୟ ବ୍ୟକ୍ତି ମଧ୍ୟ ଠିକ୍ ଏହିପରି ଧାରଣା କରେ । ଏହି କାରଣରୁ ଗୋଟିଏ ସଂସ୍ଥାରେ କେତେ ଜଣ ବ୍ୟକ୍ତି ମିଳିମିଶି କାମ କରିପାରନ୍ତି ନାହିଁ । ମତାନ୍ତରରୁ ମନାନ୍ତର ଉପୁନ୍ନ ହୁଏ ।

ସମାଜ ତଥା ଦେଶର ସଂସ୍ଥାମାନଙ୍କରେ ପ୍ରତ୍ୟେକ ବ୍ୟକ୍ତିର ଭିନ୍ନ ଭିନ୍ନ ବିଚାର, ଭିନ୍ନ ଭିନ୍ନ ଦୃଷ୍ଟିକୋଣ ଥିବା ସତ୍ତ୍ୱେ, ଜଣେ ପ୍ରଭାବଶାଳୀ ନେତା ହେଲେ ତା' ପ୍ରଭାବରେ ଅନ୍ୟମାନେ ମସ୍ତକ ନତ କରି ନିଜ ନିଜ ବିଚାରକୁ କ୍ରିୟା କରିବାକୁ ଦେବାକୁ ସୁଯୋଗ ପାଆନ୍ତି ନାହିଁ । ଯେଉଁ ସଂସ୍ଥାରେ ପ୍ରଭାବଶାଳୀ ନେତା ନଥାଆନ୍ତି, ସେ ସଂସ୍ଥାରେ ପରସ୍ପର ଝଗଡ଼ା କରି ସଂସ୍ଥାର ସର୍ବନାଶ କରନ୍ତି । ଏହା ହେଉଛି ସାଂସାରିକ ପ୍ରଣାଳୀ । ଏଥିରେ ବୁଦ୍ଧି ପ୍ରଧାନ ଥାଏ ।

ସାଂସାରିକ ସଂସ୍ଥାମାନଙ୍କ ପରିଚାଳନା ପଦ୍ଧତିଠାରୁ ଅଧ୍ୟାତ୍ମ ସଂସ୍ଥାର ପରିଚାଳନା ପଦ୍ଧତି ସମ୍ପୂର୍ଣ୍ଣ ଭିନ୍ନ । ଅଧ୍ୟାତ୍ମ ସଂସ୍ଥାମାନଙ୍କର ପରିଚାଳନା ତଥା କର୍ମ ଯଦ୍ୟପି ବୁଦ୍ଧି ଓ ଅହଂ ଦ୍ୱାରା ହୁଏ ତଥାପି ଅହଂ ତଥା ବୁଦ୍ଧିର ପ୍ରାଧାନ୍ୟ ନଥାଏ । ପ୍ରାଧାନ୍ୟ ଥାଏ ଅଧ୍ୟାତ୍ମ ସତ୍ୟ ଭଗବତ୍ ଉପଲବ୍ଧିର । ଭଗବତ୍ ପ୍ରାପ୍ତି ସକାଶେ ସାଧନା ରୂପେ ସମସ୍ତ କର୍ମ ମା'ଙ୍କ ସେବା ଭାବରେ ସମ୍ପାଦନ ହୋଇ ମା'ଙ୍କ ଚରଣରେ ସମର୍ପଣ କରା ହୁଏ । ଏହିପରି ସାଧନା ମନୋଭାବରେ କର୍ମ କରିବା ଦ୍ୱାରା ଆମ ଅନ୍ତରାତ୍ମା କ୍ରମଶଃ ଅଧିକ ଜାଗ୍ରତ୍ ହୁଅନ୍ତି । ତାଙ୍କର ପ୍ରକାଶ ବୁଦ୍ଧିରେ ପଡ଼େ । ତେବେ ବ୍ୟକ୍ତି ନିଜ ଅହଂ ତଥା ତା'ର କ୍ରିୟାକୁ ଚିହ୍ନିପାରି କ୍ରିୟାରେ ପରିଣତ କରିବାକୁ ଦିଏ ନାହିଁ ।

ଅଧ୍ୟାତ୍ମ ସଂସ୍ଥାର ପରିଚାଳନା ପଦ୍ଧତି ହେଲା – ଯଦି ଜଣେ ବ୍ୟକ୍ତି ନିଜ ସ୍ୱଭାବାନୁସାରେ ଯେଉଁ ବିଚାର ପ୍ରକଟ କରେ କିଂବା କର୍ମ କରେ ତାହା ଅନ୍ୟ ବ୍ୟକ୍ତିର ସ୍ୱଭାବ ତଥା ବିଚାରର ପ୍ରତିକୂଳ ହେବା ସତ୍ତ୍ୱେ ସେ ସେଥିରେ ପ୍ରତିବାଦ କରେ ନାହିଁ,

ନିଜ ବିଚାର ଠିକ୍ ବୋଲି ତାକୁ ପ୍ରତିପାଦନ ନକରି, ଈର୍ଷା ମନୋଭାବ ନରଖି ଅପେକ୍ଷା କରେ ତଥା ସଂସ୍ଥାର ସୁପରିଚାଳନା ଏବଂ ଉନ୍ନତିର ଉଦ୍ଦେଶ୍ୟ ରଖି ସଂସ୍ଥା ଉତ୍ତମ ମାର୍ଗରେ ପରିଚାଳନା ହେବା ସକାଶେ ସଦ୍‌ଭାବନା ରଖି ମା'ଙ୍କୁ ପ୍ରାର୍ଥନା କରେ । ସୁଅବସର ଦେଖି ଅନ୍ତରରେ କୌଣସି ପ୍ରକାର ଦ୍ୱେଷଭାବ ନରଖି ନିଜ ଅନ୍ତରରୁ ଆସୁଥିବା ପରିଚାଳନାର ଯଥାର୍ଥ ପ୍ରେରଣା ସରଳ ନିଷ୍କପଟତା ସହ ବ୍ୟକ୍ତ କରିଦିଏ । ସେ ପରାମର୍ଶକୁ ଅନ୍ୟମାନେ ଗ୍ରହଣ ନକଲେ କୌଣସି ପ୍ରକାର ଯୁଦ୍ଧ ହୁଏ ନାହିଁ । ଏହିପରି ବ୍ୟବହାର କଲେ ଅନ୍ୟମାନେ ନିଜ ନିଜ ବିଚାର ଅନୁସାରେ କାର୍ଯ୍ୟ ହେବା ସକାଶେ ଆଗ୍ରହ ତ୍ୟାଗ କରିବାକୁ ଆରମ୍ଭ କରନ୍ତି ଏବଂ ନିଜ ଲକ୍ଷ୍ୟପ୍ରାପ୍ତିର ସାଧନା ରୂପେ ସଂସ୍ଥାର କର୍ମସମୂହକୁ ସମ୍ପାଦନ କରି ମା'ଙ୍କୁ ସମର୍ପଣ କରନ୍ତି । ଏହିପରି ବ୍ୟବହାର ଯଦ୍ୟପି ସହଜ ନୁହେଁ ତଥାପି ଏହି ପ୍ରଣାଳୀ ଛଡ଼ା ଯଥାର୍ଥ ଉନ୍ନତିର ଅନ୍ୟ ଉପାୟ ନାହିଁ । ଏହାହିଁ ଅଧ୍ୟାତ୍ମ ସଂସ୍ଥାମାନଙ୍କର ପରିଚାଳନା ପଦ୍ଧତି । ଏହି ପ୍ରଣାଳୀରେ କାମ କଲେ ମତାନ୍ତର ହେବା ସତ୍ତ୍ୱେ ସାମଞ୍ଜସ୍ୟ ରହିବ, ଏବଂ ମତାନ୍ତର ମନାନ୍ତରରେ ପରିଣତ ହେବ ନାହିଁ । ଏହିପରି କର୍ମ କଲେ ବ୍ୟକ୍ତିର ଅନ୍ତରାତ୍ମା ଅଧିକରୁ ଅଧିକ ଜାଗ୍ରତ୍ ହେବ । ସେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାର ମହତ୍ତ୍ୱ ହୃଦୟଙ୍ଗମ କରିବ ।

ପୂର୍ଣ୍ଣାଙ୍ଗ ଶିକ୍ଷା ସାଧାରଣ ସ୍କୁଲ ଶିକ୍ଷା ସଦୃଶ କେବଳ ବୁଦ୍ଧିର ବିକାଶ ସକାଶେ ନୁହେଁ । ଏଥିରେ ହେବ ଆତ୍ମାର ବିକାଶ । ଆତ୍ମାର ବିକାଶ ହେଲେ ମନୁଷ୍ୟ ଯେଉଁ ଦୁଃଖ କଷ୍ଟରୁ ମୁକ୍ତ ହେବା ସକାଶେ ପୃଥିବୀ ଆରମ୍ଭରୁ ଚେଷ୍ଟା କରି ବିଫଳ ହୋଇ ଆସୁଛି ତାହା ସଫଳ ହେବ । ଆତ୍ମ-ବିକାଶରେହିଁ ବ୍ୟକ୍ତି ଜାଗତିକ ସମସ୍ତ କର୍ମ ଦକ୍ଷତାର ସହ ଉତ୍ତମରୂପେ ସମ୍ପାଦନ କରିପାରିବ ଏବଂ ଲକ୍ଷ୍ୟପ୍ରାପ୍ତି କରି ଦୁଃଖକଷ୍ଟ, ଜନ୍ମମରଣରୁ ସମ୍ପୂର୍ଣ୍ଣ ମୁକ୍ତ ହେବ । ପୂର୍ଣ୍ଣାଙ୍ଗ ଶିକ୍ଷାର ଏହି ରହସ୍ୟ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ, ଛାତ୍ର-ଛାତ୍ରୀଙ୍କ ଅଭିଭାବକ ଏବଂ ସଂଚାଳକମାନେ ଗ୍ରହଣ କରିବେ । ଏହି ସତ୍ୟକୁ ଯେତେ ଅଧିକ ବ୍ୟକ୍ତି ଗ୍ରହଣ କରି ଆଚରଣ କରିବେ, ସେହି ଅନୁସାରେ ସଂସାର ବାତାବରଣରେ ପ୍ରଭାବ ପଡ଼ିବ ଏବଂ ସଂସାରରୁ ସେହି ଅନୁସାରେ ଅନ୍ୟାୟ, ଅସତ୍ୟ ଦୂର ହେବ । ଏହି ପୂର୍ଣ୍ଣାଙ୍ଗ ଶିକ୍ଷା ଦ୍ୱାରା ନିଜ ସହିତ ସଂସାରର କଲ୍ୟାଣ ହେବ । ପୂର୍ଣ୍ଣାଙ୍ଗ ଶିକ୍ଷାର ଏହି ପ୍ରଭାବ ପୂର୍ଣ୍ଣାଙ୍ଗ ଶିକ୍ଷାରେ ସମ୍ପର୍କ ରଖିଥିବା ବ୍ୟକ୍ତିମାନେ ବୁଝିପାରିଲେ ଅହଂସ୍ୱାର୍ଥକୁ କ୍ରିୟା କରିବାକୁ ଦେବେ ନାହିଁ । ସଂସ୍ଥା ସୁସମଞ୍ଜସ ଭାବରେ ପରିଚାଳିତ ହେବ ।

ଆମମାନଙ୍କ ଶରୀରହିଁ ଅହଂ ସ୍ୱାର୍ଥରେ ଗଢ଼ା ହୋଇଛି । ଆମେ ତାହାରି ପ୍ରେରଣାରୁ କାମ କରି ଆସୁଛୁ । ଯଦ୍ୟପି ଭଗବତ୍ କୃପାରୁ ଆମେମାନେ ଭଗବତ୍ କର୍ମରେ ଅଂଶ ଗ୍ରହଣ କରି, ଲକ୍ଷ୍ୟପ୍ରାପ୍ତିର ସୁଯୋଗ ପାଇଛୁ ତଥାପି ପୂର୍ବସଂସ୍କାର ଯୋଗୁ ପୂର୍ବ ଅଭ୍ୟାସ ପୂରାପୂରି ଛାଡ଼ି ପାରୁ ନାହିଁ । କିଂବା ଜୀବନର ଲକ୍ଷ୍ୟ ଯଥାର୍ଥ ରୂପେ ଗ୍ରହଣ କରିପାରୁ ନାହିଁ । ଏହି ସଂସ୍ଥାରେ କାର୍ଯ୍ୟ କରିବା ଦ୍ୱାରା ଆସ୍ତେ ଆସ୍ତେ ଜୀବନର ଲକ୍ଷ୍ୟ ସମ୍ବନ୍ଧେ, ଅହଂସ୍ୱାର୍ଥ ସମ୍ବନ୍ଧେ ଆମେ ସଚେତ ହେବା ଏବଂ ମତାନ୍ତରରେ ମନାନ୍ତରକୁ ପ୍ରଶ୍ରୟ ନଦେଇ ସାମଞ୍ଜସ୍ୟ ପ୍ରତିଷ୍ଠା କରିବା । ଏଥିରେ ନିଜର, ସଂସ୍ଥାର ତଥା ସଂସାରର ଉନ୍ନତି ହେବ ।

*ପ୍ରଶ୍ନ : ସ୍କୁଲ ଲାଗି ଅପେକ୍ଷାକୃତ ସହଜରେ ଜାଗା ମିଳିଯାଉଛି । ଉପକରଣ ମିଳିଯାଉଛି, ହୁଏତ ଅର୍ଥ ବି ମିଳିଯାଉଛି । କିନ୍ତୁ ଶିକ୍ଷକ ମିଳୁ ନାହାନ୍ତି କାହିଁକି ? ଶିକ୍ଷକ ମିଳିବେ ବୋଲି ପ୍ରାୟ ସବୁଠାରେ ବାହାରକୁ ଅନାଇବାକୁ ପଡୁଛି କାହିଁକି ? ଆମେ ଯେଉଁମାନେ ସ୍କୁଲଟିଏ ଆରମ୍ଭ କରିବା ଲାଗି ନିଷ୍ପତ୍ତି କରୁଛୁ ବା ମନସ୍ଥ କରୁଛୁ, ନିଜେ ଶିକ୍ଷକ ହେବା ଲାଗି ପ୍ରସ୍ତୁତ ହୋଇପାରୁ ନାହୁଁ କାହିଁକି ?*

ଉତ୍ତର : ସ୍କୁଲ ପ୍ରତିଷ୍ଠା ସକାଶେ କାର୍ଯ୍ୟ କରିବେ ଏବଂ ଶିକ୍ଷକତା କରିବେ – ଏହି ଦୁଇଟି ଗୁଣ ଥିବା ବ୍ୟକ୍ତିଙ୍କ ସଂଖ୍ୟା କମ୍ । ସେହି ସକାଶେ ସ୍କୁଲ ପ୍ରତିଷ୍ଠା କରିବା ବ୍ୟକ୍ତି ଶିକ୍ଷକତା କରିପାରନ୍ତି ନାହିଁ । ନୂତନ ପ୍ରତିଷ୍ଠିତ ସ୍କୁଲରେ ଶିକ୍ଷକର ଅଭାବ ପ୍ରତୀତ ହେଉଛି, କିନ୍ତୁ ମିଳି ଯାଉଛନ୍ତି ।

ଗୋଟିଏ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ତଥା କଲେଜ ହେଲେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବାରେ ଶିକ୍ଷକଙ୍କର ଅଭାବ ରହିବ ନାହିଁ । ଆସ୍ତେ ଆସ୍ତେ ଏହା ହେବ ।

ବ୍ୟକ୍ତି କୌଣସି କାର୍ଯ୍ୟ କରିବା ସକାଶେ ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ତଥା ତୀବ୍ର ଇଚ୍ଛା ରଖିଲେ, ମା' ନିଶ୍ଚୟ ଏହା ପୂର୍ଣ୍ଣ କରନ୍ତି ।

(ପୂର୍ଣ୍ଣାଙ୍ଗ ଶିକ୍ଷାପତ୍ର, ଜାନୁଆରୀ, ୧୯୮୦, ପୃଷ୍ଠା - ୧୧)

– ରାମକୃଷ୍ଣ ଦାସ

❑❑❑

### ଚେତନାର ଦିଗ୍‌ବଳୟ :

# ନିର୍ଭୟ ବିଶ୍ୱାସର ପ୍ରଜ୍ୱଳ ଦୃଷ୍ଟାନ୍ତ

ଆଜି ଜୁଲାଇ ୧୧ ତାରିଖ ବୁଧବାର । ଗତକାଲି ସନ୍ଧ୍ୟା ପର୍ଯ୍ୟନ୍ତ ଏ ଲେଖକ ଉତ୍କଣ୍ଠାଭରେ ଗୋଟିଏ ଦୁଃସାହସିକ ଅଭିଯାନର ପରିଣତିକୁ ଅପେକ୍ଷା କରିଥିଲା – ପୃଥିବୀର ବହୁଦେଶର ବହୁ ବ୍ୟକ୍ତିଙ୍କ ଭଳି । ପାଠକମାନଙ୍କ ଭିତରୁ ବେଶ୍ କେତେଜଣ ହୁଏତ ତହିଁର ଅନ୍ତର୍ଭୁକ୍ତ ଥିବେ ।

ଅବଶେଷରେ ଆସିଲା ସୁସମ୍ବାଦ : ଅଭିଯାନ ଆଶାତୀତ ସଫଳ !

ଘଟଣାର ପଛଭୂମି : ପୂର୍ବେ ଶ୍ୟାମଦେଶ ନାମରେ ବିଦିତ ଥାଇଲ୍ୟାଣ୍ଡର ଥାମ୍ ଲୁଆଂ ନାମକ ପାର୍ବତ୍ୟ ମୁଲକ ବୁଲିବାକୁ ଯାଇଥିଲେ ଗୋଟିଏ ତରୁଣ ଫୁଟବଲ୍ ଖେଳାଳି ଦଳ । ନେତୃତ୍ୱ ନେଉଥିଲେ ସେମାନଙ୍କ କୋଚ୍ ବା ତାଲିମ ଦାତା । ଖେଳାଳିମାନଙ୍କ ବୟସ ୧୧ରୁ ୧୬ ଭିତରେ । କୋଚଙ୍କ ବୟସ ୨୫ ବର୍ଷ ।

ଲଗାଲଗି ହୋଇ ରହିଥିବା ଯୋଡ଼ିଏ, ତିନୋଟି ପର୍ବତର ମଧ୍ୟ ଭାଗରେ ସେ ପର୍ବତମାଳାର ସୃଷ୍ଟି କାଳରୁ ରହିଛି ଗୋଟିଏ ଗୁମ୍ଫା ବା କନ୍ଦର ଶ୍ରେଣୀ । ପ୍ରଥମ ଗୁମ୍ଫା ଭିତରେ ପଶିଗଲେ ଦେଖାଯିବ ପ୍ରଶସ୍ତ ସୁଡ଼ଙ୍ଗ; ତା'ପରେ ସେମିତି ଚାରି କିଲୋମିଟର ବ୍ୟାପୀ ଏକ ପରେ ଏକ ଗୁମ୍ଫା ଓ ପରବର୍ତ୍ତୀ ସୁଡ଼ଙ୍ଗ । ଗୋଟାଏ ସୁଡ଼ଙ୍ଗ ପ୍ରଶସ୍ତ ହୋଇଥିଲେ ଅନ୍ୟଟି ସଂକୀର୍ଣ୍ଣ । ଅଧିକାଂଶ ଗୁମ୍ଫାର ପ୍ରବେଶରନ୍ଧ୍ର ଏଡ଼େ କ୍ଷୁଦ୍ର ଯେ ଏକକାଳୀନ ଜଣେ ମାତ୍ର ମଣିଷ ତହିଁ ଭିତରେ ପ୍ରବେଶ କରି ପାରିବ ।

ସେ କନ୍ଦର ଜଗତ୍ ଭିତରକୁ ବର୍ଷାଋତୁରେ ପ୍ରବେଶ ନିଷେଧ ବୋଲି ପର୍ବତ ଉପରେ ଚେତାବନୀ ଦିଆଯାଇଛି । କିନ୍ତୁ ବର୍ଷାଋତୁର ଆରମ୍ଭ ହୋଇ ନଥାଏ । କୋଚ୍‌ଙ୍କ ଉତ୍ସାହରେ ହେଉ ବା କୌଣସି କୌଣସି ପିଲାଙ୍କ ପ୍ରସ୍ତାବରେ ହେଉ, ତେର ଜଣ ସଭ୍ୟ ବିଶିଷ୍ଟ ସେ ଦଳଟି ସେ ନିଷେଧ ଅମାନ୍ୟକରି ଭିତରେ ପଶିଲେ । ସେମାନେ ସଜାଗ ନଥିବେ ଯେ ଆକାଶ ଥିଲା ମେଘାଚ୍ଛନ୍ନ । କୌତୂହଳ ସେମାନଙ୍କୁ ଗୋଟାଏ ପରେ ଗୋଟାଏ କନ୍ଦର ଅତିକ୍ରମ କରି କିଛି ଦୂର ଭିତରକୁ ନେଇଯିବା ଉତ୍ତାରୁ ପର୍ବତମାଳା କମ୍ପମାନ ହେଲା ବଜ୍ରଧ୍ୱନିରେ । ଚାହୁଁ ଚାହୁଁ କନ୍ଦର ଭିତରକୁ ପଶିଆସିଲା ଜଳ ସ୍ରୋତ । ତାହା ଏଡ଼େ ପ୍ରବଳ ହେଲା ଯେ ସେମାନେ ପ୍ରବେଶ ଦ୍ୱାର ଆଡ଼େ ତ ଆସି ପାରିଲେ ନାହିଁ, ଠେଲି ହୋଇଗଲେ ଭିତରକୁ ଭିତରକୁ । କନ୍ଦର ପରେ କନ୍ଦର ସେମାନେ ଅତିକ୍ରମ କରୁଥା'ନ୍ତି ସମ୍ଭବତଃ ଏହି ଆଶାରେ ଯେ ବିପରୀତ ଦିଗରେ ଶେଷ ଗୁମ୍ଫାର ମୁହଁ ହୁଏତ ଉନ୍ମୁକ୍ତ ଥିବ ମୁକ୍ତାକାଶ ଆଡ଼େ ।

ପ୍ରାୟ ଚାରି କିଲୋମିଟର ପରେ ସେମାନେ ପହଞ୍ଚିଲେ ଶେଷ କନ୍ଦରରେ । ତା'ର ଶେଷାଂଶ ବେଶ୍ ଉଚ୍ଚ । ସେମାନେ ତାହା ଉପରକୁ ଉଠିଗଲେ । ମନେହୁଏ, ସେମାନେ ଟିପାବତି ଧରି ଭିତରେ ପଶିଥିଲେ ।

ତା'ପରେ ? ପିଲାମାନଙ୍କ ଅଭିଭାବକମାନେ ସେମାନଙ୍କ ସଂଧାନରେ ଆସି କନ୍ଦର ଆଗରେ ପିଲାଙ୍କ ଜିନିଷପତ୍ର ପଡ଼ି ଥିବାର ଦେଖି ଅବସ୍ଥା ଅନୁମାନ କରିନେଲେ । ଅବିଳମ୍ବେ ସେଠାରେ ଠୁଳ ହେଲେ ସରକାରୀ କର୍ମଚାରିବୃନ୍ଦ, ନୌ ଏବଂ ପୁଲିସ ବାହିନୀ ତଥା, କହିବା ବାହୁଲ୍ୟ, ସେ ଦୁର୍ଗତମାନଙ୍କର ପରିବାର ଲୋକେ ।

କ୍ରମେ ଦେଶବ୍ୟାପୀ ମାଡ଼ିଗଲା ଉତ୍କଣ୍ଠା ଓ ଆତଙ୍କର ଢେଉ । ଇଂଲଣ୍ଡ, ଭାରତବର୍ଷ ଏବଂ ଅଷ୍ଟ୍ରେଲିଆ ସମେତ ଅନ୍ୟାନ୍ୟ ଦେଶରୁ ଉଡ଼ିଆସିଲେ ବିଶେଷଜ୍ଞମାନେ । ପର୍ବତର ଉପରିଭାଗରୁ ବିସ୍ଫୋରଣ ଯୋଗେ ଗର୍ତ୍ତଖନନ କରି ଭିତରେ ପଶିବା ଅସମ୍ଭବ ବୋଲି ସେ ଯୋଜନା ବାତିଲ କରାଗଲା । ଏକମାତ୍ର ଉପାୟ ସେହି ଗୋଟିଏ ମାତ୍ର ପ୍ରବେଶ ପଥ ଯୋଗେ ଯାହାକିଛି କରାଯାଇପାରିବ । କନ୍ଦର ଜଳରେ ଭରପୂର । ପୁନାର କିର୍ଲୋସ୍କାର ସଂସ୍ଥା ପ୍ରେରିତ ବିଶେଷ ଧରଣର ଦମକଳ ଯୋଗେ ଜଳ ନିଷ୍କାସନ ଆରମ୍ଭ ହେଲା ।

ଭିତରେ କିଟିମିଟି ଅନ୍ଧକାର । ଜଳ ଉପରେ ସନ୍ତରଣ କରି ନୁହେଁ, ଜଳ ଭିତରେ ସନ୍ତରଣ କରି ଗୋଟାଏ ପରେ ଗୋଟାଏ ଅପ୍ରଶସ୍ତ ଗୁମ୍ଫା ଦ୍ୱାର ମଧ୍ୟଦେଇ ଗତି କରି ଶେଷ କନ୍ଦରର ଶେଷ କାନ୍ଥକଡ଼ରେ ଠୁଳ ହୋଇଥିବା ଦୁର୍ଗତଙ୍କୁ ଠାବ କରି ବାହାର କରି ଆଣିବାକୁ ହେବ – ଯଦି ସେମାନେ ଜୀବିତ ଥିବେ !

ଅସମ୍ଭବ !– ଏହାହିଁ ଥିଲା ଅଧିକାଂଶ ବ୍ୟସ୍ତ ବିଶେଷଜ୍ଞ ଏବଂ କର୍ମୀମାନଙ୍କ ଧାରଣା । କିନ୍ତୁ ପରାମର୍ଶ ଓ ପ୍ରଚେଷ୍ଟା

ଅବ୍ୟାହତ ରହିଲା । ନବମ ଦିନ ଯାଇ ବ୍ରିଟିଶ ଡୁବାଳି ଜନ୍ ଭୋଲାନ୍ଥେନ୍ ଦୁର୍ଗତମାନଙ୍କ ଠାବ କଲେ ।

କୌଶଳକ୍ରମେ ନଳୀକୁ ଯେତେଦୂର ସମ୍ଭବ ଦୀର୍ଘାୟିତ କରି ଦୁର୍ଗତଦଳ ପାଖକୁ ଅମ୍ଳଜାନ ଛଡ଼ାଗଲା । ଖାଦ୍ୟଦ୍ରବ୍ୟ ମଧ ପହଞ୍ଚାଇ ଦିଆଯାଇ ପାରିଲା । ଅଷ୍ଟ୍ରେଲିଆର ବିଶ୍ୱବିଖ୍ୟାତ ଡାକ୍ତର-ଡୁବାଳି ରିଚାର୍ଡ଼ ହାରିସ୍ ଯାଇ ସେମାନଙ୍କ ପାଖରେ ପହଞ୍ଚିଲେ ।

ବାହାରେ ଏସବୁ ତତ୍ପରତା ବେଳେ ସେ କିଶୋରମାନଙ୍କ ଅବସ୍ଥା ଭିତରେ କ'ଣ ହେଉଥିବ ? ସେମାନେ ଥିଲେ ଅବିଶ୍ୱାସ୍ୟ ଭାବରେ ଶାନ୍ତ ଓ ଶୃଙ୍ଖଳିତ । ତାଲିମଦାତା ଏକଦା ଗୋଟିଏ ବୌଦ୍ଧ ଆଶ୍ରମର ଅନ୍ତେବାସୀ ଥିଲେ ଏବଂ ସେ ଧ୍ୟାନରେ ଅଭ୍ୟସ୍ତ ଥିଲେ । କିଶୋରମାନଙ୍କୁ ସେ ତାହା ଶିଖାଇଲେ । ନାନାଦି ଉଦ୍ଦୀପନାମୟ ଗଳ୍ପ କହିବା ସଙ୍ଗେ ସଙ୍ଗେ ସେ ସେମାନଙ୍କ ଭିତରେ ଏହି ବିଶ୍ୱାସ ଦୃଢ଼ୀଭୂତ କରୁଥା'ନ୍ତି ଯେ ସଭିଏଁ ନିଶ୍ଚୟ ସୂର୍ଯ୍ୟାଲୋକିତ ଜୀବନକୁ ପ୍ରତ୍ୟାବର୍ତ୍ତନ କରିବେ । ଅନ୍ଧକାର, ଅର୍ଦ୍ଧାହାର ଭିତରେ ସତର ଦିନ ବିତିଯିବା ପରେ ଦୁଇଜଣ ଇଂରେଜ ଓସ୍ତାଦ ଡୁବାଳିଙ୍କ ଦ୍ୱାରା ସେମାନଙ୍କ ଉଦ୍ଧାର କର୍ମ ଆରମ୍ଭ ହେଲା । ଅଧିକାଂଶ ପିଲା ସନ୍ତରଣ ଜାଣି ନଥିଲେ । ଜଣ ଜଣ କରି ନିଜ ପିଠିରେ ବାନ୍ଧି ସେ ଦୁଇ ଡୁବାଳି ସେ ଗୋଳିଆ ପାଣି ଭିତର ଦେଇ ପ୍ରଥମ ଦିନ ଚାରିଜଣଙ୍କୁ, ଦ୍ୱିତୀୟ ଦିନ ଆଉ ଚାରିଜଣଙ୍କୁ ଏବଂ ତା' ପରଦିନ ବାକି ଚାରିଜଣ କିଶୋରଙ୍କୁ ଉଦ୍ଧାର କରି ଆଣିବା ପରେ ଶେଷରେ ନିଷ୍କ୍ରାନ୍ତ ହେଲେ ତାଲିମଦାତା ଯୁବକଜଣକ । ଅଦୂରରେ ଜନତାର ହର୍ଷ ଧ୍ୱନିରେ ପର୍ବତାଞ୍ଚଳ ସ୍ପନ୍ଦିତ ହେଉଥାଏ । ଉଦ୍ଧାରପ୍ରାପ୍ତମାନଙ୍କୁ ହେଲିକପ୍ଟର ଯୋଗେ ନିଆ ଯାଉଥାଏ ହାସପାତାଳକୁ ।

ବର୍ତ୍ତମାନ ଏ ପରିସ୍ଥିତିର ସବୁଠୁଁ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗଟି ଉପରେ ଦୃଷ୍ଟିପାତ କରାଯାଉ । ସେ କନ୍ଦରମାଳାର ଭୟାବହ ଗାମ୍ଭୀର୍ଯ୍ୟ, ଅନିବାର୍ଯ୍ୟ ଅସହାୟତାବୋଧ, ଅନ୍ଧକାର, କ୍ରମଶଃ ହ୍ରାସପ୍ରାପ୍ତ ଅମ୍ଳଜାନ, କ୍ଷୁଧା – ଏସବୁ ଭିତରେ ମଧ ସେ କିଶୋରବର୍ଗ ଖାଲି ଶୃଙ୍ଖଳିତ ନୁହେଁ, ପ୍ରାୟ ନିରୁଦ୍‌ବିଗ୍ନ ରହିଥିଲେ । ପ୍ରକୃତ କଥା ହେଲା, ସେ ଉଦ୍ଧାର-ଅଭିଯାନର ବ୍ୟବସ୍ଥାପକମାନେ ମୋଟେ ବିଶ୍ୱାସ କରିପାରୁ ନଥିଲେ ଯେ ସତରେ ସେ କିଶୋରମାନେ ସେ ବିଷମ ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବେ । ଦିନ ପରେ ଦିନ ସମ୍ବାଦ ସରବରାହ ସଂସ୍ଥାମାନେ ଏ ଉଦ୍ଧାର କାର୍ଯ୍ୟକ୍ରମକୁ ''ଅସମ୍ଭବ ଅଭିଯାନ'' (Mission Impossible) ବୋଲି ଆଖ୍ୟା ଦେଉଥିଲେ । ମଧ ସୁଡ଼ଙ୍ଗରେ ରହି ଅମ୍ଳଜାନ ଯୋଗାଉଥିବା ଜଣେ ସାହେବ ବି.ବି.ସି.କୁ କହୁଛନ୍ତି – ପିଲାମାନେ କେମିତି ଏଡ଼େ ସୌମ୍ୟଭାବ ବଜାୟ ରଖିଛନ୍ତି – ତାହା ସେ ମୋଟେ କଳ୍ପନା କରିପାରୁ ନାହାନ୍ତି ! ଏହା ଗୋଟାଏ ଅବିଶ୍ୱାସ୍ୟ ଘଟଣା; ଗୋଟାଏ ଚମତ୍କାର !

ଏ କିଶୋରମାନେ ତଥା ସେମାନଙ୍କ ତାଲିମଦାତା ବିକଶିତ ଚେତନାବନ୍ତ ବୋଲି କହିବାକୁ ହେବ । ଏମାନେ ଯଦି ଅଧିକାଂଶ ମଣିଷଙ୍କ ଭଳି ଉପରଠାଉରିଆ ଜୀବନ ବିତାଉଥା'ନ୍ତେ, ନିଜର ଅନ୍ତର୍ସତ୍ତା ସହ ସମ୍ପର୍କ ନଥା'ନ୍ତା, ତେବେ ସେ ପରସ୍ଥିତିରେ ଅଚିରେ ଭୀତତ୍ରସ୍ତ ହୋଇ ପଡ଼ିଥା'ନ୍ତେ, ଅବରୋଧାତଙ୍କ (claustrophobia), ସ୍ନାୟୁବୈକଲ୍ୟ (nervous breakdown) ଯୋଗୁଁ ଅଚେତ ହୋଇ ପଡ଼ିଥା'ନ୍ତେ; ପରିଣାମ ଅନୁମେୟ ।

ସଭିଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ହେଲା : ସେମାନଙ୍କ ଭିତରେ ଭୟ ନଥିଲା ।

ପ୍ରାୟ ଅଢ଼େଇ ବର୍ଷ ତଳେ କୌଣସି ନିବନ୍ଧରେ ଏକ କାହାଣୀ ଉଲ୍ଲେଖ କରିଥିଲି । ପ୍ରାସଙ୍ଗିକତା ଦୃଷ୍ଟିରୁ ଆଉ ଥରେ ସଂକ୍ଷେପରେ ତାହା ଲେଖୁଛି :

ଜନପଦର ଅଦୂରରେ ଥାଏ ଅରଣ୍ୟ । ତହିଁ ଜଣେ ଋଷି ବାସ କରୁଥା'ନ୍ତି । ଦିନେ ସେ ତାଙ୍କର ପରାଦୃଷ୍ଟିରେ ଦେଖି ପାରିଲେ ଗୋଟିଏ ଅପଦେବତା ଜନପଦ ଆଡ଼େ ମାଡ଼ି ଚାଲିଛି । ଋଷି ଜାଣୁଥିଲେ, ସେ ସତ୍ତା ଭୟାନକ ମହାମାରୀର ବାହକ ।

''କିହୋ ବାବୁ, ଜନପଦ ଶୂନ୍ୟ କରି ଦେବକି ?'' ଋଷି ଅପଦେବତାକୁ ପ୍ରଶ୍ନ କଲେ ।

ଚମକି ପଡ଼ି ସେ ସତ୍ତା ଉତ୍ତରରେ କହିଲା, ''ନାହିଁ ଆଜ୍ଞା, ମାତ୍ର ଦଶଟି ପ୍ରାଣ ମୁଁ ନେଇପାରିବି; ଗୋଟାଏ ବି ଅଧିକା ନୁହେଁ ।''

ପନ୍ଦର ଦିନ ପରେ ଜନପଦରୁ କାଠ କାଟିବାକୁ ଆସୁଥିବା ଏକାଧିକ ଲୋକଙ୍କଠାରୁ ଋଷି ଖବର ପାଇଲେ, ମହାମାରୀରେ ମରିଛନ୍ତି ଏକ ହଜାର ନରନାରୀ । ପରଦିନ ସେ ଅପଦେବତା ଜନପଦରୁ ଫେରି ଆସୁଥାଏ । ତାକୁ ଦେଖି ପକାଇ ଋଷି କଡ଼ା ସ୍ୱରରେ ପଚାରିଲେ, ''ତୁମେ ଏଡ଼େ ଲୋଭୀ ! ଦଶ ଜାଗାରେ ଏକ ହଜାର ପ୍ରାଣ ହରଣ କରି ଫେରୁଛ !''

"ମୋତେ ବିଶ୍ୱାସ କରନ୍ତୁ ଋଷିବର ! ଦଶରୁ ଜଣକୁ ବି ଅଧିକା ନେବାର ଅଧିକାର ମୋର କୁଆଡୁ ଆସନ୍ତା ! ମୁଁ ଦଶ ପ୍ରାଣହିଁ ନେଇଛି ।"

"କିନ୍ତୁ ମୁଁ ଜାଣେ ମରିଛନ୍ତି ଏକ ହଜାର !" ଋଷି ଜୋର୍ ଦେଇ କହିଲେ ।

"ଠିକ୍ । କିନ୍ତୁ ଅଧିକା ନଅ ଶହ ନବେ ମରିଛନ୍ତି ଖାସ୍ ରୋଗର ଭୟ ଓ ଆତଙ୍କରେ !" ଉତ୍ତର ଦେଲେ ଅପଦେବତା ।

ଲାଟିନ୍ ଭାଷାରେ ଏକ ପ୍ରବାଦ ରହିଛି : ପ୍ରକୃତ ବିପଦର ସଂଖ୍ୟା ତୁଳନାରେ ବିପଦ ପ୍ରତି ଭୟର ସଂଖ୍ୟା ବହୁତ ଅଧିକ ! ଶ୍ରୀମାଙ୍କର ଏକ ଚିଠିରୁ ଉଦ୍ଧୃତି :

ଜଣେ କଦାଚ ଭୟ ପୋଷଣ କରିବା ଉଚିତ ନୁହେଁ – ଭୟ ଗୋଟାଏ ଖରାପ ପରାମର୍ଶଦାତା; ଏହା ଚୁମ୍ବକ ଭଳି କାମ କରି ଆମେ ଯେଉଁ କଥାକୁ ଭୟ କରୁଁ ତାହାକୁହିଁ ଆକର୍ଷଣ କରି ଆଣେ । ବରଂ ଶୀଘ୍ର ହେଉ ବା ବିଳମ୍ବରେ ହେଉ ସବୁ ମଙ୍ଗଳ ହେବ, ଜଣେ ଏହି ପ୍ରଶାନ୍ତ ନିଶ୍ଚୟତା ପୋଷଣ କରିବା ଚାହି ।

(One must have no fear – fear is a bad counsellor; it acts like a magnet and attracts what we fear. One must, on the contrary, keep a calm certitude that sooner or later all will be well. (CWM-16, p. 184)

ଶ୍ରୀଅରବିନ୍ଦ କହିଛନ୍ତି, ଭୟକୁ ବିରୂପ ଶକ୍ତିସମୂହର ଉଦ୍ଭାବନ ବୋଲି ବିଚାର କରାଯାଇପାରେ ।

(It might also be considered as an invention of the hostile forces)

ମାନବତାର ସାମୂହିକ ଶୁଭକାମନା, ସ୍ୱତଃସ୍ଫୂର୍ତ୍ତ ଆନ୍ତର୍ଜାତିକ ସହଯୋଗିତା, ତୀକ୍ଷ୍ଣ ବୁଦ୍ଧି ତଥା ସମ୍ବୋଧି (Intuition) ଚାଳିତ ଏ ଅଭିଯାନ ପୂର୍ଣ୍ଣ-ସଂହତ ହେବା ସତ୍ତ୍ୱେ ଯଦି ସେ କିଶୋର ବୃନ୍ଦ ଆତଙ୍କିତ ହୋଇ ପଡ଼ିଥା'ନ୍ତେ, ତେବେ ପ୍ରଚେଷ୍ଟାର ଉଦ୍ଦେଶ୍ୟ ପରାଭୂତ ହୋଇଥା'ନ୍ତା ।

– **ମନୋଜ ଦାସ**

❑❑❑


*Sincerity is the key of the divine doors.*

*CWM-14, p. 65* - The Mother

**Collected Works of The Mother (PB) (Crown) – 17 Vols.**
**Rs. 2750 only** *(Till stocks last)*

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (+91 9489063512)

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

### Hair Vitaliser oil

Controls hair loss and improves hair growth
*Regular use prevents hair thinning
and receding hair line*

### Gum oil

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com



(ଶ୍ରୀମାଙ୍କ ସହ ଲାଇବ୍ରେରିରେ ଆରତି ଦାଶଗୁପ୍ତ)

**Vol. XLIX, No. 8** **R.N.I. No. 18163/70.**
Navaprakash (Monthly), August, 2018 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20


## ବିଶେଷ ସୂଚନା

# ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପ୍ରଥମ ଭାଗ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୩୦୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୧୬୦/-** ରଖାଯାଇଛି ।

### ପ୍ରାପ୍ତିସ୍ଥାନ :

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)


Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**